

ଆସିବନି ତେରେନାମ୍-୨
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-129 ♦WEDNESDAY ♦5 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୨୯ ♦ବୁଧବାର ♦୫ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




## ଛତିଶଗଡ଼ରେ ଭୟଙ୍କର ଟ୍ରେନ ଦୁର୍ଘଟଣା

### ମାଲଗାଡ଼ିକୁ ଧକ୍କା ଦେଲା ପାସେଞ୍ଜର ଟ୍ରେନ୍

# ୧୦ ମୃତ, ୨୦ ଆହତ

■ **ବିଳାସପୁର, ୪।୧୧ (ଏଜେନ୍ସି):** ଛତିଶଗଡ଼ର ବିଳାସପୁର ନିକଟରେ ଆଜି ଏକ ଭୟଙ୍କର ଟ୍ରେନ ଦୁର୍ଘଟଣାରେ ୧୦ ଜଣ ଯାତ୍ରୀ ପ୍ରାଣ ହରାଇଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଟ୍ରେନର ଇଞ୍ଜିନ ମାଲଗାଡ଼ି ଉପରେ ଚଢ଼ିଯାଇଥିବା ବେଳେ ଏହାପଛକୁ ଲାଗି ରହିଥିବା କୋଚିଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ସ୍ଥଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ସରକାରୀ ଭାବେ ମୃତ୍ୟୁସଂଖ୍ୟା ୮ କୁହାଯାଉଥିବା ବେଳେ ୧୦ରୁ ଅଧିକ ଯାତ୍ରୀ ପ୍ରାଣ ହରାଇଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି। ୧୬ରୁ ୧୭ ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ବିଳାସପୁର ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଦୁର୍ଘଟଣା ପରେ ଏହି ରୁଟ୍‌ରେ ଅନେକ ଟ୍ରେନ ଚଳାଚଳକୁ ବାତିଲ କରି ଦିଆଯାଇଛି। ଅଟକି ରହିଥିବା ଯାତ୍ରୀମାନଙ୍କୁ ନେବାଲାଗି ବିକଳ୍ପ ବ୍ୟବସ୍ଥା କରାଯାଉଛି।

ଗଟୌରା ଷ୍ଟେସନ ନିକଟରେ ଆଜି ଅପରାହ୍ଣ ୪ଟାରେ ଏକ ଯାତ୍ରୀବାହୀ (ମେମୁ) ଟ୍ରେନ ସେହି ଲାଇନରେ ଠିଆ ହୋଇଥିବା ମାଲବାହୀ ଟ୍ରେନକୁ ଧକ୍କା ଦେଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ ଯାତ୍ରୀବାହୀ ଟ୍ରେନର ଅନେକ ବଗି ଲାଇନଚ୍ୟୁତ ହୋଇଯାଇଛି। ଆଉ ଗୋଟିଏ ବଗି ମାଲବାହୀ ଟ୍ରେନ୍ ଉପରେ ଚଢ଼ି ଯାଇଛି। ଦୁର୍ଘଟଣାରେ ମୃତାହତଙ୍କ ମଧ୍ୟରେ ଅନେକ ଶିଶୁ ଓ ମହିଳା ଯାତ୍ରୀ ରହିଛନ୍ତି। ଓଲଟି ପଡ଼ିଥିବା କୋଚ୍ ଭିତରେ ଅନେକ ଯାତ୍ରୀ ଫସି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି।

ଘଟଣାସ୍ଥଳରେ ଦମକଳ ବାହିନୀ, ପୁଲିସ, ରେଳବାଇ ଏବଂ ଏନ୍‌ଡିଆରଏଫ ସହିତ ଅନ୍ୟ ଟିମ୍ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି। ବଗି ଗୁଡ଼ିକୁ ଫସି ରହିଥିବାରୁ ତାହାକୁ ଗ୍ୟାସ୍ କଟରରେ କାଟି ଯାତ୍ରୀଙ୍କୁ ଉଦ୍ଧାର କରାଯାଉଛି। ସିଡି ମାଧ୍ୟମରେ ଯାତ୍ରୀ ଏବଂ ଶିଶୁଙ୍କୁ ଟ୍ରେନ ଭିତରୁ ଉଦ୍ଧାର କରି ତଳକୁ ଅଣାଯାଉଛି। ତେବେ ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ରେଳବାଇ ▶ପୃଷ୍ଠା-୭

# ସ୍ୱାସ୍ଥ୍ୟସେବାରେ ନୂଆପଡ଼ାକୁ ପ୍ରତାରଣା

## ସ୍ୱାସ୍ଥ୍ୟବୀମା ଯୋଜନାରେ ନାହିଁ ଜିଲ୍ଲାର ଗୋଟିଏ ବି ଘରୋଇ ହସ୍‌ପିଟାଲ

■ **ଭୁବନେଶ୍ୱର, ୪।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପରିପେକ୍ଷୀରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଏକ ନିର୍ଦ୍ଦେଶନାମା ଜିଲ୍ଲାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ରକୁ ପଦାରେ ପକାଇ ଦେଇଛି। ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ନୂଆପଡ଼ା ଜିଲ୍ଲାରେ ଏହି ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଯୋଜନା ଉପଲବ୍ଧ ନାହିଁ। ଯୋଜନା ଅଧୀନରେ ନୂଆପଡ଼ା ଜିଲ୍ଲାରେ ଏପରିକି ପଡ଼ୋଶୀ ରାୟପୁରରେ ଗୋଟିଏ ହେଲେ ବି ବେସରକାରୀ ଅନୁବନ୍ଧିତ ହସ୍ପିଟାଲ ନ ଥିବା ଜଣାପଡ଼ିଛି। ରାଜ୍ୟସାରା ଅନ୍ୟ ଜିଲ୍ଲାମାନଙ୍କରେ ଲୋକେ ଦେୟମୁକ୍ତ ବୀମା ଚିକିତ୍ସା ସୁବିଧା ପାଉଥିବା ବେଳେ ରାଜ୍ୟ ବିଜେପି ସରକାର ନୂଆପଡ଼ାବାସୀଙ୍କୁ ଏଥିରୁ କାହିଁକି ବଞ୍ଚିତ ରଖିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ଅକ୍ଟୋବର ୧୦ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସଚିବ ଏବଂ ନୂଆପଡ଼ା ଜିଲ୍ଲାପାଳଙ୍କ ସହ ଭିସି ଯୋଗେ ଏକ ବୈଠକ କରିଥିଲେ। ବୈଠକରେ




### ରାୟପୁରରେ ବି 'ଆୟୁଷ୍ମାନ' ସେବା ପାଇପାରୁ ନାହାନ୍ତି ଜିଲ୍ଲାବାସୀ

### ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶନାମା ଖୋଲିଲା ଗୁମର

ଉପ ନିର୍ବାଚନରେ ନିୟୋଜିତ ହେବାକୁ ଥିବା କର୍ମଚାରୀ ଏବଂ ସୁରକ୍ଷାକର୍ମୀଙ୍କୁ ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଚିକିତ୍ସା ସୁବିଧା ଯୋଗାଇ ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ମାତ୍ର ବୈଠକରେ ସ୍ୱାସ୍ଥ୍ୟ ସଚିବ ନୂଆପଡ଼ା କିମ୍ବା ପଡ଼ୋଶୀ ରାୟପୁରରେ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଯୋଜନା ଅଧୀନରେ କୌଣସି ଘରୋଇ ହସ୍ପିଟାଲ ସହବନ୍ଧିତ ହୋଇ ନ ଥିବା ସୂଚନା ଦେଇଥିଲେ। ଯାହାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଚିନ୍ତାବ୍ୟକ୍ତ କରିବା ସହ ଉପ ନିର୍ବାଚନ ସମୟରେ ନୂଆପଡ଼ାରେ ନିର୍ବାଚନ ଡ୍ୟୁଟିରେ ନିୟୋଜିତ କର୍ମଚାରୀ, ପୁଲିସ ଏବଂ ସିଏପିଏଫ ଯବାନଙ୍କ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜିଲ୍ଲାର ସମସ୍ତ ବେସରକାରୀ ହସ୍ପିଟାଲରେ ଉପଲବ୍ଧ ଥିଲା। ଫଳସ୍ୱରୂପ ଗ୍ରାମାଞ୍ଚଳର ଗରିବ ଲୋକେ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହୋଇ ପାରୁଥିଲେ। ତେବେ ନୂଆ ସରକାର କ୍ଷମତାକୁ ଆସିବା ପରେ ବିଏସକେୱାଇକୁ ବନ୍ଦ କରିଦେବା ସହ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କଲେ। ମାତ୍ର ଏହି ଯୋଜନା କାର୍ଯ୍ୟକାରୀ ହେବା ସହ ନୂଆପଡ଼ା ଜିଲ୍ଲାର ସମସ୍ତ ଘରୋଇ ହସ୍ପିଟାଲ ଯୋଜନା ଅନୁବନ୍ଧିତ ତାଲିକାରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଏପରିକି ପଡ଼ୋଶୀ ରାୟପୁରରେ ମଧ୍ୟ କୌଣସି ଘରୋଇ ହସ୍ପିଟାଲରେ ରାଜ୍ୟ ସରକାରଙ୍କ ବୀମା ଯୋଜନା ▶ପୃଷ୍ଠା-୭

# ଆଜିଠୁ ଐତିହାସିକ ବାଲିଯାତ୍ରା

## କଟକ ମହାନଦୀ ତଟରେ ଜମିବ ମୁକ୍ତାକାଶ ମେଳା

■ **କଟକ, ୪।୧୧ (ସମିସ):** ଉତ୍କଳୀୟ ପରମ୍ପରାର ମୂକସାକ୍ଷୀ, ସମୃଦ୍ଧ ନୌବାଣିଜ୍ୟ ଐତିହ୍ୟର ଅମଳିନ ସ୍ୱାକ୍ଷର ବହନ କରୁଥିବା ଐତିହାସିକ କଟକ ବାଲିଯାତ୍ରା ବୁଧବାର ଉଦ୍‌ଘାଟିତ ହେବ। ମହାନଦୀ ତଟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରୁ ୮ ଦିନ ଧରି ଚାଲିବ ଏହି ମୁକ୍ତାକାଶ ମହାବାଣିଜ୍ୟ ମେଳା। ଲକ୍ଷଲକ୍ଷ ଲୋକଙ୍କ ପାଦ ପଡ଼ିବ ମେଳା ପଡ଼ିଆରେ। ଶହେ କୋଟିରୁ ଅଧିକ ଟଙ୍କାର ବେପାର ବଣିଜ୍ୟ ହେବ। ବେପାରୀମାନେ ମେଳା ପଡ଼ିଆରେ ଷ୍ଟଲ୍ ବାନ୍ଧି ସାରିଥିବା ବେଳେ ପୁଲିସ ଓ ପ୍ରଶାସନର ପ୍ରସ୍ତୁତି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।




ବୁଧବାର ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରାକୁ ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟର ଅନେକ ବରେଣ୍ୟ ବ୍ୟକ୍ତିବିଶେଷ, ରାଜନେତାଙ୍କ ସମେତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍. କୃଷ୍ଣମୂର୍ତ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏଥର ବାଲିଯାତ୍ରା କେବଳ ତଳପଡ଼ିଆରେ ଆୟୋଜନ ହେଉଛି। ଉପର ପଡ଼ିଆରେ ମେଳା ଆୟୋଜନ ହେବ ବୋଲି ପୂର୍ବରୁ ପ୍ରଶାସନ ଘୋଷଣା କରିଥିଲେ ହେଁ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବ୍ୟବସ୍ଥା ହୋଇପାରିଲା ନାହିଁ। ଏଣୁ, ତଳପଡ଼ିଆରେ ହେବାକୁ ଥିବା ୧୬୫୪ ଷ୍ଟଲ ବାଲିଯାତ୍ରାର ଆକର୍ଷଣକୁ ବଜାୟ ରଖିବ। ଚଳିତଥର ବାଲିଯାତ୍ରାରେ କଳା ଏବଂ ସଂସ୍କୃତି ସହ ସାହିତ୍ୟର ଝଲକ ଦେଖିବାକୁ ମିଳିବ। ଓଡ଼ିଆ ଭାଷା, ସାହିତ୍ୟ ଓ କାଳଜୟୀ ପୁସ୍ତକଗୁଡ଼ିକ ବିଷୟରେ ସମସ୍ତେ ଜାଣିବେ। ଓଡ଼ିଆ ଘରର ପରମ୍ପରା ସାଙ୍ଗକୁ ଲୋକ ସଂସ୍କୃତି ବିଷୟରେ ଦିଆଯିବ ବାର୍ତ୍ତା। ଏଥିପାଇଁ ଏଥର ମୁଖ୍ୟ ଆକର୍ଷଣ ସାଜିବ 'କଟକ ▶ପୃଷ୍ଠା-୭

### ମାଲକାନଗିରିରେ ପୁଣି ଲଜ୍ଜା

# ନିଶା ଦେଇ ନାବାଳିକାଙ୍କୁ ଦୁଷ୍କର୍ମ

■ **ମାଲକାନଗିରି, ୪।୧୧ (ସମିସ):** ମାଲକାନଗିରି ଜିଲ୍ଲାରେ ପୁଣି ଲଜ୍ଜା। ଜଙ୍ଗଲ ଭିତରେ ଜଣେ ନାବାଳିକାକୁ ଜୋରଜବରଦସ୍ତ ମଦ ପିଆଇ ଦୁଷ୍କର୍ମ କରାଯାଇଛି। ଏହି ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସୂଚନାନୁଯାୟୀ, ପଦ୍ମଗିରି ଅଞ୍ଚଳରେ ଜଣେ ୧୬ବର୍ଷୀୟା ନାବାଳିକା ନିଜ ସାଙ୍ଗ ସହ ସଦର ବ୍ଲକ୍ ଅନ୍ତର୍ଗତ ଯଦୁଗୁଡ଼ା ଶିବ ମନ୍ଦିରକୁ ଯାଇଥିଲେ। ସେଠାରେ ଦେବୁ ବାରୋଇ ନାମକ ଜଣେ ଯୁବକ ସହ ସେମାନଙ୍କର ଦେଖା ହୋଇଥିଲା। ନାବାଳିକାଙ୍କ ସାଙ୍ଗକୁ ଦେବୁ ଆଗରୁ ଚିହ୍ନି ଥିବାରୁ ସେ ନିଜ ବାଇକ୍‌ରେ ଦୁହିଁଙ୍କୁ ଘରେ ଛାଡ଼ିଦେବ ବୋଲି କହିଥିଲା। ଦେବୁ କଥାରେ ଭରସା କରି ନାବାଳିକା ନିଜ ସାଙ୍ଗ ସହ ତା' ବାଇକ୍‌ରେ ବସିଥିଲେ। କିନ୍ତୁ, ଦେବୁ ବୁଲାଇନେବା ବାହାନରେ ସେମାନଙ୍କୁ ନିକଟସ୍ଥ ଏକ ଜଙ୍ଗଲ ଭିତରକୁ



ନେଇଯାଇଥିଲା। ସେଠାରେ ଦେବୁ ସାଙ୍ଗରେ ଆଣିଥିବା ମଦ ପିଇବା ସହ ଦୁଇ ନାବାଳିକାଙ୍କୁ ଯାଚିଥିଲା। କିନ୍ତୁ ପୀଡ଼ିତାଜଣଙ୍କ ରାଜି ନ ହେବାରୁ ତାଙ୍କୁ ଜୋରଜବରଦସ୍ତି ପିଆଇ ଦେଇଥିଲା। ଏଥିରେ ନାବାଳିକାର ସାଙ୍ଗ ଦେବୁକୁ ସହଯୋଗ କରିଥିଲା। ପୀଡ଼ିତାଜଣଙ୍କ ନିଶାସକ୍ତ ହେବା ପରେ ଦେବୁ ତାଙ୍କୁ ସେଠାରେ ଦୁଷ୍କର୍ମ କରିଥିଲା। ନାବାଳିକାଜଣଙ୍କ ଘରକୁ ଫେରି ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ▶ପୃଷ୍ଠା-୭

# ଖସୁଛି ପାରଦ, ଆସୁଛି ଶୀତ

### ଫୁଲବାଣୀ, କୋରାପୁଟରେ ୧୫ ଡିଗ୍ରୀ

■ **ଭୁବନେଶ୍ୱର, ୪।୧୧ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ଗତ ୨ଦିନ ମଧ୍ୟରେ ରାଜ୍ୟରେ ପ୍ରାୟ ୨-୩ ଡିଗ୍ରୀ ତାପମାତ୍ରା କମିଥିବା ବେଳେ ଆଗକୁ ଏହି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ତାପମାତ୍ରା ହ୍ରାସ ହେବା କାରଣରୁ ଗତ ୨୪ ଘଣ୍ଟାରେ ଫୁଲବାଣୀ, କୋରାପୁଟ ଓ ଦାରିଙ୍ଗବାଡ଼ିରେ ତାପମାତ୍ରା ୧୫ ଡିଗ୍ରୀକୁ ଖସିଛି। ସେହିପରି କେନ୍ଦୁଝର ଓ ଝାରସୁଗୁଡ଼ାରେ ତାପମାତ୍ରା ୧୭ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଥିବା ବେଳେ ରାଉରକେଲା ଓ ଅନୁଗୁଳରେ ତାପମାତ୍ରା ୧୮ ଏବଂ ବାରିପଦା ଓ ସୁନ୍ଦରଗଡ଼ରେ ତାପମାତ୍ରା ୧୯ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଓ ଉତ୍ତର ଆଭ୍ୟନ୍ତରୀଣ ବିଭିନ୍ନ ସ୍ଥାନରେ ଥଣ୍ଡା ଅନୁଭୂତ ହେବ। ▶ପୃଷ୍ଠା-୭

### ବିଜେପିରେ 'ହାରୁ ଘୋଡ଼ା' ନିଆଁ

# ବସନ୍ତ ଖପ୍ପା, ଦଳରେ ଫାଟ

■ **ଭୁବନେଶ୍ୱର, ୪।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ଜୟ ଢୋଲକିଆଙ୍କ ପ୍ରାର୍ଥିତ୍ୱକୁ ଏବେ ବି ବସନ୍ତ ଏବଂ ତାଙ୍କ ପୁଅ ଅଭିନନ୍ଦନ ପଣ୍ଡା ଖୋଲା ହୃଦୟରେ ଗ୍ରହଣ କରୁ ନ ଥିବା ଚର୍ଚ୍ଚା ହେଉଛି। ଉଭୟ ପିତା-ପୁତ୍ରଙ୍କୁ ବିଭିନ୍ନ ଉପାୟରେ ବୁଝାସୁଝା କରି ବିଜେପି ନେତୃତ୍ୱ ନିର୍ବାଚନ ପରିଚାଳନା କରୁଥିବା ସମୟରେ ବସନ୍ତ ଓ ତାଙ୍କ ଅସନ୍ତୁଷ୍ଟ ସମର୍ଥକ ଶିବିରରେ ନିଆଁ ଲଗାଇଛନ୍ତି ବିଜେପିର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା। ବିଜେପି ଜିତିବା ଘୋଡାକୁ ବାଜିରେ ଲଗାଏ। ହାରିବା ଘୋଡାକୁ ପାଖକୁ ଯାଏ ନାହିଁ କି ବାଜିରେ ଲଗାଏ ନାହିଁ। ବସନ୍ତଙ୍କର କ୍ରେଜ ନାହିଁ ବୋଲି ଉଲ୍ଲେଖ କରି ପରୋକ୍ଷରେ ସେଥିପାଇଁ ଦଳ ତାଙ୍କୁ ଟିକଟ ଦେଲାନାହିଁ ବୋଲି କହିଛନ୍ତି। ପଦ୍ମଲୋଚନଙ୍କ ପ୍ରତିକ୍ରିୟା

### ହାରିବା ଘୋଡ଼ାରେ ବିଜେପି ବାଜି ଲଗାଏ ନାହିଁ

### ବସନ୍ତଙ୍କ କ୍ରେଜ୍ ନାହିଁ, ତେଣୁ ଟିକଟ ମିଳିଲାନାହିଁ

ନୂଆପଡ଼ା ବିଜେପିରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହାକୁ ନେଇ ବସନ୍ତ ଏବଂ ତାଙ୍କ ସମର୍ଥକ ତୀବ୍ର ଅସନ୍ତୋଷ ପ୍ରକଟ କରିଛନ୍ତି। ଦଳର ଜଣେ ପୁରୁଖା ନେତା, ପୂର୍ବ ରାଜ୍ୟ ସଭାପତି, ସାଂସଦ ତଥା ନୂଆପଡ଼ାର ଦୁଇଥର ବିଧାୟକଙ୍କୁ ହାରିବା ଘୋଡ଼ା ଉଲ୍ଲେଖ କରି ପଦ୍ମଲୋଚନ ନୂଆପଡ଼ା ବିଜେପି ଶିବିରକୁ ଫାଳଫାଳ କରି ଦେଇଥିବା କର୍ମୀମାନେ କହିଛନ୍ତି।

ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ପଦ୍ମଲୋଚନ କହିଥିଲେ ଯେ ଯିଏ ଜିତିବ ତାକୁ ପ୍ରାର୍ଥୀ କରାଯିବ। କଣ ମାନେ ଅଛି ବସନ୍ତ ପଣ୍ଡା ପୁଅକୁ ଟିକେଟ ଦିଆଯିବ। ଦଳ ଯାହା ନିଷ୍ପତ୍ତି ନେବ ତାକୁ ସମସ୍ତେ ଗ୍ରହଣ କରିବ। ଦଳ ସବୁବେଳେ ଚିନ୍ତା କରେ କାହାକୁ ପ୍ରାର୍ଥୀ କଲେ କିଏ ଜିତିବ। ସେହି ଅନୁସାରେ ପ୍ରାର୍ଥୀ ଚୟନ ହୋଇଥାଏ। କେଉଁ ଭଳି ଅସ୍ତ୍ରଶସ୍ତ୍ର ନେଇ ଯୁଦ୍ଧ କ୍ଷେତ୍ରକୁ ଯିବାକୁ ପଡିବ ▶ପୃଷ୍ଠା-୭

# ଅକାଳ ମୃତ୍ୟୁ ରୋକିବାକୁ ଅଜବ ପ୍ରଥା

## ବାହ୍ୟଜଗତରୁ ନିଜକୁ ବିଚ୍ଛିନ୍ନ କଲେ ଗ୍ରାମବାସୀ





■ **ନାରାୟଣପାଟଣା, ୪।୧୧ (ସମିସ):** ଅନ୍ଧବିଶ୍ୱାସ ଓ କୁ-ପ୍ରଥା ଦୂର ପାଇଁ ସରକାର ଲୋକଙ୍କୁ ସଚେତନ କରୁଛନ୍ତି। ଏଥିପାଇଁ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଅନେକ କ୍ଷେତ୍ରରେ ଏହାର ପ୍ରଭାବ ଦେଖିବାକୁ ମିଳୁନି। ଏକାବଂଶରେ ବିବାହ କଲେ ନବଦମ୍ପତିଙ୍କ ବେକରେ ଜୁଆଳି ପକାଇ ହଳ କରାଇବା ଭଳି ଆଦିବାସୀ ପରମ୍ପରାକୁ ନେଇ

### ରାସ୍ତାରେ ବାଡ଼; ଲାଗିଲା ପ୍ରବେଶ ନିଷେଧ ଫଳକ


### ବାହାର ଲୋକଙ୍କୁ ୮ ଦିନ ଗାଁ ମନା

ନିକଟ ଅତୀତରେ ଚର୍ଚ୍ଚାକୁ ଆସିଥିବା ନାରାୟଣପାଟଣା ବ୍ଲକ୍‌ରେ ପୁଣି ଏକ ବିଚିତ୍ର ପ୍ରଥା ଦେଖିବାକୁ ମିଳିଛି। ଗାଁରେ ଅକାଳ ମୃତ୍ୟୁ ରୋକିବା ପାଇଁ ଗ୍ରାମବାସୀ ନିଜକୁ ବାହ୍ୟଜଗତରୁ ବିଚ୍ଛିନ୍ନ କରି ରଖିଛନ୍ତି। ନା ନିଜେ ବାହାରକୁ ପାଦ କାଢ଼ୁଛନ୍ତି ନା ବାହାର ଲୋକଙ୍କୁ ଗାଁରେ ପୂରାଇ ଦେଉଛନ୍ତି। ଏପରିକି, ଗାଁକୁ ପ୍ରବେଶ ନକରିବାକୁ ପ୍ରବେଶ ପଥରେ ବଡ଼ବଡ଼ ▶ପୃଷ୍ଠା-୭

# ଅଚଳ ହେଲା ଓଡ଼ିଶା ଲୋକାୟୁକ୍ତ

## ଦେଢ଼ ବର୍ଷ ହେଲା ଅଧ୍ୟକ୍ଷ ନାହାନ୍ତି; ସବୁ ସଦସ୍ୟ ପଦ ଖାଲି

■ **ଭୁବନେଶ୍ୱର, ୪।୧୧ (ସମିସ):** ଦନ୍ତହୀନ ହୋଇ ପଡ଼ିଛି ଓଡ଼ିଶା ଲୋକାୟୁକ୍ତ। ଦୀର୍ଘ ଦେଢ଼ ବର୍ଷରୁ ଅଧିକ ସମୟ ହେବ ଅଧ୍ୟକ୍ଷ ପଦ ଖାଲି ପଡ଼ିଛି ଓ ଅନ୍ୟ ୫ଟି ସଦସ୍ୟ ପଦରେ ମଧ୍ୟ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ବର୍ଷାଧିକ ସମୟ ହେଲା କୌଣସି ଅଭିଯୋଗର ଶୁଣାଣି ହୋଇନାହିଁ। ଅପରପକ୍ଷରେ ଗତବର୍ଷ ଫେବୃଆରୀରେ ନୂତନ ନିଯୁକ୍ତି ପାଇଁ ପ୍ରକାଶ ପାଇଥିଲା। ହେଲେ ବିଜେପି ସରକାରକୁ ଆସିବା ପରେ ନୂତନ ନିଯୁକ୍ତି ପ୍ରକ୍ରିୟା ସେହିଠାରେ ହିଁ ଅଟକି ରହିଛି। ୧୬ ମାସ ହେବ ସରକାର ଆଉ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ରାଜ୍ୟରେ ଦୁର୍ନୀତି ବଢ଼ିବା ସହ ଲୋକାୟୁକ୍ତରେ ମଧ୍ୟ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି। ଲୋକାୟୁକ୍ତର ଅଧ୍ୟକ୍ଷ ଭାବେ ଜଷ୍ଟିସ ଅଜିତ ସିଂଙ୍କ କାର୍ଯ୍ୟକାଳ




### ଶୁଣାଣି ବନ୍ଦ; ବିଚାର ଅପେକ୍ଷାରେ ୮୦୦ରୁ ଅଧିକ ମାମଲା

### ଦୁର୍ନୀତିର ପୃଷ୍ଠପୋଷକତା ଯୋଗୁଁ ନୂତନ ନିଯୁକ୍ତି ବନ୍ଦ ଅଭିଯୋଗ

୨୦୨୪ ମସିହା ଫେବୃଆରୀ ୧୯ ତାରିଖରେ ସରିଛି। ୩ଜଣ ସଦସ୍ୟଙ୍କ ମଧ୍ୟରୁ ଜଷ୍ଟିସ୍ ବିଜୟ କୁମାର ନାୟକ (ଜୁଡିସିଆଲ୍)ଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୩୦ ଓ ଡ. ଦେବବ୍ରତ ସ୍ୱାଇଁଙ୍କ କାର୍ଯ୍ୟକାଳ ଏପ୍ରିଲ୍ ୪ରେ ଶେଷ ହୋଇଛି। ଅନ୍ୟତମ ସଦସ୍ୟ ଡ. ଆରପି ଶର୍ମାଙ୍କର କାର୍ଯ୍ୟକାଳ ଅଗଷ୍ଟ ୮ ତାରିଖରୁ ଶେଷ ହେଲାଣି। ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସରିବାକୁ ୨୧ ମାସ ଓ ସଦସ୍ୟମାନଙ୍କ କାର୍ଯ୍ୟକାଳ ସରିବାକୁ ୧୫ମାସ ବିତିଥିଲେ ମଧ୍ୟ ସରକାର ନୂତନ ନିଯୁକ୍ତି ଦେଉନାହାନ୍ତି। କେବେ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି ଦିଆଯିବ, ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ନାହିଁ।

ରାଜ୍ୟରେ ଦୁର୍ନୀତି ରୋକିବା ପାଇଁ ତତ୍କାଳୀନ ବିଜେଡି ସରକାର ଲୋକାୟୁକ୍ତ ନିଯୁକ୍ତିକୁ ତ୍ୱରାନ୍ୱିତ କରିଥିଲେ। ଏଥିପାଇଁ ଗତବର୍ଷ ଫେବୃଆରୀ ୨୮ ତାରିଖରେ ଲୋକାୟୁକ୍ତ ଅଧ୍ୟକ୍ଷଙ୍କ ସମେତ ୫ଜଣ ସଦସ୍ୟଙ୍କୁ ନିଯୁକ୍ତି କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଗ୍ରହୀ ପ୍ରାର୍ଥୀମାନେ ମାର୍ଚ୍ଚ ୧ରୁ ୧୧ ତାରିଖ ମଧ୍ୟରେ ଆବେଦନ କରିଥିଲେ। ଆବେଦନ ପତ୍ରକୁ ଯାଞ୍ଚ କରିବା ପାଇଁ ସର୍ଚ୍ଚ କମିଟି ମଧ୍ୟ ଗଠନ କରାଯାଇଥିଲା। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଭି ଗୋପାଳ ଗୌଡ଼ାଙ୍କ ▶ପୃଷ୍ଠା-୭

# ଦ୍ୱିତୀୟ ପର୍ଯ୍ୟାୟ ଏସ୍‌ଆଇଆର ଆରମ୍ଭ

ନୂଆଦିଲ୍ଲୀ.କୋଲକାତା, ୪।୧୧(ଏଜେନ୍ସି): ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୨ଟି ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ବିହାରରେ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ହେବାକୁ ଯାଉଛି ସେଗୁଡ଼ିକ ମଧ୍ୟରେ ରହିଛି ପଶ୍ଚିମ ବଙ୍ଗ, ତାମିଲନାଡୁ, ଗୁଜରାଟ, ଉତ୍ତର ପ୍ରଦେଶ, କେରଳ, ଆଣ୍ଡାମାନ-ନିକୋବର, ଛତିଶଗଡ଼, ଲକ୍ଷଦୀପ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ । ଆଜିଠାରୁ ଅଧିକାରୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଏହା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଡିସେମ୍ବର ୯ ତାରିଖରେ ଭୋଟର ଚିଠା ତାଲିକା ପ୍ରକାଶ କରାଯିବ । ଭୋଟରମାନେ

## ■ ଏସ୍‌ଆଇଆର ବିରୋଧରେ ମମତାଙ୍କ ପଦଯାତ୍ରା

ସେମାନଙ୍କର ଆପତ୍ତି ଅଭିଯୋଗ ଜାନୁଆରୀ ୮ ପର୍ଯ୍ୟନ୍ତ ଦାଖଲ କରିପାରିବେ ଏବଂ ଫେବୃଆରୀ ୭ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଏହି ପ୍ରକ୍ରିୟାରେ ୫୧ କୋଟି ଭୋଟର ସାମିଲ ହେବେ । ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି । ମମତା କୋଲକାତାରେ ପଦଯାତ୍ରା ବାହାର କରିଛନ୍ତି । ଏହିକ୍ରମରେ ଆୟୋଜିତ ୩.୮ କିମି ଦୈର୍ଘ୍ୟର ପଦଯାତ୍ରାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମହାସଚିବ ଅଭିଷେକ ବାନାର୍ଜୀ ଓ ବହୁ ସଂଖ୍ୟାରେ ଦଳ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଏସ୍‌ଆଇଆର୍ ନେଇ ଟିଏମ୍‌ସିର ଅଭିଯୋଗ ରହିଛି । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉନାହିଁ ଓ ଏଥିରେ ବିଜେପିକୁ ସୁହାଇବା ଭଳି କାର୍ଯ୍ୟ କରାଯାଉଛି । ବିଜେପି ଓ ନିର୍ବାଚନ କମିଶନ ମିଳିତ ଭାବେ ଏହି ପ୍ରକ୍ରିୟାକୁ ଆଗକୁ ବଢ଼ାଉଛନ୍ତି ବୋଲି ଟିଏମ୍‌ସି ଅଭିଯୋଗ କରିଛି ।

### ଅପରେସନ ସିନ୍ଦୂର ପରେ ପ୍ରଥମ

# ପାକିସ୍ତାନ ଗଲେ ଭାରତୀୟ ଶିଖ ଶ୍ରଦ୍ଧାଳୁ

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି): ଅପରେସନ ସିନ୍ଦୂର ପରେ ଭାରତୀୟ ଶିଖ ଶ୍ରଦ୍ଧାଳୁ ପାକିସ୍ତାନ ଗସ୍ତ କରିଛନ୍ତି । ଏଥିସହ ଅପରେସନ ସିନ୍ଦୂର ପରେ ପ୍ରଥମଥର ପାଇଁ ଭାରତୀୟ ନାଗରିକ ସୀମା ପାର କରି ପାକିସ୍ତାନ ଯାଇଛନ୍ତି । ଶ୍ରଦ୍ଧାଳୁମାନେ ଗୁରୁ ନାନକଙ୍କ ଜନ୍ମସ୍ଥାନ ନନ୍‌କାନା ସାହିବ୍‌ରେ ଏକାଠି ହେବେ । ନନ୍‌କାନା ସାହିବ ଲୋହୋରଠାରୁ ସଡ଼କ ପଥରେ ଗଲେ ୮୦ କିମି ଦୂରରେ ପଡ଼ିବ । ଶ୍ରଦ୍ଧାଳୁମାନେ ଗୁରୁଦ୍ୱାର ପଞ୍ଜା ସାହିବ ହାସନ ଅବଦଲ, ଗୁରୁଦ୍ୱାର ସଚା ସୌଦା ଫାରୁକାବାଦ୍ ଓ ଗୁରୁଦ୍ୱାର ଦରବାର ସାହିବ କର୍ତ୍ତାରପୁର ଭଳି ତୀର୍ଥ ସ୍ଥଳି ପରିଦର୍ଶନ କରିବା ପରେ ଆସନ୍ତା ୧୩ରେ ଭାରତକୁ ପ୍ରତ୍ୟାବର୍ତ୍ତନ କରିବେ । କର୍ତ୍ତାପୁରରେ ଗୁରୁ ନାନକଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ଗୁରୁ ନାନକଙ୍କ ୫୫୬ତମ ଜନ୍ମଦିବସ ପାଳନ ପାଇଁ ୧୦ ଦିନିଆ ଉତ୍ସବରେ ଯୋଗ ଦେବାକୁ ପାକିସ୍ତାନ ସରକାର ୨, ୧୫୦ ଜଣ ଶିଖ ଶ୍ରଦ୍ଧାଳୁଙ୍କୁ ଭିସା ପ୍ରଦାନ କରିଛି । ଶିଖ ଶ୍ରଦ୍ଧାଳୁଙ୍କୁ ସୀମା ସେପଟେ ପାକିସ୍ତାନ ଅଧିକାରୀମାନେ ଫୁଲ ମାଳା ଦେଇ ସ୍ୱାଗତ କରିଥିଲେ ।

## ପାକିସ୍ତାନ, ଇରାନରୁ ଆଉ ୧୬ ହଜାର ଆଫଗାନ ବିଦା

କାବୁଲ, ୪।୧୧(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ଗୋଟିଏ ଦିନରେ ୧୬, ୨୪୨ ଜଣ ଆଫଗାନ ଶରଣାର୍ଥୀଙ୍କୁ ବିଦା କରିଛି ବୋଲି ତାଲିବାନ ଉପ ମୁଖପାତ୍ର ହାମଦୁଲ୍ଲା ଫିତରତ ମଙ୍ଗଳବାର କହିଛନ୍ତି । ଶରଣାର୍ଥୀଙ୍କ ସମେତ ୨, ୯୬୩ ଆଫଗାନ ପରିବାରକୁ ମଧ୍ୟ ବିଦା କରଯାଇଛି । କାନ୍ଦାହରର ଦେଇ ଏମାନ ଆଫଗାନିସ୍ତାନରେ ପ୍ରବେଶ କରିଛନ୍ତି । ୨, ୧୬୧ ପରିବାରର ୧୧, ୭୭୨ ଲୋକଙ୍କୁ ସେମାନଙ୍କ ରାଜ୍ୟକୁ ପଠାଇ ଦିଆଯାଇଛି । ଟେଲିକମ୍ୟୁନିକେସନ କମ୍ପାନୀଗୁଡିକ ଘରକୁ ଫେରିଥିବା ଏହି ଶରଣାର୍ଥୀଙ୍କୁ ୨, ୯୫୮ ସିମ୍‌କାର୍ଡ ପ୍ରଦାନ କରିଛନ୍ତି ବୋଲି ସେ କହିଛନ୍ତି । ତାଲିବାନ ଶାସନକୁ ଆସିବା ପରେ ପାକିସ୍ତାନ, ଇରାନ ଓ ଅନ୍ୟ ପଡୋସୀ ଦେଶମାନଙ୍କରେ ଥିବା ଆଫଗାନ ଶରଣାର୍ଥୀଙ୍କୁ ସେଠାରୁ ନିଜ ଦେଶକୁ ଫେରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କିଛିଦିନ ତଳେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ହେବା କାରଣରୁ ପାକିସ୍ତାନ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଆଫଗାନଙ୍କୁ ନିଜ ମାଟିରୁ ବାହର କରିବାର ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଛି ।



# ମୋତେ ଏଡ଼ାଇବାକୁ ଉଦ୍ୟମ କରୁଛି କେନ୍ଦ୍ର: ଜଷ୍ଟିସ ଗଭାଇ

### ଟ୍ରିବ୍ୟୁନାଲ ଆଇନର ବିଚାର ସମ୍ବିଧାନ ପୀଠକୁ ପଠାଇବା ଲାଗି କେନ୍ଦ୍ରର ରାତିଅଧିଆ ଆବେଦନକୁ ଅଗ୍ରାହ୍ୟ କଲେ ସୁପ୍ରିମ କୋର୍ଟ

ନୂଆଦିଲ୍ଲୀ, ୩।୧୧: ଟ୍ରିବ୍ୟୁନାଲ ସଂସ୍କାର ଆଇନକୁ ଚାଲେଞ୍ଜ କରି ଆଗତ ପିଟିସନ ଉପରେ ଶୁଣାଣି ଚାଲିଥିବା ବେଳେ ଏହି ମାମଲାକୁ ପାଞ୍ଚ ଜଣିଆ ସମ୍ବିଧାନ ପୀଠକୁ ପଠାଇବା ଲାଗି କେନ୍ଦ୍ର ସରକାରଙ୍କ ଅନୁରୋଧ ନେଇ ବିରକ୍ତି ପ୍ରକାଶ କରିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ । ସେ କହିଛନ୍ତି ଯେ ସର୍ବୋଚ୍ଚ ଅଦାଲତ ସହିତ କେନ୍ଦ୍ର ସରକାରଙ୍କ ଏଭଳି ଖେଳ ତାଙ୍କୁ ବିସ୍ମିତ କରିଛି । କେନ୍ଦ୍ର ଏଭଳି ରଣନୀତି ଗ୍ରହଣ କରିବ ବୋଲି ଆମେ ଆଶା କରିନଥିଲୁ । ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କର ଏଭଳି ରାତି ଅଧିଆ ପିଟିସନ ଭିନ୍ନ ସୂଚନା ଦେଉଛି । ମୁଁ ଖୁବଶୀଘ୍ର ଅବସର ।।ନେବାକୁ ଯାଉଛି । ଯାହା ଲାଗୁଛି ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମୋ ବେଞ୍ଚକୁ ଏଡ଼ାଇବା ଲାଗି ଏଭଳି ପଦକ୍ଷେପ ନେଉଛି । ସେ ସରକାରଙ୍କ ସେହି ଆବେଦନକୁ ଖାରଜ କରିବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୭ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି ।

ପ୍ରଧାନ ବିଚାରପତି କହିଲେ ଯେ ମାମଲାର ଶୁଣାଣି ଚାଲିଥିବା ବେଳେ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଉପସ୍ଥିତ ରହିଲେ । କିନ୍ତୁ କେବେହେଲେ ସମ୍ବିଧାନ ବେଞ୍ଚ କଥା ଉଠାଇନଥିଲେ । ଅନ୍ୟପକ୍ଷରେ ବିଦେଶ ଗସ୍ତରେ ଯାଉଥିବାରୁ ଶୁଣାଣିକୁ ସ୍ଥଗିତ ରଖିବା ଲାଗି ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣୀ ଅନୁରୋଧ କରିଥିଲେ । ତାଙ୍କର ଅନୁରୋଧକୁ ରକ୍ଷା କରି କୋର୍ଟ ଶୁଣାଣି ସ୍ଥଗିତ ରଖିଲେ । ସେ ଫେରିବା ପରେ ଶୁଣାଣି ଆରମ୍ଭ ହେବାକୁ ଯାଉଥିବା ବେଳେ କେନ୍ଦ୍ର ସରକାରଙ୍କର ଏଭଳି ପିଟିସନରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ସେମାନେ ମୋ ବେଞ୍ଚକୁ ଏଡ଼ାଇବାକୁ ଉଦ୍ୟମ କରୁଛନ୍ତି । ଅନ୍ୟପକ୍ଷରେ ଭେଙ୍କଟରମଣୀ କହିଥିଲେ ଯେ କେନ୍ଦ୍ର ସରକାର କିମ୍ବା ତାଙ୍କର ଏଭଳି କୌଣସି ଉଦ୍ଦେଶ୍ୟ ନାହିଁ । ସେ କହିଲେ ଯେ ଏହି ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏହାର ବିଚାର ସମ୍ବିଧାନ ବେଞ୍ଚ କରିବା ଉଚିତ । ତାଙ୍କର ଏହି ଯୁକ୍ତିକୁ ଅଗ୍ରାହ୍ୟ କରି ପ୍ରଧାନ ବିଚାରପତି କହିଲେ ଯେ ଆଗରୁ ଏହି ପ୍ରଶ୍ନ ଉଠାନଯାଇ ଶେଷ ମୁହୂର୍ତ୍ତରେ, ତାହା ପୁଣି ରାତିଅଧରେ ପିଟିସନ ଦାଖଲ କରାଯାଇଛି । ସରକାରଙ୍କ ଏଭଳି ଯୁକ୍ତି ଆମକୁ ସନ୍ତୁଷ୍ଟ କରିପାରୁ ନାହିଁ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ବେଞ୍ଚ ଉଚିତ ମନେକଲେ ଏହାକୁ ସମ୍ବିଧାନ ବେଞ୍ଚକୁ ପଠାଇପାରିବେ । କିନ୍ତୁ କେନ୍ଦ୍ର ସରକାର ଏଥିପାଇଁ ଯେଉଁ କୌଶଳ ଆପଣାଇଲେ, ତାହା ଗ୍ରହଣୀୟ ନୁହେଁ ।

ଏହାପରେ ଆଟର୍ଣ୍ଣି ଜେନେରାଲ ଏହି ମାମଲା ଉପରେ ଯୁକ୍ତି ଉପସ୍ଥାପନ କରିଥିଲେ । ସେ କହିଥିଲେ ବିଭିନ୍ନ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ପାଇଁ ନୂଆ ଆଇନ ଜରିଆରେ ଯେଉଁ ବ୍ୟବସ୍ଥା କରାଯାଇଛି, ସେଥିରେ କିଛି ଭୁଲ ନାହିଁ ।

# ବିହାରରେ ପ୍ରଥମ ପର୍ଯ୍ୟାୟ ପ୍ରଚାର ଶେଷ

### ଲଲନ ସିଂହଙ୍କ ବିରୋଧରେ ଏତଲା - କେନ୍ଦ୍ରୀମନ୍ତ୍ରୀଙ୍କ ବୋହୂଙ୍କ ଗାଡ଼ିରୁ ମଦ ଜବତ

ପାଟନା, ୪।୧୧ (ଏଜେନ୍ସି): ବିହାରରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ମଙ୍ଗଳବାର ସନ୍ଧ୍ୟା ୫ଟାରେ ପ୍ରଚାର ଥମିଛି । ନେତାମନ୍ତ୍ରୀମାନେ ପ୍ରତ୍ୟକ୍ଷ ପ୍ରଚାରପ୍ରସାର ଛାଡ଼ି ଏବେ ସାମାଜିକ ଗଣମାଧ୍ୟମକୁ ଅସ୍ତ୍ର କରିଛନ୍ତି । ୧୨୧ ଆସନରେ ଗୁରୁବାର ହେବାକୁ ଥିବା ମତଦାନ ପାଇଁ ଏହା ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରିଛନ୍ତି । ଆଜି ଦିନ ସାରା କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ପକ୍ଷରୁ ବିଭିନ୍ନ ସ୍ଥାନରେ ରାଲି କରାଯାଇଥିବା ବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ମଧ୍ୟ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ।

ପ୍ରଚାରର ଶେଷ ଦିନରେ କେନ୍ଦ୍ରମନ୍ତ୍ରୀ ଲଲନ ସିଂହଙ୍କ ବିରୋଧରେ ନିର୍ବାଚନ କମିଶନ ଏତଲା ଦେଇଥିବାବେଳେ କେନ୍ଦ୍ରମନ୍ତ୍ରୀ ତଥା ହାମ୍ ମୁଖ୍ୟ ଜିତନ ରାମ ମାନ୍‌ଝୀଙ୍କ ବୋହୂ ତଥା ରାଜ୍ୟମନ୍ତ୍ରୀ ଡ. ସନ୍ତୋଷ କୁମାରଙ୍କ ପତ୍ନୀ ତଥା ହାମ୍ ପ୍ରାର୍ଥୀ ଦୀପା କୁମାରୀଙ୍କ ପ୍ରଚାର ଗାଡ଼ିରୁ ୧୭ ପେଟି ମଦ ଜବତ କରାଯାଇଛି । ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ତିନୋଟି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ୫ଟି, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ରାଲି ସହିତ ରୋଡ ସୋ' ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତିନୋଟି ରାଲି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲରେ ବିଜେପିର ମହିଳା କର୍ମୀଙ୍କ ସହ କଥା ହୋଇଛନ୍ତି ।

ଆଜି ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ସରକାର ଗଠନ କଲେ ଜାନୁଆରୀ ୧୪ରେ 'ମାଇ ବହିନ ମାନ ଯୋଜନା' ଅଧିନରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୩୦ ହଜାର ଟଙ୍କା ଲେଖାଏଁ ପଠାଯିବ । ୫ ବର୍ଷକୁ ମୋଟ ଦେଢ଼ ଲକ୍ଷ ଟଙ୍କା ଦିଆଯିବ । ରାଜ୍ୟର ଜିବୀକା ଦିଦିଙ୍କୁ ସ୍ଥାୟୀ କରି ୩୦ ହଜାର ଟଙ୍କା ଦରମା ଦିଆଯିବ । ସେହିପରି ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନକୁ ନେଇ ଇସି କେନ୍ଦ୍ରମନ୍ତ୍ରୀ ତଥା ଜେଡିୟୁ ନେତା ରାଜୀବ ରଞ୍ଜନ ଓରଫ ଲଲନ ସିଂହଙ୍କ ବିରୋଧରେ ଏତଲା ରୁଜୁ କରିଛନ୍ତି । ସୂଚନା ଅନୁଯାୟୀ ଲଲନ ସୋମବାର ଆରଜେଡି ନେତା ଦୁଲାରଚାନ୍ଦ ଯାଦବଙ୍କ ହତ୍ୟା ମାମଲାରେ ଗିରଫ ଜେଡିୟୁ ନେତା ତଥା ବାହୁବଳୀ ଅନନ୍ତ ସିଂହଙ୍କ ପାଇଁ ମୋକାମାରେ ନିର୍ବାଚନ ପ୍ରଚାର କରୁଥିଲେ । ଏହି ସମୟରେ ସେ ଲୋକଙ୍କୁ ସମ୍ବୋଧନ କରି କହିଥିଲେ ଯେ ନିର୍ବାଚନ ଦିନ ଏଠାକାର କିଛି ନେତାଙ୍କୁ ଘରୁ ବାହାରିବାକୁ ନ ଦେଇ ବନ୍ଦୀ କରି ରଖ । ଯଦି ଗୋଡ଼ହାତ ଯୋଡ଼ନ୍ତି ତେବେ ସାଙ୍ଗରେ ନେଇ ଭୋଟ ଦେଇ ଆଣ ଏବଂ ଘରେ ବସାଇ ଦିଅ । ଆରଜେଡି ପକ୍ଷରୁ ଏହାର ଭିଡିଓ ସେୟାର କରାଯାଇଥିଲା । ଗରିବଙ୍କୁ ଭୋଟ ଦେବାକୁ କେନ୍ଦ୍ରମନ୍ତ୍ରୀ ରୋକୁଥିବା କୁହାଯାଇଥିଲା । ଇସି ଏହାକୁ ନେଇ ଲଲନ ସିଂହଙ୍କୁ ନୋଟିସ ଜାରି କରି ଜବାବ ମାଗିଥିଲେ । ତେବେ ଏହି ଭିଡିଓକୁ କାଣ୍ଟଛାଣ୍ଟ କରାଯାଇଛି ବୋଲି ଜେଡିୟୁ ପକ୍ଷରୁ କୁହାଯାଇଛି ।

## ୧୦% ଲୋକ ସେନାକୁ ନିୟନ୍ତ୍ରଣ କରୁଛନ୍ତି: ରାହୁଲ

ପାଟନା, ୩।୧୧: କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ମଙ୍ଗଳବାର ଔରଙ୍ଗାବାଦର କୁଟମ୍ବାରେ କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷ ରାଜେଶ ରାମଙ୍କ ପାଇଁ ନିର୍ବାଚନ ପ୍ରଚାର କରି ବିବାଦୀୟ ଟିପ୍ପଣୀ ଦେଇଛନ୍ତି । ଦେଶର ୧୦ ପ୍ରତିଶତ ଲୋକଙ୍କ ନିୟନ୍ତ୍ରଣରେ ଭାରତୀୟ ସେନା ରହିଛି ବୋଲି ସେ କହିଛନ୍ତି । ସେ ଉଚ୍ଚ ଜାତିକୁ ନେଇ ଏହି ଟିପ୍ପଣୀ ଦେଇଛନ୍ତି । ରାହୁଲ କହିଥିଲେ ଯେ ଦେଶର ୯୦% ଲୋକ ଦଳିତ, ମହାଦଳିତ, ପଛୁଆବର୍ଗ, ଅତି ପଛୁଆ କିମ୍ବା ସଂଖ୍ୟାଲଘୁ ସମ୍ପ୍ରଦାୟର । ଯଦି ଭାରତର ୫୦୦ ସବୁଠୁ ବଡ଼ କମ୍ପାନୀଙ୍କୁ ଦେଖିବେ ତେବେ ସେଥିରେ ପଛୁଆ କିମ୍ବା ଦଳିତ ବର୍ଗର କେହି ବ୍ୟକ୍ତି ନ ଥିବେ । ସେମାନେ ଶୀର୍ଷ ୧୦ ପ୍ରତିଶତରୁ ଆସନ୍ତି । ସବୁ ଚାକିରି ତାଙ୍କ ପାଖକୁ ଯାଉଛି । ଦେଶର ସଶସ୍ତ୍ର ବାହିନୀ ମଧ୍ୟ ତାଙ୍କ ନିୟନ୍ତ୍ରଣରେ ରହିଛି । କେଉଁଥିରେ ବି ଏହି ୯୦% ଜନସଂଖ୍ୟାକୁ ପ୍ରତିନିଧିତ୍ୱ ମିଳିବ ନାହିଁ । ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରି ରାହୁଲ କହିଛନ୍ତି ଯେ ନୀତୀଶ ୨୦ ବର୍ଷ ହେଲା ସରକାର ଚଳାଉଛନ୍ତି, କିନ୍ତୁ ସେ ଚାଲିପାରୁ ନାହାନ୍ତି ।

#### କୋଏମ୍ବାଟୁର ଗଣଦୁଷ୍କର୍ମ ମାମଲା

## ଏନ୍‌କାଉଣ୍ଟର ପରେ ୩ ଅଭିଯୁକ୍ତ ଗିରଫ

କୋଏମ୍ବାଟୁର, ୪।୧୧(ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁରରେ ୨୦ ବର୍ଷୀୟା କଲେଜ ଛାତ୍ରୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ମାମଲାରେ ପୁଲିସ ସୋମବାର ରାତିରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏମାନଙ୍କୁ ଏନ୍‌କାଉଣ୍ଟର କରାଯିବା ପରେ ହିଁ ଗିରଫ କରାଯାଇଛି ବୋଲି ପୁଲିସ କହିଛି । ସିସିଟିଭି ଫୁଟେଜକୁ ଯାଞ୍ଚ୍ କରାଯାଇଥିଲା । ୩ ଅଭିଯୁକ୍ତ ଭେଲିକିନାରୁରେ ଏକ ଶୂନଶାନ ସ୍ଥାନରେ ଲୁଚି ରହିଥିବାର ପୁଲିସ ସୂଚନା ପାଇଥିଲା । ବିଳମ୍ବିତ ରାତିରେ ପୁଲିସ ୩ ଜଣଙ୍କୁ ଘେରାଉ କରିଥିଲା । ୩ ଜଣ ପଳାଇବାକୁ ଚେଷ୍ଟା କରିଥିଲେ ଓ ପୁଲିସ ଦଳ ଉପରେ ଆକ୍ରମଣ କରିଥିଲେ । ଫଳରେ ପୁଲିସ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା ଓ ୩ ଜଣ ଗୋଡରେ ଗୁଳି ଲାଗିଥିଲା । କୋଏମ୍ବାଟୁର ସରକାରୀ ହସ୍ପିଟାଲରେ ଅଭିଯୁକ୍ତଙ୍କ ଚିକିତ୍ସା କରାଯାଉଛି । ୩ ଅଭିଯୁକ୍ତଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତଙ୍କ ନାମ ହେଉଛି ଗୁଣା, ସତୀଶ ଓ କାର୍ତ୍ତିକ ବୋଲି ପୁଲିସ କହିଛି ।

ନଭେମ୍ବର ୨ରେ କୋଏମ୍ବାଟୁର ବିମାନ ବନ୍ଦର ନିକଟରେ ରାତି ପାଖାପାଖି ୧୧ଟାରେ ପ୍ରଥମବର୍ଷ ପିଜି ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିଲେ । ପୀଡିତା ଏକ ପୁରୁଷ ବନ୍ଧୁଙ୍କ ସହିତ କାର୍‌ରେ ବସି କଥା ହେଉଥିବା ବେଳେ ୩ ଅଭିଯୁକ୍ତ ଗାଡିରେ ଆସିଥିଲେ । ପୁରୁଷ ବନ୍ଧୁଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରେ ସେମାନେ ଛାତ୍ରୀଙ୍କୁ ଅପହରଣ କରି ଶୂନଶାନ୍ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ । ପୀଡିତାଙ୍କ ପୁରୁଷ ବନ୍ଧୁ ପୁଲିସକୁ ସୂଚନା ଦେଇଥିଲେ । ରାତିରେ ହିଁ ପୁଲିସ ପୀଡିତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଠାବ କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲା । ଏହି ଏହି ଘଟଣା ନେଇ ରାଜନୀତି ଆରମ୍ଭ ହୋଇଛି । ବିରୋଧୀ ଓ ଶାସକ ଦଳ ପରସ୍ପରକୁ ଦୋଷ ଦେଉଛନ୍ତି ।

## ଆଝାରୁଦ୍ଦିନଙ୍କୁ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରଣାଳୟ

ହାଇଦରାବାଦ୍, ୪।୧୧(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କୁ ତେଲଙ୍ଗାନା ରାଜ୍ୟ ସରକରାଙ୍କ କ୍ୟାବିନେଟ୍‌ରେ ସଂଖ୍ୟାଲଘୁ କଲ୍ୟାଣ ଓ ସାର୍ବଜନିକ ଉଦ୍ୟୋଗ ମନ୍ତ୍ରଣାଳୟର ଦାୟିତ୍ୱ ମିଳିଛି । ରାଜ୍ୟପାଳ ଜିଷ୍ଣୁ ଦେବ ଶର୍ମା ତାଙ୍କୁ ମଙ୍ଗଳବାର ଏହି ପୋର୍ଟଫୋଲିଓ ପ୍ରଦାନ କରିଛନ୍ତି । ପୂର୍ବରୁ ଅନୁସୂଚିତ ଜାତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅଦଲୁରି ଲକ୍ଷ୍ମଣ କୁମାର ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରଣାଳୟର ଦାୟିତ୍ୱରେ ଥିଲେ । ସେହିପରି ସାର୍ବଜନିକ ଉଦ୍ୟୋଗ ବିଭାଗକୁ ନିଜେ ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ ହାତରେ ରଖିଥିଲେ । ୪ ଦିନ ତଳେ ଆଝାରୁଦ୍ଦିନଙ୍କୁ ରାଜ୍ୟ କ୍ୟାବିନେଟ୍‌ରେ ସାମିଲ କରାଯାଇଥିଲା ଓ ଅକ୍ଟୋବର ୩୧ରେ ରାଜଭବନରେ ରାଜ୍ୟପାଳ ତାଙ୍କୁ ଶପଥ ପାଠ କରାଇଥିଲେ । ରେବନ୍ତ ରେଡ୍ଡୀଙ୍କ କ୍ୟାବିନେଟ୍‌ରେ ୬୨ ବର୍ଷୀୟ ଆଝାରୁଦ୍ଦିନ ପ୍ରଥମ ମୁସଲମାନ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଗତ ଅଗଷ୍ଟରେ ରାଜ୍ୟ କ୍ୟାବିନେଟ ଆଝାରୁଦ୍ଦିନଙ୍କୁ ରାଜ୍ୟପାଳଙ୍କ କୋଟାରେ ବିଧାନ ପରିଷଦ (ଏମ୍‌ଏଲ୍‌ସି)କୁ ମନୋନୀତ କରିବାକୁ ନିଷ୍ପତ୍ତି ନେଇଥିଲା । ନଭେମ୍ବର ୧୧ରେ ଜୁବଲି ହିଲ୍ସରେ ଉପ- ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ମୁସ୍‌ଲିମ ଭୋଟ୍‌କୁ ଦୃଷ୍ଟିରେ ରଖି ରେବନ୍ତ ସରକାର ତାଙ୍କୁ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି ବୋଲି ଅନୁମାନ କରାଯାଉଛି । ଜୁବଲି ହିଲ୍ସରେ ୩୦ ପ୍ରତିଶତ ମୁସ୍‌ଲିମ ନାଗରିକ ରହୁଛନ୍ତି । ଏଥିସହ ରାଜ୍ୟ ମନ୍ତ୍ରୀମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କ ସହ ମୋଟ୍ ୧୮ ଜଣ ମନ୍ତ୍ରୀ ସାମିଲ ହୋଇଛନ୍ତି । ୨୦୨୩ରେ ଆଝାରୁଦ୍ଦିନ ଜୁବଲି ହିଲ୍ସରେ କଂଗ୍ରେସ ଟିକଟରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ ।

# ଦୁଇ ଡାକ୍ତରଙ୍କ କଳା କାରନାମା

## ତୁମ ପାଇଁ ପତ୍ନୀଙ୍କୁ ମାରିଛି

### ହତ୍ୟା ପରେ ୪-୫ ମହିଳାଙ୍କୁ ଡାକ୍ତରଙ୍କ ମେସେଜ୍



ବେଙ୍ଗାଲୁରୁ, ୪।୧୧(ଏଜେନ୍ସି): ବେଙ୍ଗାଲୁରୁରେ ପତ୍ନୀ ଡା କୃତ୍ତୀକା ରେଡ୍ଡୀଙ୍କୁ ହତ୍ୟା କରିଥିବା ତାଙ୍କ ସ୍ୱାମୀ ଡା ମହେନ୍ଦ୍ର ରେଡ୍ଡୀ ଜିଏସ୍‌ଙ୍କୁ ନେଇ ପୁଲିସ ମଙ୍ଗଳବାର ଚକିତ କଲା ଭଳି ସୂଚନା ପ୍ରଦାନ କରିଛି । ପତ୍ନୀଙ୍କୁ ହତ୍ୟା କରିବାର କେତୋଟି ସପ୍ତାହ ପରେ ମହେନ୍ଦ୍ର ୪ରୁ ୫ ଜଣ ମହିଳାଙ୍କୁ ମେସେଜ ଦେଇଥିଲେ । ମୁଁ ତୁମ ପାଇଁ ମୋ ପତ୍ନୀଙ୍କୁ ହତ୍ୟା କରିଛି ବୋଲି ସେ ଏହି ମେସେଜରେ ଉଲ୍ଲେଖ କରିଥିଲେ । ସେ ଏକ ପେମେଣ୍ଟ ଆପ୍‌ର ଟ୍ରାନଜାକସନ ନୋଟ୍ସ ସେକ୍‌ସନର ବ୍ୟବହାର କରି ଏହି ମେସେଜ ପଠାଇଥିଲା । ଏହି ମହିଳାଙ୍କ ମଧ୍ୟରେ ଜଣେ ମେଡିକାଲ ପେସାଦାର ସାମିଲ ଥିଲେ ଓ ସେ ପୂର୍ବରୁ ମହେନ୍ଦ୍ରଙ୍କ ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲେ । ପୁଲିସ ମହେନ୍ଦ୍ରଙ୍କ ଫୋନ୍ ଓ ଲାପଟପ ଜବତ କରିଛି । ଡାଟାର ଫରେନସିକ ଯାଞ୍ଚ୍ ପରେ ଏହି ମେସେଜ ସାମ୍ନାକୁ ଆସିଥିଲା । ପତ୍ନୀଙ୍କୁ ହତ୍ୟା କରିବା ପରେ ସେ ଏହି ମହିଳାମାନଙ୍କ ସହ ସମ୍ପର୍କ ସ୍ଥାପନ କରିବାକୁ ପ୍ରୟାସ କରିଥିଲା ବୋଲି ପୁଲିସ କହିଛି । ଏହି ମହିଳାମାନଙ୍କୁ ସେ ପୂର୍ବରୁ ଜାଣିଥିଲା । ମହେନ୍ଦ୍ର ଏବେ ନିଜ ଜାଲରେ ନିଜେ ଫସିଯାଇଛନ୍ତି ।

ବିବାହର ୧୧ ମାସ ପରେ ମହେନ୍ଦ୍ର କୃତୀକାଙ୍କୁ ହତ୍ୟା କରିଥିଲା । ମହେନ୍ଦ୍ରଙ୍କ ପତ୍ନୀ କୃତ୍ତିକା ଡର୍ମୋଟୋଲିଜଷ୍ଟ ଥିଲେ । ୨୦୨୪ ମେ ୨୬ରେ ଦୁହେଁ ବିବାହ କରିଥିଲେ । ଦୁହେଁ ବେଙ୍ଗାଲୁରୁର ଭିକ୍ଟୋରିଆ ହସ୍ପିଟାଲ୍‌ରେ କାର୍ଯ୍ୟ କରୁଥିଲେ । କିନ୍ତୁ ଗତ ଏପ୍ରିଲ ୨୩ରେ କୃତ୍ତିକା ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଥିଲେ । ଏହାର ୬ ମାସ ପରେ ଅକ୍ଟୋବର ୧୫ରେ ଆନାସ୍ଥାନିଆ ଓଭରଡୋଜ ଦେଇ ପତ୍ନୀଙ୍କୁ ହତ୍ୟା କରିବା ଅଭିଯୋଗରେ ପୁଲିସ ମହେନ୍ଦ୍ରଙ୍କୁ ଗିରଫ କରିଥିଲା । ଦୁହେଁ ବେଙ୍ଗାଲୁରୁ ଗୁଞ୍ଜୁରରେ ରହୁଥିଲେ । ଗତ ଏପ୍ରିଲ ୨୧ରେ କୃତ୍ତିକା ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ । ଏହାପରେ ମହେନ୍ଦ୍ର କାନୁଲା ଦେଇ ତାଙ୍କ ପାଦରେ ଇଞ୍ଜେକସନ ମାଧ୍ୟମରେ କିଛି ଔଷଧ ଦେଇଥିଲେ । ତା'ପର ଦିନ ମହେନ୍ଦ୍ର କୃତ୍ତିକାଙ୍କୁ ତାଙ୍କ ପିତାମାତାଙ୍କ ଘରେ ଛାଡି ଦେଇଥିଲେ । କିନ୍ତୁ ପାଦରେ ଯନ୍ତ୍ରଣା ହେବା କାରଣରୁ ସେ କାନୁଲା ବାହର କରିବେ କି ନା ସେ ନେଇ ମହେନ୍ଦ୍ରଙ୍କୁ ଫୋନ କରିଥିଲେ । କିନ୍ତୁ ଆଉ ଏକ ଡୋଜ ଔଷଧ ଦିଆଯିବ ବୋଲି ମହେନ୍ଦ୍ର ତାଙ୍କୁ କହିଥିଲେ । ରାତିରେ ମହେନ୍ଦ୍ର ଆଉ ଏକ ଡୋଜ ଇଞ୍ଜେକସନ ମାଧ୍ୟମରେ ଦେଇଥିଲେ । ଏହାପରେ କୃତ୍ତିକା ଅସୁସ୍ଥ ହୋଇ ପଡ଼ିଥିଲେ ଓ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ । ପ୍ରଥମେ ଏହା ଏକ ସ୍ୱାଭାବିକ ମୃତ୍ୟୁ ବୋଲି ଧରିନିଆଯାଇଥିଲା । କିନ୍ତୁ କୃତ୍ତିକାଙ୍କ ଭଉଣୀ ଡା ନିକିତା ଏମ୍ ରେଡ୍ଡୀଙ୍କ ସନ୍ଦେହ ହୋଇଥିଲା ଓ ଏ ନେଇ ଯାଞ୍ଚ୍ କରିବାକୁ ଦାବି କରିଥିଲେ । ୬ ମାସ ପରେ ଫରେନସିକ ରିପୋର୍ଟ ଆସିଥିଲା । ଏଥିରେ କୃତ୍ତିକାଙ୍କ ଶରୀରର ବିଭିନ୍ନ ଅଙ୍ଗରେ ଶକ୍ତିଶାଳୀ ଆନସ୍ଥାନିଆ 'ପ୍ରୋପୋଫଲ' ମଳିଥିଲା ।

## ଡାକ୍ତରଙ୍କ ହାଇଦରାବାଦ୍ ଘରେ ଡ୍ରଗ୍ସ ରାକେଟ

ହାଇଦରାବାଦ, ୪।୧୧(ଏଜେନ୍ସି): ହାଇଦରାବାଦ୍‌ର ମୁସିରାବାଦ୍‌ରେ ଜଣେ ଡାକ୍ତରଙ୍କ ଘରୁ ଏକ ଡ୍ରଗ୍ସ ଆଡ୍ଡାର ପର୍ଦ୍ଦାଫାସ ହୋଇଛି । ତେଲଙ୍ଗାନା ଏକ୍ସାଇଜ୍ ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଡାକ୍ତରଙ୍କ ଭଡ଼ା ଘରେ ଚଢ଼ାଉ କରିବା ପରେ ସେଠାରୁ ଏକ ବଡ଼ ଧରଣରର ଡ୍ରଗ୍ସ ର୍ୟାକେଟ୍ ଚାଲୁଥିବାର ଜଣାପଡ଼ିଛି । ପୂରା ହାଇଦରାବାଦ୍‌ରେ ଏହି ର୍ୟାକେଟ୍ ଚାଲୁଥିଲା । ଡାକ୍ତରଙ୍କ ନାମ ହେଉଛି ଜନ୍ ପଲ୍ । ଜନ୍‌ଙ୍କ ଘରୁ ୬ ପ୍ରକାର ନିଶାଦ୍ରବ୍ୟ ଜବତ କରାଯାଇଛି ଓ ଏହାର ମୂଲ୍ୟ ୩ ଲକ୍ଷ ବୋଲି କୁହାଯାଇଛି । ଏହି ନିଶାଦ୍ରବ୍ୟଗୁଡିକ ହେଲା ଓଜି କୁଶ୍ (୨୬.୯୫ ଗ୍ରାମ), ଏମ୍‌ଡିଏମ୍‌ଏ (୬.୨୧ ଗ୍ରାମ), ୧୫ ଏଲ୍‌ଏସଡି ଷ୍ଟିକ୍ସ, କୋକେନ୍ (୧.୩୨ଗ୍ରାମ), ଗୁମୁସ୍ (୫.୮୦ ଗ୍ରା) ଓ ହାସିସ ତେଲ (୦.୦୦୮ ଗ୍ରା) । ଜନ ହେଉଛନ୍ତି ଜଣେ ପୋଷ୍ଟ ଗ୍ରାଜୁଏଟ (ପିଜି) ଡାକ୍ତର । ଜନ୍ ନିଜ ୩ଜଣ ସାଥିଙ୍କ ସହ ମିଶି ନିଶା ଔଷଧର ଚୋରା କାରବାର କରୁଥିଲେ ଓ ସାରା ସହରରେ ଏହାର ଜାଲ ବିଛାଇଥିଲେ । ହାଇଦରାବାଦ୍‌ରେ ବିକ୍ରି ଓ ବିତରଣ କରିବା ପାଇଁ ଜନ୍ ଦିଲ୍ଲୀ, ବେଙ୍ଗାଲୁରୁ ଓ ଗୋଆରୁ ନିଶାଦ୍ରବ୍ୟ ମଗାଉଥିଲା । ଜନ୍‌କୁ ପ୍ରମୋଦ, ସନ୍ଦୀପ ଓ ଶରତ ନିଶାଦ୍ରବ୍ୟ କ୍ରୟ କରିବା ସହ ଯୋଗାଇବାରେ ସହାୟତା ପ୍ରଦାନ କରୁଥିଲେ । ଏହି ମାମଲାରେ ପଲ୍‌ଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ପୁଲିସ ଖୋଜିବା ଜାରି ରଖିଛି । ନିଜ ଘରକୁ ନିଶା ଔଷଧ ବିକ୍ରି କରିବାକୁ ଅନୁମତି ଦେଉଥିବାରୁ ପଲ ମାଗଣାରେ ଏହି ନିଶା ଔଷଧ ସେବନ କରିବାର ସୁଯୋଗ ମିଳୁଥିଲା । ଡ୍ରଗ୍ସକୁ ପଲଙ୍କ ଘରେ ରଖାଯାଉଥିଲା ଓ ସେଗୁଡିକ ତା'ର ୩ ସହଯୋଗୀ ଅନ୍ୟମାନଙ୍କୁ ବିକ୍ରି କରୁଥିଲେ ।



# ଏବେ ବି ପ୍ରଦୂଷଣ ସହ ସଂଘର୍ଷ କରୁଛନ୍ତି ଦିଲ୍ଲୀବାସୀ

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି): ଦେଶରେ ଏବେ ଏକା ସମୟରେ ୩ ପ୍ରକାର ଋତୁ ଦେଖିବାକୁ ମିଳିଛି । ରାଜସ୍ଥାନ- ମଧ୍ୟପ୍ରଦେଶ ସମେତ ଦକ୍ଷିଣ ଭାରତର କିଛି ଅଞ୍ଚଳରେ ବର୍ଷା ଚାଲିଥିବା ବେଳେ ରାଜଧାନୀ ଦିଲ୍ଲୀ ଏବେ ମଧ୍ୟ ପ୍ରଦୂଷଣ, କୁହୁଡି ଓ ଧୂଆଁ ନେଇ ସଂଘର୍ଷ କରୁଛି । ଅନ୍ୟପଟେ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ହିମାଳୟ ନିକଟସ୍ଥ ରାଜ୍ୟଗୁଡିକରେ ତୁଷାରପାତ ହୋଇଛି । ଦୀପାବଳିର ୧୩ ଦିନ ପରେ ମଧ୍ୟ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ତର ଗମ୍ଭୀର ବର୍ଗରେ ରହିଛି । ମଙ୍ଗଳବାର ସକାଳେ ୯.୩୦ରେ ଦିଲ୍ଲୀ ଏକ୍ୟୁଆଇ ପାଖାପାଖି ୪୦୦ ରହିଛି । ଦିଲ୍ଲୀର ଆନନ୍ଦ ବିହାର ଓ ଅକ୍ଷରଧାମରେ ଏକ୍ୟୁଆଇ ୩୯୨ ରେକର୍ଡ କରାଯାଇଛି ଓ ଏହା ବହୁତ ଖରାପ ଓ ସ୍ୱାସ୍ଥ୍ୟ ପାଇଁ ଚିନ୍ତାଜନକ ବୋଲି କୁହାଯାଇଛି । ତେବେ ଦିଲ୍ଲୀ ବିଭିନ୍ନ ସ୍ଥାନରେ ଏକ୍ୟୁଆଇ ଭିନ୍ନ ରହିଛି ବୋଲି କୁହାଯାଇଛି । କିନ୍ତୁ ଅଧିକାଂଶ ସ୍ଥାନରେ ଏହା ବିପଜ୍ଜନକ ରହିଛି । ଦିଲ୍ଲୀ ଏମ୍ସରେ ଏକ୍ୟୁଆଇ ୨୯୭, ଲୋଧି ରୋଡ ଓ ତିଲକ ମାର୍ଗରେ ଏହା ୧୫୩, ଆନନ୍ଦ ବିହାରରେ ୩୯୨, କର୍ତ୍ତବ୍ୟ ପଥରେ ୨୭୮ ରେକର୍ଡ କରାଯାଇଛି । ତିଳକମାର୍ଗ ଓ ଲୋଧି ରୋଡ ନିକଟରେ ସକାଳୁ ବାୟୁରେ ପ୍ରବଳ ଧୂଆଁ ଦେଖିବାକୁ ମିଳିଥିଲା । ଏହି ଅଞ୍ଚଳରେ ରହୁଥବା ଲୋକେ ଘରୁ ବାହରକୁ ଯିବା ଓ ନିଃଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ କିଛି କମ୍ ହୋଇଥିବା ପରିଲକ୍ଷିତ କରାଯାଇଛି । ସେହିପରି ଗ୍ରେଟର ନୋଏଡାରେ ପ୍ରଦୂଷଣ ସ୍ତର କମିଥିବା ଲକ୍ଷ୍ୟ କରାଯାଇଛି ଓ ଏଠାରେ ଏକ୍ୟୁଆଇ ୩୦୦ ରହିଛି । ସେହିପରି ଗାଜିଆବାଦ୍‌ରେ ମଧ୍ୟ ପ୍ରଦୂଷଣ ଜାରି ରହିଛି । ଫରିଦାବାଦ୍ ସ୍ମାର୍ଟ ସିଟିର ବାୟୁ ଦିଲ୍ଲୀ ଭଳି ପ୍ରଦୂଷିତ ହୋଇଛି । ଏଠାରେ ଏକ୍ୟୁଆଇ ୩୦୦ ଉପରେ ରହିଛି ।

## ବ୍ରାହ୍ମୋସ୍ ପାଇଁ ଭାରତ- ଇଣ୍ଡୋନେସିଆ ମଧ୍ୟରେ ଚୁକ୍ତି

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି): ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ ମିସାଇଲ ନେଇ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଚୁକ୍ତି ହେବା ଏକ ପ୍ରକାର ନିଶ୍ଚିତ ହୋଇଛି । ଫଳରେ ଭାରତର ସ୍ୱଦେଶୀ ପ୍ରତିରକ୍ଷା ଶିଳ୍ପକୁ ଜବରଦସ୍ତ ବଳ ତଥା ଉତ୍ସାହ ମିଳିବାକୁ ଯାଉଛି । ଚୁକ୍ତି ନେଇ ସବୁ ପ୍ରକାର ଔପଚାରିକତା ଶେଷ ହୋଇଛି । ଦୀର୍ଘଦିନ ହେବ ଦୁଇ ଦେଶ ଏ ନେଇ କଥାବାର୍ତ୍ତା କରିଆସୁଛନ୍ତି । ଗତ ଜାନୁଆରୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ଆଲୋଚନା ହୋଇଥିଲା । ଏଥିପାଇଁ ଇଣ୍ଡୋନେସିଆର ଆଗଧାଡିର ନେତା ଓ ସେନା ପ୍ରମୁଖମାନେ ଦିଲ୍ଲୀ ଆସିଥିଲେ । ପୂର୍ବରୁ ଭାରତ ଫିଲିପାଇନ୍ସକୁ ଏହି ମିସାଇଲ ବିକ୍ରି କରିଛି ଓ ଏବେ ଅନ୍ୟ ଦେଶଗୁଡିକୁ ତା'ର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ମିସାଇଲ ବିକ୍ରି କରିବାକୁ କ୍ଷେତ୍ର ପ୍ରସ୍ତୁତ କରୁଛି । ପାକିସ୍ତାନ ବିରୋଧରେ ଗତ ମେରେ ହୋଇଥିବା ଅପରେସନ ସିନ୍ଦୂର ଅବସରରେ ବ୍ରହ୍ମୋସର ଦକ୍ଷତା ଓ ଗୁଣବତ୍ତା ପ୍ରମାଣିତ ହୋଇଥିଲା ଓ ଏବେ ବିଶ୍ୱର ଅନ୍ୟ ଦେଶଗୁଡିକ ଏହି ମିସାଇଲ କିଣିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ।

## ସୁଦାନରେ ଅପହୃତ ଓଡ଼ିଆ ପୁଅ ଆଦର୍ଶ

# ଉଦ୍ଧାର ପାଇଁ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ଚିଠି

ଭୁବନେଶ୍ୱର/ଜଗତସିଂହପୁର,୪।୧୧ (ସମିସ): ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ପଣବନ୍ଦୀ ଥିବା ଜଗତସିଂହପୁର ଜିଲ୍ଲାର ଓଡ଼ିଆ ଯୁବକ ଆଦର୍ଶ କୁମାର ବେହେରାଙ୍କୁ ଉଦ୍ଧାର କରିବା ପାଇଁ ମଙ୍ଗଳବାର କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଅନୁରୋଧ କରିଛନ୍ତି ରାଜ୍ୟ ସରକାର ଓ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।



■ ତୁରନ୍ତ ମୁକ୍ତି ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ରକୁ ନବୀନଙ୍କ ଅନୁରୋଧ

■ ତିର୍ତ୍ତୋଲ ଥାନାରେ ଅଭିଯୋଗ କଲେ ବାପା କ୍ଷେତ୍ରବାସୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଗୁଇନ୍ଦା ବିଭାଗ ମହାନିର୍ଦ୍ଦେଶକ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ପତ୍ରଲେଖି ଆଦର୍ଶଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ଏଥି ସହିତ ନୂଆଦିଲ୍ଲୀରେ ଅବସ୍ଥାପିତ ଆବାସିକ କମିଶନର ମଧ୍ୟ ବୈଦେଶିକ ମନ୍ତ୍ରାଳୟକୁ ପତ୍ରଲେଖି ସୁଦାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ରହି ଆଦର୍ଶଙ୍କ ଖୋଜ୍ ଖବର ନେବା ଏବଂ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଆଦର୍ଶଙ୍କ ପରିବାର ବର୍ଗଙ୍କୁ ଧୈର୍ଯ୍ୟର ସହ ଏହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆଶ୍ୱାସନା ଦେଇଛନ୍ତି। ଅପରପକ୍ଷେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ସୁଦାନର ଅଲ ଫାସିରରେ ରାପିଡ ସପୋର୍ଟ ଫୋର୍ସ(ଆରଏସଏଫ) ଦ୍ୱାରା ଆଦର୍ଶ ବେହେରାଙ୍କ ଅପହରଣ ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ଭାରତ ସରକାର ଏବଂ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ ଆଦର୍ଶ ଯେପରି ଶୀଘ୍ର ମୁକ୍ତି ପାଇପାରିବେ ସେନେଇ ପଦକ୍ଷେପ ନେବାକୁ ଟ୍ୱିଟ୍ ଯୋଗେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା କୋଟକଣା ଗ୍ରାମର ଆଦର୍ଶ କୁମାର ବେହେରା ୨୦୨୨ ମସିହାରୁ ସୁଦାନରେ କାମ କରୁଛନ୍ତି। ନିକଟରେ ତାଙ୍କ ପରିବାର ବର୍ଗ ପାଖକୁ ଖବର ଆସିଥିଲା ଯେ ଆଦର୍ଶ ବର୍ତ୍ତମାନ ନିଖୋଜ ଅଛନ୍ତି ଏବଂ ତାଙ୍କର କୌଣସି ଖୋଜ୍ ଖବର ମିଳୁନାହିଁ।

ଅପରପକ୍ଷେ ଆଦର୍ଶଙ୍କ ବାପା କ୍ଷେତ୍ରବାସୀ ବେହେରା ଆଜି ଏ ସଂପର୍କରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଛନ୍ତି। ପୁଅକୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ସେ ଆକୁଳ ନିବେଦନ କରିଛନ୍ତି। ଏହି ଘଟଣାରେ ହସ୍ତକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ତିର୍ତ୍ତୋଲ ବିଧାୟକ ଡଃ ରମାକାନ୍ତ ଭୋଇ। ସେହିପରି ସାଂସଦ ବିଭୁପ୍ରସାଦ ତରାଇ ଆଦର୍ଶଙ୍କ ମୁକ୍ତି ପାଇଁ କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ସହିତ ସଂପର୍କରେ ଥିବା ସୂଚନା ଦେଇଛନ୍ତି।

## ପାରାଦୀପ କଳିଙ୍ଗ ବାଲିଯାତ୍ରା ଉଦ୍‌ଘାଟିତ

# ବାଲିଯାତ୍ରା ଓଡ଼ିଆ ଅସ୍ମିତାର ମହାମିଳନ: ମୁଖ୍ୟମନ୍ତ୍ରୀ

ପାରାଦୀପ, ୪।୧୧(ସମିସ): ପାରାଦୀପ ସମୁଦ୍ର ବେଳାଭୂମି ନିକଟ ବିଜୁ ମଇଦାନରେ ଆଜି ସଂଧ୍ୟାରେ କଳିଙ୍ଗ ବାଲିଯାତ୍ରା ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଐତିହ୍ୟ ଓ ପରମ୍ପରାର ସ୍ମୃତିଚାରଣ ନିମନ୍ତେ ଏଭଳି ପ୍ରୟାସକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାଲିଯାତ୍ରା ହେଉଛି ଓଡ଼ିଆ ଅସ୍ମିତାର ମହାମିଳନ। ସାତ ସମୁଦ୍ର ପାରି ହୋଇ ସାଧବ ପୁଅ ବ୍ୟବସାୟ କରି ଫେରି ସେଠାରୁ ଧନ ସମ୍ପତ୍ତି ଆଣି ଆସିବା ଆମ ଓଡ଼ିଆଙ୍କ ପାଇଁ ଗୌରବର ସମୟ ଥିଲା। ପ୍ରାଚୀନ ଉତ୍କଳର ଏହି ନୌବାଣିଜ୍ୟ ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳର ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସେହିପରି ସାଂସଦ ଡ. ବିଭୁପ୍ରସାଦ ତରାଇ, ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଥ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳିଙ୍ଗ ବାଲିଯାତ୍ରାର ସଫଳ ରୂପାୟନ କାମନା କରିଥିଲେ। ଜିଲ୍ଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରି କହିଲେ, ଓଡ଼ିଶାର ସାଧବ ପୁଅଙ୍କ ନୌବାଣିଜ୍ୟ ଖୁବ୍ ସ୍ୱନାମଧନ୍ୟ। ଏ ନେଇ ଆୟୋଜିତ ଏହି ବାଲିଯାତ୍ରା ମହୋତ୍ସବକୁ ସମସ୍ତେ ଉପଭୋଗ କରିବା ଉଚିତ ବୋଲି କହିଥିଲେ। ଏସ୍‌ପି ଅଙ୍କିତ କୁମାର ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହରର ବୁଦ୍ଧିଜୀବୀ, ବିଭିନ୍ନ ରାଜ୍ୟ, ଜିଲ୍ଲାରୁ ଆସିଥିବା ବ୍ୟବସାୟୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

ଏହି ବାଲିଯାତ୍ରା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ଯୋଗଦେଇଛନ୍ତି। ଓରମାସ୍‌ର କେତେକ ଷ୍ଟଲ୍ ରହିଛି। ୭ ଦିନ ଧରି ରାଜ୍ୟ ତଥା ରାଜ୍ୟ ବାହାରର ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଆଜି ମହୋତ୍ସବର ଉଦଘାଟନୀ କାର୍ଯ୍ୟକ୍ରମ ଥିବାରୁ ଅଧିକ ଗହଳି ହୋଇ ନ ଥିଲେ ମଧ୍ୟ ଆସନ୍ତାକାଲିଠାରୁ ଜନଗହଳି ଆଶା କରାଯାଉଛି। ଶାନ୍ତିଶୃଙ୍ଖଳା ପାଇଁ ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ପରିମଳ ବ୍ୟବସ୍ଥା ପାଇଁ ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଉଦଘାଟନୀ ସମାରୋହ ପରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ହୀରାକୁଦ ହତ୍ୟାକାଣ୍ଡର ପର୍ଦ୍ଦାଫାସ

# ହତ୍ୟାର ପ୍ରତିଶୋଧରେ ହତ୍ୟା

ସମ୍ବଲପୁର,୪।୧୧(ସମିସ): ଗତକାଲି ହୀରାକୁଦ ସବଷ୍ଟେସନ ପଡ଼ାରେ ଦୁର୍ଦ୍ଦାନ୍ତ ଅପରାଧୀ କାଲୁ ବାହାଦୂର ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୁଲିସ। ପୂର୍ବ ହତ୍ୟାକାଣ୍ଡର ପ୍ରତିଶୋଧ ନେବା ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ଅତିରିକ୍ତ ଏସପି ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣାରେ ୬ ଜଣ

### ୬ ଅଟକ, ମାରଣାସ୍ତ୍ର ଜବତ

ଅଭିଯୁକ୍ତକୁ ପୁଲିସ ଅଟକ ରଖିଛି। ସେମାନେ ହେଲେ ହୀରାକୁଦ ଥାନା ଝୁପଡ଼ିପଡ଼ାର ସାଇନି ବେହେରା(୩୩), ପ୍ରତାପ ବେହେରା(୨୪), ସମୀର ବେହେରା(୨୧), କଦମପଡ଼ାର ଜୟନାରାୟଣ ମିଶ୍ର(୨୨), ରାଜ ବାରିକ ଓରଫ ଗୁଡ୍ଡୁ(୨୨) ଓ ବନ୍ଧପଡ଼ାର ଶ୍ରୀଧର ପ୍ରସାଦ(୨୫)। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛି ସାଇନି ବେହେରା।

ସୂଚନା ଅନୁସାରେ ହୀରାକୁଦରେ ୨୦୧୯ ଅଗଷ୍ଟ ୧୫ ତାରିଖରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ସାଇନିର ଭାଇ ହରେଶ ବେହେରା(ବଣ୍ଟି)କୁ କାଲୁ ବାହାଦୂରର ଗୋଷ୍ଠୀ ଆକ୍ରମଣ କରିଥିଲେ। କିଛି ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ବଣ୍ଟିର ମୃତ୍ୟୁ ହୋଇଥିଲା। ସେହି ଘଟଣାର ମାଷ୍ଟରମାଇଣ୍ଡ କାଲୁ ରହିଥିଲା। ସାଇନିର ଅଭିଯୋଗକ୍ରମେ ପୁଲିସ କାଲୁକୁ ଗିରଫ କରିଥିଲା। ୨ ବର୍ଷ ଜେଲରେ ରହିବା ପରେ କାଲୁ ଜାମିନରେ ବାହାରିଥିଲା। ପରେ କାଲୁ ଅଭିଯୋଗକାରୀକୁ ପାନେ ଦେବା ପାଇଁ ମଧ୍ୟ ଯୋଜନା କରିଥିଲା। ବାରମ୍ବାର ଏ ନେଇ ସାଇନିକୁ ଧମକ ଦେଉଥିଲା। ତେଣୁ ସାଇନି ଭାଇର ପ୍ରତିଶୋଧ ନେବା ପାଇଁ ଯୋଜନା କରିଥିଲା। ଗତକାଲି କାଲୁ ଘରକୁ ଫେରିବା ବାଟରେ ସାଇନି ଓ ତାର ସହଯୋଗୀମାନେ ସବଷ୍ଟେସନ ପଡ଼ା ନିକଟରେ ଛକି ରହିଥିଲେ। କାଲୁ ଓ ତାର ସହଯୋଗୀ ସହଦେବକୁ ସେମାନେ ଆକ୍ରମଣ କରିଥିଲେ। କାଲୁକୁ ଜନଗହଳିପୂର୍ଣ୍ଣ ରାସ୍ତାରେ ଛୁରୀ, ଖଣ୍ଡା, ଭୁଜାଲୀରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ।। ତଳେ ପଡ଼ିଯିବା ପରେ ପଥର ଓ ଇଟାରେ ଛେଚିଥିଲେ। ଫଳରେ ଘଟଣା ସ୍ଥଳରେହି କାଲୁର ମୃତ୍ୟୁ ହୋଇଥିଲା। ସେପଟେ ଅନସହଯୋଗୀ ସହଦେବ ବୁର୍ଲା ଭିମସାରରେ ଚିକିତ୍ସିତ ହେଉଛି।

ସିସିଟିଭି, ସାଇଣ୍ଟିଫିକଟିମ୍‌ ତଦନ୍ତସହାୟତାରେପୁଲିସ ଏମାନଙ୍କୁ ଧରିବାରେ ସଫଳ ହୋଇଛି। କାଲୁ ନାମରେ, ହତ୍ୟା, ହତ୍ୟା ଧମକ, ହତ୍ୟା ଉଦ୍ୟମ, ଅପହରଣ ଭଳି ପ୍ରାୟ ୨୫ ଗୋଟି ମାମଲା ରହିଛି। କିଛି ମାସ ପୂର୍ବରୁ ନାବାଳିକା ଅପରହରଣ ଅଭିଯୋଗରେ ଜେଲ ମଧ୍ୟ ଯାଇଥିଲା। ପୁଲିସ ସମସ୍ତ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଜାରି ରଖିଛି।

# ଡାକ୍ତରାଣୀଙ୍କୁ ପ୍ରେମ ନିବେଦନ, ଡାକ୍ତର ଗିରଫ

ଭୁବନେଶ୍ୱର,୪।୧୧(ସମିସ): ଡାକ୍ତରାଣୀଙ୍କୁ ଲିଫ୍ଟ ମାଗି ତାଙ୍କ ସହ ଅସଦାଚରଣ କରିବା ଅଭିଯୋଗରେ ପୁରୀ ଜିଲ୍ଲାର ଜଣେ ଡାକ୍ତର ତଥା ହସ୍ପିଟାଲର ଅଧୀକ୍ଷକଙ୍କୁ ଏୟାରଫିଲ୍ଡ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଡାକ୍ତର ଜଣଙ୍କ ହେଲେ କ୍ଷମା ସେଠୀ। ପ୍ରେମ ନିବେଦନ ପରେ ଅସଦାଚରଣ କରିଥିବା ନେଇ ତାଙ୍କ ସହଯୋଗୀ ଆୟୁଷ ଡାକ୍ତରାଣୀ ଅଭିଯୋଗ କରିଥିଲେ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଉଭୟ ପୁରୀ ଜିଲ୍ଲାର ଏକ ଡାକ୍ତରଖାନାରେ କାମ କରୁଥିଲେ। କ୍ଷମା ସେଠୀ ଅଧୀକ୍ଷକ ଭାବେ କାମ କରୁଥିଲା ବେଳେ ଅଭିଯୋଗକାରିଣୀ ଜଣଙ୍କ ଆୟୁଷ ଡାକ୍ତରଭାବେ କାମ କରୁଥିଲେ। ଉଭୟ ପରସ୍ପରକୁ ପୂର୍ବରୁ ଜାଣିଥିଲେ। ଅଭିଯୋଗକାରିଣୀ ଡାକ୍ତରଖାନାରେ କାମ ଶେଷ କରି ଘରକୁ ଫେରୁଥିଲା ବେଳେ କ୍ଷମା ତାଙ୍କୁ ଫୋନ୍ କରିଥିଲେ। ତାଙ୍କ ସହ ସୁନ୍ଦରପଦା ଯିବା ପାଇଁ ଅନୁରୋଧ କରିଥିଲେ। ଉଭୟ ଘୋରଡିଆ ଅଞ୍ଚଳରୁ ସ୍କୁଟିରେ ଆସିଥିଲେ। କ୍ଷମା ଅଭିଯୋଗକାରିଣୀଙ୍କୁ ବାଟସାରା ଦୁଇ ଅର୍ଥ ବୋଧ କଥା କହିଥିଲେ। ଶେଷରେ ସିଧାସଳଖ ପ୍ରେମ ନିବେଦନ କରିଥିଲେ। ଡାକ୍ତରାଣୀ ପ୍ରେମ ନିବେଦନକୁ ଆଗ୍ରାହ୍ୟ କରିଦେବାରୁ ଡାକ୍ତର ତାଙ୍କୁ ଅସଦାରଚଣ କରିଥିଲେ। ଅଭିଯୋଗକାରିଣୀ ରାସ୍ତାରେ ଗାଡି ରଖି ଡାକ୍ତରଙ୍କୁ ଓହ୍ଲାଇ ଦେଇଥିଲେ। ଏହାପରେ ଉଭୟଙ୍କ ମଧ୍ୟ ପାଟିତୁଣ୍ଡ ହୋଇଥିଲା। ଶେଷରେ ଡାକ୍ତରାଣୀ ଥାନାରେ ଅଭିଯୋଗ କରିବାରୁ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରିଛି।

**ବହୁ କୋଟିର ଟିକସ ଫାଙ୍କି**

# ଉତ୍କଳ ବିଲଡର୍ସ ଉପରେ ଆୟକର ଚଢ଼ଉ

ଭୁବନେଶ୍ୱର,୪।୧୧(ସମିସ): ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ବିଲଡର ସଂସ୍ଥା ଉତ୍କଳ ବିଲଡର ଉପରେ ଆୟକର ବିଭାଗ ରେଡ୍ କରିଛି। ସହିଦନଗରସ୍ଥିତ ମାଲିକଙ୍କ ଘର, ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ସମେତ ଉତ୍କଳ ଗ୍ୟାଲେରିଆ, ଉତ୍କଳ ହାଇଟ୍ସ, ଆଇଗିଣିଆସ୍ଥିତ ଏକ ପ୍ରୋଜେକ୍ଟରେ ରେଡ୍ ହୋଇଛି। ଭୋର ୫ଟାରୁ ଆରମ୍ଭ ହୋଇଥିବା ଆୟକର ରେଡ୍ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା।ସେହିପରି କଲକାତାର ବିଭିନ୍ନ ସ୍ଥାନରେ ମଧ୍ୟ ଚଢ଼ଉ ହୋଇଥିବା ସୂଚନା ମିଳିଛି। ଏହି ଯାଞ୍ଚରେ ୧୨୦ ଅଫିସର ନିୟୋଜିତ

### ଯାଞ୍ଚରେ ୧୨୦ ଅଧିକାରୀ ଓ ବିଏସ୍‌ଏଫ୍ ଜବାନ ନିଯୁକ୍ତ

ହୋଇଥିବା ବେଳେ କୌଣସି ଆଇନ ଶୃଙ୍ଖଳା ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ବନ୍ଧୁକଧାରୀ ବିଏସଏଫ୍ ଯବାନଙ୍କ ଦ୍ୱାରା ସୁରକ୍ଷା ମଧ୍ୟ ଯୋଗାଇ ଦିଆଯାଇଛି। ଚଢାଉ ବେଳେ ତେବେ ଉତ୍କଳ ବିଲ୍ଡର୍ସର ଆର୍ଥିକ ନେଣଦେଣ ସଂକ୍ରାନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଆୟକର ଟିମ୍ ଯାଞ୍ଚ କରିଥିବା ବେଳେ କିଛି ଦସ୍ତାବିଜକୁ ମଧ୍ୟ ଜବତ କରିଥିବା ସୂଚନା ମିଳିଛି। ଆୟକର ଟିମ୍ ଉତ୍କଳ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ, ଆକାଉଣ୍ଟାଣ୍ଟ, ପାର୍ଟନର ଆଦିଙ୍କୁ ପଚରାଉଚରା କରି ବହୁ ତଥ୍ୟ ହାସଲ କରିଛି। ଏ ସମ୍ପର୍କରେ ଉତ୍କଳ ବିଲ୍ଡର୍ସର ପ୍ରତିକ୍ରିୟା ମିଳିପାରିନାହିଁ।

# ନୂଆପଡ଼ା ଯିବେ ୪ ବରିଷ୍ଠ କଂଗ୍ରେସ ନେତା

## ଆଜି ପ୍ରଚାରକୁ ଓହ୍ଲାଇବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ,୩ ପୂର୍ବତନ ପିସିସି ସଭାପତି

ଭୁବନେଶ୍ୱର,୪।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବୁଧବାର ପ୍ରଚାର ମଇଦାନକୁ ଓହ୍ଲାଇବେ କଂଗ୍ରେସର ଚାରି ବରିଷ୍ଠ ନେତା। ୩ ଜଣ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ନୂଆପଡ଼ାରେରେ ଘାସିରାମଙ୍କ ପାଇଁ ଭୋଟ୍ ଭିକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଓ କଂଗ୍ରେସ ବିଧାୟକ ଅଶୋକ ଦାସ ନୂଆପଡ଼ାରେ ଡେରା ପକାଇଥିବା ବେଳେ ସେମାନେ ଗାଁ ଗାଁ ବୁଲି ଘାସିରାମଙ୍କ ପାଇଁ ପ୍ରଚାର କରୁଛନ୍ତି।

ଅନ୍ୟପଟେ ଏହା ପୂର୍ବରୁ କଂଗ୍ରେସର ଉପକୂଳିଆ ନେତାଙ୍କର ନୂଆପଡ଼ା ଉପନିର୍ବାଚନରେ ଅଂଶଗ୍ରହଣକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ଆସନ୍ତା ୯ ତାରିଖରେ ନିର୍ବାଚନ ପ୍ରଚାର ଶେଷ ହେଉଥିବା ବେଳେ ଏ ପର୍ଯ୍ୟନ୍ତ ରାଜ୍ୟର ବରିଷ୍ଠ ଉପକୂଳିଆ କଂଗ୍ରେସ ନେତାମାନେ ନୂଆପଡ଼ା ମୁହଁ ଦେଖି ନ ଥିଲେ। ଯଦିଓ ଶ୍ରୀକାନ୍ତ ଜେନା ଘାସିରାମଙ୍କ ପ୍ରାର୍ଥିପତ୍ର ଦାଖଲ ସମୟରେ ନୂଆପଡ଼ା ଗସ୍ତ କରିଥିଲେ, ମାତ୍ର ସେ ପ୍ରଚାରରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ନ ଥିଲେ। ଯାହାକୁ ନେଇ କଂଗ୍ରେସ ସବୁ କିଛି ଠିକ୍‌ଠାକ୍ ଚାଲୁ ନ ଥିବା ନେଇ ଅଭିଯୋଗ ହୋଇଥିଲା। ହେଲେ ବିଜେଡି ସଭପତି ନବୀନ ପଟ୍ଟନାୟକ ନୂଆପଡ଼ାରେ ବିରାଟ ଜନସଭା କରିସାରିଥିବା ବେଳେ ପୁଣି ୭ରେ ମଧ୍ୟ ତାଙ୍କର ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହାସହିତ ବିଜେପି ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମଧ୍ୟ ଖୁବ୍‌ଶୀଘ୍ର ନୂଆପଡ଼ା ଗସ୍ତ କରି ଭୋଟ୍‌ଭିକ୍ଷା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଦୃଷ୍ଟିରୁ କଂଗ୍ରେସ କାଳେ ପଛରେ ପଡ଼ିଯିବ, ତାକୁ ଲକ୍ଷ୍ୟ କରି କଂଗ୍ରେସର ବରିଷ୍ଠ ନେତାମାନେ ନୂଆପଡ଼ା ଗସ୍ତ କରିଥିବା ସୂଚନା ମିଳିଛି। ଏହାସହିତ ଆସନ୍ତା ୭ ତାରିଖରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡି ମଧ୍ୟ ନୂଆପଡ଼ା ଗସ୍ତରେ ଆସିବେ। ଏଥିପାଇଁ ଏକ ବିରାଟ ଜନସଭା କରି କଂଗ୍ରେସ ନିଜର ଶକ୍ତି ଦେଖାଇବା ଲକ୍ଷ୍ୟରେ ରହିଛି। ଏହା ପୂର୍ବରୁ ଦଳର ସବୁ ବରିଷ୍ଠ ଏକତ୍ରିତ ହୋଇ ଘାସିରାମଙ୍କ ସପକ୍ଷରେ ଅଣ୍ଟା ଭିଡ଼ିଛନ୍ତି।

■ ପୀତବାସ ପଣ୍ଡା ହତ୍ୟା ମାମଲା

# ରିମାଣ୍ଡରେ ଗଲେ ଉମା ଓ କୁରୁପତି


ବ୍ରହ୍ମପୁର, ୪।୧୧(ସମିସ): ସନ୍ଧ୍ୟାରେ ଜେଲ୍, ରାତିରେ ରିମାଣ୍ଡ। ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇଥିବା ମାଷ୍ଟରମାଇଣ୍ଡ ଉମା ବିଷୋୟୀ ଓ ସୁଟର୍ କୁରୁପତି ଭୂୟାଁ ଆଜି ସଂଧ୍ୟାରେ ଜେଲ୍ ହାଜତକୁ ଯାଇଥିବା ବେଳେ କିଛି ସମୟ ପରେ ପୁଲିସ ଦୁହିଁଙ୍କୁ ୨ ଦିନିଆ ରିମାଣ୍ଡରେ ନେଇଛି। ଏହି ହାଇପ୍ରୋଫାଇଲ୍ ହତ୍ୟା ମାମଲାର ଅଭିଯୁକ୍ତ ଉମା ବିଷୋୟୀ, କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ଯୋଗୀ ରାଉତ, କର୍ପୋରେଟର୍ ମଳୟ ବିଷୋୟୀ ଓ ମଦନ ଦଳାଇଙ୍କୁ ୭ ଦିନିଆ ରିମାଣ୍ଡରେ ନେବାକୁ ଏସ୍‌ଡିଜେଏମ୍ କୋର୍ଟରେ ପୁଲିସ ଆବେଦନ କରିଥିଲା। ଆବେଦନକୁ ଗ୍ରହଣ କରି କୋର୍ଟ ୨ଦିନ ପାଇଁ ରିମାଣ୍ଡ ମଞ୍ଜୁର କରିଥିଲେ। ଫଳରେ ଜେଲ୍ ହାଜତରେ କିଛି ସମୟ ରହିବା ପରେ ଉମା ଓ କୁରୁପତି ପୁଲିସ ରିମାଣ୍ଡରେ ଯାଇଛନ୍ତି। ଜେଲରେ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଓ ଅନ୍ୟାନ୍ୟ ପ୍ରକ୍ରିୟା ସରିବା ପରେ ପୁଲିସ ସେମାନଙ୍କୁ ରିମାଣ୍ଡରେ ନେଇଛି। ଅନ୍ୟ ୪ ଅଭିଯୁକ୍ତକୁ ପୁଲିସ ସକାଳେ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିବ ବୋଲି ଜଣାପଡ଼ିଛି। ଏହାସହ ଘଟଣାର କ୍ରାଇମ୍ ସିନ୍ ରିକ୍ରିଏସନ୍ କରିବାର ମଧ୍ୟ ସମ୍ଭାବନା ମଧ୍ୟ ରହିଛି।

**ଟଙ୍କା ଖର୍ଚ୍ଚରେ ସରକାର କୃପଣ**

# ୭ ମାସରେ ଖର୍ଚ୍ଚ ୩୮ %

ଭୁବନେଶ୍ୱର,୪।୧୧(ସମିସ): ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୫ ମାସ ଅର୍ଥାତ୍ ଏପ୍ରିଲ-ଅଗଷ୍ଟ ମଧ୍ୟରେ ମୋଟ ଆବଣ୍ଟିତ ଅର୍ଥର ମାତ୍ର ୨୭ ପ୍ରତିଶତ ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇଥିଲା। ଏବେ ଆଉ ଦୁଇମାସରେ ଆଉ ୧୧ % ଅର୍ଥ ଖର୍ଚ୍ଚ ହୋଇଛି। ମଙ୍ଗଳବାର ସଚିବସ୍ତରୀୟ ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଆର୍ଥିକ ବର୍ଷର ପ୍ରଥମ ୭ ମାସରେ ଅର୍ଥାତ୍ ଅକ୍ଟୋବର ଶେଷ ସୁଦ୍ଧା ବଜେଟ ବ୍ୟୟଅଟକଳର ମୋଟ ୩୮ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୬୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଆଉ ମାତ୍ର ୨ ମାସରେ ୨୨ ପ୍ରତିଶତ ଅର୍ଥ ଖର୍ଚ୍ଚ ହେବାକୁ ନେଇ ଅର୍ଥନୀତି ବିଶାରଦମାନେ ଆଶଙ୍କା ପ୍ରକଟ କରିଛନ୍ତି।

ସୂଚନା ଅନୁସାରେ ବଜେଟରେ ଅଧିକ ବ୍ୟୟ ବ୍ୟବସ୍ଥା କରାଯାଇଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଜଳ ସଂପଦ, ପୂର୍ତ୍ତ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ, ଗ୍ରାମ୍ୟ ଉନ୍ନୟନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆଦି ୧୦ ଟି ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗର ୨୦୨୪-୨୫ ବର୍ଷ ଏବଂ ୨୦୨୫-୨୬ ବର୍ଷରେ ଅକ୍ଟୋବର ମାସ ସୁଦ୍ଧା ଖର୍ଚ୍ଚ ପ୍ରତିଶତ ତୁଳନାତକ ସମୀକ୍ଷା କରାଯାଇଥିଲା। ସେହିପରି ମୋଟ ରାଜସ୍ୱ ଆଦାୟ କ୍ଷେତ୍ରରେ ଗତ ୨୦୨୪ ଅକ୍ଟୋବର ତୁଳନାରେ ଏ ବର୍ଷ ୭.୨ ପ୍ରତିଶତ ବୃଦ୍ଧି ଘଟିଛି। ନିଜସ୍ୱ କର ଆଦାୟ, ନିଜସ୍ୱ ଅଣ କର ରାଜସ୍ୱ ଆଦାୟ, କେନ୍ଦ୍ରୀୟ କର ବାବଦକୁ ରାଜ୍ୟର ଅଂଶଧନ ଓ କେନ୍ଦ୍ରୀୟ ଅନୁଦାନ ଆଦିକୁ ମିଶାଇ ମୋଟ ରାଜସ୍ୱ ୪୭.୬ ପ୍ରତିଶତ ସଫଳତା ହାସଲ ହୋଇଛି। ନଭେମ୍ବରରୁ ଆଗାମୀ ମାର୍ଚ୍ଚ ୨୦୨୬ ସୁଦ୍ଧା ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରହିଛି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକ ପାଇଁ କେନ୍ଦ୍ରର ଅଂଶଧନ ବାବଦକୁ ରାଜ୍ୟକୁ ସର୍ବାଧିକ ଆର୍ଥିକ ରାଶି ପ୍ରଦାନ ସଂପର୍କରେ ସଂପୃକ୍ତ ବିଭାଗମାନଙ୍କୁ ନିୟମିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ସଚିବମାନଙ୍କର ବିଭିନ୍ନ ଜିଲ୍ଲା ପରିଦର୍ଶନ ଓ ସେସବୁର ବିବରଣୀ ପରିଦର୍ଶନ ପୋର୍ଟାଲରେ ଉଲ୍ଲେଖ କରାଯାଇ କାର୍ଯ୍ୟାନୁଷ୍ଠାନ ସଂପର୍କିତ ତଦାରଖ ଉପରେ ସେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଉନ୍ନୟନ କମିଶନରଙ୍କ ସହ ବିଭିନ୍ନ ବିଭାଗର ପ୍ରମୁଖ ସଚିବମାନେ ଉପସ୍ଥିତ ଥିଲେ।




# ପୁଲିସ ଆଣିଲା ବଦଳି ନୀତି

ଭୁବନେଶ୍ୱର,୪।୧୧(ସମିସ): ଏଣିକି ଷ୍ଟେସନ୍‌ରେ ୩ବର୍ଷ ଏବଂ ଜିଲ୍ଲାରେ ୬ ବର୍ଷରୁ ଅଧିକ ରହିପାରିବେନି ପୁଲିସ ଅଧିକାରୀ। ଖାଲି ସେତିକି ନୁହେଁ, ବଦଳି ପାଇଁ ବି ବର୍ଷଯାକ ନିବେଦନପତ୍ର (ରିପ୍ରେଜେଣ୍ଟେସନ୍) ଦେଇପାରିବେନି। କର୍ମଚାରୀଙ୍କ ବଦଳି ପାଇଁ ପୁଲିସ ବିଭାଗ ସ୍ୱତନ୍ତ୍ର ନୀତି ଆଣିଛି। ପୁଲିସ ବିଭାଗରେ ବଦଳି ନୀତି କାମ କରୁନଥିବା ନେଇ ଗତମାସ ୨୯ ତାରିଖ ଦିନ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଏଭଳି ପଦକ୍ଷେପ ନିଆଯାଇଛି।

**'ସକାଳ' ପ୍ରଭାବ**

- ଷ୍ଟେସନ୍‌ରେ ୩ ବର୍ଷ ଓ ଜିଲ୍ଲାରେ ୬ବର୍ଷରୁ ଅଧିକ ରହିପାରିବେନି
- ବର୍ଷକୁ ଦୁଇ ମାସ ବଦଳି ଋତୁ
- ସବୁବେଳେ କରିପାରିବେନି ନିବେଦନ
- ସମସ୍ତ ଏସପି ଓ ଡ଼ିଙ୍କୁ ଡିଆଇଜିଙ୍କ ନିର୍ଦ୍ଦେଶ

ସୂଚନାନୁସାରେ, ଅନେକ ସମୟରେ ଅଧିକାରୀମାନେ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଥିବା ଅଭିଯୋଗ ପ୍ରକୋଷ୍ଠରେ ବଦଳି ହେବାକୁ ନେଇ ନିବେଦନପତ୍ର (ରିପ୍ରେଜେଣ୍ଟେସନ୍) ଦେଇଆସୁଛନ୍ତି। ସେହିପରି ନିୟମ ନମାନି ଅନେକ ଅଧିକାରୀ ଷ୍ଟେସନ୍‌ରେ ୩ ବର୍ଷରୁ ଅଧିକ ଓ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟ ଧରି ରହୁଛନ୍ତି। ଅଧିକ ସମୟ ଧରି ଗୋଟିଏ ଜିଲ୍ଲାରେ ରହିବା, ପୁଲିସର ଛବିକୁ ମଳିନ କରୁଥିବା ବେଳେ ବଦଳିକୁ ନେଇ ମାଳମାଳ ନିବେଦନପତ୍ର ଆସିବା ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି। ବଦଳିରେ ସ୍ୱଚ୍ଛତା ଆଣିବାକୁ ବୁକ୍ ସର୍କୁଲାର-୪୨ ଓ ସାଧାରଣ ପ୍ରଶାସନ ବିଭାଗ ପତ୍ର ସଂଖ୍ୟା-୧୦୨୭୧/୯୫ ଅନୁସାରେ ରାଜ୍ୟ ପୁଲିସ ବିଭାଗ ସ୍ୱତନ୍ତ୍ର ବଦଳି ନୀତି ଆଣିଛି।

ନୀତି ଅନୁସାରେ, ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ସାଧାରଣ ବଦଳି ପ୍ରକ୍ରିୟା କରାଯିବ। ସମସ୍ତ କର୍ମଚାରୀମାନେ ବଦଳି ଋତୁ (ଏପ୍ରିଲ ୧୫ରୁ ଜୁନ୍ ୧୫) ମଧ୍ୟରେ ବଦଳି ଓ ପୋଷ୍ଟିଂର ବିଚାର ପାଇଁ ଉପଯୁକ୍ତ ଚ୍ୟାନେଲ ମାଧ୍ୟମରେ ନିବେଦନପତ୍ର ଦାଖଲ କରିବାକୁ ଡିଆଇଜି (ପର୍ସୋନେଲ) ଯୁଗଳ କିଶୋର ବନୋଥ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବର୍ଷତମାମ ବଦଳି ଓ ପୋଷ୍ଟିଂ ସମ୍ପର୍କିତ ଅଭିଯୋଗ କରିବାକୁ କର୍ମଚାରୀମାନଙ୍କୁ ଅନୁମତି ନଦେବାକୁ ସମସ୍ତ ଏସ୍‌ପି ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ମୁଖ୍ୟଙ୍କୁ ଡିଆଇଜି ଚିଠି ଲେଖିଛନ୍ତି। ଏହାସହ ବଦଳି ନୀତି ବା ଉପରୋକ୍ତ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବୁକ୍ ସର୍କୁଲାର-୪୨ ଅନୁଯାୟୀ ଜଣେ ସରକାରୀ ଅଧିକାରୀ ଗୋଟିଏ ଷ୍ଟେସନ୍‌ରେ ୩ବର୍ଷରୁ ଅଧିକ ରହିପାରିବେ ନାହିଁ। ଏଥିସହ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଅନୁସାରେ ଦ୍ୱିତୀୟ ଶ୍ରେଣୀ କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଅଧିକ ସମୟ କାମ କରିପାରିବେ ନାହିଁ। ଏହି ବଦଳି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ୧୯୮୬ ମସିହାରୁ ୨୦୦୧ ମଧ୍ୟରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କୁ ୬ଥର ଚିଠି ଲେଖାଯାଇଛି। ପୂର୍ବରୁ ବାରମ୍ବାର ନିର୍ଦ୍ଦେଶ ପରେ ମଧ୍ୟ ନିୟମ ମାନି ନଥିବା ପୁଲିସ ବିଭାଗ ଏବେ ଡିଆଇଜିଙ୍କ ଚିଠି ପରେ ବଦଳି ନୀତିକୁ କେତେ କାର୍ଯ୍ୟକାରୀ କରୁଛି, ତାହା ଦେଖିବାକୁ ବାକି ରହିଲା।

### ଅବାଧ ନିଶା କାରବାର ଓ ନିଶାଡ଼ିଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ଅଞ୍ଚଳବାସୀ

# ଥାନାର ଦ୍ୱାରସ୍ଥ ହେଲେ ଶାନ୍ତି କମିଟି ସଦସ୍ୟ

ଡେଲାଙ୍ଗ,୪।୧୧(ସମିସ): ଡେଲାଙ୍ଗ ଥାନା ଅଧୀନ ରେଙ୍ଗଲ ପଞ୍ଚାୟତର ଯମୁନା ଗ୍ରାମରେ ଗତ କିଛିମାସ ଧରି ବିଭିନ୍ନ ପ୍ରକାରର ନିଶା କାରବାର ବଢ଼ିବା ସହିତ ଅଞ୍ଚଳରେ ଅପରାଧ ମଧ୍ୟ ବଢ଼ିଚାଲିଥିବା ଗ୍ରାମର ଶାନ୍ତି କମିଟି ସଦସ୍ୟମାନେ ଅଭିଯୋଗ କରିଛନ୍ତି। ନିଶା ସେବନ ପରେ ନିଶାଡ଼ିମାନେ ଗାଁର ଜନଗହଳି ସ୍ଥାନମାନଙ୍କରେ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରୁଥିବାବେଳେ ଅଞ୍ଚଳର ଝିଅବୋହୂମାନେ ସୁରକ୍ଷିତ ଯାତାୟାତ କରିପାରୁନାହାନ୍ତି। ବିଭିନ୍ନ ସମୟରେ ସ୍କୁଲ ଓ କଲେଜକୁ ଯାତାୟାତ କରୁଥିବା ଛାତ୍ରୀମାନଙ୍କୁ ନିଶାଡ଼ିମାନେ ଅଶ୍ଳୀଳ ଇଙ୍ଗିତ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ପରିବାର ଲୋକେ ଏହାକୁ ବିରୋଧ କଲେ ଗାଳିମନ୍ଦ ସହିତ ମରଣାନ୍ତକ ଆକ୍ରମଣର ଶିକାର ହେଉଥିବା ଲୋକେ କହିଛନ୍ତି। ଯମୁନା ଗ୍ରାମ ରେଙ୍ଗଲ ପଞ୍ଚାୟତର ସମସ୍ତ ନିଶା ବ୍ୟବସାୟୀଙ୍କ ଅମରାବତୀ ସ୍ଥାନ ପାଲଟିଥିବାରୁ ନିଶା କବଳରୁ ଗ୍ରାମର ଯୁବପିଢ଼ିଙ୍କୁ ରକ୍ଷା କରିବା ଓ ଗାଁରେ ଶାନ୍ତି ଫେରାଇ ଆଣିବାକୁ ଶାନ୍ତି କମିଟି ସହିତ ଗ୍ରାମର ମୁରବୀମାନେ ନିଶା ବେପାରୀଙ୍କ ସହିତ ଶାନ୍ତିପୂର୍ଣ୍ଣ ଆଲୋଚନା କରିବା ପାଇଁ ଚେଷ୍ଟା ଚଳାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଜଣାପଡ଼ିଛି। ତେଣୁ ଶାନ୍ତି କମିଟି ସଭାପତି ପ୍ରମୋଦ ରାୟ, ରେଙ୍ଗଲ ନାଏବ ସରପଞ୍ଚ ମନୋରଞ୍ଜନ ଜେନା, ଗୋପୀ ବଳିୟାରସିଂହ, ଟୁଟୁ ଜେନା, ବିଜୟ ପ୍ରଧାନ, ଲକ୍ଷ୍ମୀଧର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଡେଲାଙ୍ଗ ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଅଭିଯୋଗ ପାଇବାପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

# ଗ୍ରାମ୍ୟ ରାସ୍ତା ଅବରୋଧ; ଯାତାୟାତରେ ଅସୁବିଧା



ଗମ୍ଭାରୀପଦା,୪।୧୧(ସମିସ): କାକଟପୁର ତହସିଲ୍ ଅନ୍ତର୍ଗତ ସୁହାଗପୁର ଗ୍ରାମପଞ୍ଚାୟତ ଅଧୀନରେ ଥିବା ହାସିନପୁର ଗ୍ରାମର ଗ୍ରାମ୍ୟ ରାସ୍ତାକୁ ମଡ଼େଇ ଜନୈକ ବ୍ୟକ୍ତି ଘର, ପୁଟିକିଆ, ବାରଣ୍ଡା ଓ ପାହାଚ କରିଥିବା ଗ୍ରାମବାସୀଙ୍କ ପକ୍ଷରୁ ରୋହିତ ନାୟକ ଏକ ଲିଖିତ ଅଭିଯୋଗ କାକଟପୁର ଥାନାଧିକାରୀଙ୍କ ପାଖରେ କରିଛନ୍ତି। ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇ ଯାତାୟାତରେ ଘୋର୍ ଅସୁବିଧା ସୃଷ୍ଟି ହେଉଛି। ଗ୍ରାମରେ ବିଭାଗର ମହୋତ୍ସବ ଇତ୍ୟାଦି କରିବାବେଳେ ଯାତାୟାତରେ ବାଧା ସୃଷ୍ଟି ହୋଇ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଗ୍ରାମରେ ଜରୁରୀସେବା କାଳୀନ ଯାନବାହନ (ଆମ୍ବୁଲାନ୍ସ) ଭଳି ଏପରିକି ବାହାଘର ସମୟରେ ନବବଧୂକୁ ଗାଡ଼ି ବଦଳରେ ଗ୍ରାମ ମଧ୍ୟରେ ଚଲାଇ ଚଲାଇ ସର୍ବସମ୍ମୁଖରେ ଗୃହ ମଧ୍ୟକୁ ନେବାକୁ ପଡୁଥିବାର ଅଭିଯୋଗ ହେଉଛି। ପୁରୀ ଜିଲ୍ଲାପାଳ ଓ ସ୍ଥାନୀୟ ଅଞ୍ଚଳ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ଉପରୁ ଜବରଦଖଲ ଉଚ୍ଛେଦ କରିବାକୁ ଦାବି ହେଉଛି। ନ ହେଲେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ରୋହିତ ନାୟକ ପ୍ରକାଶ କରିଛନ୍ତି।

# ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିରେ ସରକାରୀ ପ୍ରକଳ୍ପ ନିର୍ମାଣ

> ସବୁ ଜାଣି ବ୍ଲକ୍ ପ୍ରଶାସନ ନିରବ
> ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ



ଗୋପ,୪।୧୧(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ ବିନା କୌଣସି ଅନୁମତି କିମ୍ବା ଆଦେଶ ବଳରେ ଚାଲିଛି ସରକାରୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ। ଏନେଇ ତହସିଲଦାର, ବିଡିଓଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟ ବନ୍ଦ କରିବା ପରିବର୍ତ୍ତେ ନିରବ ରହିଛନ୍ତି। ଫଳରେ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ବେଆଇନ ନିର୍ମାଣ ସମ୍ପର୍କରେ ପୁରୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ପୁରୀ ଜିଲ୍ଲା ଗୋପ ବ୍ଲକ୍ ବନାଖଣ୍ଡି ପଞ୍ଚାୟତ ସାରଡ଼ା ଗ୍ରାମର କିଛି ବ୍ୟକ୍ତି। ଅପରପକ୍ଷେ କେତେକ ମୁଷ୍ଟିମେୟ ବ୍ୟକ୍ତି ଏହି ନିର୍ମାଣ କାର୍ଯ୍ୟର ବିଲ୍ କରିବା ଲାଗି ମସୁଧା ଚଲାଇଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ପୁରୀ ଜିଲ୍ଲା ଗୋପ ତହସିଲ୍ ଅଧୀନ ସାରଡ଼ା ମୌଜା ଖାତା ନମ୍ବର ୭୧୨ରେ ୩୫ଟି ପ୍ଲଟ୍ ମହାପ୍ରଭୁ ଶ୍ରୀଜଗନ୍ନାଥ ଦେବ ମାର୍ଫତ୍ ରାଧାବଲ୍ଲଭ ମଠ ନାମରେ ରହିଛି। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରୁ ପ୍ଲଟ୍ ନମ୍ବର ୧୪୯୩ରେ ରାସ୍ତା ପାର୍ଶ୍ୱକୁ ଲାଗି ୭୬ ଡେସିମିଲି ଜମି ରହିଥିବାବେଳେ ଏହି ଜାଗାରେ ସରକାରୀ ନିୟମକୁ ଉଲ୍ଲଂଘନ କରି ବେଆଇନ ଭାବେ ବ୍ଲକ୍ ପ୍ରଶାସନ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୪ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇ ରାଧାନଗର ସ୍ନାନ ମଣ୍ଡପ ବେଆଇନ ଭାବେ ନିର୍ମାଣ କରାଯାଇଛି। ସରକାରୀ ନିୟମକୁ ଉଲ୍ଲଂଘନ କରି ନିର୍ମାଣ କାର୍ଯ୍ୟ କରାଯାଉଥିବା ନେଇ କିଛି ଗ୍ରାମବାସୀ ବିଡିଓ, ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପରେ ସବିଶେଷ ତଥ୍ୟ ଦେଇ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମର ମଣ୍ଟୁ କିଶୋର ଜେନା, ରତ୍ନାକର ସାହୁ, ସୂର୍ଯ୍ୟ କିଶୋର ସ୍ୱାଇଁ, ଚିତ୍ରସେନ ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ କେତେକ ବ୍ୟକ୍ତି ଏହି କାର୍ଯ୍ୟର ବିଲ୍ କରିବା ଲାଗି ଯୋଜନା କରିଥିବା ଜଣାପଡ଼ିଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜଗନ୍ନାଥଙ୍କ ସମ୍ପତ୍ତି ସମେତ ଗୋପ ତହସିଲ୍ ଅଞ୍ଚଳରେ ଗୋଚର, ଅନାବାଦୀ ଓ ଅନ୍ୟାନ୍ୟ ସରକାରୀ ଜମି ଜବରଦଖଲ ଦିନକୁ ଦିନ ବଢ଼ିବାରେ ଲାଗିଥିବାବେଳେ ଏହାକୁ ରୋକିବାରେ ତହସିଲ୍ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହା ଉପରେ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବାସୁଦେବ ମନ୍ଦିରରେ ଗୀତାପାଠ

ଚାରିଛକ,୪।୧୧(ସମିସ): ବାରମାସ ମଧ୍ୟରେ କାର୍ତ୍ତିକ ମାସଟି ଧାର୍ମିକ ମାସ ହୋଇଥିବାରୁ ପ୍ରତ୍ୟେକ ଦେବଦେବୀ ପୀଠରେ ନାମ ସଂକୀର୍ତ୍ତନ, ହୋମଯଜ୍ଞ, ଗୀତାପାଠ ଆଦି ଅନୁଷ୍ଠିତ ହୋଇଥାଏ। ଚାରିଛକ ନିକଟସ୍ଥ ଭଇଁଚିଗୋରଡ଼ି ଗ୍ରାମରେ ବାସୁଦେବଙ୍କ ପୀଠରେ ଦିନସାରା ଗୀତାପାଠ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟପୂଜା, ବିଷ୍ଣୁ ସହସ୍ରନାମ ଉଚ୍ଚାରଣ ଓ ଗୀତାପାଠ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ଅଭୟ ମିଶ୍ର, ବାବୁଲି ମିଶ୍ର, ଅମରେନ୍ଦ୍ର ଦାଶଙ୍କ ଦ୍ୱାରା ଗୀତାପାଠ କରାଯାଇଥିଲା। ପୂଜାରେ ମୁଖ୍ୟ କର୍ତ୍ତା ଭାବେ ଦେବେନ୍ଦ୍ର ସାହୁ ଓ କନକ ସାହୁ ଯୋଗଦେଇଥିଲେ।

### ● ପିପିଲି ଶିକ୍ଷା ବିଭାଗର ଅପାରଗତା

# ମେଧାବୀ ଭତ୍ତାରୁ ବଞ୍ଚିତ ଅନୁସୂଚିତ ଜାତିର ଛାତ୍ରୀ



ପିପିଲି,୪।୧୧(ସମିସ): ପିପିଲି ବ୍ଲକ୍‌ରେ ଶିକ୍ଷା ବିଭାଗର ଅପାରଗତା ଯୋଗୁଁ ଜଣେ ଅନୁସୂଚିତ ଜାତି ମେଧାବୀ ଛାତ୍ରୀ ଜାତୀୟ ଆୟଭିତ୍ତିକ ମେଧାବୃତ୍ତିରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ମଙ୍ଗଳବାର ଛାତ୍ରୀଙ୍କ ପରିବାର ପକ୍ଷରୁ ପିପିଲି ବିଇଓ ପୀତବାସ ସେଠୀଙ୍କୁ ସାକ୍ଷାତ୍ କରି ଦାବି ଜଣାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ତେଇଶିପୁର ଗ୍ରାମ ପଞ୍ଚାୟତର ପୋଡ଼ଙ୍ଗ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ସନ୍ଧ୍ୟାରାଣୀ ମଲ୍ଲିକ ୨୦୨୪/୨୫ ଶିକ୍ଷାବର୍ଷରେ ଜାତୀୟ ଆୟଭିତ୍ତିକ ମେଧାବୃତ୍ତିରେ ଉତ୍ତୀର୍ଣ୍ଣ ହୋଇ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସନ୍ଧ୍ୟାରାଣୀ ଭଲ ପାଠ ପଢୁଥିବାରୁ ଡେଲାଙ୍ଗ-ପିପିଲି ବିଧାୟକଙ୍କ ଜନ୍ମଦିନରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ଓ ବିଧାୟକ ଆଶ୍ରିତ ପଟ୍ଟନାୟକ ଉପସ୍ଥିତ ରହି ସନ୍ଧ୍ୟାରାଣୀଙ୍କୁ ଫଳକ ଦେଇ ସମ୍ମାନିତ କରିଥିଲେ। ତେବେ ଓସେପା ପକ୍ଷରୁ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ରାଶି ପ୍ରଦାନ ନିମନ୍ତେ ମେଧାବୀ ଛାତ୍ରଛାତ୍ରୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରିଥିଲେ। ଏହାର ଶେଷ ତାରିଖ ଥିଲା ଅକ୍ଟୋବର ୩୧। ଓସେପା ପକ୍ଷରୁ ପ୍ରକାଶିତ ଡିଫଲ୍ଟର ଲିଷ୍ଟରେ ସନ୍ଧ୍ୟାରାଣୀଙ୍କ ନାମ ପ୍ରକାଶ ପାଇବାରେ ପିପିଲି ବ୍ଲକ୍ ଶିକ୍ଷା ବିଭାଗର ଅପାରଗତା ଜଣାପଡ଼ିଥିଲା। ଛାତ୍ରୀଙ୍କ ବାପା ଏ ସମ୍ପର୍କରେ ଜାଣିବା ପରେ ମଙ୍ଗଳବାର ପିପିଲି ବିଇଓ ପୀତବାସ ସେଠୀଙ୍କୁ ସାକ୍ଷାତ୍ କରିଥିଲେ। ମଙ୍ଗଳପୁରସ୍ଥିତ ପଦ୍ମାବତୀ ବିଦ୍ୟାପୀଠର ପ୍ରଧାନଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ପରିସ୍ଥିତି ଦେଖାଦେଇଛି। ଆମେ ଓସେପାଙ୍କୁ ଏ ସମ୍ପର୍କରେ ଜଣାଇ ପରବର୍ତ୍ତୀ କାର୍ଯ୍ୟାଦେଶକୁ ଅପେକ୍ଷା କରିବାକୁ କହି ଛାତ୍ରୀ ସନ୍ଧ୍ୟାରାଣୀଙ୍କ ପରିବାରକୁ ବୁଝାଇଥିଲେ। ଯଦି ସନ୍ଧ୍ୟାରାଣୀ ମେଧାବୃତ୍ତି ଅନୁଦାନ ନ ପାଏ ତେବେ ବିଇଓ ଅଫିସ ଆଗରେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି ଛାତ୍ରୀଙ୍କ ପରିବାର ଲୋକେ। ସନ୍ଧ୍ୟାରାଣୀ ଏବେ ମଙ୍ଗଳପୁରସ୍ଥିତ ପଦ୍ମାବତୀ ଉଚ୍ଚ ବିଦ୍ୟାପୀଠରେ ନବମ ଶ୍ରେଣୀରେ ପଢୁଛନ୍ତି। ପିପିଲି ବ୍ଲକ୍ ବିଇଓଙ୍କୁ ପଚାରିବାରେ ପ୍ରାଇମେରୀ ସ୍କୁଲ ଏବଂ ହାଇସ୍କୁଲର ପ୍ରଧାନଶିକ୍ଷକ ଏବଂ ସମସ୍ତ ସିଆର୍‌ସିସିଙ୍କ ଗ୍ରୁପ୍‌ରେ ମେଧାବୀ ଛାତ୍ରଛାତ୍ରୀଙ୍କ ଦରଖାସ୍ତ ଆବେଦନ ସମ୍ପର୍କରେ ଜଣାଇ ଦିଆଯାଇଥିବାର କହିଥିଲେ। ତେବେ ଉକ୍ତ ସ୍କୁଲର ସିଆର୍‌ସିସି ଭଗବାନ ସାହୁ କହିଛନ୍ତି, ଚଳିତ ବର୍ଷ ଓସେପା ଏଥର ନୂଆ ନିୟମ କରିଛି। ମାତ୍ର ସେ ସମ୍ପର୍କରେ ଆମମାନଙ୍କୁ ଅବଗତ କରାଇନାହିଁ। ନୂଆ ନିୟମ ମୁତାବକ ଛାତ୍ରଛାତ୍ରୀଙ୍କ ବାପାଙ୍କ ନିକଟକୁ ଓଟିପି ଯିବାର ବ୍ୟବସ୍ଥା ଯୋଗୁଁ ସାନ୍ଧ୍ୟରାଣୀ ମେଧାବୀ ଭତ୍ତା ପାଇବାରୁ ବଞ୍ଚିତ ହେଲେ। ଛାତ୍ରୀଙ୍କର ଦରଖାସ୍ତ ଆବେଦନ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ବିଇଓ ଉକ୍ତ ଛାତ୍ରୀଙ୍କ ଦରଖାସ୍ତକୁ କାଉଣ୍ଟର ସାଇନ୍ କଲାପରେ ଓସେପାକୁ ଯିବା କଥା। ତେଣୁ ବିଇଓ କେମିତି ଏଥିପ୍ରତି ଗୁରୁତ୍ୱ ଦେଲେ ନାହିଁ। ପିପିଲି ବ୍ଲକ୍ ଶିକ୍ଷା ବିଭାଗ ଭିତରେ କାଦୁଅଫିଙ୍ଗାରେ ନିଜ ନିଜ ଉପରୁ ଦୋଷ ଛଡ଼ାଇବାରେ ବ୍ୟସ୍ତ।

## ଗୁହାଳରୁ ୧୧ ମେଣ୍ଢା ଚୋରି

ଡେଲାଙ୍ଗ,୪।୧୧(ସମିସ): ଡେଲାଙ୍ଗ ବ୍ଲକ୍ କୋଠବାଡ଼ ପଞ୍ଚାୟତ ବେନୁପଡ଼ା ଗ୍ରାମରୁ ଗତ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଗୋଟିଏ ଗୁହାଳରୁ ମେଣ୍ଢା ଚୋରାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ଗ୍ରାମର ମହେଶ୍ୱର ଗୁରୁ ନିଜ ଗୁହାଳରେ ୧୭ଟି ମେଣ୍ଢା ଓ ୨ଟି ଗାଇ ପାଳିଥିଲେ। ସବୁଦିନ ଭଳି ସୋମବାର ରାତିରେ ମେଣ୍ଢାମାନଙ୍କୁ ଖାଇବା ଦେବାପରେ ଗୁହାଳ ଘର ବନ୍ଦ କରି ଆସିଥିଲେ। ସକାଳୁ ଦେଖିବା ବେଳକୁ ସେଥିମଧ୍ୟରୁ ୧୧ଟି ମେଣ୍ଢା କେହି ଚୋରାଇ ନେଇଯାଇଛି। ପରେ ଡେଲାଙ୍ଗ ହାଟ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିବା ସହିତ ଚୋରି ଯାଇଥିବା ମେଣ୍ଢାଗୁଡ଼ିକୁ ଫେରାଇ ଆଣିବାକୁ ମହେଶ୍ୱର ନିବେଦନ କରିଛନ୍ତି। ଅଭିଯୋଗ ପତ୍ର ପାଇବା ପରେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ କୌଣସି ତଦନ୍ତ ଆରମ୍ଭ କରି ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଥାନାରେ କର୍ମଚାରୀ ଅଭାବ ଥିବାରୁ ତଦନ୍ତ ଆରମ୍ଭ ହୋଇପାରି ନ ଥିବାବେଳେ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ସିସିଟିଭି ଯାଞ୍ଚ କରାଯିବ ବୋଲି ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

## ଧବଳେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ସାକ୍ଷୀଗୋପାଳ,୪।୧୧(ସମିସ): ମଙ୍ଗଳବାର କାର୍ତ୍ତିକ ମାସ ଚତୁର୍ଦ୍ଦଶୀ ତିଥି ଏହି ଅବସରରେ ପୁରୀ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର ଗ୍ରାମର ଚତୁର୍ଥଖଣ୍ଡିରେ ଅବସ୍ଥିତ ଶ୍ରୀଶ୍ରୀ ଧବଳେଶ୍ୱର ଦେବଙ୍କ ପୀଠରେ ବଡ଼ଓଷା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ମଙ୍ଗଳବାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପୂର୍ବ ରାତ୍ରରୁ ଦେବ ନୀତି ଆରମ୍ଭ କରାଯାଇ ମଙ୍ଗଳ ଆଳତି, ଅବକାଶ, ବାଲଭୋଗ ନୀତି ଅନୁଷ୍ଠିତ ହୋଇଥିଲା। ସକାଳ ୬ଟାରୁ ଭକ୍ତଙ୍କ ନିମନ୍ତେ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ବ୍ୟାରିକେଡ୍ ମଧ୍ୟରେ ଧାଡ଼ିରେ ଯାଇ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରି ବେଲପତ୍ର, ଫୁଲ, କ୍ଷୀର, କଦଳୀ, ପଇଡ଼ ପାଣି ଲାଗିକରି ପୂଜାର୍ଚ୍ଚନା କରିଥିଲେ। ସାକ୍ଷୀଗୋପାଳ ଓ ଏହାର ଆଖପାଖ ଅଞ୍ଚଳର ପ୍ରାୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ପୁଲିସ କର୍ମଚାରୀଙ୍କ ସହ ଟ୍ରାଫିକ୍ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ପାଇଁ ଉପସ୍ଥିତ ଥିଲେ। ଖଣ୍ଡିକୋଠ କମିଟି ସଭ୍ୟମାନଙ୍କ ସହ ସୁରରାଜ ରଥ, ଅଶ୍ୱିନ କୁମାର ମହାପାତ୍ର, ସୁରେଶ ଚନ୍ଦ୍ର ଶତପଥି, ବଳଭଦ୍ର ମହାପାତ୍ର, ଦେବୀପ୍ରସାଦ ମହାପାତ୍ର, ଶିବପ୍ରସାଦ ପଣ୍ଡା, ଜଗତଜ୍ୟୋତି ମିଶ୍ର ସହଯୋଗ କରିଥିଲେ।

# କଣାସରେ ବଡ଼ଓଷା ପର୍ବ ପାଳିତ

କଣାସ,୪।୧୧(ସମିସ): ମଙ୍ଗଳବାର ରାଜ୍ୟରେ ବଡ଼ଓଷା ପର୍ବ ମହାସମାରୋହରେ ପାଳିତ ହେଉଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ପୁରପଲ୍ଲୀରେ ଥିବା ମହାଦେବ ମନ୍ଦିରରେ ବଡ଼ଓଷା ଯୋଗୁଁ ଭକ୍ତଙ୍କ ଭିଡ଼ ଦିନତମାମ ଲାଗିରହିଥିବା ଦେଖିବାକୁ ମିଳିଛି। କଣାସ ବ୍ଲକ୍‌ର ମୁଖ୍ୟତଃ ବଡାସ ପଞ୍ଚାୟତର ବଡାସ ଗ୍ରାମର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥଙ୍କ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ମହିଳା ଓ ପୁରୁଷମାନେ ରାତି ୨ଟାରୁ ଧାଡ଼ିରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ବାରିମଣ୍ଡଳ ଗତିଶ୍ୱର ମହାଦେବ, ମୋଟରିର ଗତିଶ୍ୱର ମହାଦେବ, ମାଢ଼ିପୁର ଗ୍ରାମର ଧବଳେଶ୍ୱର ମହାଦେବ, କରମଳାର ଆଖଣ୍ଡଳମଣି, ଗଡ଼ିଶାଗୋଦାର ହଟକେଶ୍ୱର ମହାଦେବ, ଜଙ୍କିଆର କପିଳେଶ୍ୱର, ଗଡ଼ିସାହି ଧବଳେଶ୍ୱର ଦେବ, ଶ୍ରୀମକୁନ୍ଦପୁର ଇଶାଣେଶ୍ୱର ଦେବ, କଣାସରେ ଶ୍ରୀଲୋକନାଥ ଦେବ, ତ୍ରିଲୋଚନପୁରରେ କପିଳେଶ୍ୱର ଦେବ, ସିରେଇରେ ଗତିଶ୍ୱରଦେବ ମନ୍ଦିରରେ ଜନଗହଳି ଲଗିରହିବା ସହିତ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି।

# ବିଭିନ୍ନ ଗ୍ରାମରେ ରାସ ଉତ୍ସବ ପାଳିତ

ନିମାପଡ଼ା,୪।୧୧(ସମିସ): କାର୍ତ୍ତିକ ମାସ ପଞ୍ଚୁକ ସନ୍ଧ୍ୟାରେ ବିଭିନ୍ନ ମଠ, ବାସୁଦେବ ମନ୍ଦିର ଓ ଗ୍ରାମରେ ଥିବା ରାଧାକୃଷ୍ଣଙ୍କ ମନ୍ଦିରରେ ରାସ ଉତ୍ସବ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଛି। ବିଭିନ୍ନ ମଠ ମନ୍ଦିରରେ ପୂଜା ପାଉଥିବା ଶ୍ରୀରାଧାରାଣୀ ଓ ଶ୍ରୀକୃଷ୍ଣଙ୍କ ପ୍ରତିମାଙ୍କୁ ଆଣି ରାସ ବୋଲା ସ୍ଥାନରେ ଥିବା ସୁସଜ୍ଜିତ କୁଞ୍ଜରେ ବିଜେ କରାଯାଇଥାଏ। କୁଞ୍ଜ ସମ୍ମୁଖରେ ଶରତ ରାସ ପୁସ୍ତକରୁ ପ୍ରତ୍ୟେକ ଦିନ ଲୋକମାନେ ଗୋଟିଏ ଅଧ୍ୟାୟ ପାଠ କରିଥା'ନ୍ତି। ଶରତ ରାସ ପୁସ୍ତକ ପଠନ ପରେ ଶ୍ରୀରାଧାକୃଷ୍ଣଙ୍କୁ ବାଲଭୋଗ ଲାଗି ଓ ବନ୍ଦାପନା କରାଯାଇଥାଏ। ଶେଷରେ ଶ୍ରୀରାଧାକୃଷ୍ଣଙ୍କୁ ସ୍ୱମନ୍ଦିରକୁ ନିଆଯାଇ ସ୍ୱସ୍ଥାନରେ ଅବସ୍ଥାନ କରାଯାଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଦିନ ରାସ ଉତ୍ସବ ସମାପ୍ତ ହୋଇଥାଏ।

# ଅସ୍ତରଙ୍ଗ ମା' ଲକ୍ଷ୍ମୀ କ୍ଲବ୍‌ର କର୍ମକର୍ତ୍ତା ନିର୍ବାଚନ



ଅସ୍ତରଙ୍ଗ,୪।୧୧(ସମିସ): ଅସ୍ତରଙ୍ଗର ବହୁ ପୁରାତନ ମା' ଲକ୍ଷ୍ମୀ କ୍ଲବ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ ସୋମବାର ସନ୍ଧ୍ୟାରେ କ୍ଲବ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ଦୁଇ ବର୍ଷରେ ନୂତନ କର୍ମକର୍ତ୍ତା ଚୟନ ହେବା ପାଇଁ କ୍ଲବ୍‌ର ନିୟମ ଥିବାରୁ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସଭାପତି, ସମ୍ପାଦକ, ବରିଷ୍ଠ ଉପଦେଷ୍ଟା ପ୍ରତାପ ପରିଡ଼ା, ଜଗବନ୍ଧୁ ବେଉରା, ପ୍ରଫୁଲ୍ଲ ମୁରୁଣୀ, ରାମ କାଣ୍ଡି, ପ୍ରଶାନ୍ତ ଭୋଳ, ନିରଞ୍ଜନ ଦାସ, ଚିତ୍ରସେନ ପ୍ରଧାନ, ବାବୁ ସ୍ୱାଇଁ ଏବଂ ଅନ୍ୟମାନଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନୂତନ କର୍ମକର୍ତ୍ତାଭାବେ ସଭାପତି ହରିହର ମହାନ୍ତି, ଉପସଭାପତି ମନୋଜ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଚିତ୍ରସେନ ପ୍ରଧାନ, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ସହସମ୍ପାଦକ ସମୀର କୁମାର କର, ସାଂସ୍କୃତିକ ସମ୍ପାଦକ ଭାବେ ଦେବାଶିଷ ବାରିକ, କୋଷାଧ୍ୟକ୍ଷ କରୁଣାକର ମହାନ୍ତି ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବାବେଳେ ପ୍ରତାପ ବିଶ୍ୱାଳ, ସଞ୍ଜୟ ପ୍ରଧାନ, ପବିତ୍ର ସ୍ୱାଇଁ, ଦୀପକ ଦାସ, ରମାରଞ୍ଜନ ମହାନ୍ତି, ପ୍ରମୋଦ ପଡ଼ିଆରୀ, ସରୋଜ ପ୍ରଧାନ, ଅବୁଲା, ପଦିଆ, ସୋନୁ, ମାନସ, ରାଜା, ଭଗିଆ, ସୁରେଶଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମହାମେଘବାହନ ଐରଖାରବେଳଙ୍କ ଜୟନ୍ତୀ

ସାକ୍ଷୀଗୋପାଳ,୪।୧୧(ସମିସ): ପୁରୀ ଜିଲ୍ଲା ଶାଖା ଉତ୍କଳ ସମ୍ମିଳନୀ ପକ୍ଷରୁ ସଭାପତି ଭୀମସେନ ମହାପାତ୍ରଙ୍କ ପୌରୋହିତ୍ୟରେ ମହାମେଘବାହନ ଐରଖାରବେଳଙ୍କ ଜୟନ୍ତୀ ଏକ ଶିକ୍ଷା କେନ୍ଦ୍ରରେ ପାଳିତ ହୋଇଯାଇଛି। ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ବନ୍ଦେ ଉତ୍କଳ ଜନନୀ ବୃନ୍ଦଗାନ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ସୁଜାତା ଦେବୀ ଓ କବୟିତ୍ରୀ ବିଶାଖା ଦେବୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବୟିତ୍ରୀ ସୁନନ୍ଦା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବକ୍ତାମାନେ ଖାରବେଳଙ୍କ ଜୀବନୀ, ଶାସନ, କଳିଙ୍ଗ ନୌବାଣିଜ୍ୟ ସଂସ୍କୃତି ଓ ଜୈନ ଧର୍ମ ସମ୍ପର୍କିତ ଆଲୋଚନା, ପ୍ରବନ୍ଧ-କବିତାପାଠ ଅନୁଷ୍ଠିତ ହୋଇଥିଲା। ରଞ୍ଜନ କୁମାର ମିଶ୍ର, ପ୍ରଭାକର ଜେନା, ଦିଗମ୍ବର ରଥ, ଫକିର ଚନ୍ଦ୍ର ଦାସ, କୃପାନିଧି ପ୍ରଧାନ, ବିଜୟ ପରିଡ଼ା, ବିଭୂତିଭୂଷଣ ହୋତା, କାଶୀନାଥ ମହାପାତ୍ର, ଡ. ହେମନ୍ତ ଛୋଟରାୟ, ହୃଷୀକେଶ ପାଢ଼ୀ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ଜିତେନ୍ଦ୍ର ପେଣ୍ଠୋଇ, ଭବାନୀଶଙ୍କର ଦାଶ ଓ ଚୌଧୁରୀ ପ୍ରତାପ କୁମାର ସାହୁ ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଉପସଭାପତି ଅନାମ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାହାରଣା ଦାରୁବ୍ରହ୍ମ ପୀଠରେ ବିଗ୍ରହ ପ୍ରତିଷ୍ଠା

ଚାରିଛକ,୪।୧୧(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବାହାରଣା ପଞ୍ଚାୟତ ବାହାରଣା ଦାରୁବ୍ରହ୍ମ ପୀଠରେ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଆଦିକନ୍ଦ ମିଶ୍ରଙ୍କ ଦ୍ୱାରା ଆୟୋଜିତ ପ୍ରତିଷ୍ଠା ଉତ୍ସବରେ ସମାଜସେବୀ ସର୍ବେଶ୍ୱର ରଥ, ସଦାଶିବ ମିଶ୍ର, ପ୍ରମୋଦ ମିଶ୍ର, ଅମୂଲ୍ୟ ମିଶ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଦାରୁବ୍ରହ୍ମ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ, ବାହାରଣାଠାରୁ ୧୯୬୯ରେ ଶ୍ରୀସୁଦର୍ଶନଙ୍କ ଦାରୁ ପୁରୀ ଶ୍ରୀକ୍ଷେତ୍ରକୁ ଯାଇଥିଲା। ସେହିଦିନଠାରୁ ଉକ୍ତ ଦାରୁପୀଠରେ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମ ପୂଜା ପାଇଆସୁଥିଲେ। କମିଟି ସଦସ୍ୟମାନେ ପୁନର୍ବାର ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଓ ସୁଦର୍ଶନଙ୍କ ବିଗ୍ରହ ସହିତ ପାଶ୍ୱର୍ ଠାକୁର ଗରୁଡ଼, ନୃସିଂହ, ବାମନ ଓ ନବଗ୍ରହଙ୍କ ବିଗ୍ରହ ସ୍ଥାପନ ପାଇଁ ପୁରୀ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆଣି ଏକ ସୁସଜ୍ଜିତ ଗାଡ଼ିରେ ଆଣିଥିଲେ। ବାହାରଣା ନିକଟସ୍ଥ ଦୁର୍ଗେଶ୍ୱରଗଡ଼ ମଠଠାରୁ ଶ୍ରୀଜଗନ୍ନାଥପ୍ରେମୀମାନେ ଯୋଡ଼ି ମହୁରୀ ସହିତ ଘଣ୍ଟ, ପଖୋଜ, ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ବାହାରଣା ଦାରୁବ୍ରହ୍ମ ପୀଠରେ ପହଞ୍ଚିଥିଲା। ଏହି ଦାରୁବ୍ରହ୍ମ ଉତ୍ସବରେ ବାହାରଣା ପଞ୍ଚାୟତର ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଅଳଗୁମ କାର୍ତ୍ତିକ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼

### ● ଆଜି ପୂର୍ଣ୍ଣାହୁତି



ସାକ୍ଷୀଗୋପାଳ,୪।୧୧(ସମିସ): ସତ୍ୟବାଦୀ ବ୍ଲକ୍ ଅଳଗୁମଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷର କାର୍ତ୍ତିକ ମେଳା ଅଁଳା ନବମୀ ଠାରୁ ଆରମ୍ଭ ହୋଇଛି। ଆସନ୍ତା କାଲି କାର୍ତ୍ତିକ ପୂର୍ଣ୍ଣିମାରେ ଏହା ଉଦ୍‌ଯାପିତ ହେବ। ମଙ୍ଗଳବାର ବଡ଼ଓଷାରେ ଆଜି ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଅଳଗୁମ ଗ୍ରାମବାସୀ ତଥା ରୁଦ୍ରାଭିଷେକ ପରିଷଦ, ଅଳଗୁମ ପକ୍ଷରୁ ଗ୍ରାମର ବହୁ ପୁରାତନ ଶୈବପୀଠ ତଥା ଦ୍ୱାଦଶ ଶତାବ୍ଦୀର ଶ୍ରୀ ଗତିଶ୍ୱର ମନ୍ଦିର ବେଢ଼ାରେ ଏହି ମେଳା ୧୪ବର୍ଷ ଧରି ଆୟୋଜିତ ହେଉଛି। ପ୍ରତ୍ୟହ ପାପକ୍ଷୟ, ଗ୍ରହଶାନ୍ତି, ସନ୍ତାନପ୍ରାପ୍ତି, ଲକ୍ଷ୍ମୀ ପ୍ରାପ୍ତି ଓ ବିଶ୍ୱଶାନ୍ତି ନିମନ୍ତେ ଗଙ୍ଗାଜଳ, ଆଖୁରସ, ନବାତ, ଦୁଗ୍ଧ, କୁଶଜଳ ଆଦି ଦ୍ୱାରା ମନ୍ଦିରରେ ଅଭିଷେକ କରାଯାଉଛି। ସେହିପରି ମେଳା ଅବସରରେ କାର୍ତ୍ତିକ ମଣ୍ଡପରେ ପୁରାଣ ପଠନ, ବିଭିନ୍ନ ପ୍ରତିଯୋଗିତା, ଫଟୋ ପ୍ରଦର୍ଶନୀ, ହସ୍ତଶିଳ୍ପ ପ୍ରଦର୍ଶନୀ, ମୀନା ବଜାର, ଯୋଗ, କବିତା ପାଠୋତ୍ସବ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଆଜି ସମସ୍ତ ନୀତିକାନ୍ତି ସହ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ କରାଯାଇଥିଲା। କାର୍ତ୍ତିକ ପୂର୍ଣ୍ଣିମାରେ ଯଜ୍ଞର ପୂର୍ଣ୍ଣାହୁତି ହେବା ସହ ସନ୍ଧ୍ୟାରେ ସାମୂହିକ ପ୍ରସାଦ ସେବାର ଆୟୋଜନ କରାଯାଇଛି। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କର୍ତ୍ତା ଭାବେ ଲକ୍ଷ୍ମୀଧର ପଣ୍ଡା ସପତ୍ନୀକ କାର୍ଯ୍ୟ ତୁଲାଉଛନ୍ତି।

# ଚାରିଛକରେ ସରକାରୀ ଡାକବଙ୍ଗଳା ନିର୍ମାଣ କରିବାକୁ ଦାବି



ଚାରିଛକ,୪।୧୧(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକଠାରେ ଏକ ସରକାରୀ ଡାକବଙ୍ଗଳା ନିର୍ମାଣ କରିବାକୁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ଚାରିଛକଠାରେ ପୁରୀ ଜିଲ୍ଲାର ଦ୍ୱିତୀୟ ବୃହତ୍ ସ୍ୱାସ୍ଥ୍ୟକେନ୍ଦ୍ର, ୨ଟି ବ୍ୟାଙ୍କ, ଗୋଟିଏ ବୃହତ୍ ମହିଳା ମହାବିଦ୍ୟାଳୟ, ୪ଟି ଘରୋଇ କଲେଜ, ୫ଶହରୁ ଊର୍ଦ୍ଧ୍ୱ ଛୋଟବଡ଼ ବ୍ୟାବସାୟିକ ପ୍ରତିଷ୍ଠାନ, ୨ଟି ସରକାରୀ ବିଦ୍ୟାଳୟ ସମେତ ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରହିଛି। ଚାରିଛକ ବଜାରଟି ପୁରୀ, କଟକ, ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରୁଛି। ଏହାର ଅନତି ଦୂରରେ ଅବସ୍ଥିତ ଶ୍ରୀଜଗନ୍ନାଥଙ୍କ ମାମୁ ଘର ମାଧବର ମାଧବାନନ୍ଦଜୀଉ ମନ୍ଦିର, ଭାରତ ପ୍ରତ୍ନତତ୍ତ୍ୱ ବିଭାଗର ଚଉରାଶୀର ବରାହୀ ମନ୍ଦିର, ଏହାର ଅତି ନିକଟରେ ପୁଣ୍ୟତୋୟା ପ୍ରାଚୀ ନଦୀ ପ୍ରଭାବିତ, ନିକଟରେ ବିଶ୍ୱ ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର, କାକଟପୁର ମା' ମଙ୍ଗଳାଙ୍କ ମନ୍ଦିର ଓ ଅସ୍ତରଙ୍ଗର ଜାହାନୀଆଁ ପୀର ଅବସ୍ଥିତ। ଏହି ରାସ୍ତା ଦେଇ ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ପୁରୀ, କୋଣାର୍କ, କାକଟପୁର ଓ ଅସ୍ତରଙ୍ଗ ଆଦି ଅଞ୍ଚଳକୁ ପରିଦର୍ଶନ ପାଇଁ ଯାଇଥା'ନ୍ତି। ଏହି ବଜାରରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମାଗାରଟିଏ ନାହିଁ କିମ୍ବା ଶୌଚାଳୟଟିଏ ନାହିଁ। ଯାହା ଫଳରେ ପର୍ଯ୍ୟଟକମାନେ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏଠାରେ ଏକ ସରକାରୀ ଡାକବଙ୍ଗଳା ନିର୍ମାଣ କରିବାକୁ ଚାରିଛକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଗୋପୀନାଥ କର, ସମ୍ପାଦକ କାହ୍ନୁ ଚରଣ ବେହେରା, ଚାରିଛକ ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କୁମାର କର, କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ପ୍ରାଚୀ ସାହିତ୍ୟ ସଂସଦର ସମ୍ପାଦକ ଡ. ସନ୍ତୋଷ କୁମାର ମିତ୍ର, ଦିବାକର ସ୍ମୃତି ସଂସଦ ଓ ପାଠାଗାର ଉପଦେଷ୍ଟା ଶିକ୍ଷାବିତ୍ ନିରଞ୍ଜନ କର, ନିରାଶ୍ରୟ ସେବାଶ୍ରମ ସଭାପତି ମାନସ କୁମାର ପାଢ଼ୀ, ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ପ୍ରାକ୍ତନ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ବଜାର କମିଟି ସଭାପତି ସନ୍ତୋଷ ପ୍ରଧାନ, ପୂର୍ବତନ ସମିତିସଭ୍ୟ ମହେନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଜେନା, ସନ୍ତୋଷ ବେହେରା ପ୍ରମୁଖ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୃଷ୍ଟି ଦେବାକୁ ଦାବି କରିଛନ୍ତି।



ଅତିଥି ଭବନ ପାଲଟିଛି ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ

# ୧୬ ବର୍ଷ ପରେ ବି ଜଣେ ଅତିଥିଙ୍କ ପାଦ ପଡ଼ିନି

**ପୁରୀ,୪।୧୧(ସମିସ):** ସର୍କିଟ୍ ହାଉସ୍ ଉପରେ ଅତିରିକ୍ତ ଚାପ ପଡ଼ିବନି, ବିଭିନ୍ନ ବିଭାଗର ସରକାରୀ ବଙ୍ଗଳା ଉପରୁ ମଧ ଚାପ କମିବ ଏମିତି ଲକ୍ଷ୍ୟ ନେଇ ପୁରୀରେ ବିଧାନସଭା ଅତିଥି ଭବନର ପରିକଳ୍ପନା କରାଯାଇଥିଲା। କେବଳ ପରିକଳ୍ପନା ନୁହେଁ, ଏହାର ବାସ୍ତବତାକୁ ଉପଲବ୍ଧି କରି ପୁରୀରେ ତିଆରି ହେଲା ବିଧାନସଭା ଅତିଥି ଭବନ। ହେଲେ ଦୁର୍ଭାଗ୍ୟର ବିଷୟ ହେଉଛି ଏହି ଅତିଥି ଭବନ ଉଦ୍‌ଘାଟନ ହେବାର ୧୬ ବର୍ଷ ବିତିଗଲାଣି, କିନ୍ତୁ ଜଣେ ହେଲେ ବି ଅତିଥିଙ୍କ ପାଦ ପଡ଼ିନି ଏଠାରେ। ସବୁଠୁ ପରିତାପର ବିଷୟ ହେଉଛି ଏହା ଏବେ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପରିସରରେ ମଦ ବୋତଲ ଗଡୁଛି। ହେଲେ ଏଠାରେ ଲୋକେ ରହୁଛନ୍ତି। କିନ୍ତୁ ସେହି ଲୋକେ କିଏ, ଯେଉଁମାନେ ଏହି ସରକାରୀ କୋଠାରେ ରହୁଛନ୍ତି। ଏହାକୁ ନେଇ ପ୍ରଶ୍ନ ଉଠାଇଛି ଆମ୍ ଆଦ୍‌ମୀ ପାର୍ଟି(ଆପ୍)।



ଆପ୍‌ର ପ୍ରଶ୍ନ, କୋଠରି ଭିତରେ ରହୁଛି କିଏ?

ପୁରୀ ଏକ ଆଧ୍ୟାତ୍ମିକ ତଥା ପର୍ଯ୍ୟଟନ ସହର। ମହାପ୍ରଭୁଙ୍କ ଦର୍ଶନ ସହ ଛୁଟି କଟାଇବା ପାଇଁ ପ୍ରତ୍ୟହ ବହୁ ସରକାରୀ ଅଫିସର ଏଠାକୁ ଆସିଥା'ନ୍ତି। ଓଡ଼ିଶା ବିଧାନସଭାର ଅଧିକାରୀ ଏବଂ କର୍ମଚାରୀମାନେ ପୁରୀ ଆସିଲେ କିପରି ସୁବିଧାରେ ରହିପାରିବେ ସେ ନେଇ ବିଧାନସଭା ଅତିଥି ଭବନ ତିଆରି ଲାଗି ନିଷ୍ପତ୍ତି ହୋଇଥିଲା। ପେଣ୍ଠକଟା ଛକ ନିକଟରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ୪ଟି କୋଠରି ବିଶିଷ୍ଟ ଏହି ଭବନ ନିର୍ମାଣ କରାଯାଇଥିଲା। ଏହାର ନିର୍ମାଣ ସରିବା ପରେ ୨୦୦୯ ମାର୍ଚ୍ଚ ୨ରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଇତିମଧ୍ୟରେ ୧୬ ବର୍ଷ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଅନ୍ୟ ଅତିଥିଙ୍କ କଥା ଦୂରେ ଥାଉ ଖୋଦ୍ ବିଧାନସଭା ସଦସ୍ୟ ଅତିଥି ଭାବେ ଏଠାରେ ଆପ୍ୟାୟିତ ହୋଇପାରି ନାହାନ୍ତି। ଆର୍‌ଆଣ୍ଡବିଠାରୁ ଏହା ମଧ ହସ୍ତାନ୍ତର ହୋଇପାରିନି। ୨୦୧୯ ଫନୀ ବାତ୍ୟାରେ ଏହି ଅତିଥି ଭବନ କ୍ଷତି ହୋଇଥିଲା। ଏଠାକୁ ସଂଯୋଗ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାର ଛିଣ୍ଡିଯାଇଥିଲା। କେହି ରହୁ ନ ଥିବାର ସୁଯୋଗ ନେଇ ଲୁଟେରାମାନେ ଏହା ପରିସରରେ ଲାଗିଥିବା ସମସ୍ତ ବିଦ୍ୟୁତ୍ ସରଞ୍ଜାମ, ଏସି, ଫ୍ୟାନ୍, ଲାଇଟ୍ ଆଦି ଚୋରି କରିନେଇଥିଲେ। ଝରକା, କବାଟ ବି ଭାଙ୍ଗି ନେଇଥିଲେ। ଏକପ୍ରକାର ପରିତ୍ୟକ୍ତ ଅବସ୍ଥାରେ ଏହା ପଡ଼ିରହିଥିଲା।

ପରବର୍ତ୍ତୀ ସମୟରେ ଏହାକୁ ପୁନରୁଦ୍ଧାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୫ ବର୍ଷ ପୂର୍ବେ ଆର୍‌ଆଣ୍ଡବି ପକ୍ଷରୁ ଏହାକୁ ମରାମତି କାମ ଆରମ୍ଭ ହୋଇଥିଲା। ଏହା ପରିସର ଏକପ୍ରକାର ଜଙ୍ଗଲିଆ ହୋଇ ପଡ଼ିରହିଥିଲା। ଶ୍ରମିକମାନଙ୍କୁ ଲଗାଯାଇ ଏହାକୁ ସଫା କରାଯାଇଥିଲା। ଚୋରି ଯାଇଥିବା ସମସ୍ତ ଆସବାବପତ୍ର ଲଗାଯିବା ସହ ମରାମତି ଚାଲିଥିବାବେଳେ କରୋନା ପାଇଁ କାମ ଅଧାରୁ ବନ୍ଦ ରହିଲା। ଏହାକୁ କୋଭିଡ୍ କଣ୍ଟ୍ରୋଲ୍ ରୁମ୍ କରାଗଲା। ପରବର୍ତ୍ତୀ ସମୟରେ କୋଭିଡ୍ କଣ୍ଟ୍ରୋଲ ରୁମ୍ ବନ୍ଦ ହେବା ପରେ ପୁନଶ୍ଚ କାମ କରାଯାଇଥିଲା। କିନ୍ତୁ ଏବେ ସେହି କୋଠାରେ ଲୋକେ ରହୁଛନ୍ତି ବୋଲି କହିଛନ୍ତି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ଶ୍ରୀ ମହାନ୍ତି କହିଛନ୍ତି, ସୋମବାର ସେ ଅତିଥି ଭବନ ପରିସରକୁ ଯାଇଥିଲେ। ବାହାରପଟୁ କୋଠରି ତାଲା ପଡ଼ିଥିଲା। ହେଲେ ଭିତରେ ଲୋକେ ରହୁଥିଲେ। କିନ୍ତୁ ସେମାନେ କିଏ? ସରକାରୀ ଅତିଥି ଭବନରେ କିଏ ଏବଂ କେଉଁ ଆଧାରରେ ରହୁଛନ୍ତି ବୋଲି ଆପ୍ ସଭାପତି ପ୍ରଶ୍ନ ଉଠାଇଛନ୍ତି।

ତେବେ ଦୁର୍ଭାଗ୍ୟର ବିଷୟ ହେଉଛି ଅତିଥି ଭବନ ପରିସର ଏବେ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଡଷ୍ଟବିନ୍‌ରେ ବିୟର ବୋତଲ ଗଦା ହେବା ଏହାକୁ ସ୍ପଷ୍ଟ କରୁଛି। ଏକ ମହତ୍ ଉଦ୍ଦେଶ୍ୟ ନେଇ ତିଆରି କରାଯାଇଥିବା ଏହି ଅତିଥି ଭବନର ଯଦି ଆବଶ୍ୟକତା ନ ଥିଲା ତେବେ କ'ଣ ପାଇଁ ରାଜ୍ୟ ରାଜକୋଷରୁ ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହା ତିଆରି କରାଯାଉଥିଲା ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଏହା ପରିସରରେ କେଉଁମାନେ ରହୁଛନ୍ତି ତାହା ସ୍ପଷ୍ଟ କରିବା ଉଚିତ୍। ଏଥିସହ ଏଠାରେ ଯେପରି ନିଶାଖୋରଙ୍କ ଆଡ୍ଡା ନ ଜମିବ ସେ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

ପଞ୍ଚକ ମହୋତ୍ସବର ତୃତୀୟ ସନ୍ଧ୍ୟା

## ମାଉସୀ ମା'ଙ୍କ ମନ୍ଦିର ବିକାଶ ପାଇଁ ଶ୍ରୀମନ୍ଦିର ପ୍ରଶାସନ ସଂକଳ୍ପବଦ୍ଧ



**ପୁରୀ,୪।୧୧(ସମିସ):** ଉତ୍କଳୀୟ ଧର୍ମଧାରା ଓ ଶ୍ରୀଜଗନ୍ନାଥ ସଂସ୍କୃତିରେ ମାଉସୀ ଅର୍ଦ୍ଧାସିନୀଙ୍କ ଯୋଗଦାନକୁ ବିଶ୍ୱ ସ୍ମରଣ ରଖିଛି। ଶ୍ରୀମନ୍ଦିର ଓ ଠାକୁରଙ୍କୁ ମହାପ୍ରଳୟରୁ ରକ୍ଷା କରିବା ପାଇଁ ଅର୍ଦ୍ଧଶୋଷଣୀ ରୂପ ଧାରଣ କରିଥିବା ଓ ପରମ୍ପରା ସୂତ୍ରେ ବାହୁଡ଼ାଯାତ୍ରାରେ ଠାକୁରଙ୍କୁ ପୋଡ଼ପିଠା ଖୁଆଉଥିବା ମାଉସୀ ମା' ମନ୍ଦିରର ବିକାଶ ପାଇଁ ଶ୍ରୀମନ୍ଦିର ପ୍ରଶାସନ ସଂକଳ୍ପବଦ୍ଧ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଦଶମ ପଞ୍ଚକ ମହୋତ୍ସବର ତୃତୀୟ ଦିନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ପାଢ଼ୀ କହିଥିଲେ, ମାଉସୀ ମା'ଙ୍କ ପୀଠରେ ଆଗାମୀ ଷୋଳପୂଜାରେ ଚଣ୍ଡୀପାଠ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେବ। ଅତିଥି ଭାବେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମଧୁସୂଦନ ସିଂହାରୀ, ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ବରିଷ୍ଠ ସେବାୟତ ଭଗବାନ ସୁଆର, ଭାଗବତ ଭାଷ୍ୟକାର ଡ. ବଦ୍ରି ମିଶ୍ର, ସମାଜସେବୀ ରାଜେଶ ମିଶ୍ର, ଚକ୍ରଧର ମହାପାତ୍ର, ଗୋପାଳ ଖୁଣ୍ଟିଆ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଭାଗବତ ପ୍ରବଚିକା ନିର୍ମଳା ଫତେସିଂହ, ଶ୍ରୀନିକେତନର ମୁଖ୍ୟ ରୋଜାଲିନ୍ ମହାନ୍ତି ଓ ମନିଷା କଳା ନିକେତନ ଅନୁଷ୍ଠାନ ସମେତ ଅନେକ ବିଦ୍ୱାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ଜଗନ୍ନାଥ ଦାସ ମହାପାତ୍ର, ସମ୍ପାଦକ ରାମଚନ୍ଦ୍ର ଦୋରା ଓ ମହୋତ୍ସବ କମିଟି ସମ୍ପାଦକ ମଧୁସୂଦନ ମିଶ୍ର, ଆଇନଜୀବୀ କୃଷ୍ଣ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସତ୍ୟନାରାୟଣ ଦାଶ, ଜ୍ୟୋତି ପ୍ରକାଶ ଜେନା, ବିଜୟକୃଷ୍ଣ ଦାସ, କାହ୍ନୁଚରଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ମଞ୍ଚ ସଞ୍ଚାଳନା କରିଥିଲେ ଗୁରୁ ଭରତ ନାୟକ ଓ ଡ. ବିଶ୍ୱନାଥ ମିଶ୍ର।

ବୈକୁଣ୍ଠ ଚତୁର୍ଦ୍ଦଶୀ ଭଜନ ସମାରୋହ

## ଭକ୍ତି ଭଜନରେ ଭିଜିଲା ସିଂହଦ୍ୱାର

**ପୁରୀ,୪।୧୧(ସମିସ):** ଶ୍ରୀକ୍ଷେତ୍ର କଳା ପ୍ରକାଶିକା ଆନୁକୂଲ୍ୟରେ ମଙ୍ଗଳବାର ୫୬ତମ ବୈକୁଣ୍ଠ ଚତୁର୍ଦ୍ଦଶୀ ଭଜନ ସମାରୋହ ଶ୍ରୀମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଭାବଭକ୍ତିର ଭଜନରେ ଭିଜିଛି ସିଂହଦ୍ୱାର। ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ବରିଷ୍ଠ ପୁଲିସ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭୂୟସୀ ପ୍ରଶଂସା କରିଥିଲେ। ସାଧାରଣ ସମ୍ପାଦକ ସୋମନାଥ ଗୁରୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁମ୍ବଇରୁ ଆସିଥିବା କଣ୍ଠଶିଳ୍ପୀ ଖୁସି ନାଗର ଏବଂ କଣ୍ଠଶିଳ୍ପୀ ପାର୍ଥ ପ୍ରୀତମ ସାହାଙ୍କୁ 'ଶ୍ରୀକ୍ଷେତ୍ର କଳା ପ୍ରକାଶିକା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କଣ୍ଠଶିଳ୍ପୀ ସୌରଭ ନାୟକଙ୍କୁ ପଦ୍ମଶ୍ରୀ ପ୍ରଫୁଲ୍ଲ କର ସ୍ମୃତି ସମ୍ମାନ ଏବଂ କଣ୍ଠଶିଳ୍ପୀ ରଶ୍ମିତା ଦାଶ (ରିଙ୍କି)ଙ୍କୁ କେଦାର ଗୁରୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ମନମୋହନ ମହାପାତ୍ର, ଶିବ ପ୍ରସାଦ ଦାଶ ଚୌଧୁରୀ, ରଘୁନାଥ ପ୍ରତିହାରୀ ଏବଂ ବୀରେନ୍ଦ୍ର ନାରାୟଣ ଗୋଚ୍ଛିକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅନିଲ ବାୱାରା (ମୁମ୍ବଇ), ସାରିକା ସିଂ(ମୁମ୍ବଇ)ଙ୍କ ସମେତ ମିତାଲି ଚିନ୍ନାରା, ଦୁଃଖୀଶ୍ୟାମ ତ୍ରିପାଠୀ, ପଙ୍କଜ ଜାଲ, ଟି. ସୌରୀ, ସୌରଭ ନାୟକ, ଅନୁସୂୟା ନାଥ, ନାଜିଆ ଆଲମ୍, ଦୀପ୍ତିରେଖା ପାଢ଼ୀ, ଅସୀମା ପଣ୍ଡା, ରଶ୍ମିତା ଦାଶ, ରୂପକ ପରିଡ଼ା, ମାନସୀ ପାଣିଗ୍ରାହୀ, ଅନନ୍ୟା ଶ୍ରୀତମ ନନ୍ଦ, ଭାଗ୍ୟଶ୍ରୀ ମହାନ୍ତି, ରଞ୍ଜିତ ପାଲିତ୍, ବନ୍ଦିଶ ପାଲିତ୍, କାର୍ତ୍ତିକ ସାହୁ, ଯଜ୍ଞଦତ୍ତ ଦାଶ, ଦର୍ଶନା କର, ସୁଶାନ୍ତ ପଣ୍ଡା, ଅର୍ପିତା ଚୌଧୁରୀ, ଦେବସ୍ମିତା ଆଚାର୍ଯ୍ୟ, ଲୋପିତା ବେହେରା, ନବକିଶୋର ମିଶ୍ର, ଡ. ଚନ୍ଦନ ଗନ୍ତାୟତ, ସୃଷ୍ଟି ସ୍ୱରୂପା ମିଶ୍ର, ତନୁଶ୍ରୀ ପ୍ରମୁଖ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ମୃତ୍ୟୁଞ୍ଜୟ ରଥ ଓ ଶ୍ୟାମପ୍ରକାଶ ସେନାପତି। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କାର୍ଯ୍ୟକାରୀ ସଭାପତି ମହାଦୀପ କର, ଉପସଭାପତି ଉମାକାନ୍ତ ଦାଶ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ମିଶ୍ର (ମୁନା), ଯୁଗ୍ମ ସମ୍ପାଦକ ହରିହର ଗୁରୁ, ସହ ସମ୍ପାଦକ ରଘୁନାଥ ପ୍ରତିହାରୀ, ଉପଦେଷ୍ଟା ରବିନାରାୟଣ ଗୁରୁ, ଜମ୍ବେଶ୍ୱର ପୂଜାପଣ୍ଡା, ପ୍ରସନ୍ନ ମିଶ୍ର, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଶରତ କୁମାର ପାତ୍ର, ଆଲୋକ ମହାପାତ୍ର।



ମାଣବସା ପାଇଁ ଧାନମେଣ୍ଢା ବିକ୍ରି

## ହବିଷ୍ୟାଳି ମା'ମାନଙ୍କୁ ଭାବପୂର୍ଣ୍ଣ ବିଦାୟ

**ପୁରୀ,୪।୧୧(ସମିସ):** ବୁଧବାର କାର୍ତ୍ତିକ ପୂର୍ଣ୍ଣିମା। ପବିତ୍ର ମହୋଦଧି ଏବଂ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇ, କାଳିଆ ଠାକୁରଙ୍କୁ ଦର୍ଶନ କରି ଘରକୁ ଫେରିଯିବେ ହବିଷ୍ୟାଳି। ଗୋଟିଏ ମାସ ହବିଷ ବ୍ରତ ସାରି ନିଜ ନିଜ ଘରକୁ ଫେରିବେ ମା'ମାନେ। ଏହାର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ମା'ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସମସ୍ତଙ୍କୁ କିଟ୍ସ ବ୍ୟାଗ୍ ସହ ଶୁଖିଲା ଭୋଗ ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଡ. ଶରତ ଚନ୍ଦ୍ର ମହାପାତ୍ର, ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଅନ୍ୟାନ୍ୟ ଅଧିକାରୀମାନେ କିଟ୍ସ ବଣ୍ଟନ କରିଥିଲେ।

ଦିଆଗଲା ମହାପ୍ରଭୁଙ୍କ ଶୁଖିଲା ଭୋଗ

## 'ନାରୀ ସମାଜର ଅବିଚ୍ଛେଦ୍ୟ ଅଙ୍ଗ'



**ପୁରୀ,୪।୧୧(ସମିସ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ 'ସମର୍ଥ ନାରୀ ସମୃଦ୍ଧ ଭାରତ' ଶୀର୍ଷକ ଦ୍ୱିଦିବସୀୟ ରାଷ୍ଟ୍ରୀୟ ମହିଳା ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଧର୍ମଶାସ୍ତ୍ର ବିଭାଗର ମୁଖ୍ୟ ବରିଷ୍ଠ ପ୍ରଫେସର ଲଳିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ରାଜସ୍ୱ ବିଭାଗ ଅଧିକାରୀ ସସ୍ମିତା ଶତପଥୀ, ସମ୍ମାନିତ ଅତିଥି ଭାବେ କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତିରାଣୀ ସାମନ୍ତ, ସାରସ୍ୱତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମିତାଲି ଚିନ୍ନାରା, ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀବିହାରର କୁଳ ସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ଯୋଗଦେଇଥିଲେ। ଦେଶର ପ୍ରଗତିରେ ନାରୀର ଭୂମିକା ମହତ୍ତ୍ୱପୂର୍ଣ୍ଣ। ନାରୀ ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ଏକ ସୁସଂଗଠିତ ଓ ସମୃଦ୍ଧ ସମାଜ ଗଠନ ପାଇଁ ପୁରୁଷଙ୍କ ସହ ନାରୀଙ୍କ ମଧ ସମ୍ପୂର୍ଣ୍ଣ ଅଧିକାର ଓ ସ୍ୱାଧୀନତା ଆବଶ୍ୟକ। ଯେଉଁ ଦେଶରେ ନାରୀମାନେ ଶିକ୍ଷିତ, ସ୍ୱାଧୀନ ଓ ସଶକ୍ତ ସେହି ଦେଶ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରିଥାଏ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିବା ସହ ନାରୀ ସଶକ୍ତୀକରଣ, ସମାନତା ଓ ନେତୃତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପୌରାଣିକ ଯୁଗର ନାରୀ ଓ ଆଧୁନିକ ନାରୀ ମଧ୍ୟରେ ରହିଥିବା ବିବିଧତା ଉପରେ ଆଲୋକପାତ କରିଥିଲେ। ଏଥିରେ ସମ୍ମିଳନୀର ସଂଯୋଜିକା ପ୍ରଫେସର ନିର୍ମଳା ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ଏମ୍. ଗୋସ୍ୱାମୀ ଏବଂ ମଞ୍ଚ ସଞ୍ଚାଳନ କରିଥିଲେ ଡ. ସ୍ୱାଗତିକା ମହାନ୍ତି।

● ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ

## ମାଣ୍ଡିଆରେ ପୋଷକତତ୍ତ୍ୱ ଭରପୂର ରହିଛି

**ପୁରୀ,୪।୧୧(ସମିସ):** ମଙ୍ଗଳବାର ସଦ୍‌ଭାବନା ସଭାଗୃହଠାରେ ପୁରୀ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ମାଣ୍ଡିଆ ସ୍ୱାସ୍ଥ୍ୟପ୍ରଦ ସହ ପୋଷକତତ୍ତ୍ୱରେ ଭରପୂର ରହିଥାଏ। ମାଣ୍ଡିଆର ବ୍ୟବହାରକୁ ଅଧିକ ପ୍ରସାରିତ କରିବା ଓ ବିଶ୍ୱସ୍ତରରେ ପହଞ୍ଚାଇବାକୁ ସରକାରଙ୍କ ପ୍ରୟାସକୁ ଆମେ ସମ୍ମିଳିତ ଭାବେ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ଅଙ୍ଗନବାଡ଼ି ଓ ବିଦ୍ୟାଳୟମାନଙ୍କରେ ମାଣ୍ଡିଆକୁ ସାମିଲ୍ କରାଯାଇଥିବା ବେଳେ ବିଭିନ୍ନ କ୍ୟାଣ୍ଟିନ୍, ହୋଟେଲ, ସରକାରୀ ବୈଠକ, ରାଜ୍ୟ ଓ ଜାତୀୟ କାର୍ଯ୍ୟକ୍ରମରେ ମାଣ୍ଡିଆଜାତ ବିବିଧ ଖାଦ୍ୟ ସାମଗ୍ରୀର ଚାହିଦା ବଢ଼ିଛି। କୃଷକମାନଙ୍କୁ ମାଣ୍ଡିଆ ଚାଷ ପାଇଁ ମଧ ପ୍ରୋତ୍ସାହନ ସରକାର ଦେଉଛନ୍ତି ବୋଲି ଶ୍ରୀ ବେହେରା ସୂଚନା ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟନାରାୟଣ କର ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ରେ ପ୍ରାୟ ୨୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇଛି। ଚଳିତବର୍ଷ ୩୦୦ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ କର ସୂଚନା ଦେବା ସହ ମାଣ୍ଡିଆ ଚାଷ ଓ ସହାୟକ ଉପକରଣ ପାଇଁ ପ୍ରୋତ୍ସାହନ ଦିଆଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ମଞ୍ଜୁଳା ତ୍ରିପାଠୀ, ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୂର୍ଯ୍ୟ ନାରାୟଣ ମିଶ୍ର, ସାକ୍ଷୀଗୋପାଳ କୃଷି ଅଧିକାରୀ ଡ. ପରେଶ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମାଣ୍ଡିଆ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ।

■ ଜଗାର ଜଣେ ଅଭିମାନୀ ଭକ୍ତ

## 'ଚେନ୍ ମିଳିଲେ ଯାଇ ଦର୍ଶନ କରିବି'

**ପୁରୀ,୪।୧୧(ସମିସ):** ନା ଆଉ ଦର୍ଶନ କରିବାକୁ ଶ୍ରୀମନ୍ଦିର ଯିବିନି। ପୁଅ ବାହାଘର ପାଇଁ ପ୍ରଥମେ ମୋ କାଳିଆ ଠାକୁରଙ୍କୁ ଗୁଆ ନିମନ୍ତ୍ରଣ ଦେବାକୁ ଆସିଥିଲି। ହେଲେ ଶ୍ରୀମନ୍ଦିର ଭିତରେ ମୋ ସୁନାଚେନ୍ ଚୋରି ହୋଇଗଲା। ପୁଲିସ ମୋତେ ଘରକୁ ପଠାଇ ଦେଇଥିଲା। ଏବେ ପୁଣି ଏତଲା ଦେବାକୁ ଆସିଛି। କିନ୍ତୁ ଆଉ ଦର୍ଶନ ପାଇଁ ମନ୍ଦିରକୁ ଯିବି ନାହିଁ। ଯେଉଁଦିନ ମହାପ୍ରଭୁ ମୋ ଚେନ୍ ଫେରାଇଦେବେ ସେହିଦିନ ଦର୍ଶନ କରିବି। ଏମିତି ଜଗା ଉପରେ ଅଭିମାନ କରି କହିଛନ୍ତି ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିର ମହିଳା ଶ୍ରଦ୍ଧାଳୁ ଆର୍. ଦୋରା।



ପୁଅ ବାହାଘର ପାଇଁ ଗୁଆ ନିମନ୍ତ୍ରଣ ଦେବାକୁ ଆସିଥିଲେ, ଚେନ୍ ଚୋରି ହୋଇଗଲା

ଶ୍ରୀମତୀ ଦୋରାଙ୍କ କହିବା ଅନୁଯାୟୀ, ପୁଅର ବାହାଘର ଠିକ୍ ହୋଇଯାଇଛି। ତେଣୁ ଗତ ଅଷ୍ଟମୀରେ ମହାପ୍ରଭୁଙ୍କୁ ଗୁଆ ନିମନ୍ତ୍ରଣ ଦେବାକୁ ଆସିଥିଲି। ଅଁଳାନବମୀ ଦିନ ପୁନଶ୍ଚ ରାଧାପାଦ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲି। କେହି ପଛପଟୁ ମୋ ବେକରେ ଥିବା ସୁନାଚେନ୍ କାଟି ନେଇଥିଲା। ମୁଁ ଜାଣିପାରି ନ ଥିଲି। ଫେରିବା ପରେ ସମ୍ପର୍କୀୟ କହିଲେ ଚେନ୍ ବେକରେ ନାହିଁ। ଏହାପରେ ପୁଣି ଶ୍ରୀମନ୍ଦିରକୁ ଯାଇଥିଲି। ଜଣେ ବ୍ୟକ୍ତି କହିଲେ, ମାଆ କାନ୍ଦନାହିଁ। କିଛି ଲୁଟେରା ମହିଳା ମନ୍ଦିର ଭିତରେ ଭକ୍ତଙ୍କୁ ଲୁଟ୍ କରୁଛନ୍ତି। ଜଗା ତୋତେ ୩ଟି ଚେନ୍ ଦବ, ଘରକୁ ପଳା। ମନ୍ଦିରରୁ ଫେରି ଥାନାକୁ ଗଲି। ପୁଲିସ ସିସିଟିଭି ଫୁଟେଜ୍ ଦେଖିଲେ। ମୋ ଠିକଣା ରଖି କହିଲେ, ତମେ ଘରକୁ ଯାଅ ଆମେ ଡକେଇବୁ। ହେଲେ କିଛି ଖବର ଗଲା ନାହିଁ। ତେଣୁ ମଙ୍ଗଳବାର ସିଂହଦ୍ୱାର ଥାନାକୁ ଏତଲା ଦେବାକୁ ଆସିଥିଲି। ଆଜି ଦର୍ଶନ କଲେ କି ବୋଲି ପ୍ରଶ୍ନରେ ଶ୍ରୀମତୀ ଦୋରା କାନ୍ଦି କାନ୍ଦି ଜଗା ଉପରେ ଅଭିମାନ କରି କହିଥିଲେ, 'ଜଗାକୁ ଗୁଆ ନିମନ୍ତ୍ରଣ ଦେବାକୁ ଆସିଥିଲି। ଶ୍ରୀମନ୍ଦିର ଭିତରେ ମୋତେ ଏମିତି ଦୁଃଖ ଦେଲା। ଆଉ ଜଗାକୁ ଦର୍ଶନ କରିବି ନାହିଁ, ଯେଉଁଦିନ ମୋ ଚେନ୍ ମୋତେ ଫେରାଇଦେବ ସେହିଦିନ ପତାକାଲାଗି କରି ଦର୍ଶନ କରିବି'। କାନ୍ଦି କାନ୍ଦି ଏମିତି ଅଭିମାନ କରିଥିଲେ ଶ୍ରୀମତୀ ଦୋରା।

## ରାସ୍ତା କାମରେ ନିୟୋଜିତ ବନ କର୍ମଚାରୀ

**ପୁରୀ,୪।୧୧(ସମିସ):** ବାଲୁଖଣ୍ଡ ଅଭୟାରଣ୍ୟ ଏବଂ ଏଥିରେ ଥିବା ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ବନ କର୍ମଚାରୀଙ୍କ ପ୍ରମୁଖ ଦାୟିତ୍ୱ। ହେଲେ ସେମାନଙ୍କୁ ତାଙ୍କ ମୂଳ ଦାୟିତ୍ୱରୁ ନିଆଯାଇ ରାସ୍ତା କାମରେ ନିୟୋଜିତ କରାଯାଉଛି। ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି କିଛି ପରିବେଶବିତ୍। ସେମାନେ ଅଭିଯୋଗ କରିଛନ୍ତି ଯେ, ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ଥିବା ସୈକତ ନିବାସଠାରୁ ନେଚର୍ କ୍ୟାମ୍ପ ଓ ସମୁଦ୍ର ବେଳାଭୂମିକୁ ଯାଇଥିବା ରାସ୍ତା କାମ କରୁଛନ୍ତି ବନ କର୍ମଚାରୀ। ନିୟମ ଅନୁସାରେ, ଏଠାରେ ଶ୍ରମିକ ଲାଗି କାମ ହେବା କଥା। କିନ୍ତୁ ଏଠି ବ୍ୟତିକ୍ରମ ଘଟୁଛି। ବନ ବିଭାଗରେ କାର୍ଯ୍ୟରତ ସ୍କ୍ୱାଡ୍‌ମାନେ ହାତରେ କୋଦାଳ ଧରି ଝୁଡ଼ିରେ ମୋରମ୍ ଭରି ମୁଣ୍ଡରେ ବୋହି ନେଇ ରାସ୍ତାରେ ପକାଉଛନ୍ତି। ଦାୟିତ୍ୱରେ ଥିବା ବନ ବିଭାଗର ଅଫିସର ସେମାନଙ୍କୁ ଏଭଳି କାର୍ଯ୍ୟରେ ଲଗାଉଛନ୍ତି। ଯଦି କେହି କଥା ନ ମାନେ ଅନ୍ୟତ୍ର ବଦଳି କରିଦେବାକୁ ଫରେଷ୍ଟର ଧମକ ଦେଉଥିବା ଅଭିଯୋଗ ହୋଇଛି। ରାସ୍ତା କାମରେ ଯେଉଁମାନେ ଲାଗିଲେ ସେମାନଙ୍କ ଜାଗାରେ ଶ୍ରମିକଙ୍କ ନାମରେ ବିଲ୍ ହେଉଛି। ଏହି ଟଙ୍କାକୁ ଦାୟିତ୍ୱରେ ଲଗାଇଥିବା ଅଧିକାରୀ ଆତ୍ମସାତ୍ କରୁଛନ୍ତି। ଅନ୍ୟପଟେ କାମରେ ନିୟୋଜିତ ବନ ବିଭାଗ ସ୍କ୍ୱାଡ୍ କର୍ମୀମାନେ ସରକାରଙ୍କଠାରୁ ଦରମା ପାଉଛନ୍ତି। ତେଣୁ ଜଣଙ୍କ ପାଇଁ ଦୁଇଟି ବାଟରେ ସରକାରୀ ରାଜକୋଷରୁ ଟଙ୍କା ଆସୁଛି ବୋଲି ଅଭିଯୋଗ ହେଉଛି। ଏହି ଅଭିଯୋଗ ସଂକ୍ରାନ୍ତରେ ବାଲୁଖଣ୍ଡ ଫରେଷ୍ଟର ରବୀନ୍ଦ୍ର କୁମାର ସ୍ୱାଇଁଙ୍କୁ ପଚାରିବାରେ ସେମିତି କିଛି ନୁହେଁ। ପର୍ଯ୍ୟଟକଙ୍କ ଗାଡ଼ି ଯିବା ପାଇଁ ରାସ୍ତାରେ ମୋରମ୍ ପଡ଼ିଥିବାରୁ ଅସୁବିଧା ହେଉଥିଲା। ଏଥିପାଇଁ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିଲା। ଜରୁରୀ ପଡ଼ିବାରୁ ବନ କର୍ମଚାରୀ ସେମାନଙ୍କୁ କାମରେ ସାହାଯ୍ୟ କରୁଥିଲେ। ଏମିତି ନୁହେଁ ଯେ, ସେମାନଙ୍କୁ କାମରେ ନିୟୋଜିତ କରାଯାଇଥିଲା। ଜରୁରୀ ଆବଶ୍ୟକ ପଡ଼ିଲେ ସେଠି ଅଧିକାରୀ ହୁଅନ୍ତୁ ବା ଅନ୍ୟ କର୍ମଚାରୀ ଯଦି ସ୍ୱଇଚ୍ଛାରେ ସହଯୋଗ କରନ୍ତି ଏହା ଅପରାଧ ନୁହେଁ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।



ଅଭୟାରଣ୍ୟକୁ ସୁରକ୍ଷା ଦେବ କିଏ?


ବାଲିଘାଇ ଫାଣ୍ଡି ପରିସରରୁ ଜଳ ନିଷ୍କାସନ ହେଉନି

## ବନ୍ଦ ହୋଇଥିବା ପଥ ଖୋଲିବାକୁ ଆପ୍‌ର ଉଦ୍ୟମ

**ପୁରୀ,୪।୧୧(ସମିସ):** ପୁରୀ ଜିଲ୍ଲାରେ ମାତିଛନ୍ତି ବାଲି ଓ ଜମି ମାଫିଆ। ବିଭିନ୍ନ ଜାଗାରେ ବେଆଇନ ଭାବେ ଜମି ହାତେଇ ଏହାକୁ ବିକ୍ରି କରୁଛନ୍ତି କିଛି ଅସାଧୁ ବ୍ୟକ୍ତି। ହେଲେ ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ କେଉଁଭଳି ସମସ୍ୟା ହେଉଛି କିଏ ଅସୁବିଧାରେ ପଡ଼ିବ ସେ ସମ୍ପର୍କରେ ତର୍ଜମା କରୁନାହାନ୍ତି। ଏମିତିକି ଅନେକ ବ୍ୟକ୍ତି ଅଛନ୍ତି, ସମସ୍ୟା ବିଷୟରେ ଜାଣି ସୁଦ୍ଧା ଚୁପ୍ ବସୁଛନ୍ତି। ଫଳରେ ଅନ୍ୟମାନେ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ଏବେ ଏମିତି ଏକ ଚିତ୍ର ଆସିଛି ବାଲିଘାଇ ଫାଣ୍ଡିରୁ। ନିକଟସ୍ଥ ନୟନଜୋରିକୁ ପୋତାଯିବାରୁ ଫାଣ୍ଡି ପରିସରରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ଦୀର୍ଘଦିନ ହେଲାଣି ଥାନା ପରିସରରେ ଜମିଛି ବର୍ଷା ପାଣି। ଫଳରେ ଫାଣ୍ଡି ପରିସରରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ପାଣି ଜମି ରହି ଦୁର୍ଗନ୍ଧ ହେଉଛି। ଏହାକୁ ନେଇ କିଛିଦିନ ହେବ ବିଭିନ୍ନ ଫୋରମ୍‌ରେ ଅଭିଯୋଗ କରିଆସୁଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ହେଲେ ଏପର୍ଯ୍ୟନ୍ତ ସମାଧାନ ନ ହେବାରୁ ମଙ୍ଗଳବାର ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତିଙ୍କ ନେତୃତ୍ୱରେ ଦଳର କିଛି କାର୍ଯ୍ୟକର୍ତ୍ତା କୋଦାଳ, ଶାବଳ ଧରି ପୋତିହୋଇ ଯାଇଥିବା କଲ୍‌ଭର୍ଟ ଜଳ ନିଷ୍କାସନ ପଥ ଖୋଲିବା ପାଇଁ ପହଞ୍ଚିଥିଲେ। ସେମାନଙ୍କୁ ସାମାନ୍ୟ ବିରୋଧର ଶିକାର ହେବାକୁ ପଡ଼ିଥିଲା। ତେବେ ଅନୁଧ୍ୟାନ ପରେ ଜଣାପଡ଼ିଥିଲା ଯେ, ସଦର ଥାନାଧିକାରୀ ସୁନୀଲ ପ୍ରଧାନ (ଯେହେତୁ ବାଲିଘାଇ ଫାଣ୍ଡି ସଦର ଥାନା ଅଧୀନରେ ରହିଛି) ମଧ ଏ ବିଷୟରେ ଗୋପ ତହସିଲ୍‌ଦାରଙ୍କୁ ଚିଠି ଲେଖିଛନ୍ତି। ଡିମାର୍କେସନ କରି ଯଦି ବେଆଇନ ଭାବେ ପୋତାଯାଇଛି ତେବେ ଉଚ୍ଛେଦ କରିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ହେଲେ ଏ ଦିଗରେ କାହିଁକି କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ପ୍ରଶ୍ନ କରିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି।

ନିକଟରେ ଯେଉଁମାନେ ଜମି ପ୍ଲଟିଂ କରିଛନ୍ତି, ସେମାନଙ୍କ ସହିତ ଗୋପ ତହସିଲ୍ ଏବଂ ଆର୍‌ଆଇ ଅଫିସର କିଛି ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପର୍କ ରହିଛି। ନଚେତ୍ ଏମିତି ହୋଇଥିବା କିଛି ପ୍ରଭାବଶାଳୀ ବ୍ୟକ୍ତି ସେଠାରେ ଜାଗା କିଣିଥିବେ ଯେଉଁଥିପାଇଁ ପ୍ରଶାସନ ନିରବ ରହୁଛି। ମଙ୍ଗଳବାର ଆପ୍ କେବଳ ଜଳ ନିଷ୍କାସନ ପଥ ଖୋଲିବା ଆରମ୍ଭ କରିଛି। ପୁଲିସ ସୁରକ୍ଷା ଆମ ପାଇଁ ପ୍ରାଥମିକତା। କିନ୍ତୁ ଆଶ୍ଚର୍ଯ୍ୟ ବିଭାଗ ମଧ୍ୟରେ ସମନ୍ୱୟ ରହୁନାହିଁ। ୩ ଦିନ ସମୟ ଦେଇଛୁ। ଯଦି ଏହାର ସମାଧାନ କରା ନ ଯାଏ ତେବେ ଆପ୍ ଏହାକୁ ଖୋଲି ନୟାନଜୋରିକୁ ପରିଷ୍କାର କରି ଫାଣ୍ଡିକୁ ରକ୍ଷା କରିବ ବୋଲି କହିଛନ୍ତି ସଞ୍ଜୀବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ରବୀନ୍ଦ୍ର ସାହୁ, ଗୋପ ବ୍ଲକ୍ ଆପ୍ ସଭାପତି ଉମାକାନ୍ତ ସାହୁ ଓ କାକଟପୁର ଉପସଭାପତି ରମେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



କରୁଥିବା କାମକୁ ଭଲ ପାଇବା ହିଁ ସବୁଠାରୁ ଶ୍ରେଷ୍ଠ କାମ।
-ଷ୍ଟିଭ୍ ଜବ୍ସ

ସକାଳ
THE SAKALA

## ମୂଳରୁ ତଦନ୍ତ ହେଉ

ପୁଲିସ୍ ଏଏସ୍ଆଇ ଚାକିରି ବିକ୍ରି ଘଟଣାରେ ଇତିମଧ୍ୟରେ ରାଜ୍ୟ ଅପରାଧ ନିୟନ୍ତ୍ରଣ ଶାଖାର ତଦନ୍ତକାରୀ ଅଧିକାରୀମାନଙ୍କୁ ଆଂଶିକ ସଫଳତା ମିଳିଛି। ପ୍ରମୁଖ ଅଭିଯୁକ୍ତ ପଞ୍ଚସପ୍ଟ କମ୍ପାନୀର ମୁଖ୍ୟ ଶଙ୍କର ପୃଷ୍ଟିଙ୍କୁ ପୂର୍ବରୁ ଉତ୍ତରାଖଣ୍ଡରୁ ଗିରଫ କରାଯାଇଥିବା ବେଳେ ତାଙ୍କ ବୟାନ ଆଧାରରେ ସିଲିକନ୍ ଟେକ୍‌ର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକଙ୍କୁ ଗିରଫ କରାଯାଇଛି। ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ, ପରିବହନ ଆଦି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୁରେଶଙ୍କ ଉପରେ ନ୍ୟସ୍ତ ଥିବା ବେଳେ ପ୍ରଶ୍ନପତ୍ର ବିକ୍ରି ଓ ଅର୍ଥ ଆଦାୟ ଆଦି କାର୍ଯ୍ୟ ପାଇଁ ଶଙ୍କର ଦଲାଲ ସାଜିଥିଲେ। କିନ୍ତୁ ଏହି ସମ୍ପୂର୍ଣ୍ଣ ଘଟଣାରେ ଓଡ଼ିଶା ପୁଲିସ୍ ରିକ୍ରୁଟ୍‌ମେଣ୍ଟ ବୋର୍ଡ(ଓପିଆରବି)ର ଉତ୍ତରଦାୟିତ୍ୱ ନିର୍ବାହରେ ଯତ୍ନଶୀଳତା ପ୍ରଶ୍ନଘେରକୁ ଆସିଥିଲେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ତଦନ୍ତର ସୂଚୀ ସେହି ଦିଗଟିକୁ ଏ ପର୍ଯ୍ୟନ୍ତ ଇଙ୍ଗିତ କରିପାରି ନଥିବା ଭଳି ଜଣାପଡୁଛି

ଇତିମଧ୍ୟରେ ଦୁର୍ନୀତିର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ଦେବା ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ରାଜ୍ୟ ପୁଲିସ୍‌ର ଅପରାଧ ନିୟନ୍ତ୍ରଣ ଶାଖା ତଦନ୍ତରେ ବେଶ୍ ଅଗ୍ରଗତି କରିସାରିଥିଲେ ମଧ୍ୟ ସିବିଆଇ ତଦନ୍ତର ଆବଶ୍ୟକତା ନେଇ ପ୍ରଶ୍ନ ଉଠୁଛି। ଏହା ଅସ୍ୱୀକାର କରିବାର ନାହିଁ ଯେ ଏଭଳି ବ୍ୟାପକ ଓ ଜଟିଳ ଦୁର୍ନୀତିର ତଦନ୍ତ ସିବିଆଇ ଦ୍ୱାରା କରାଗଲେ ହିଁ ନିରପେକ୍ଷତା ସନ୍ଦେହର ଊର୍ଦ୍ଧ୍ୱକୁ ଯାଇପାରିବ। ତେଣୁ ଆସନ୍ନ ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ସରକାର ନିଜ ଭାବମୂର୍ତ୍ତି ଉଜ୍ଜ୍ୱଳ କରିବାକୁ ସିବିଆଇ ତଦନ୍ତ ଘୋଷଣା କରିଥାଇ ପାରନ୍ତି କିମ୍ବା ଏହି ଘୋଷଣା ପରେ ରାଜ୍ୟ ଅପରାଧ ନିୟନ୍ତ୍ରଣ ଶାଖାର ତଦନ୍ତ ତ୍ୱରାନ୍ୱିତ ହୋଇଥାଇପାରେ। କିନ୍ତୁ ସାମଗ୍ରିକ ଘଟଣାର ଏ ପର୍ଯ୍ୟନ୍ତ ଘଟିଥିବା ଅଗ୍ରଗତିରୁ କେତେକ ଦ୍ୱନ୍ଦ୍ୱ ରହିଯାଇଛି।

ପରୀକ୍ଷା ପରିଚାଳନାର ମୁଖ୍ୟ ଦାୟିତ୍ୱ ଥିଲା ଓପିଆରବି ଉପରେ। ପ୍ରଶ୍ନପତ୍ର ପ୍ରସ୍ତୁତି ଓ ଆନୁଷଙ୍ଗିକ ଦାୟିତ୍ୱ ଗୁଜରାଟ ସ୍ଥିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଇଟିଆଇକୁ ଦିଆଗଲା। ଏଥିପାଇଁ ସରକାରଙ୍କ ଅନୁମତି ନିଆଯାଇଥିଲା ନା ବୋର୍ଡ କର୍ତ୍ତୃପକ୍ଷ ନିଜେ ଏହି ନିଷ୍ପତ୍ତି ନେଇଥିଲେ ତାହା ଏଯାଏଁ ସ୍ପଷ୍ଟ ହୋଇନି। ସେହିପରି ଆଇଟିଆଇ କାର୍ଯ୍ୟଭାର ହାଲ୍‌କା ପାଇଁ ଭୁବନେଶ୍ୱର ସ୍ଥିତ ସିଲିକନ୍ ଟେକ୍‌କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ସିଲିକନ୍ ପୁଣି ପଞ୍ଚସପ୍ଟକୁ ଦାୟିତ୍ୱ ଦେଇଥିଲା। ଦ୍ୱିତୀୟ ପକ୍ଷ ଆଇଟିଆଇ ତା' ଦାୟିତ୍ୱ ତୃତୀୟ ପକ୍ଷ ସିଲିକନ୍ ଟେକ୍‌କୁ ହସ୍ତାନ୍ତର କରିବା ପୂର୍ବରୁ ପ୍ରଥମ ପକ୍ଷ ଓପିଆରବିର ଅନୁମତି ନେଇଥିଲା କି ନାହିଁ ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ। ରାଜ୍ୟସ୍ତରୀୟ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପରିଚାଳନା ଏଭଳି କଣ୍ଢେଇ ଭଳି ହାତକୁ ହାତ ହୋଇ ବିଭ୍ରାଟ ସୃଷ୍ଟି ହେବା ପଛରେ ପ୍ରଥମ ଓ ଦ୍ୱିତୀୟ ପକ୍ଷର କାର୍ଯ୍ୟାବଳୀ ସ୍ୱତଃ ସନ୍ଦେହଘେରକୁ ଆସିଯାଉଛି। ତଦନ୍ତ ଦାୟିତ୍ୱରେ ଥିବା ଅଭିଜ୍ଞ ଅଧିକାରୀମାନେ ଯେ ଏଥିପ୍ରତି ଅଜ୍ଞ ଥିବେ ସେହି ଅଭିଯୋଗ ନିରାଧାର। ଓପିଆରବି ଓ ଆଇଟିଆଇରେ କାର୍ଯ୍ୟରତ ଉଚ୍ଚ ପଦାଧିକାରୀଙ୍କୁ ପଚରାଉଚୁରା କରିବାକୁ ବୋଧହୁଏ ରାଜ୍ୟ ତଦନ୍ତକାରୀ ଅଧିକାରୀଙ୍କ ହାତ ପାଉ ନଥିବାରୁ ସିବିଆଇକୁ ତଦନ୍ତ ଭାର ଦିଆଯାଇଛି ବୋଲି ହେଉଥିବା ଆଲୋଚନାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ତେବେ ସିବିଆଇ ତଦନ୍ତ ଦୁର୍ନୀତିର ମୂଳକୁ ଛୁଇଁବ ନା କ୍ରାଇମ୍‌ବ୍ରାଞ୍ଚ ଯେଉଁଠୁ ଛାଡ଼ିବ ସେଇଠାରୁ ଆରମ୍ଭ ହେବ ତାହା ଜାଣିବାକୁ ରାଜ୍ୟବାସୀ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ●

## ପ୍ରବାସୀଙ୍କ ସୁରକ୍ଷା ଚିନ୍ତା

ଉତ୍ତର ଆଫ୍ରିକୀୟ ଦେଶ ସୁଦାନରେ ଶ୍ରମିକ ଭାବେ କାର୍ଯ୍ୟରତ ଓଡ଼ିଶାର ଆଦର୍ଶ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ବିଦ୍ରୋହୀମାନେ ଅପହରଣ କରି ନେଇଥିବା ଖବର ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଆଦର୍ଶଙ୍କୁ ଉଦ୍ଧାର ପାଇଁ ଭାରତ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଆଦର୍ଶଙ୍କ ଭଳି କାମଧନ୍ଦା ଅନ୍ୱେଷଣରେ ଦେଶାନ୍ତରୀ ହେଉଥିବା ଲକ୍ଷଲକ୍ଷ ଶ୍ରମିକଙ୍କ ମଧ୍ୟରୁ ଅନେକେ ଏଭଳି ଅପହରଣ, ପଣବନ୍ଦୀ, ଗୋତିଶ୍ରମିକ ଭାବେ ନିର୍ଯାତିତ ହେଉଥିବା ବେଳେ ଅନେକଙ୍କୁ ହତ୍ୟା କରାଯାଉଛି। ପୁଣି ଆହୁରି ଅନେକ ବିଭିନ୍ନ ଅଭିଯୋଗରେ ଗିରଫ ହୋଇ ସେଠାକାର କାରାଗାରମାନଙ୍କରେ ବନ୍ଦୀ ଭାବେ ଜୀବନ କାଟୁଛନ୍ତି। ଅନେକଙ୍କୁ ମଧ୍ୟ କାମ ପରେ ଦରମା ମିଳୁ ନାହିଁ। ସେଥିମଧ୍ୟରୁ ଯେଉଁମାନଙ୍କ ସମ୍ପର୍କରେ ସୂଚନା ମିଳୁଛି ସେମାନଙ୍କ ପାଇଁ ସହାୟତାର ହାତଟିଏ ଦେଖାଯାଉଛି। ଆଉ କେତେକ କ୍ଷେତ୍ରରେ ଭାରତ ସରକାରଙ୍କ ପାଖରେ ସୂଚନା ଥିଲେ ମଧ୍ୟ ଉପଯୁକ୍ତ ଆଇନ ଅଭାବରୁ ନିରୁପାୟ ଓ ନିରବ ରହିବା ସାର ହେଉଛି।

ଏଭଳି ଘଟଣାରେ ଦୁଇଟି ପ୍ରସଙ୍ଗ ସାମ୍ନାକୁ ଆସୁଛି। ବିଶ୍ୱର ଚତୁର୍ଥ ଅର୍ଥନୀତିର ମାନ୍ୟତା ପାଇଥିବା ଏକ ରାଷ୍ଟ୍ରରେ ବେରୋଜଗାରୀ ସ୍ଥିତି ଏତେ ଉତ୍କଟ ଯେ ନିଜ ଭିଟାମାଟି, ସହର, ରାଜ୍ୟ ଛାଡ଼ି ଲୋକେ ଦେଶାନ୍ତର ହେଉଛନ୍ତି। ଏଥିରୁ ଆଉ ଏକ ପ୍ରମାଣ ସ୍ପଷ୍ଟ ହେଉଛି ଯେ ରୋଜଗାର କ୍ଷେତ୍ରରେ ଗୃହଯୁଦ୍ଧ ବିଧ୍ୱସ୍ତ ସୁଦାନ୍ ବରଂ ଭାରତଠାରୁ ଉତ୍କୃଷ୍ଟ ସ୍ତରରେ ରହିଛି। ଦ୍ୱିତୀୟ ପ୍ରସଙ୍ଗଟି ହେଲା ଆମ ସରକାର ଏ ପର୍ଯ୍ୟନ୍ତ ଦେଶାନ୍ତରୀ ପ୍ରବାସୀ ଭାରତୀୟ ଶ୍ରମିକଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ସେଭଳି କିଛି ପ୍ରଭାବଶାଳୀ ପଦକ୍ଷେପ ନେଇପାରିନାହାନ୍ତି। ବେସରକାରୀ ସୂଚନା ଅନୁଯାୟୀ ପ୍ରାୟ ଦୁଇଶହ ଦେଶରେ ୧ କୋଟି ୭୦ ଲକ୍ଷ ଭାରତୀୟ ଶ୍ରମିକ କାର୍ଯ୍ୟ କରୁଛନ୍ତି। ସଂସଦୀୟ ସୂଚନା ଅନୁଯାୟୀ ଗତ ତିନିବର୍ଷ ଭିତରେ ୧୨ ଲକ୍ଷ ଭାରତୀୟ ଶ୍ରମିକ କାମଧନ୍ଦା ଅନ୍ୱେଷଣରେ ଦେଶାନ୍ତର ହୋଇଛନ୍ତି।

ଦେଶାନ୍ତରୀ ଭାରତୀୟଙ୍କ ସୁରକ୍ଷା ପାଇଁ ଆମ ଦେଶରେ ପ୍ରଚଳିତ ଆଇନ୍‌ଟି ପ୍ରାୟ ୪୦ ବର୍ଷ ପୁରୁଣା। ଏହାକୁ ସମଯୋପଯୋଗୀ କରିବା ପାଇଁ ୨୦୧୯ ଓ ୨୦୨୧ରେ ପ୍ରୟାସ ହୋଇଥିଲେ ମଧ୍ୟ ଆନ୍ତରିକତା ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ସୁଖର କଥା ନିକଟରେ କେନ୍ଦ୍ର ସରକାର ଏ ସମ୍ପର୍କିତ ନୂଆ ଚିଠା ବିଧେୟକଟିଏ ପ୍ରସ୍ତୁତ କରି ଜନମତ ଲୋଡ଼ିଛନ୍ତି। ଓଭରସିଜ୍ ମୋବିଲିଟି(ଫାସିଲିଟେସନ୍ ଆଣ୍ଡ ୱେଲ୍‌ଫେୟାର) ବିଲ୍ ୨୦୨୫ ନାମରେ ଆଗତ ଏହି ଚିଠା ବିଧେୟକରେ ଥିବା ପ୍ରସ୍ତାବରେ ଶ୍ରମିକଙ୍କ ସୁରକ୍ଷାରେ ଆନ୍ତରିକତା ତୁଳନାରେ ଅମଲାତାନ୍ତ୍ରିକ ଉଦାସୀନତା ଅଧିକ ଥିବା ଅଭିଯୋଗ ହୋଇଛି। 'କାମ'ର ସଂଜ୍ଞା ନିରୂପଣ ହୋଇନଥିବା ବେଳେ ଅଭିଯୋଗ ଆସୁଥିବା ଦେଶ ସହିତ କିଭଳି ଆଲୋଚନା କରି ସମସ୍ୟା ସମାଧାନ କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ପ୍ରବାସୀ ଶିଶୁ ଓ ମହିଳା ଶ୍ରମିକଙ୍କ ସୁରକ୍ଷା କିମ୍ବା ପ୍ରବାସୀ ଶ୍ରମିଙ୍କ ଆର୍ଥିକ ନିରାପତ୍ତା ପାଇଁ ପାଣ୍ଠି ଗଠନ ସମ୍ପର୍କରେ ପ୍ରସ୍ତାବ ନାହିଁ। ତେଣୁ ପ୍ରବାସୀ ଭାରତୀୟ ଶ୍ରମିକଙ୍କ ନିରାପତ୍ତା ପାଇଁ ଏହି ବିଧେୟକ ଆଇନରେ ପରିଣତ ହେବା ପୂର୍ବରୁ ସଂସଦରେ ବ୍ୟାପକ ଆଲୋଚନା ହେବା ଆବଶ୍ୟକ। ଏଥିସହିତ ଆନ୍ତର୍ଜାତିକ ଶ୍ରମ ସଂଗଠନର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ଧାରା ମାନ ସାମିଲ୍ କରାଗଲେ ପ୍ରସ୍ତାବିତ ଆଇନଟି ପ୍ରଭାବଶାଳୀ ଓ ଉପଯୋଗୀ ହୋଇପାରିବ। ●

# ଗରିବ ସଂଜ୍ଞା ଓ ନୀତି ନିର୍ଦ୍ଧାରଣ

**ପ୍ରତାପ ଚନ୍ଦ୍ର ସାମଲ**

ଭାରତର ଆନୁମାନିକ ଜନସଂଖ୍ୟା ଗତ ଅକ୍ଟୋବର ସୁଦ୍ଧା ୧୪୬ କୋଟିରୁ ସାମାନ୍ୟ ଅଧିକ ଥିଲା ବେଳେ ସେମାନଙ୍କ ମଧ୍ୟରୁ ଶତକଡ଼ା ୬.୭ ଭାଗ ଲୋକ ଗରିବ। ଆନ୍ତର୍ଜାତିକ ମାନଦଣ୍ଡକୁ ବିଚାରକୁ ନେଲେ ଭାରତରେ ପ୍ରାୟ ୮ କୋଟି ଲୋକ ଗରିବ ଥିବା ବେଳେ ବିଶ୍ୱରେ ସେହି ସଂଖ୍ୟା ୩୪୪ କୋଟି। ପ୍ରକୃତରେ ମୌଳିକ ଆବଶ୍ୟକତାର କୌଣସି ସୀମା ନାହିଁ। ବର୍ତ୍ତମାନ ସରକାର ଦାରିଦ୍ର୍ୟ ଦୂରୀକରଣ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ବର୍ଷକୁ ଲକ୍ଷ ଲକ୍ଷ କୋଟି ଟଙ୍କା ବିନିଯୋଗ କରୁଥିଲା ବେଳେ ଅନ୍ୟପକ୍ଷରେ ବହୁଲୋକ ଏହା ଫଳରେ ସେମାନଙ୍କର କାର୍ଯ୍ୟ ଦକ୍ଷତା ହରାଉଛନ୍ତି।

ଦାରିଦ୍ର୍ୟ ସୀମାରେଖାକୁ ନେଇ ବହୁତ ବିତର୍କ ସୃଷ୍ଟି ହୋଇଛି। କେତେବେଳେ ପାରିବାରିକ ଖର୍ଚ୍ଚକୁ ନେଇ ସୀମାରେଖା ନିର୍ଦ୍ଧାରିତ ହୋଇଥିଲା ବେଳେ ଆଉ କେତେବେଳେ ଦୈନିକ ଗ୍ରହଣ କରୁଥିବା ଖାଦ୍ୟର କ୍ୟାଲୋରୀକୁ ନେଇ ସୀମାରେଖା ନିର୍ଦ୍ଧାରଣ ଆଖି ଆଗରେ ରଖି ପୁନଃ ଉପସ୍ଥାପିତ ହେଉଛି। ସରକାରଙ୍କ ରିହାତି ଚାଉଳ ଓ ମନରେଗା ଆଦି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏହା ଦାରିଦ୍ର୍ୟ ହଟାଇବାରେ ସମର୍ଥ ହୋଇପାରି ନାହିଁ। ଯାହା ଦୂର ହେଉଛି ତା'ର ପ୍ରତିଶତ ଖୁବ୍ କମ୍। ତେଣୁ ଯେତେ ଯାହା ଯୋଜନା ହେଉ ପଛେ ଯେଉଁ ପର୍ଯ୍ୟନ୍ତ ଯୋଜନା ଅର୍ଥର ସଠିକ୍ ବିନିଯୋଗ ହୋଇପାରିନାହିଁ ସେ ପର୍ଯ୍ୟନ୍ତ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ନୁହେଁ। ନିମ୍ନ ଆୟକାରୀ ବ୍ୟକ୍ତିଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ସମୟରେ ଏହା ଉପରେ ବ୍ୟାପକ ତର୍ଜମା ହେବା ଆବଶ୍ୟକ ବୋଲି ପ୍ରାକ୍ତନ ଓଡ଼ିଶା ମୁଖ୍ୟ ଶାସନ ସଚିବ ଯୁଗଳ କିଶୋର ମହାପାତ୍ର ଏକଦା ମତ ଦେଇଥିଲେ। ବିଶିଷ୍ଟ ଅର୍ଥନୀତିଜ୍ଞ ବୈଦ୍ୟନାଥ ମିଶ୍ରଙ୍କ ମତରେ ଦାରିଦ୍ର୍ୟ ସୀମାରେଖା ନିର୍ଦ୍ଧାରଣ ସମୟରେ ଯେଉଁ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉଛି ତାହା କେତେ ଯୁକ୍ତିଯୁକ୍ତ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କୃଷି ସହିତ ଶିଳ୍ପ ଭିତ୍ତିଭୂମିର ବିକାଶ କରି ପୃଥିବୀର ଅଧିକାଂଶ ରାଷ୍ଟ୍ର ଦାରିଦ୍ର୍ୟ ଦୂରୀକରଣ କରିବାରେ ସମର୍ଥ ହୋଇଥିଲା ବେଳେ ଏହି ପନ୍ଥାକୁ ଆମ ଦେଶ ଆପଣେଇବା ଜରୁରୀ ହୋଇପଡ଼ିଛି। ସମ୍ପ୍ରତି ଭାରତରେ ବଳଦ ଅଭାବରୁ ଛୋଟ ଜମି ଚାଷ ହୋଇପାରୁନାହିଁ କି ଜମିରେ ଗୋବର ଖତ ବ୍ୟବହାର ହୋଇପାରୁ ନାହିଁ। ଯେଉଁ କୃଷି ଶ୍ରମିକମାନେ ମୂଲ ଉପରେ ନିର୍ଭର କରି ଚଳୁଥିଲେ ସେମାନେ ପର୍ଯ୍ୟାପ୍ତ କାମ ନପାଇ ବାହାର ରାଜ୍ୟରେ ଅନ୍ୟ କାର୍ଯ୍ୟକୁ ଆଦରି ନେଉଛନ୍ତି। ନିରନ୍ତର ବିକାଶରେ କୃଷି ଏକ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ବେଳେ ଏଥିଲାଗି ଗ୍ରାମାଞ୍ଚଳରେ ସହରାଞ୍ଚଳ ଭଳି ସୁବିଧା ସୁଯୋଗ ଉପଲବ୍ଧ କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସେହିପରି ଦାରିଦ୍ର୍ୟ ଦୂରୀକରଣ ପାଇଁ କୃଷି ସହିତ ଶିଳ୍ପକୁ ପ୍ରାଧାନ୍ୟ ଦିଆଯିବାର ଆବଶ୍ୟକତା ରହିଥିବା ବେଳେ ଶିଳ୍ପ ପାଇଁ ଯେପରି କୃଷି ବାଧାପ୍ରାପ୍ତ ନହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଲୋକମାନଙ୍କର ମାନସିକତାର ପରିବର୍ତ୍ତନ ହୋଇ ନପାରିଲେ ବିଭାଗର ଅଗ୍ରଗତି ହୋଇପାରିବ ନାହିଁ। ବ୍ରିଟିଶ ଶାସନ ସମୟରେ ଖାଦ୍ୟ ଅଭାବ ଓ ଖରାପ ପ୍ରଶାସନିକ ବ୍ୟବସ୍ଥା ପାଇଁ ୧୯୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ଦେଖାଦେଇଥିଲା। ଆଜି ପର୍ଯ୍ୟନ୍ତ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରି ନାହିଁ। ଦାରିଦ୍ର୍ୟ ଦୂରୀକରଣ ପାଇଁ ସମ୍ବଳର ଆବଶ୍ୟକତା ଥିଲା ବେଳେ ଏହାର ସଠିକ୍ ବିନିଯୋଗ ଜରୁରୀ। ଯୋଜନା ପାଇଁ ଆସୁଥିବା ଅର୍ଥକୁ ଉତ୍ପାଦନଭିତ୍ତିକ ବାଟରେ ଖର୍ଚ୍ଚ କରାଗଲେ ବରଂ ସମସ୍ୟାର ସମାଧାନ ହୋଇପାରିବ। ଅନେକ ଦରିଦ୍ର ଲୋକଙ୍କ ପାଖରେ ଦୃଢ଼ ମନୋବଳ ଏବଂ ସାମାଜିକ ବଳ ଥିବା ବେଳେ ଏହାକୁ ବିନିଯୋଗ କରିବା ଆବଶ୍ୟକତା ରହିଛି।

ବାଂଲାଦେଶ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠାତା ତଥା ଅର୍ଥନୀତି ବିଶାରଦ ପ୍ରଫେସର ମହମ୍ମଦ ୟୁନୁସଙ୍କର ଦାରିଦ୍ର୍ୟ ଦୂରୀକରଣ ଉପରେ ଗବେଷଣା ଶୀର୍ଷକ ଏକ ସନ୍ଦର୍ଭରେ ପ୍ରକାଶ କରିଛନ୍ତି ଯେ ଦାରିଦ୍ର୍ୟର ସଂଜ୍ଞା ନିରୂପଣ ପାଇଁ ଏକ ବଖରା ଆଜବେଷ୍ଟସ ପକ୍କା ଘରର ଆବଶ୍ୟକ। ଦୁଇ ଓଳି ଖାଇବା ପାଇଁ ଖାଦ୍ୟର ଆବଶ୍ୟକତା। ଯାତାୟତ ପାଇଁ ଏକ ସାଇକେଲ ଏବଂ ବର୍ଷକୁ ୪ ଗୋଟି ଲୁଗାର ଆବଶ୍ୟକତା ଅଛି। ଏକ ଏକର ଚାଷଜମି ଥିବା ଆବଶ୍ୟକ। ଏହାଠାରୁ କମ୍ ହେଉଥିଲେ ଆମେ ଗରିବ ବୋଲି ପରିଗଣିତ କରିବା ଉଚିତ୍। ମାତ୍ର ଆମ ଦେଶରେ ଏହାର ବିଡ଼ମ୍ବନା। ୫ ଏକର ଚାଷଜମି ଥାଇ ମଧ୍ୟ ଜଣେ ଦାରିଦ୍ର୍ୟ ସୀମାରେଖା ତଳେ ରହି ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ସରକାରୀ ସାହାଯ୍ୟ ପାଇଁ ଆଗଭର। ଭୋଟ ଆପଣେଇବା ପାଇଁ କିଛି ରାଜନୈତିକ ଦଳ ଏସବୁ କାର୍ଯ୍ୟରେ ସେମାନଙ୍କୁ ସାହାଯ୍ୟ କରିବାକୁ ପଛାଉନାହାନ୍ତି। ୨୦୦୦ ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ଶାସନ ଦାୟିତ୍ୱରେ ଥିବା ବିଜେଡି ଗରିବଙ୍କ ହିତ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାର ଗରିବ ଅଭିମୁଖି ବିକାଶ କାର୍ଯ୍ୟକ୍ରମ ପାଇଁ ବଜେଟ୍‌ରେ ଆବଶ୍ୟକ ଅର୍ଥ ବ୍ୟୟ ବରାଦ କରିଛନ୍ତି।

ପ୍ରଫେସର ୟୁନୁସ୍‌ଙ୍କ ମତରେ ପ୍ରତିବର୍ଷ ଗ୍ରାମୀଣ ବ୍ୟାଙ୍କ୍ ତାହାର ପ୍ରାରମ୍ଭିକ ଋଣ ସଦସ୍ୟଙ୍କ ସାମାଜିକ, ଅର୍ଥନୈତିକ ଅବସ୍ଥାର ଅଭିବୃଦ୍ଧି ଘଟିଛି କି ନାହିଁ ସମୀକ୍ଷା କରି କାର୍ଯ୍ୟର ମୂଲ୍ୟାଙ୍କନ କରିଥାଏ। ଏହି ଦାରିଦ୍ର୍ୟ ପରିମାପକ ମୂଲ୍ୟାୟନ ନିମନ୍ତେ ଗ୍ରାମୀଣ ବ୍ୟାଙ୍କ୍ ଋଣୀ / ଗ୍ରାହକଙ୍କର ନିମ୍ନଲିଖିତ ୧୦ ଗୋଟି ନିର୍ଣ୍ଣାୟକ ମଧ୍ୟରୁ କିଛି ପୂରଣ କରିଥାଏ।

୧-ଯଦି ଗୋଟିଏ ପରିବାର ବାସ କରୁଥିବା ଗୃହର ସର୍ବନିମ୍ନ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇଥାଏ କିମ୍ବା ଅନ୍ୟୂନ ଘରର ଛାତ ଟିଣ ନିର୍ମିତ ହୋଇଥାଏ ଅଥବା ପରିବାରର ପ୍ରତିଟି ସଦସ୍ୟ ଚଟାଣରେ ନ ଶୋଇ ଖଟ ଏବଂ ବିଛଣା ବ୍ୟବହାର କରୁଥିବେ। ୨-ପରିବାରର ସଦସ୍ୟ ନଳକୂପର ସ୍ୱଚ୍ଛଜଳ, ଫୁଟାଜଳ ଅଥବା ଫିଟିକିରି ବ୍ୟବହୃତ କ୍ଷାର ରହିତ ଜଳ କିମ୍ବା ବିଶୁଦ୍ଧ ବଟିକା ବ୍ୟବହୃତ ମାଟି ଫିଲ୍‌ଟର ଜଳ ପିଇବା ପାଇଁ ବ୍ୟବହାର କରୁଥିବେ। ୩-ପରିବାର ଭୁକ୍ତ ଥିବା ୫ ବର୍ଷରୁ ଊର୍ଦ୍ଧ୍ୱ ପ୍ରତିଟି ପିଲା ପାଠ ପଢ଼ିବା ପାଇଁ ସ୍କୁଲ୍ ଯାଉଥିବେ; ଅଥବା ମାଧ୍ୟମିକ ଶିକ୍ଷା ସମାପ୍ତ କରିଥିବେ। ୪-ପରିବାରଭୁକ୍ତ ଋଣୀର କ୍ଷମତା ସାପ୍ତାହିକ କିସ୍ତିଦେୟ ସର୍ବନିମ୍ନ ୨୦୦୦ ଟଙ୍କା ହୋଇଥିବ। ୫- ପରିବାର ବିଶୋଧିତ ଶୌଚାଳୟ ବ୍ୟବହାର କରୁଥିବେ। ୬- ପରିବାରଭୁକ୍ତ ପ୍ରତି ସଦସ୍ୟଙ୍କ ଦୈନନ୍ଦିନ ବ୍ୟବହାର୍ଯ୍ୟ ପୋଷାକ ଏବଂ ଶୀତଦିନ ପାଇଁ ଗରମ ପୋଷାକ ଯଥା- ଶାଲ୍, ସ୍ୱେଟର, କମ୍ବଳ ଇତ୍ୟାଦି ବ୍ୟବହାର କରୁଥିବେ। ୭- ପରିବାରର ଅଧିକ ଉପାର୍ଜନ ପାଇଁ ଭିନ୍ନ ପନ୍ଥା ଯେପରିକି ପନିପରିବା ଓ ଫଳଗଛ ପ୍ରଭୃତି ଚାଷ କରୁଥିବେ ଏବଂ ପରିବାର ଅଧିକ ଅର୍ଥର ଆବଶ୍ୟକତାକୁ ମେଣ୍ଟାଇ ପାରୁଥିବ। ୮-ଋଣୀ ସଦସ୍ୟ ବାର୍ଷିକ ହାରାହାରି ୧୨ ହଜାର ଟଙ୍କା ନିଜର ସଂଚୟ ଖାତାରେ ଜମା ରଖିପାରୁଥିବେ। ୯-ପରିବାରର ସଦସ୍ୟ ବର୍ଷସାରା ତିନି ଓଳି ଖାଇବାର କୌଣସି ଅସୁବିଧାର ସମ୍ମୁଖୀନ ହେଉ ନଥିବ କିମ୍ବା କୌଣସି ଦିନ ଭୋକିଲା ରହୁ ନଥିବେ। ୧୦- ପରିବାର ସଦସ୍ୟ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନିମନ୍ତେ ଆବଶ୍ୟକ ଖର୍ଚ୍ଚ ବହନ କରିପାରୁଥିବେ।

ଏହି ୧୦ ଗୋଟି ମାନଦଣ୍ଡକୁ ଆଧାର କରି ଗରିବ ସଂଜ୍ଞା ନିରୂପଣ କରାଯାଇପାରିବ। ମାତ୍ର ଆମ୍ଭେମାନେ ଭୋଟ ସର୍ବସ୍ୱ ରାଜନୀତି ଭିତରେ ସ୍ୱାର୍ଥ ହାସଲ କରିବା ପାଇଁ ଧନୀ କେତେବେଳେ ଗରିବ ହୋଇଯାଏ ତ ଗରିବ କେତେବେଳେ ଧନୀ ହୋଇଯାଏ। ଏକଦା ବାଂଲାଦେଶର ଶରଣାର୍ଥୀମାନଙ୍କୁ ଓଡ଼ିଶାର ମାଲକାନାଗିରି, ନବରଙ୍ଗପୁର, ଉମରକୋଟ, କେନ୍ଦ୍ରାପଡ଼ା ଓ କୋରାପୁଟ ଇତ୍ୟାଦି ସ୍ଥାନମାନଙ୍କରେ ଆଶ୍ରୟ ଦିଆଯାଇଥିଲା। ମାତ୍ର ସେମାନେ ଆଜି ବ୍ୟବହାର ହେଉନଥିବା ଚାଷଜମିକୁ ଉପଯୁକ୍ତ ଭାବେ ଚାଷ କରି ଆର୍ଥିକ ମାନଦଣ୍ଡ ବଢ଼ାଉଥିବା ବେଳେ ଆଉ କେତେକ ବିକାଶ ବାଟ ନ ପାଇ ବିନାଶ ପାଇଁ ଗଞ୍ଜେଇ ଚାଷ କରି କୋଟି କୋଟି ଟଙ୍କା ରୋଜଗାର କରି ସମାଜକୁ ନିଶାସକ୍ତ କରୁଛନ୍ତି। ଏଥିପ୍ରତି ସରକାର ଉପଯୁକ୍ତ ଭାବେ ଗୁରୁତ୍ୱ ଦେବାର ଆବଶ୍ୟକତା ଦେଖାଦେଇଛି। ଯେଉଁ ପର୍ଯ୍ୟନ୍ତ ଦାରିଦ୍ର୍ୟ କ'ଣ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ କ'ଣ ଆବଶ୍ୟକ କରନ୍ତି ସେ କଥା ସ୍ପଷ୍ଟ ନହୋଇଛି ସେ ପର୍ଯ୍ୟନ୍ତ ଦାରିଦ୍ର୍ୟ ଦୂରୀକରଣ କଥା ଚିନ୍ତା କରାଯାଇ ନପାରେ। ଯେଉଁଦିନ ଗରିବର ସଂଜ୍ଞା ନିରୂପଣ କରାଯାଇପାରିବ ସେଦିନ ସମାଜରୁ ଗରିବ ଶବ୍ଦ ଲୋପ ପାଇବ। ଏହା ଉପରେ ଗବେଷଣାର ଆବଶ୍ୟକତା ନିହାତି ଜରୁରୀ ବୋଲି ମନେହୁଏ। ●

(ବରିଷ୍ଠ ସମବାୟବିତ୍)
କଟକ, ମୋ.: ୯୦୯୦୩୨୫୮୦୨

# ବାଲିଯାତ୍ରା ଅନୁଚିନ୍ତା

**ବିରଜା ରାଉତରାୟ**

ଓଡ଼ିଆ ଜନମାନସକୁ କାର୍ତ୍ତିକ ମାସଟି ଏକ ପବିତ୍ର ଆଧ୍ୟାତ୍ମିକ ମୁଖର ମାସ ରୂପେ ଅନେକ ଦିଗରୁ ସୁଦୀର୍ଘକାଳ ଧରି ପ୍ରଭାବିତ କରି ଆସୁଛି। ଏପରିକି ଧର୍ମମାସ ରୂପେ ବିଦିତ ହେଉଥିବା ଏହି ମାସର ଗୁରୁତ୍ୱ ଓ ଶ୍ରୀବୃଦ୍ଧି ନିମନ୍ତେ 'କାର୍ତ୍ତିକ ମାହାତ୍ମ୍ୟ' ପରି ଏକ ପୁସ୍ତିକା ଶ୍ରୁତିପ୍ରିୟ ନବାକ୍ଷରୀ ବୃତ୍ତରେ ମଧ୍ୟ ରଚିତ ହୋଇଛି। ଦେବଦେବୀଙ୍କ ଈଶ୍ୱରୀୟ ଗୁଣଗାନ, ଜନ୍ମବୃତ୍ତାନ୍ତ, ପରଲୋକରେ ବୈକୁଣ୍ଠପ୍ରାପ୍ତି ଓ ଅନ୍ୟାନ୍ୟ ଅଲୌକିକତାରେ ମହିମାମଣ୍ଡିତ ଏହି ସଂକ୍ଷିପ୍ତ ସମୟଖଣ୍ଡ ମଧ୍ୟ ଐତିହାସିକ ଓ ଲୋକଗାଥା ଦୃଷ୍ଟିରୁ ସ୍ମରଣୀୟ। କାରଣ ଏହି ମାସ ସହ ଯୋଡ଼ିହୋଇ ରହିଛି ଗୋଟିଏ ଦରିଆପାରି ଜାତିର 'ଆ-କା-ମା-ବୈ'ର ଏକ ପ୍ରଶସ୍ତ ଛାତି। ଏକ ଦିଗନ୍ତ ପ୍ରସାରୀ ଡାକ। ସାଗର ବକ୍ଷର ଅଶାନ୍ତ ଢେଉର ଚୂଡ଼ାରେ ପୋତ ମେଲି ଦିଗବିଜୟୀ ପରି ଆଗୁସାର ହେବାର ଆହ୍ଲାଦ।

ଶ୍ରେଷ୍ଠମାସ ରୂପେ ବିବେଚିତ ଏହି ଅବଧି ଖଣ୍ଡର ପରିସମାପ୍ତି ଘଟିଥାଏ କାର୍ତ୍ତିକ ପୂର୍ଣ୍ଣମୀରେ। ଉଚ୍ଛ୍ୱାସ, ଆଲୋକ ଓ ବିଶ୍ୱାସର ତ୍ରିବେଣୀ ଏହି ଦିବସ। ଏକଦା ଓଡ଼ିଆ ସାଧବ ପୁଅକୁ ବନ୍ଦାପନା କରି ନୌଯାତ୍ରାର ଶୁଭାରମ୍ଭରେ ପ୍ରକମ୍ପିତ ହୋଇ ଉଠୁଥିଲା ପ୍ରାଚୀନ ଓଡ଼ିଶାର ସୁନାବ୍ୟା ନଦୀ ଓ ସାଗରଭିତ୍ତିକ ବନ୍ଦରସବୁ। ଏ ଜାତିର ସ୍ମୃତିର ଲଲାଟରେ ଆଜି ମଧ୍ୟ ସମୁଜ୍ଜ୍ୱଳ ତା'ର ଅବଶେଷ। ସମ୍ପ୍ରତି ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ପ୍ରାଚୀନ ନୌବାଣିଜ୍ୟ ସଂସ୍କୃତିର ଏକ ପ୍ରତୀକାତ୍ମକ ମହୋତ୍ସବ। ମୁକ୍ତାକାଶ ବାଣିଜ୍ୟ ହାଟର ଏକ ଲୋଭନୀୟ ପସରା। କ୍ରମଶଃ ଏହି ବାଲିଯାତ୍ରା ଉତ୍ସବ ତା'ର ଥାଟବାଟ ପ୍ରସାର କରି ଆହୁରି ଜାକଜମକର ସହ ଉଭା ହେଲାଣି। ବ୍ୟବସାୟ କଳେବରର ଅଭିବୃଦ୍ଧି ସାଙ୍ଗକୁ ମନୋରଞ୍ଜନ ଓ ସାଂସ୍କୃତିକ ବିଚିତ୍ରା ଏହାକୁ ଅଧିକ ଆକର୍ଷଣୀୟ କରି ତୋଳିଛି।

ଏହାକୁ ଦେଖି ମୋର ମନରେ ଏକ ଅଦ୍ଭୁତ କଳ୍ପନା ଜନ୍ମ ନେଉଛି। ତାହା ହେଉଛି, ଯଦି ଏହି ମୁହୂର୍ତ୍ତରେ ଆମେ ଆମର ପିଛିଲା ଅତୀତର ସଂସ୍କୃତିକୁ ପୂରା ବିସ୍ମରି ଦେବା ଏବଂ ଏକ କୌତୂହଳୀ ଅନୁସନ୍ଧିତ୍ସାରେ ଏହି ଯାତ୍ରାକୁ ଅବଲୋକନ କରିବା, ମନେହେବ ଯେପରି ଏ ରାଜ୍ୟର ଅତୀତଟା ସୁବର୍ଣ୍ଣ ପରି ଝଟକୁ ଥିଲା। ଅଙ୍ଗ, ବଙ୍ଗ, କଳିଙ୍ଗରେ ଦାରିଦ୍ର୍ୟର ଚିହ୍ନବର୍ଣ୍ଣ ସୁଦ୍ଧା ନ ଥିଲା। ସାଧବ ସଂସ୍କୃତିର ମଜବୁତ୍ ଅର୍ଥନୀତି ଉପରେ ପୁରୁଣା ଓଡ଼ିଶାର ମୁଣ୍ଡପିଛା ଆୟ ଓ ମାନବ ବିକାଶ ସୂଚକାଙ୍କଠାରୁ ସାମଗ୍ରିକ ଘରୋଇ ଉତ୍ପାଦ ଆଦି ସେତେବେଳର ଅଲିଖିତ ଅର୍ଥନୀତିର ସୁଉଚ୍ଚ ସୋପାନ ମଣ୍ଡନ କରୁଥିଲା ପରି ଲାଗୁଥିବ। ବାସ୍ତବତାଠାରୁ ଆମର ବାଲିଯାତ୍ରାକୁ ନେଇଥିବା କଳ୍ପନାବିଳାସ ଆଶାତୀତ ଭାବେ ଅନେକ ଗୁଣ ବଡ଼। ସେଥିରେ ପ୍ରତିବର୍ଷ ବାଲିଯାତ୍ରା ଅବସରରେ ଗବେଷକ ଓ ବକ୍ତାମାନଙ୍କ ଅତୀତର ଏଇ ନୌବାଣିଜ୍ୟ ସଂସ୍କୃତିକୁ ନେଇ କବିତା ପରି ଭାବପ୍ରବଣତା ଓଡ଼ିଆ ଜାତିକୁ ଆସନ୍ତାକାଲି ପାଇଁ ସଂକଳ୍ପ ନେବା ବଦଳରେ ଅତୀତକୁ ନେଇ ବେଶି ଭାଳିହେବା ଶିଖାଏ।

ନଦୀନାଳ ଓ ସାଗର ସମୁଦ୍ର ପରିବେଷ୍ଟିତ ଏହି ଭୂଖଣ୍ଡରେ ଜଳପଥ ଏକଦା ଯୋଗାଯୋଗର ପ୍ରମୁଖ ମାଧ୍ୟମ ହୋଇ ରହିଥିଲା, ଯାହା ସମ୍ପ୍ରତି ଏକ ରୂପକଥାର ଚିତ୍ର ପାଲଟି ସାରିଛି। ନୌବାଣିଜ୍ୟ ସଂସ୍କୃତି ସହ ଜଡ଼ିତ ଥିବା ସାଧବପୁଅମାନଙ୍କୁ ଏବେ କେବଳ ସେହି ସାଂକେତିକ ଭାବେ କାର୍ତ୍ତିକ ପୂର୍ଣ୍ଣିମା ଦିନ ନାଲିନେଳୀ ସୁନେଲି ଜରିଲଗା ଚିତ୍ରିତ ଡଙ୍ଗାରେ ମୁକୁଟ ନାଇ ଚଢ଼ିବା ଦେଖୁ। ସେମିତି ମଧ୍ୟ ଦେଖୁ ବେଶଭୂଷାରେ ସଜ୍ଜିତ ଓଡ଼ିଆ ସାଧବାଣୀଙ୍କ ପ୍ରତୀକାତ୍ମକ ବନ୍ଦାପନା। ଏହି ଦୃଶ୍ୟଚିତ୍ର ନିଃସନ୍ଦେହରେ ବୋଇତ ବଣିଜ ଯୁଗର ଏକ ମଧୁର ଉଚ୍ଛ୍ୱସିତ ଝଲକକୁ ଆମ ଆଖି ପରଦାରେ ରୂପାୟିତ କରିଥାଏ। କିନ୍ତୁ ଏସବୁ ଆମ ଭିତରେ ଉଦ୍ୟୋଗପଣର ଯେମିତି ବଳ ଭରିବା କଥା, ସେପରି ଭରିପାରେ କି? ତାହା ସୁଧୀଜନେ ବିଚାର କରିବେ।

ଅତୀତାବଲୋକନ ବା ଜାତିର ଇତିହାସ ଦର୍ପଣ ପରି ଯେଉଁ ପ୍ରତିବିମ୍ବଟିଏ ବିକିରଣ କରିଥାଏ, ସେହି ଆଲୁଅ ଅଗ୍ରଗାମୀ ହେବା ପାଇଁ ଉତ୍‌ପ୍ରେରିତ କରିଥାଏ। କୌଣସି ଆବରଣ ନ ରଖି ମୁକ୍ତ ଭାବରେ କହିଲେ ଅତୀତକୁ ପଢ଼ି, ହେଜି, ଅନୁଭବୀ ଆଗାମୀ ଦିନ ପାଇଁ ଗୋଟେ ସଂକଳ୍ପମୟ ଦୃଢ଼ ଅନୁରାଗରେ ନୂଆ ସମୟର ଉଦିତ ଦିଗ୍‌ବଳୟକୁ ଚାହିଁବାରେ ଥାଏ ଯଥାର୍ଥତା। ତାହା ହିଁ ହୁଅନ୍ତା, ବୋଇତ ବନ୍ଦାଣ ଓ ବାଲିଯାତ୍ରାର ନେପଥ୍ୟ ଆତ୍ମସମୀକ୍ଷା।

କେବଳ ଆନୁଷ୍ଠାନିକତା, କୋଳାହଳମୟ ଉତ୍ସବ, ରଙ୍ଗବେରଙ୍ଗୀ ପସରାର ସମ୍ମୋହନ ଆଉ ଢେର୍ ରାତିଯାଏଁ ଅସଂଖ୍ୟ ପାଦଚିହ୍ନଭରା ଭିଡ଼ର ପରଦିନ ବାଲିଯାତ୍ରା ପଡ଼ିଆର ଅସ୍ତବ୍ୟସ୍ତ ନିର୍ଯାସକୁ ଭୋର ସକାଳ ସୂର୍ଯ୍ୟକିରଣର ଉପହାସ ପରି। ସେହିପରି ଝଲମଲ ରାତିର ଦିନ କେତେର ଉତ୍ସବ ପରି ଆମ ସ୍ୱପ୍ନ ମିଳାଇ ନ ଯାଉ। ପ୍ରତି ଓଡ଼ିଆ ତା' ଅନ୍ତରର ଗଭୀରତମ ପ୍ରଦେଶରେ ସେଇ ଦୁଃସାହସୀ ପାରିବାପଣର ବୀଜକୁ ବପନ କରୁ। ହୁଏତ ତାହା ହିଁ ଆମ ଭିତରେ ଆକାଶଦୀପର ଆଲୋକ ପରି ଅତୀତର ଏହି ଦୁର୍ଦ୍ଧର୍ଷ ଦରିଆପାରି ସଂସ୍କୃତିକୁ ଉଜ୍ଜୀବିତ କରି ରଖିପାରିବ।

ଉତ୍ସବ ରହୁ, କିନ୍ତୁ ତାହା ଭାବାତିଶଯ୍ୟର ମନୋହାରୀ ବିପଣୀରେ କେବଳ ଅଟକି ନ ଯାଉ। ଆମକୁ ପଶ୍ଚାତାବଲୋକନର ଆତ୍ମଗୌରବମୟ ସୁମରଣ ସହ ଆସନ୍ତାକାଲି ପାଇଁ ବାଟ ଚାଲିବାର ପୁରୋଦୃଷ୍ଟି ମଧ୍ୟ ଦେଉ। ଏକଦା 'କଳିଙ୍ଗାଃ ସାହାସିକାଃ' ବୋଲି ଆପ୍ତବାକ୍ୟର ପ୍ରକୃତ ଯଥାର୍ଥତା ଓ ହୃଦବୋଧ ହୋଇପାରନ୍ତା, ଯଦି ଆମର ଏଇ ସ୍ମରଣୀୟ ବର୍ଣ୍ଣିଳ ଅତୀତ ଭବିଷ୍ୟତକୁ ନେଇ ନୂଆ ପିଢ଼ି ମଧ୍ୟରେ ସ୍ୱପ୍ନ ଦେଖାନ୍ତା! 'ଉତ୍ତିଷ୍ଠତଃ... ଜାଗ୍ରତଃ'ର ମହାମନ୍ତ୍ର ଓଡ଼ିଆ ଜୀବନବୋଧର ଏକ ଆତ୍ମିକ ଅଂଶ ପାଲଟି ଯାଆନ୍ତା! ●

ମାଧପୁର(କେନ୍ଦ୍ରାପଡ଼ା),
ମୋ: ୯୬୫୮୮୧୦୨୪୪

# ବାଉଳି ମଠ ଓ ଦେଢ଼ଶୁର ଭାଇବୋହୂ କୂଅ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ନିରାକାର ଏକେଶ୍ୱରବାଦୀ ଗୁରୁ ନାନକ ୧୫୦୮ ମସିହାରେ ନିଜର ପୁଅ ଶ୍ରୀଚାନ୍ଦ ଓ ପ୍ରିୟ ଶିଷ୍ୟ ମର୍ଦ୍ଦାନାଙ୍କ ସହ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ। ଦିନେ ସନ୍ଧ୍ୟାବେଳେ ଗୁରୁ ନାନକ ମର୍ଦ୍ଦାନାଙ୍କୁ ଶ୍ରୀମନ୍ଦିରରୁ ମହାପ୍ରସାଦ ଆଣିବା ପାଇଁ ପଠାଇଲେ। ମର୍ଦ୍ଦାନାଙ୍କ ବେଶଭୂଷା ଓ ଚେହେରା ଦେଖି ସେବକମାନେ ମନ୍ଦିର ଭିତରେ ପୂରାଇ ଦେଲେ ନାହିଁ। ଏହି ଘଟଣାରେ ମର୍ମାହତ ହୋଇ ନାନକ ମହାପ୍ରଭୁଙ୍କୁ ଧ୍ୟାନ କରି ବସିଲେ। ସେତେବେଳେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଆଳତି ଚାଲିଥାଏ। ସେ ଦିନ ରାଜା ନିଜେ ଆଳତି ଦର୍ଶନ କରିବା ପାଇଁ ରତ୍ନବେଦୀ ସମ୍ମୁଖରେ ଉପସ୍ଥିତ ଥିଲେ। ହଠାତ୍ ସେବକମାନଙ୍କ ହାତରୁ ଆଳତି ଥାଳି ଖସିଯାଇ ଶୂନ୍ୟେଶୂନ୍ୟେ ଗତି କରିବାକୁ ଲାଗିଲା। ରାଜା ଓ ସେବକମାନେ ଚମତ୍କୃତ ହୋଇ ଥାଳି ପଛେପଛେ ଚାଲିଲେ। ଥାଳି ଯାଇ ନାନକ ଦେବଙ୍କ ପାଖରେ ପହଞ୍ଚି ତାଙ୍କ ମୁଣ୍ଡ ଉପରେ ଧୀରଭାବେ ସ୍ଥାନିତ ହୋଇଗଲା।

ଗଜପତି ଏହାର ରହସ୍ୟ ଜାଣିବାକୁ ଚାହିଁବାରୁ ନାନକ କହିଲେ, 'ମଣିମା! ମହାପ୍ରଭୁ କେବଳ ବଡ଼ଦେଉଳରେ ନାହାନ୍ତି, ସେ ସର୍ବବ୍ୟାପୀ। ତେଣୁ ତାଙ୍କର ଆଳତି ଥାଳି ଏଠାକୁ ଉଡ଼ି ଆସିବାରେ ଅସ୍ୱାଭାବିକତା କିଛି ନାହିଁ।' ଗଜପତି ମହାରାଜ ସେହିଠାରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ କି ବୋଲି ଜିଜ୍ଞାସା କରିବାରୁ ନାନକ ମହାପ୍ରଭୁଙ୍କୁ ଧ୍ୟାନ କଲେ ଏବଂ ନିଜ ଦୁଇ ହାତପାପୁଲି ରାଜାଙ୍କୁ ଦେଖେଇଲେ। ହନୁମାନଙ୍କ ଛାତିରେ ଶ୍ରୀରାମଚନ୍ଦ୍ର ବିଜେ କରିଥିବା ପରି ଗୁରୁ ନାନକଙ୍କ ପାପୁଲିରେ ଚତୁର୍ଦ୍ଧାମୂର୍ତ୍ତି ଜୀବନ୍ତ ଭାବେ ଦୃଶ୍ୟମାନ ହେଉଥିଲେ। ନାନକଙ୍କ ଜଗନ୍ନାଥ ଭକ୍ତିର ପରାକାଷ୍ଠା ଦେଖି ରାଜା ସେ ସ୍ଥାନକୁ ମଠ ନିର୍ମାଣ ପାଇଁ ତାଙ୍କୁ ଦାନ କଲେ।

ଉତ୍ତର-ପଶ୍ଚିମ ଭାରତରେ ତଳ ପର୍ଯ୍ୟନ୍ତ ପାହାଚ ନିର୍ମାଣ କରା ଯାଇଥିବା ହଜାର ହଜାର କୂଅ ଦେଖିବାକୁ ମିଳେ। ସେ ପ୍ରକାରର କୂଅରୁ ଜଣେ ଉପରୁ ଦଉଡ଼ିରେ ପାଣି କାଢ଼ି ପାରିବ ଏବଂ ଚାହିଁଲେ ପାହାଚରେ ତଳକୁ ଯାଇ ସିଧା ପାଣି ଉଠେଇ ଆଣି ପାରିବ। ସେପ୍ରକାର କୂଅକୁ ବାଉଳି କୁହାଯାଏ। ଗୁରୁ ନାନକ ସେହି ପ୍ରକାରର ଏକ ବାଉଳି ସେ ଯାଗାରେ ଖୋଳାଇ ଥିଲେ। ଗୁରୁଜୀ ସେଠାରେ ମଠ ସ୍ଥାପନା କରି ରହିଲେ ଏବଂ ମଠର ନାମ 'ବାଉଳି ମଠ' ରଖିଲେ। ଏହି ମଠରେ ଏବେ ମଧ୍ୟ ଗ୍ରନ୍ଥସାହେବଙ୍କ ଗାଦି ଅଛି। ଗୁରୁ ନାନକ ନିଜ ହାତ ପାପୁଲିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦେଖାଇ ପାରିଥିବାରୁ ମଠର ନାଳି ପତାକାରେ ହାତ ପାପୁଲିର ଚିତ୍ର ଦେଖିବାକୁ ମିଳେ।

ବାଉଳି ମଠରେ ଗୁରୁ ନାନକଙ୍କ ତତ୍ତ୍ୱାବଧାନରେ ପ୍ରତିଦିନ ସନ୍ଧ୍ୟାରେ ନାମ ସଙ୍କୀର୍ତ୍ତନ କରାଯାଉଥିଲା। ଦିନେ ମହାପ୍ରଭୁ ଶ୍ରୀଜଗନ୍ନାଥ ଛଦ୍ମବେଶରେ ସେ କୀର୍ତ୍ତନ ଶୁଣିବାକୁ ଆସି ଏତେ ମୁଗ୍ଧ ହୋଇ ଗଲେ ଯେ ସନ୍ଧ୍ୟାଧୂପ ପାଇଁ ମନ୍ଦିରକୁ ଫେରିବାକୁ ଭୁଲିଗଲେ। ସେବକମାନେ ବ୍ୟତିବ୍ୟସ୍ତ ହୋଇ ଗଜପତିଙ୍କୁ ଜଣାଇଲେ। ଗଜପତି ମାଆ ବିମଳାଙ୍କ ପାଖରେ ଗୁହାରିଆ ପଡ଼ିଲେ। ରାଜାଙ୍କୁ ମାଆ ଶୂନ୍ୟବାଣୀ କଲେ ଯେ ମହାପ୍ରଭୁ ଜଣେ ଶ୍ୟାମଳ ରଙ୍ଗର ଯୁବକ ବେଶ ହୋଇ ବାଉଳି ମଠରେ ସଙ୍କୀର୍ତ୍ତନ ଶୁଣୁଛନ୍ତି। ରାଜା ତୁରନ୍ତ ସେ ଯାଗାକୁ ଗଲେ। କିନ୍ତୁ ଶ୍ୟାମଳ ଯୁବକରୂପୀ ମହାପ୍ରଭୁ ଇସାରାରେ ଚୁପ ରହିବାକୁ ରାଜାଙ୍କୁ ଆଦେଶ ଦେଲେ। କୀର୍ତ୍ତନ ଶେଷ ହେବା ପରେ ଦୁହେଁ ଫେରିଲେ। ମନ୍ଦିରରେ ପହଞ୍ଚିବା ପରେ ବଡ଼ଠାକୁର ସନ୍ଧ୍ୟାରେ ଅନୁପସ୍ଥିତି ବିଷୟରେ ମହାପ୍ରଭୁଙ୍କୁ ପଚାରିଲେ। ଶ୍ରୀଜଗନ୍ନାଥଙ୍କଠାରୁ ବାଉଳି ମଠର କୀର୍ତ୍ତନ ମାହାତ୍ମ୍ୟ ବିଷୟ ଶୁଣି ପର ଦିନ ଦୁଇ ଭାଇ ସେଠାକୁ ଚାଲିଲେ। ତା' ପର ଦିନ ଦୁଇ ଭାଇଙ୍କଠାରୁ କୀର୍ତ୍ତନ କଥା ଶୁଣି ସୁଭଦ୍ରା ମଧ୍ୟ ଗଲେ ଏବଂ ଚତୁର୍ଥ ଦିନ ଲକ୍ଷ୍ମୀ ସାଆନ୍ତାଣୀ କୀର୍ତ୍ତନ ଶୁଣିବାକୁ ଗଲେ।

ଚାରି ଜଣ ମଠରେ ପହଞ୍ଚିବା ପରେ ସେଠି ବସି ଶୁଣିବାରେ ଗୋଟେ ଛୋଟ ସମସ୍ୟା ହେଲା। ବଳଭଦ୍ର ଓ ଲକ୍ଷ୍ମୀ ସାଆନ୍ତାଣୀ ଦେଢ଼ଶୁର ଓ ଭାଇବୋହୂ। ଓଡ଼ିଆ ପରମ୍ପରାରେ ଦେଢ଼ଶୁର ଦେଖି ପାରୁଥିବା ଯାଗାରେ ଭାଇବୋହୂମାନେ ଆତଯାତ ହୁଅନ୍ତି ନାହିଁ। ତେଣୁ ବାହୁଡ଼ା ଦଶମୀ ଦିନ ଲକ୍ଷ୍ମୀ ଶ୍ରୀନଅର ପାଖକୁ ଯିବା ବେଳେ ବଳଭଦ୍ରଙ୍କ ସମ୍ମୁଖରେ ଲୁଗାର ପାହାଡ଼ା ପଡ଼େ। ତେଣୁ ଦୁଇ ଭାଇ ଓ ଭଉଣୀ କୂଅର ଚଉତରା ଉପରେ ବସିଲେ ଏବଂ ଲକ୍ଷ୍ମୀ ଦୁଇତିନିଟା ପାହାଚ ତଳକୁ ଯାଇ ବସିଲେ। ସମସ୍ତେ ଛଦ୍ମବେଶରେ ଥିଲେ ମଧ୍ୟ ଗୁରୁ ନାନକ ଦିବ୍ୟଦୃଷ୍ଟିରେ ସେମାନଙ୍କୁ ଦର୍ଶନ କରି ପାରୁଥିଲେ। କ୍ରମଶଃ ଭକ୍ତମାନେ ସେ କଥା ଜାଣିବା ପରେ ସେହି କୂଅକୁ 'ଦେଢ଼ଶୁର ଭାଇବୋହୂ କୂଅ' ନାମରେ ଜଣାଗଲା। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜେପି ସରକାର ଓଡ଼ିଶାବାସୀଙ୍କ ସହିତ ବିଶ୍ୱାସଘାତକତା କରିଛି: ବିଜେଡି

ଭୁବନେଶ୍ୱର,୪।୧୧(ସମିସ): ସୋମବାର କୋମନା ବ୍ଲକର ତରବୋଡା ନିର୍ବାଚନୀ ସଭାରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କେତେ ମାତ୍ରାରେ ପୂରଣ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଯାହାକୁ ନେଇ ବିଜେପିର ନେତାମାନେ ଏହା ଉପରେ ଟୀକାଟିପ୍ପଣୀ ଦେଉଥିବା ବେଳେ ସେମାନଙ୍କୁ ପାଲଟା ଜବାବ ଦେଇଛି ବିଜେଡି। ଗତ ୧୬ ମାସରେ ବିଜେପି ସରକାର ଓଡ଼ିଶାବାସୀଙ୍କ ସହିତ ବିଶ୍ୱାସଘାତକତା କରିଛି ବୋଲି ବିଜେଡିମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି।

ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ମହାନ୍ତି କହିଛନ୍ତି ଯେ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କେତେ ମାତ୍ରାରେ ପୂରଣ କରିଛନ୍ତି ବୋଲି ଗତକାଲି ନିର୍ବାଚନୀ ସଭାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜେପିକୁ ପ୍ରଶ୍ନ କରିଥିଲେ । ଆମେ ମଧ୍ୟ ବିଜେପି ସରକାରକୁ ସେହି ପ୍ରଶ୍ନର ପୁନରାବୃତ୍ତି କରୁଛୁ। ବିଜେପି ଦେଇଥିବା ୩୦୦ ୟୁନିଟ୍ ମାଗଣା ବିଜୁଳି ଓଡ଼ିଶାବାସୀଙ୍କୁ ମିଳିପାରିଲା କି ? ସେହିପରି ବୁଢ଼ାବୁଢ଼ୀଙ୍କୁ ୩୫୦୦ ଟଙ୍କା ଭତ୍ତା , ୨୪ ଘଣ୍ଟାରେ ଚିଟଫଣ୍ଡ ଟଙ୍କା ଫେରସ୍ତ, ପ୍ରତି ପଞ୍ଚାୟତରେ ୧୦୦ ଜଣଙ୍କୁ ଚାକିରି, ଚାଷୀଙ୍କୁ ୟୁରିଆ ସାର ଏସବୁ ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣିତ ହୋଇଛି । ପୂର୍ବ ବିଜେଡି ସରକାର କରିଥିବା ଜନକଲ୍ୟାଣ ଯୋଜନା ମଧ୍ୟରୁ ୨୫ଟି ଯୋଜନାର ନାମ ପରିବର୍ତ୍ତନ କଲେ। ତେଣୁ ବିଜେପି ସରକାର ଗେମ୍ ଚେଞ୍ଜର ସରକାର ନୁହେଁ, ନେମ୍ ଚେଞ୍ଜର ସରକାର। ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଦୁଇ ଗୁଣା ବିକାଶ ହେବ କହୁଥିବା



ବେଳେ ଦୁଇ ଗୁଣା ବିନାଶ ହୋଇଛି । ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ୧୮.୧୯ ପ୍ରତିଶତ କମିଲା, ୧୬ଟି ପରୀକ୍ଷାରେ ମହାବିଭ୍ରାଟ ହେଲା, ଗତ ୧୬ ମାସରେ ୩୭,୬୧୧ ମହିଳା ନିର୍ଯାତନା ମାମଲା ହୋଇଛି। ବିଜେପି ସରକାରର ଏହି ଅପାରଗତାକୁ ନେଇ ରାଜ୍ୟରେ ଜନଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ନବୀନ ପଟ୍ଟନାୟକଙ୍କ ଅଭିଭାଷଣ ଉପରେ ବିଜେପି ନେତାମାନଙ୍କ ଟିପ୍ପଣୀ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଲେନିନ୍ କହିଛନ୍ତି।

ସେହିପରି ସୁଲତା ଦେଓ କହିଥିଲେ ଯେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଭିଭାଷଣ ଉପରେ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ନବୀନ ପଟ୍ଟନାୟକ ୭ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିଥିଲେ। ହାଣ୍ଡିଶାଳରୁ

**■ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଜେପି ସମ୍ପୂର୍ଣ୍ଣ ବିଫଳ**
**■ ସୁଭଦ୍ରା ଯୋଜନା ବିଜେପି ସରକାରର ସବୁଠୁ ବଡ଼ ପ୍ରହସନ ଓ ପ୍ରତାରଣା**
**■ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ**

ମହିଳାମାନଙ୍କୁ ଆଣି ନାରୀ ସଶକ୍ତିକରଣ ପାଇଁ ଦୁବାଇ, ମାଲେସିଆ ଓ ସିଙ୍ଗାପୁର ପଠାଇଥିଲେ । ପୂର୍ବ ବିଜେଡି ସରକାର ସମୟରେ ମିଶନ ଶକ୍ତି ମାମାନେ ଓଡ଼ିଶା ସରକାରଙ୍କ ୩୦ଟି ବିଭାଗର କାମ କରୁଥିଲେ। ବିଜେପି କ୍ଷମତାକୁ ଆସିବା ପରେ ମିଶନଶକ୍ତି ବିଭାଗର ବଜେଟକୁ ଅଧା କରି ମିଶନଶକ୍ତିକୁ ପଙ୍ଗୁ କରିଦେଲା । ମହିଳାମାନଙ୍କ ପାଇଁ ବିଜେପି ସରକାର କରିଥିବା ସୁଭଦ୍ରା ଯୋଜନା ହେଉଛି ସବୁଠୁ ବଡ ପ୍ରହସନ ଓ ପ୍ରତାରଣା। ଦିଲ୍ଲୀରେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା, ହରିୟାଣାରେ ୨୧୦୦ ଟଙ୍କା, କର୍ଣ୍ଣାଟକରେ ୨୦୦୦ ଟଙ୍କା, ମହାରାଷ୍ଟ୍ରରେ ୧୫୦୦ ଟଙ୍କା, ପଶ୍ଚିମବଙ୍ଗରେ ୧୫୦୦ ଟଙ୍କା, ମଧ୍ୟପ୍ରଦେଶରେ ୧୨୫୦ ଟଙ୍କା, ଝାଡ଼ଖଣ୍ଡରେ ୧୦୦୦ ଟଙ୍କା, ତାମିଲନାଡୁରେ ୧୦୦୦ ଟଙ୍କା ଦିଆଯାଉଥିବା ବେଳେ ଓଡ଼ିଶାରେ ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ମାତ୍ର ୮୩୩ ଟଙ୍କା ଦିଆଯାଉଛି। ଦିନକୁ ମାତ୍ର ୨୭ ଟଙ୍କାରେ ବିଜେପିର ନାରୀ ସଶକ୍ତିକରଣ ନାରା ହାସ୍ୟାସ୍ପଦ । ସୁଭଦ୍ରା ଯୋଜନାରେ ପାଖାପାଖି ୩ ଲକ୍ଷ ମହିଳା ବାଦ୍ ପଡିଥିବା ବେଳେ ୨୦ ହଜାର ଜୀବିତ ଲୋକଙ୍କୁ ମୃତ ଘୋଷଣା କରାଯାଇଛି । ଓଡ଼ିଶାରେ ୧୭ ଲକ୍ଷ ଲକ୍ଷପତି ଦିଦି ଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଡିଣ୍ଡିମ ପିଟୁଥିବା ବେଳେ ୨୦ ଅଗଷ୍ଟ ୨୦୨୫ ସଂସଦର ଉତ୍ତରରେ ଏହି ସଂଖ୍ୟା ୭ ଲକ୍ଷ ୮୦ ହଜାର ଦର୍ଶାଯାଇଛି। ତେଣୁ ଶ୍ରୀମତୀ ପ୍ରଭାତୀ ପରିଡ଼ା ଲକ୍ଷପତି ଦିଦିଙ୍କୁ ନେଇ ଡାହା ମିଛ କହୁଛନ୍ତି । ଜଣେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଦାୟିତ୍ୱ ହେଉଛି ମହିଳାଙ୍କ ଅଧିକାର ସପକ୍ଷରେ କହିବା। ମାତ୍ର କିଛିଟା ଭୋଟ୍ ପାଇଁ 'ବାହାଘର ପରେ ବାପା ଘର ବହୁଦୂର, ମାମୁଁ ଘର ସାତ ପର' ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାଂସଦ କହିଛନ୍ତି।

**■ ଚୌଦ୍ୱାର ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଘଟଣା**

## ଓଏଚ୍‌ଆରସିରେ ହତ୍ୟା ଅଭିଯୋଗ ଆଣିଲେ ପୁଅ

କଟକ, ୪।୧୧(ସମିସ): ଚୌଦ୍ୱାର ସର୍କଲ ଜେଲରେ ବିଚାରାଧୀନ କଏଦୀ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ବଡ଼ମାଳି ଗ୍ରାମର ପବିତ୍ର ସାହୁ (୪୪) ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିବା ଘଟଣାର ଉପଯୁକ୍ତ ତଦନ୍ତ ପାଇଁ ଓଡ଼ିଶା ରାଜ୍ୟ ମାନବାଧିକାର କମିସନ (ଓଏଚଆରସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୃତକଙ୍କ ପୁଅ ଏସ୍. ତାରେଣୀପ୍ରସାଦ। ସେ ଅଭିଯୋଗ କରିଛନ୍ତି ଯେ ଘଟଣାର ପୂର୍ବଦିନ ସେ ତାଙ୍କ ପରିବାର ସହ ଭଲରେ କଥା ହୋଇଥିଲେ। ହେଲେ, ଗତ ୩ ତାରିଖ ଦିନ ପବିତ୍ର ଆତ୍ମହତ୍ୟା ଉଦ୍ୟମ କରିଥିବା ନେଇ ଜେଲ କର୍ତ୍ତୃପକ୍ଷ ଜଣାଇବାରୁ ପବିତ୍ରଙ୍କ ପରିବାର ଡାକ୍ତରଖାନା ଯାଇଥିଲେ। ପରେ ଏକ ଅଜଣା ନମ୍ବରରୁ ପବିତ୍ରଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କୁ ଫୋନ ଆସିଥିଲା। ସେହିପରି, ବ୍ୟବଚ୍ଛେଦ ପରେ ଯାଇ ମୃତଦେହ ହସ୍ତାନ୍ତର କରାଯିବ ବୋଲି କୁହାଯାଇଥିଲା। ଏଭଳି ସନ୍ଦେହଜନକ ସ୍ଥିତିରେ ତାଙ୍କ ପିତାଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଛି ବୋଲି ସେ କମିସନରେ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

ପ୍ରକାଶଥାଉକି ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗତ ୧ ମାସ ପୂର୍ବେ ଅନ୍ୟ ଜେଲରୁ ସ୍ଥାନାନ୍ତର ହୋଇ ଚୌଦ୍ୱାର ଜେଲକୁ ଆସିଥିଲେ। ଗତକାଲି ସକାଳେ ଜେଲ ଭିତରେ ଥିବା ପାଇଖାନା ଘରେ ସେ ବେକରେ ଏକ ଗାମୁଛା ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇପଡ଼ିଥିଲେ। ଜେଲ୍ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପବିତ୍ର କାହିଁକି ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରିନାହିଁ।

## ମଦ ପାଇଁ ଟଙ୍କା ନ ଦେବାରୁ ଜେଜେମା'ଙ୍କୁ ମାଡ଼

କେନ୍ଦ୍ରାପଡ଼ା, ୪।୧୧ (ସମିସ): ମଦ ପାଇଁ ଟଙ୍କା ନ ଦେବାରୁ ୭୦ ବର୍ଷୀୟା ଜେଜେମା'ଙ୍କୁ ମାଡ଼। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଇନ୍ଦାଳ ବାଲିସାହି ଅଞ୍ଚଳରେ ଏଭଳି ଏକ ଘଟଣା ଘଟିଛି। ଏନେଇ ପୀଡ଼ିତ ବୃଦ୍ଧା ମାତାଜୀ ବେହେରା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାତାଜୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗତ ୨୯ ତାରିଖ ଦିନ ସେ ନିଶା ପାଇଁ ୨ ଶହ ଟଙ୍କା ମାଗିଥିଲା। ଟଙ୍କା ନ ଥିବା କହିବାରୁ ସମସ୍ତଙ୍କୁ ଜୀବନରୁ ମାରି ଦେବ ବୋଲି ଧମକ ଦେଇଥିଲା। ପରେ ମାତାଜୀଙ୍କୁ ତଳେ ପକାଇ ଆକ୍ରମଣ କରିଥିଲା।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରୁ ୫୦ ଲକ୍ଷର ଗହଣା ଲୁଟ୍

ତିହିଡି, ୪।୧୧(ସମିସ): ତିହିଡ଼ି ଥାନା ଅନ୍ତର୍ଗତ ଅଚକ ପଞ୍ଚାୟତର ଉତ୍ତରବାହା ଗାଁରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରେ ସୋମବାର ରାତିରେ ବଡ଼ଧରଣର ଡକାୟତି ହୋଇଛି। ତାଙ୍କ ଘର ତାଲା ଭାଙ୍ଗି ୫୦ ଲକ୍ଷ ଟଙ୍କାର ସୁନାଗହଣା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅବସରପ୍ରାପ୍ତ ସେନା କର୍ମଚାରୀ ମନୋଜ ମଲ୍ଲିକଙ୍କ ଘରେ ଏହି ଲୁଟ୍ ହୋଇଛି। ମନୋଜଙ୍କ ପରିବାର ଲୋକ ବାହାରେ ରହୁଥିବା ସୁଯୋଗ ନେଇ କିଛି ଦୁର୍ବୃତ୍ତ ତାଲା ଭାଙ୍ଗି ଘରେ ପଶିଥିଲେ। ପ୍ରାୟ ୫୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟି ନେଇଥିଲେ। ଏନେଇ ଖବର ପାଇବା ପରେ ଏସଡିପିଓ ତ୍ରିଲୋଚନ ସେଠୀ, ତିହିଡ଼ି ପୁଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି।

## ପୋଲିଓ ଟୀକା ନେଇ ୩ ମାସର ଶିଶୁକନ୍ୟା ମୃତ!

ଭଦ୍ରକ/ବାସୁଦେବପୁର, ୪।୧୧(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ବାଲିମୁଣ୍ଡା ପଞ୍ଚାୟତ ନନ୍ଦପାଟଣା ଗାଁର ଜଣେ ୩ ମାସର ଶିଶୁକନ୍ୟାର ପୁଲିଓ ଟୀକା ନେବା ପରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି।

ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ ଆଶାକର୍ମୀ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗରେ ନନ୍ଦପାଟଣା ଅଙ୍ଗନବାଡ଼ି କେନ୍ଦ୍ରରେ ନନ୍ଦପାଟଣା ଗାଁର ରାଜାରାମ ଜାନାଙ୍କ ଶିଶୁକନ୍ୟା ରାଜଶ୍ରୀ ଜାନାକୁ ପୋଲିଓ ଟୀକା ଦିଆଯାଇଥିଲା। ବାପା ରାଜାରାମ ଅଭିଯୋଗ କରିଛନ୍ତି ଯେ ପ୍ରଥମ ଟୀକା ନେବା ପରେ ଶିଶୁକନ୍ୟା ଅସୁସ୍ଥ ହୋଇଥିଲା। ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଥିଲା। ଏଥର ତାଙ୍କ ଅଜାଣତରେ ଓଟିପି ନନେଇ ଭ୍ୟାକ୍ସିନ ଦିଆଯାଇଥିଲା। ଏହି ଟୀକା ଦେବା ଫଳରେ ସେ କନ୍ୟା ସନ୍ତାନକୁ ହରାଇଥିବା ଅଭିଯୋଗ କରିଛନ୍ତି। ଟୀକା ଦେବାର ୬ ଘଣ୍ଟା ପରେ ରାତିରେ ଶିଶୁକନ୍ୟାକୁ ଜ୍ୱର ଆସିଥିଲା। ମାଆ କ୍ଷୀର ଦେଇ ଶୁଆଇଥିଲେ। ସକାଳେ ନିଦରୁ ଉଠିବା ବିଳମ୍ବ ହେବାରୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରଥମିକ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଶିଶୁ କନ୍ୟାକୁ ହରାଇ ପରିବାର ଦୁଃଖରେ ଭାଙ୍ଗି ପଡିଛି। ନାୟକାଣୀଡିହି ଥାନାରେ ଶିଶୁ କନ୍ୟାର ବାପାଙ୍କ ଲିଖିତ ଅଭିଯୋଗକ୍ରମେ ପୁଲିସ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶବକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ସୁଶାନ୍ତ କୁମାର ସାମନ୍ତ କହିଛନ୍ତି। ତେବେ, ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ସୃଷ୍ଟି ଦେଖାଦେଇଛି।

## କାର୍ତ୍ତିକ ପୂର୍ଣ୍ଣିମାରେ 'ସୁପରମୁନ୍'

ଭୁବନେଶ୍ୱର, ୪।୧୧(ସମିସ): ନଭେମ୍ବର ୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମାର ପୂର୍ଣ୍ଣ ଚନ୍ଦ୍ରଟି ୨୦୨୫ ମସିହାର ଦ୍ୱିତୀୟ ସୁପରମୁନ ଭାବରେ ଦେଖାଯିବ। ଜ୍ୟୋତିଷ ରିଚାର୍ଡ ନଲ୍‌ଙ୍କ ପରିଭାଷାରେ ଯଦି ଚନ୍ଦ୍ର ଆମଠାରୁ ସାଧାରଣ ଦୂରତାର ୧୦% ବା ତା'ଠାରୁ କମ ଦୂରତାରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡ଼ିଥାଏ, ତେବେ ତାହାକୁ ଆମେ ସୁପରମୁନ କହିଥାଉ। ଅର୍ଥାତ ଯଦି ଚନ୍ଦ୍ର ଆମଠାରୁ ୩.୬୦ ଲକ୍ଷ କିଲୋମିଟର ବା ତା'ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣିମା ପଡ଼ିଥାଏ, ତା'ହେଲେ ସେହି ଚନ୍ଦ୍ରକୁ 'ସୁପରମୁନ୍' କୁହାଯାଏ। କାରଣ ସେ ସମୟରେ ତାହା ଆମକୁ ବଡ଼ ଓ ଉଜ୍ଜ୍ୱଳ ଦେଖାଯାଏ। ପ୍ରାୟ ପ୍ରତ୍ୟେକ ବର୍ଷ ଏହିଭଳି ଘଟଣା ୨ ରୁ ୪ ଥର ଘଟିଥାଏ। ୨୦୨୫ ମସିହାରେ ୩-ସୁପରମୁନ ସିରିଜର ଦ୍ୱିତୀୟ ସୁପରମୁନ ନଭେମ୍ବର ୫ ଓ ଶେଷ ସୁପରମୁନ ଟି ଡିସେମ୍ବର ୪ ତାରିଖରେ ଦେଖାଯିବ। ସେଦିନ ଚନ୍ଦ୍ର ସାଧାରଣ ଦିନର ପୂର୍ଣ୍ଣ ଚନ୍ଦ୍ର ଠାରୁ ପ୍ରାୟ ୭ ପ୍ରତିଶତ ବଡ଼ ଏବଂ ୧୫ପ୍ରତିଶତ ଉଜ୍ଜଳ ଦେଖାଯିବ। ୨୦୨୬ ମସିହାର ଜାନୁଆରି ୩, ନଭେମ୍ବର ୨୪ ଓ ଡିସେମ୍ବର ୨୩ ତାରିଖରେ ୩ ଟି ସୁପରମୁନ ଦେଖାଯିବ। ଏହା ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ ଯାହାକୁ ଖାଲି ଆଖିରେ ଦେଖିହେବ।

## ଏଆଇସିସି ଆଦିବାସୀ ପରାମର୍ଶଦାତା ପରିଷଦରେ ୪ ଓଡ଼ିଆ

ଭୁବନେଶ୍ୱର,୪।୧୧(ସମିସ): ଏଆଇସିସି ଆଦିବାସୀ କଂଗ୍ରେସର ପରାମର୍ଶଦାତ୍ତା ପରିଷଦରେ ଓଡ଼ିଶାର ୪ ଜଣ ନେତାଙ୍କୁ ସ୍ଥାନ ମିଳିଛି। ୪୩ ଜଣିଆ ଏହି ପରିଷଦରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ସୁଶିଳା ତିରିଆ, ନାଗାର୍ଜୁନ ପ୍ରଧାନ ଓ ପରମା ପୂଜାରି ପ୍ରମୁଖ ସ୍ଥାନ ପାଇଛନ୍ତି। ଏହି କମିଟି ବ୍ୟତୀତ ଏଆଇସିସି ପକ୍ଷରୁ ୩୯ ଜଣିଆ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ କମିଟି ଓ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ପାଇଁ ଏକ ୧୯ ଜଣିଆ ଆଦିବାସୀ ପରାମର୍ଶଦାତ୍ତା ପରିଷଦ ମଧ୍ୟ ଗଠନ ହୋଇଛି। ଅଖିଳ ଭାରତୀୟ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ବିକ୍ରାନ୍ତ ଭୁରିଆଙ୍କ ସୁପାରିସ୍ କ୍ରମେ ଏଆଇସିସି ଏହି କମିଟିକୁ ଅନୁମୋଦନ ଦେଇଛି।


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ.3**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2025040, ତା.12.09.2025ରିଖ

ଉପର ଉଲ୍ଲେଖିତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନ ପ୍ରଦତ୍ତ ଅନୁଯାୟୀ ପରିବର୍ତ୍ତନ କରାଯାଇଛି :

| ବିବରଣୀ | ପ୍ରକାଶିତ ତାରିଖ (ଶୁଦ୍ଧିପତ୍ର ସଂ.2) | ସଂଶୋଧିତ ତାରିଖ |
|---|---|---|
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | 04.11.2025, 1200 ଘଟିକା | 18.11.2025, 1200 ଘଟିକା |

ସବିଶେଷ ତଥ୍ୟ ପାଇଁ, ଇଚ୍ଛୁକ ଟେଣ୍ଡରକାରୀମାନେ ୱେବସାଇଟ୍: www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-152/CI/25-26

**AFFIDAVIT**

I, **Memunaben Mosinbhai Gohil**, Wife of Mohsinbhai Husenibhai Gohil, resident of 364/1900, Sarala Nagar, Laxmisagar, Bhubaneswar (M.C), Khordha, Pin-751006, Odisha declare by this affidavit No.298/2025, dated: 03/11/2025 that now onwards I shall be known as **Memunaben Mohsinbhai Gohil** for all future purposes.

**AFFIDAVIT**

I, **Sekh Golam Ahemad,** S/O- SK Karim Bux, resident of At- Jaipura, Po-Kendrapara, Dist-Kendrapara, Pin- 754211, Odisha declare by this affidavit No.297/2025, dated: 03/11/2025 that now onwards I shall be known as **SK GOLAM AHEMAD** for all future purposes.

**AFFIDAVIT**

I, **Sekh Karim Bux,** S/O- Sk Maula Bux, resident of At- Jaipura, Po-Kendrapara, Dist-Kendrapara, Pin- 754211, Odisha declare by this affidavit No.296/2025, dated: 03/11/2025 that now onwards I shall be known as **SK KARIM BUX** for all future purposes.

**AFFIDAVIT**

I, Madhusudan Si, age-35, S/o-Tikayat Chandra Si, resident of At-Kathagohola,Po-Mahabila, PS-Suliapada,Dist-Mayurbhanj, Odisha.Declared by Affidavit before the court of The Executive Magistrate, Baripada, Odisha, No-24 dtd.03/11/2025.That my actual name **MADHUSUDAN SI** in all my certificate but wrongly mention **MADHU SUDAN SI** in my passport No-M1612036. Hence I declared that **MADHU SUDAN SI & MADHUSUDAN SI** are one and same person for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Kabita Nayak, W/o-Pranadhan Jena, Resident of M-74, Samanta Vihar, Mancheswar Railway Colony, Khorda, Odisha PIN-751017, declared by this Affidavit No.: 1357/2025, Dated: 03.11.2025. That now onwards I shall be known as **KABITA JENA** for all future Purposes.

**AFFIDAVIT**

I Pramod Nayak, S/o- Bula Nayak Village/Post- Purusottam Prasad, PS- Fategarh, Dist-Nayagarh, Pin-752077 , Odisha. Declare that an Affidavit before Deputy Collector-cum Executive Magistrate , Nayagarh on dated. 20/09/2025 that now onwards I shall be known as **Sushant Nayak** instead of Pramod Nayak for all future purposes.

**AFFIDAVIT**

I, **TABASSUM JAHAN** (also known as **Tabasum Jahan Begum**) wife of Gulam Moinuddin Khan resident of Ward No.- 25 Plot No.- N-1/316, IRC Village, P.O.- IRC Village, P.S.- Nayapalli, Bhubaneswar, Dist.- Khordha, Odisha-751015 declare by this affidavit No.- 11 dated 04.11.2025 that now onwards I shall be known as **TABASUM JAHAN** for all future purposes.

Sd/- Tabasum Jahan

**OFFICE OF THE ASHYANA OPEN SHELTER HOME**
**C/O – SOCIETY FOR WEAKER COMMUNITY, BHADRAK**

Chandbali Bypass Road, In front of Unani Research Centre, Post/PS/Dist–Bhadrak–756100,E.mail: swcbdkodisha@gmail.com

Advt. No.: 2567/1301/SWC/25-26 Date: 01/11/2025

**CONTRACTUAL ENGAGEMENT**

The Ashyana open shelter home in the District of Bhadrak intend to engage suitable professional staffs such as Care giver cum Bridge course educator (only for female) & Out reach Worker (Male & Female) on contractual basis in the Ashyana open shelter home, Bhadrak. The Posts are purely contractual and coterminous with the project. The completely filled up application form along with other documents should reach at the Office of "ASHYANA OPEN SHELTER HOME, Pin no: 756100, Odisha," on or before 20/11/2025 (5.00 PM) positively only through Online (Google E form) (https://docs.google.com /forms/d/1yndwheWcEiSAR67vxZ-M6O0yK46tvz7GOGaDVgRd-M/edit).No other mode of application will be accepted. The number of vacancies, selection procedure, remuneration, application form etc are available in the district website i.e. www.bhadrak.odisha.gov.in

Note- The Candidates are requested to login District website mentioned above for all future information related to the above recruitment and no personal intimation will be made.

**Sd/- Secretary**
**ASHYANA OPEN SHELTER HOME**
**SOCIETY FOR WEAKER COMMUNITY, BHADRAK**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No-36, dated- 28/10/2025. I, **Sayed Kausera Alli**, aged about 55 years, S/o- Sayed Amirulla, Plot No- 665/3409, Jagamara, Sidheswar Nagar, Khandagiri, Bhubaneswar-751030, Dist-Khordha, Odisha, declare that I have changed my name from **Sayed Kausera Alli** to **Sayed Kauser Alli.** Henceforth, I shall be known as **Sayed Kauser Alli** for all purposes.

**Sayed Kauser Alli**

**AFFIDAVIT**

I, Rasmita Nanda, aged about 52 years, W/o- Late Siddharth Hiru Nanda, resident of At- BL-B-FL-305, 3rd Floor, Info Heights Apartment, Ps-Chandrasekharpur, Bhubaneswar, Dist- khurda, Odisha, PIN- 751024, declare by this affidavit No. 2252, dtd. 03/11/2025, that now onwards I shall be known as **RASMITA DASH NANDA** for all future purposes.

**OFFICE OF THE**
**REGULATION MARKET COMMITTEE, JAGATSINGHPUR**
**At- Gopalsagar, Po/Dist.- Jagatsinghpur-754103**

**QUOTATION CALL NOTICE**

ଧାନକ୍ରୟ କେନ୍ଦ୍ରରେ ବ୍ୟବହୃତ ନିମନ୍ତେ ନିମ୍ନଲିଖିତ ଜିନିଷ ଯୋଗାଣ ପାଇଁ କୋଟେସନ ଗ୍ରହଣ କରାଯାଉଛି । ଆଗ୍ରହୀ ବ୍ୟକ୍ତି/ ବ୍ୟବସାୟୀ ପ୍ରତିଷ୍ଠାନ ନିମ୍ନଲିଖିତ ଉପକରଣ ଯୋଗାଣ ଓ କାର୍ଯ୍ୟ ପାଇଁ ତାଙ୍କର ମୂଲ୍ୟସୂଚୀ ତା.୦୪.୧୧.୨୦୨୫ରିଖ ଠାରୁ ତା.୧୩.୧୧.୨୦୨୫ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ଉପଯୁକ୍ତ ଲଫାପାରେ ପୋଷ୍ଟାଲ/ କୋରିୟର ଅଥବା କାର୍ଯ୍ୟାଳୟରେ ଥିବା ରକ୍ଷିତ ପେଟିକାରେ ଆବେଦନ କରିପାରିବେ । ତା.୧୪.୧୧.୨୦୨୫ରିଖ ଅପରାହ୍ନ ଘ.୪.୩୦ ମିନିଟ୍ ସମୟରେ ସମସ୍ତ ଦରଖାସ୍ତ ଖୋଲାଯିବ । ଶେଷ ତାରିଖ ଏବଂ ସମୟ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଖୋଲାଯିବା ସମୟରେ ସମସ୍ତ କୋଟେସନଦାତା ଅଥବା ସେମାନଙ୍କର ପ୍ରାଧିକୃତ ବ୍ୟକ୍ତିବିଶେଷ ଉପସ୍ଥିତ ରହିପାରିବେ । କର୍ତ୍ତୃପକ୍ଷ ଯେତେବେଳେ ଗ୍ରହିବେ ଯେକୌଣସି ଏକ ଅଥବା ସମସ୍ତ କୋଟେସନକୁ ଅଗ୍ରାହ୍ୟ କରିପାରିବେ ।

ଜିନିଷ/କାର୍ଯ୍ୟର ନାମ

୧. ଅସ୍ଥାୟୀ ସିସିଟିଭି ଲଗାଣ (କ୍ୟାମେରା ପ୍ରତି/ ଦିନ ପ୍ରତି ସମସ୍ତ ଖର୍ଚ୍ଚ ସହିତ)
୨. Temporary CAP Storage ୩ ମାସ ନିମନ୍ତେ (୨୦ ଫୁଟ X ୩୦ ଫୁଟ) ଏବଂ (୨୦ ଫୁଟ X ୨୦ ଫୁଟ) (ମାସପ୍ରତି/ ବର୍ଗଫୁଟ ପ୍ରତି) CAP Storage ନିମନ୍ତେ ଦରଖାସ୍ତକାରୀମାନେ ଅନ୍ୟାନ୍ୟ ସର୍ତ୍ତାବଳୀ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରୁ ପାଇପାରିବେ)
୩. ୨୧ ସେ.ମି. X ୨୮ ସେ.ମି. ପ୍ରସ୍ତରପତ୍ର (ଉଭୟ ପାଖ)
୪. ପ୍ରଚ୍ଚର (ମାଇକ ଏବଂ ଗାଡ଼ି) ଗାଡ଼ିପ୍ରତି/ଦିନପ୍ରତି/କି.ମି. ପ୍ରତି
୫. ଫ୍ଲେକ୍ସ ବୋର୍ଡ ଲେଖା ସହ (ବର୍ଗଫୁଟ ପ୍ରତି ଦାମ) ବିଭିନ୍ନ ସ୍ଥାନମାନଙ୍କରେ ୩ ମାସ ପାଇଁ ଲଗାଇବା ଭଡ଼ା ସହିତ
୬. ବ୍ୟାନର (୫ ଫୁଟରେ ୩ ଫୁଟ) ଲେଖା ସହ
୭. ଅସ୍ଥାୟୀ କୃଷକ ବିଶ୍ରାମାଗାର ୩ ମାସ ନିମନ୍ତେ
୮. ଅସ୍ଥାୟୀ ପରିଶ୍ରାଗାର ୩ ମାସ ନିମନ୍ତେ
୯. ୱାଲ୍ ପ୍ରିଣ୍ଟ (ବିଭିନ୍ନ ସ୍ଥାନରେ କାନ୍ଥରେ ଲେଖିବା) ବର୍ଗଫୁଟ ପ୍ରତି ଦାମ
୧୦. 20Ltr Water Jar with Water Dispenser ସହିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ

ସ୍ୱା/- ଉପ-ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ,
ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦ ମୃତ...

ପକ୍ଷରୁ ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରେଳବାଇ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସିଗ୍ନାଲିଂ ସିଷ୍ଟମରେ ତ୍ରୁଟି କିମ୍ବା ମାନବୀୟ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।

ଦୁର୍ଘଟଣା ଯୋଗୁଁ ଉପରେ ଯାଇଥିବା ରେଲୱେ ୱାରିଂ ଏବଂ ସିଗ୍ନାଲିଂ ସିଷ୍ଟମ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଏହି ମାର୍ଗରେ ଟ୍ରେନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଅନେକ ଏକ୍ସପ୍ରେସ ଏବଂ ଯାତ୍ରୀବାହୀ ଟ୍ରେନକୁ ବାତିଲ କରାଯାଇଛି। ମୃତକଙ୍କ ପରିବାର ଲୋକଙ୍କ ପାଇଁ ରେଳବାଇ ପକ୍ଷରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ଏହି ଦୁର୍ଘଟଣାରେ ଯାତ୍ରୀବାହୀ ଟ୍ରେନର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଛି। ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବଗି ମଧ୍ୟ ପ୍ରଭାବିତ ହୋଇଛି। ଏହା ଭିତରୁ ମହିଳାଙ୍କୁ ଉଦ୍ଧାର କରାଯାଉଛି। ଏହି ଦୁର୍ଘଟଣାର ଅନେକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ପାସେଞ୍ଜର ଟ୍ରେନ୍‌ର ଇଞ୍ଜିନ ଏବଂ ଅନ୍ୟ ବଗିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଟ୍ରେନ ଗୁଡିକ ବାତିଲ ହୋଇଯାଇଥିବାରୁ ବିଳାସପୁର ଷ୍ଟେସନରେ ପ୍ରବଳ ଭିଡ଼ ହୋଇଛି। ଲୋକେ କେଉଁ ଟ୍ରେନ ବିଳମ୍ବରେ ଚାଲୁଛି ଆଉ କେଉଁଟିକୁ ବାତିଲ କରିଦିଆଯାଇଛି ତାହା ଜାଣିପାରୁନାହାନ୍ତି। ଦୁର୍ଘଟଣା ସଂପର୍କରେ ଅଧିକ ତଥ୍ୟ ଲାଗି ରେଳବାଇ ବିଭାଗ ପକ୍ଷରୁ ହେଲ୍‌ପ ଲାଇନ୍ (9752485499 8602007202) ଜାରି କରାଯାଇଛି।

### ସ୍ୱାସ୍ଥ୍ୟସେବାରେ ନୂଆପଡ଼ାକୁ...

କାର୍ଯ୍ୟକାରୀ ହେଉନାହିଁ। ଯାହାଫଳରେ ଉନ୍ନତ ତଥା ଦେୟମୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ସନ୍ତୁଳି ହେଉଛନ୍ତି ନୂଆପଡ଼ାବାସୀ। କେଉଁ ଅପରାଧ ପାଇଁ ବିଜେପି ସରକାର ଆମକୁ ଉନ୍ନତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରଖିଲେ ବୋଲି ନୂଆପଡ଼ାବାସୀ ପଚାରୁଥିବା ବେଳେ ଏହାର ଉତ୍ତର କିନ୍ତୁ କାହା ପାଖରେ ନାହିଁ।

ଇତିମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ୪ଟି ଆକସ୍ମିକ ଘଟଣା ଯଥା ସାପକାମୁଡ଼ା, ହୃଦଘାତ, ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ଜୀବନପ୍ରତି ବିପଦ ଥିବା ଜରୁରୀକାଳୀନ ସ୍ଥିତିରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପରି କୌଣସି ପରିସ୍ଥିତି ସୃଷ୍ଟି ହେଲେ ସେମାନଙ୍କୁ ଓଡ଼ିଶା କିମ୍ବା ରାୟପୁରରେ ଯେକୌଣସି ସରକାରୀ କିମ୍ବା ବେସରକାରୀ ହସ୍ପିଟାଲରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏହାବ୍ୟତୀତ ଅନ୍ୟ କୌଣସି ଘଟଣାରେ ନୂଆପଡ଼ାରେ ଉଭୟ ସରକାରୀ କିମ୍ବା ବେସରକାରୀ ହସ୍ପିଟାଲରେ ଆବଶ୍ୟକସ୍ଥଳେ ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ ଚିକିତ୍ସା ସେବା ଯୋଗାଇଦେବାକୁ କୁହାଯାଇଥିବା ବେଳେ ଏହାର ସମସ୍ତ ଖର୍ଚ୍ଚ ପରବର୍ତ୍ତୀ ସମୟରେ ନିର୍ବାଚନ ଖର୍ଚ୍ଚ ବ୍ୟୟଅଟକଳରୁ ବହନ କରାଯିବ ବୋଲି ସୂଚନା ମିଳିଛି ।

### ଆଜିଠୁ ଐତିହାସିକ...

ଇନ୍ କଟକ'। ନୂଆବୋହୂ ଭଳି ଏହି ପାଭିଲିୟନ୍ ସଜେଇ ହୋଇଛି। ସବୁଜିମା କୋଳରେ କଳା କାରୁକାର୍ଯ୍ୟର ଛିଟା ଦିଆଯାଇଛି। ଏତଦ୍‌ବ୍ୟତୀତ, ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ କେତେକ ଅଭିନବ ଉଦ୍ୟମ କରିଛି। ଜାଭା, ସୁମାତ୍ରା, ଇଣ୍ଡୋନେସିଆ, ମାଳଦ୍ୱୀପ ଆଦି ରାଷ୍ଟ୍ର ସହ ପ୍ରାଚୀନ କଳିଙ୍ଗର ବାଣିଜ୍ୟିକ ସମ୍ପର୍କକୁ ଆଧାର କରି ମହାନଦୀ କୂଳରେ ଆରମ୍ଭ ହୋଇଥିବା ଏହି ବାଣିଜ୍ୟିକ ମେଳାରେ ଏଥର ବିଦେଶୀ ପରମ୍ପରାକୁ ପ୍ରତିଫଳିତ କରାଯିବ। ବାଲିଯାତ୍ରାରେ ସହଭାଗୀ ରାଷ୍ଟ୍ର ଭାବେ ଇଣ୍ଡୋନେସିଆକୁ ସାମିଲ କରାଯାଇଛି। ଇଣ୍ଡୋନେସିଆର ବାସିନ୍ଦା ଚଳିତଥର କଟକ ବାଲିଯାତ୍ରାରେ ଦେଖିବାକୁ ମିଳିବେ। ଏପରିକି, ଇଣ୍ଡୋନେସିଆର କଳାକୃତିକୁ ନେଇ ଏକ ସ୍ୱତନ୍ତ୍ର ଷ୍ଟଲ ବାଲିଯାତ୍ରାରେ ରହିଛି।

### ନିଶା ଦେଇ...

ପରେ ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ତଦନ୍ତ କରି ଦେବୁକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଉଭୟଙ୍କ ଡାକ୍ତରୀମାଇନା କରାଯିବା ସହ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

### ବସନ୍ତ ଖପ୍ପା...

ଯିଏ ଯୁଦ୍ଧ ଲଢ଼ିଛି ସେ ଜାଣିଛି। କେନ୍ଦ୍ର ନିଷ୍ପତ୍ତି ଅନୁସାରେ ବିଜେପି ନୂଆପଡ଼ା ପ୍ରାର୍ଥୀ କରିଛି ବୋଲି ସେ ମତ ରଖିଛନ୍ତି। ଅପରପକ୍ଷେ ପଦ୍ମଲୋଚନଙ୍କ ଏପରି ବୟାନକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବସନ୍ତଙ୍କ ସମର୍ଥକ। ସେମାନଙ୍କ ଅନୁଯାୟୀ ପ୍ରଥମେ ଅଭିନନ୍ଦନଙ୍କୁ ପ୍ରାର୍ଥୀତ୍ୱକୁ ବଞ୍ଚିତ କରାଗଲା। ଦଳୀୟ ଶୃଙ୍ଖଳାକୁ ସର୍ବାଗ୍ରେ ରଖି ଆମେ ଚୁପ୍ ରହିଲୁ। ମାତ୍ର ଆମ ନେତାଙ୍କୁ ହାରୁ ଘୋଡ଼ା କହିବା ଆମ ପ୍ରତି ଅପମାନ, ନୂଆପଡ଼ା ପ୍ରତି ଅପମାନ। ଆମେ ଏହାକୁ ସହ୍ୟ କରିବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ତେବେ ପଦ୍ମଲୋଚନଙ୍କ ବୟାନକୁ ନେଇ ବସନ୍ତ କୌଣସି ପ୍ରତିକ୍ରିୟା ରଖି ନାହାନ୍ତି ଓ ସମ୍ପୂର୍ଣ୍ଣ ନିରବ ରହିଛନ୍ତି।

### ଖସୁଛି ପାରଦ...

ରାଜ୍ୟ ମଧ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ-ଥଣ୍ଡା ବାୟୁ ପ୍ରବେଶ କରୁଛି। ଏହା ପ୍ରଭାବରେ ୨-୩ ଡିଗ୍ରୀ ରାତିର ତାପମାତ୍ରା ହ୍ରାସ ପାଇବ। ଗତ ୨ ତାରିଖରୁ ସାରା ରାଜ୍ୟରେ କମିଛି ରାତ୍ରି ତାପମାତ୍ରା। ଏହାକୁ ନେଇ ଆଗକୁ ରାଜ୍ୟରେ ଶୀତ ଅନୁଭୂତ ହେବ। ୨ରୁ ୩ ଦିନ ମଧ୍ୟରେ ୩ରୁ ୪ ଡିଗ୍ରୀ ରାତି ତାପମାତ୍ରା କମିବ ବୋଲି ସେ କହିଛନ୍ତି।

### ଅକାଳ ମୃତ୍ୟୁ...

ଅକ୍ଷରରେ ଲେଖା ଫଳକ ଟାଙ୍ଗି ଦେଇଛନ୍ତି। ନାରାୟଣପାଟଣା ସଦର ଗାଦବାଡୁଡ଼ା ଗାଁର ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁସାରେ, ଗାଁରେ ଜଣଜଣ କରି ୮ ଜଣଙ୍କ ଅକାଳରେ ଜୀବନ ଗଲାଣି। କିଏ ଦୁର୍ଘଟଣାରେ ତ କିଏ ରୋଗରେ ପଡ଼ି ପ୍ରାଣ ହରାଇଛି। ଏହାକୁ ନେଇ ଗାଁ ଲୋକଙ୍କ ମନରେ ଏବେ ଏକ ଅଜଣା ଭୟ ବସା ବାନ୍ଧିଛି। ଏହି ଅଘଟଣ କେବଳ ଦୁର୍ଯୋଗ ନୁହେଁ, ବରଂ ମା'ଙ୍କ କୋପରୁ ଏପରି ହେଉଛି ବୋଲି ଗ୍ରାମବାସୀ ଭାବି ନେଇଛନ୍ତି। ସେମାନଙ୍କ କହିବା କଥା, ଗାଁର ଇଷ୍ଟଦେବୀ କୌଣସି କାରଣରୁ ସେମାନଙ୍କ ଉପରେ ରାଗି ଗାଁ ଛାଡ଼ି ପଳାଇଛନ୍ତି। ତେଣୁ ମା' ଝାଙ୍କରଙ୍କୁ ଫେରାଇ ଆଣିବା ପାଇଁ ସେମାନେ ଗାଁରେ ପୂଜାପାଠ କରୁଛନ୍ତି। ମା' ସନ୍ତୁଷ୍ଟ ହେଲେ ଗାଁରେ ଆଉ ଏପରି ଅଘଟଣ ଘଟିବ ନାହିଁ ବୋଲି ସେମାନେ କହିଛନ୍ତି। ଏନେଇ ଚଳିତ ସପ୍ତାହରେ ଗାଁରେ ବୈଠକ ବସିଥିଲା। ପ୍ରତି ଘରୁ ଚାନ୍ଦା ଆଦାୟ କରି ବେଜୁଣି ଜରିଆରେ ଆଦିବାସୀ ପରମ୍ପରା ଓ ନୀତିକାନ୍ତି ଅନୁଯାୟୀ ଝାଙ୍କର ମା'ଙ୍କୁ ଆରାଧନା କରାଯାଇଥିଲା। ତେବେ ବିଧି ଅନୁଯାୟୀ, ଏହି ସମୟ (୮ ଦିନ) ମଧ୍ୟରେ ନା କେହି ଗାଁ ବାହାରକୁ ଯିବେ ନା କେହି ବାହାରିଆ ଗାଁକୁ ପ୍ରବେଶ କରିବେ। ଏଥିରେ ଅବହେଳା ହେଲେ ଝାଙ୍କର ଦେବତା ରାଗିବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ଗ୍ରାମବାସୀଙ୍କ କହିବା କଥା, ପୂର୍ବପୁରୁଷରୁ ଗାଁରେ ଏଭଳି ପରମ୍ପରା ଚାଲିଆସିଛି। ତେଣିକି ଯିଏ ଯାହା ବୁଝୁ... । ଆମେ ଏ ପରମ୍ପରା ଛାଡ଼ିପାରିବୁ ନାହୁଁ।

### ଅଚଳ ହେଲା...

ଅଧ୍ୟକ୍ଷତାରେ ପୂର୍ବତନ ପ୍ରଶାସକ ରବିନାରାୟଣ ବହିଦାର, ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ, ଏକେ ସାବତ, ଆରଏନ ସେନାପତି ଓ ମୌସୁମୀ ପାଢ଼ୀ ପ୍ରମୁଖ କମିଟିର ସଦସ୍ୟ ଥିଲେ। ସର୍ଚ୍ଚ କମିଟିର କାର୍ଯ୍ୟ ସରିବା ପରେ ଏହାର ତାଲିକା ସିଲେକ୍ସନ କମିଟିକୁ ପଠାଯାଇଥାନ୍ତା। ହେଲେ ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ ଆଚରଣବିଧି ଲାଗୁ ହେବାରୁ କୌଣସି ନୂତନ ନିଯୁକ୍ତି ଦିଆଯାଇପାରି ନ ଥିଲା ଓ ବିଜେପି ସରକାରକୁ ଆସିବା ପରେ ଏହି ନିଯୁକ୍ତି ପ୍ରକ୍ରିୟାକୁ ସେହିଠାରେ ହିଁ ଅଟକିଗଲା।

ତୁରନ୍ତ ଲୋକପାଳ ନିଯୁକ୍ତି ପାଇଁ ଉଚ୍ଚନ୍ୟାୟାଳୟରେ ମଧ୍ୟ ମାମଲା ହୋଇଛି। କଟକ ଜିଲ୍ଲା ଚୌଦ୍ୱାରର ମନୋରଞ୍ଜନ ସାହୁ ୨୦୨୪ ଅକ୍ଟୋବର ୫ ତାରିଖରେ ଏନେଇ କେସ୍ ଫାଇଲ୍ କରିଛନ୍ତି। ଇତିମଧ୍ୟରେ ବର୍ଷେ ବିତିଥିଲେ ମଧ୍ୟ ମାମଲା ଫଏସଲା ହୋଇନାହିଁ ଓ ରାଜ୍ୟ ସରକାର ମଧ୍ୟ ଏହି ମାମଲା କ୍ଷେତ୍ରରେ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି । ଅପରପକ୍ଷରେ ଦେଢ଼ବର୍ଷ ହେବ ଲୋକାଯୁକ୍ତରେ କୌଣସି ପ୍ରକାର ଶୁଣାଣି ହେଉ ନ ଥିବାରୁ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ ଲୋକାଯୁକ୍ତରେ ଏଯାଏଁ ୮୦୦ରୁ ଅଧିକ କେସ୍ ବିଚାର ଅପେକ୍ଷାରେ ପଡ଼ି ରହିଛି। କେସ୍‌ଗୁଡ଼ିକର ବିଚାର ହେଉ ନ ଥିବାରୁ ଦୁର୍ନୀତିଖୋର୍ ଅଧିକରୁ ଅଧିକ ଦୁର୍ନୀତି କରିଚାଲିଛନ୍ତି। ସରକାର ଲୋକାଯୁକ୍ତ ଗଠନ ନ କରି ଦୁର୍ନୀତିକୁ ନୀରବ ସମର୍ଥନ ଦେଉଥିବା ଏବେ ସାଧାରଣରେ ଅଭିଯୋଗ ହୋଇଛି।

### କେଳେଙ୍କାରୀକୁ ପ୍ରୋତ୍ସାହନ ଦେଉଛି ଜିଲ୍ଲା ପରିଷଦ

# କର୍ମଚାରୀଙ୍କୁ ମିଳୁଛି ଭତ୍ତା, ରାସନ ଓ ଆବାସ

ନୟାଗଡ଼,୪।୧୧(ସମିସ)

ନୟାଗଡ଼ ଜିଲ୍ଲା ପରିଷଦ କେଳେଙ୍କାରୀକୁ ପ୍ରୋତ୍ସାହନ ଦେଉଛି। ବ୍ୟାଟେରୀ ଗାଡ଼ି କିଣା ଅନିୟମିତାଠାରୁ ଆରମ୍ଭ କରି ଯାବତୀୟ ଅନିୟମିତତା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଜାଣତରେ ହେଉଛି। ଜିଲ୍ଲା ପରିଷଦରେ କାର୍ଯ୍ୟରତ ଜୈନିକ କର୍ମଚାରୀଙ୍କ ପ୍ରତି କିଭଳି ଅହେତୁକ ଅନୁକମ୍ପା ପଦର୍ଶନ କରାଯାଇଛି। ତାହାର ଠୋସ୍ ପ୍ରମାଣ ସକାଳ ହାତରେ ଲାଗିଛି। ନୟାଗଡ଼ ଜିଲ୍ଲା ପରିଷଦରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଜୈନିକ କର୍ମଚାରୀ ଦିବ୍ୟାଙ୍ଗ ଭତ୍ତା, ରାସନ କାର୍ଡ ହାତେଇବା ସହ ପରିବାର ସଦସ୍ୟଙ୍କ ନାଁରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହେବା ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଲାଠିପଡ଼ା ଗାଁର ପ୍ରତାପ ଚନ୍ଦ୍ର ବାଡ଼ତିଆଙ୍କ ପତ୍ନୀ ରୀନାରାଣୀ ପ୍ରଧାନ ଜଣେ ଦିବ୍ୟାଙ୍ଗ ମହିଳା। ସେ ନୟାଗଡ଼ ଜିଲ୍ଲା ପରିଷଦରେ ମନରେଗା ସହାୟକ ଭାବେ ୨୦୨୧ ମସିହା ଜୁନ ୧ ତାରିଖଠାରୁ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସରକାରଙ୍କ ପାଣ୍ଠିରୁ ସେ ୨୧ ହଜାର ୯୮୩ ମୂଳ ଦରମା ପାଉଥିବା ଜିଲା ପରିଷଦରୁ ସୂଚନା ଅଧିକାରୀ ଆଇନ ତଥ୍ୟରୁ ଜଣାପଡ଼ିଛି। ରୀନାରାଣୀ

- ଶାଶୂଙ୍କୁ ମିଳୁଛି ଅନ୍ତ୍ୟୋଦୟ ୩୫ କେଜି ଚାଉଳ
- ମାଆଙ୍କୁ ମିଳୁଛି ୧୦ କେଜି ଚାଉଳ
- ସ୍ୱାମୀଙ୍କ ନାମରେ ଅନ୍ତ୍ୟୋଦୟ ଗୃହ ଯୋଜନା

ପ୍ରଧାନ ଉଚ୍ଚ ଦରମାପ୍ରାପ୍ତ କର୍ମଚାରୀ ହୋଇଥିବା ବେଳେ ସେ ସାମାଜିକ ସୁରକ୍ଷା ବିଭାଗରୁ ୧୨ ଶହ ଟଙ୍କା ଦିବ୍ୟାଙ୍ଗ ଭତ୍ତା ପାଉଥିବା ସୂଚନା ମିଳିଛି। ସବୁଠାରୁ ସାଂଘାତିକ କଥା ହେଉଛି, ରୀନାରାଣୀ ବାପଘରୁ ରାସନ କାର୍ଡରେ ରାସନ ପାଉଥିବା ବେଳେ ଶ୍ୱଶୁର ଘର ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ପାଉଛନ୍ତି। ରୀନାଙ୍କ ମାଆ କମଳା ପ୍ରଧାନଙ୍କ ନାମରେ ରାସନ କାର୍ଡ ରହିଥିବା ଜଣାପଡ଼ିଛି। ଖାଦ୍ୟ ସୁରକ୍ଷା ଯୋଜନାରେ ୨୪୦୫୧୭୧୦୫୧୦ ନମ୍ବର ବିଶିଷ୍ଟ ରାସନ କାର୍ଡରେ ଖାଉଟି ସାମଗ୍ରୀ ପାଉଛନ୍ତି। ସମାନ ଭାବେ ରୀନା ଜଣେ ସରକାରୀ ଚାକିରିଆ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଓ ଶଶ୍ୱର ଘର ଲୋକେ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ପାଉଛନ୍ତି। ରୀନାଙ୍କ ଶାଶୁ ସୁବାସିନୀ ବାଡ଼ତିଆଙ୍କ ନାମରେ ରହିଥିବା ୨୪୦୫୧୭୧୧୨୦୬ ନମ୍ବର ବିଶିଷ୍ଟ କାର୍ଡରେ ରୀନାଙ୍କ ଶାଶୁ, ଶ୍ୱଶୁର ସୁବାସ ବାଡ଼ତିଆ, ସ୍ୱାମୀ ପ୍ରତାପ ବାଡ଼ତିଆ ଏବଂ ତାଙ୍କ ଦୁଇ ଭାଇ ପ୍ରଭାତ କୁମାର ବାଡ଼ତିଆ ଓ ପ୍ରସନ୍ନ କୁମାର ବାଡ଼ତିଆ ସାମିଲ ରହିଛନ୍ତି। ଏସବୁ କେଳେଙ୍କାରୀ ରହିଥିବା ବେଳେ ଅତ୍ୟନ୍ତ ଚତୁରତାର ସହ ରୀନାରାଣୀଙ୍କ ସ୍ୱାମୀ ପ୍ରତାପ ଚନ୍ଦ୍ର ବାଡ଼ତିଆଙ୍କ ନାମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆବାସ ଯୋଗାଇ ଦେବାକୁ ନୟାଗଡ଼ ବ୍ଲକରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଜଣେ ସରକାରୀ ଚାକରିଆଙ୍କ ପରିବାର କିଭଳି ଅନ୍ତ୍ୟୋଦୟ ଆବାସ ଯୋଜନାରେ ସାମିଲ ହେଲେ ବୋଲି ପ୍ରଶ୍ନ ଉଠିଛି। ୨୦୨୫-୨୬ ମସିହା ତାଲିକାରେ ପ୍ରତାପଙ୍କ ନାଁ ରହିଥିବା ବେଳେ ତାଙ୍କୁ କାର୍ଯ୍ୟାଦେଶ ସହ ୪୦ ହଜାର ଟଙ୍କା ମଧ ପ୍ରଦାନ କରାଯାଇଛି। ଜିଲ୍ଲା ପରିଷଦରେ ଚାକିରି କରିବାର ଯଥେଷ୍ଟ ଫାଇଦା ରୀନାରାଣୀ ଉଠାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତଙ୍କୁ ପଚାରିବାରେ, ଦିବ୍ୟାଙ୍ଗ ଭାବେ ରାସନ ସାମଗ୍ରୀ ପାଇପାରିବେ ବୋଲି ସୂଚନା ଦେଇଛନ୍ତି। କିନ୍ତୁ ଭତ୍ତା ଓ ଆବାସ ବିଷୟର ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି।

### ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର କଲେ ଦେଓଗାଁ ଗ୍ରାମବାସୀ

## ବେଆଇନ ମାଟି ପକାଇବା ଘଟଣାରେ ହେବ କାର୍ଯ୍ୟାନୁଷ୍ଠାନ

**ନୟାଗଡ଼,୪।୧୧(ସମିସ):** ଓଡ଼ଗାଁ ବ୍ଲକ୍ ପାଣ୍ଡେରିପଡା ପଞ୍ଚାୟତ ଅନ୍ତର୍ଗତ ବିବାଦୀୟ ଦେଓଗାଁ-ଭାଲିଆଡିହି ରାସ୍ତା ବିବାଦ ଜିଲ୍ଲା ପ୍ରଶାସନକୁ ଅଡୁଆରେ ପକାଇଛନ୍ତି। ଗତ ଶନିବାର ରାତିରେ ଭାଲିଆଡିହି ଗ୍ରାମବାସୀ ଦେଓଗାଁ ଶ୍ମଶାନ ଓ ବିଦ୍ୟାଳୟ ପରିସରରେ ବେଆଇନ ଭାବେ ମାଟି ପକାଇ ରାସ୍ତା ନିର୍ମାଣ କରିବା ଘଟଣାକୁ ନେଇ ଦେଓଗାଁ ବାସୀ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ଦେଓଗାଁ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅହୋରାତ୍ର ଗଣଧାରଣା ଦେବା ସହିତ ମଙ୍ଗଳବାର ସମାନ ଢଙ୍ଗରେ ଦିନ ସାରା ଧାରଣାରେ ବସି ରହିଥିଲେ। ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଦେଓଗାଁ ଗ୍ରାମବାସୀଙ୍କ ଧାରଣା ପ୍ରତ୍ୟାହୃତ ହୋଇଛି। ଆସନ୍ତା ୧୦ ଦିନ ଭିତରେ ବିଭାଗୀୟ ତଦନ୍ତ ପରେ ବେଆଇନ ଭାବେ ମାଟି ପକାଇ ତହସିଲଦାର ଓଡ଼ଗାଁ ଓ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଭାଲିଆଡିହି ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ତହସିଲଦାରଙ୍କ ନକ୍ସା ଓ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ପୂର୍ତ୍ତ ବିଭାଗ ରାସ୍ତା ଦେଓଗାଁଠାରୁ ଭାଲିଆଡିହିକୁ ସଂଯୋଗ କରିବା ପ୍ରତିଶ୍ରୁତି ପରେ ଦେଓଗାଁ ଗ୍ରାମବାସୀ ଧାରଣା ପ୍ରତ୍ୟାହୃତ କରିବା ନେଇ ସୂଚନା ଦେଇଛନ୍ତି। ଯଦି ଆଗାମୀ ୧୦ ଦିନ ଭିତରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆନଯାଏ ତେବେ ପୁନର୍ବାର ଦେଓଗାଁ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## କପିଳେଶ୍ୱରଙ୍କ ପୀଠରେ ପଞ୍ଚକ ଯାତ୍ରା

**ଶରଣକୁଳ,୪।୧୧(ସମିସ):** ଶରଣକୁଳ ନିକଟସ୍ଥ ଗୁଞ୍ଜିବାରଣ ଗ୍ରାମରେ ପୂଜା ପାଉଥିବା ଶ୍ରୀଶ୍ରୀ କପିଳେଶ୍ୱର ମହାଦେବ, ଅସୁରଢିପାରେ ଶ୍ରୀଶ୍ରୀ ବାବା ବୈଦ୍ୟନାଥ ମହାଦେବ, କଟରାଝରି ଶ୍ରୀଶ୍ରୀ ଚନ୍ଦ୍ରକନ୍ଧେଶ୍ୱର ମହାଦେବଙ୍କ ପୀଠରେ ପଞ୍ଚକ ଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ଯଜ୍ଞ ପୀଠରେ ଅଙ୍କୁରାରୋପଣ କରାଯାଇ ଭକ୍ତମାନେ କୁସୁମୀ ନଦୀରୁ ୧୦୮ ଜଳକଳସ ଏକ ଶୋଭାଯାତ୍ରାରେ ଧରି ଗ୍ରାମ ପରିକ୍ରମା ପରେ ଯଜ୍ଞ ପୀଠରେ ପହଞ୍ଚି ଥିଲେ। ସେଠାରେ ଘଟସ୍ଥାପନା କରା ଯାଇଥିଲା। ମଙ୍ଗଳବାର ସକାଳେ ନିମନ୍ତ୍ରିତ ବ୍ରାହ୍ମଣଙ୍କ ଦ୍ୱାରା ସୂର୍ଯ୍ୟ ପୂଜା କରାଯିବା ପରେ ରୀତିନୀତିରେ ଘୃତାହୁତି ପ୍ରଦାନ କରାଯାଇଥିଲା। ଠାକୁରଙ୍କ ଦର୍ଶନ ପାଇଁ ଦିନତମାମ ଯଜ୍ଞ ପୀଠ ରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

## ଲୋକ ଦେଖାଣିଆ ଗୁଟ୍‌ଖା ଧରପଗଡ଼

**ଖଣ୍ଡପଡ଼ା,୪।୧୧(ସମିସ):** ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ଛକ ବଜାରରେ ଥିବା ଦୋକାନ ଗୁଡ଼ିକରେ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଭାବେ ଚଢ଼ଉ କରାଯାଇ ବେଆଇନ ଭାବେ ବିକ୍ରି ହେଉଥିବା ଗୁଟ୍‌ଖା, ସିଗାରେଟ୍, ତମାଖୁ ଆଦି ମାଦକ ଦ୍ରବ୍ୟ ଜବତ ସହ କିଛି ନିରୀହ ବ୍ୟବସାୟୀଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ଜିଲ୍ଲା ପ୍ରଶାସନର କୋହଳ ନୀତି ଯୋଗୁଁ ଖଣ୍ଡପଡ଼ା ଅଞ୍ଚଳରେ ଗୁଟଖା ବିକ୍ରି ବଢିବାରେ ଲାଗିଛି। ଯାହାର ପରିଣାମ ସ୍ୱରୂପ କ୍ୟାନସର ଭଳି ମାରାନକ ରୋଗୀ ସଂଖ୍ୟା ମଧ ବୃଦ୍ଧି ପାଉଛି। ଏସବୁକୁ ଗୁରୁତ୍ୱ ଦେଇ ତଥା ଜନସାଧାରଣଙ୍କୁ ସଚେତନ ଲକ୍ଷ୍ୟରେ ଆଜି ଖଣ୍ଡପଡ଼ା ସହରାଞ୍ଚଳରେ ଗୁଟଖା ଧରପଗଡ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲା ଡ୍ରଗ୍ସ ଇନ୍ସପେକ୍ଟର ସନ୍ତୋଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ଖଣ୍ଡପଡ଼ା ଅବକାରୀ ବିଭାଗ ଓ ଖଣ୍ଡପଡ଼ା ପୁଲିସ ସାମିଲ ହୋଇଥିବା ଜଣାଯାଇଛି। ଜିଲ୍ଲା ବିଭାଗୀୟ ଅଧିକାରୀଙ୍କ ଏହି ଗୁଟ୍‌ଖା ଧରପଗଡ଼ କେବଳ ଲୋକ ଦେଖାଆଣି ହୋଇଥିବା ଖଣ୍ଡପଡ଼ା ଅଞ୍ଚଳ ବୁଦ୍ଧିଜୀବୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ଢୋଲାଚଣ୍ଡି ଟୁର୍ଣ୍ଣାମେଣ୍ଟ: ସେମିରେ ବଡ଼ସହରା

**ଭାପୁର,୪।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡସହରା ଗ୍ରାମରେ ଚାଲିଥିବା ଢୋଲାଚଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନ୍ତିମ କ୍ୱାର୍ଟରରେ ପରସ୍ପରକୁ ଭେଟିଥିଲେ ଫତେଗଡ଼ କ୍ରିକେଟ କ୍ଲବ୍ ଓ ଆୟୋଜକ ଟିମ୍। ଫତେଗଡ ଟିମ୍ ଟସ୍ ଜିତି ବଡସହରା ଟିମକୁ ବ୍ୟାଟିଂ ପାଇଁ ଆମନ୍ତ୍ରିତ କରିଥିଲା। ବ୍ୟାଟିଂ ନିମନ୍ତ୍ରଣ ପାଇ ଆୟୋଜକ ଦଳ ୨୦ ଓଭରରେ ୮ ୱିକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଅଧିନାୟକ ଅଜିତ ବିଶୋଇ ୩୭ ବଲରେ ବିସ୍ଫୋରକ ୭୧ ରନ୍ କରିଥିଲେ। ଫତେଗଡ କ୍ରିକେଟ କ୍ଲବ୍ ୧୩-୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୭୭ ସୀମିତ ରହି ୮୩ ରନରେ ପରାଜିତ ହୋଇଥିଲା। ବିଜୟୀ ଦଳର ଲିପୁ ନାୟକ ୪ ଓଭରରେ ୧୩ ରନ ଦେଇ ୪ ୱିକେଟ ନେଇ ଫତେଗଡ଼ ଦଳର ବ୍ୟାଟିଂ ବିପର୍ଯ୍ୟୟ କରିଥିଲେ। ବିଜୟୀ ଦଳର ଅଧିନାୟକ ଅଜିତ ବିଶୋଇ ୭୭ ରନ କରିବା ସହ ବୋଲିଂ କରି ଗୋଟିଏ ୱିକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜିର ମ୍ୟାଚରେ ଅତିଥି ଭାବରେ ବଡ଼ସହରା ଗ୍ରାମର ଯୁବ ସମାଜସେବୀ ଆନନ୍ଦ ଦଳବେହେରା ଓ ବିଜୟ ରଣା ଯୋଗ ହେଇଥିଲେ।

## କଣ୍ଟିଲୋକୁ ଏନ୍‌ଏସି ମାନ୍ୟତା ଦାବି

**ଖଣ୍ଡପଡ଼ା/କଣ୍ଟିଲୋ,୪।୧୧(ସମିସ):** ଭାରତୀୟ ବିକାଶ ପରିଷଦ ଖଣ୍ଡପଡ଼ା ଶାଖା ତରଫରୁ ଖଣ୍ଡପଡ଼ା ପୂର୍ତ୍ତ ବଙ୍ଗଳା ପରିସରରେ କଣ୍ଟିଲୋକୁ ଏନ୍‌ଏସି ମାନ୍ୟତା ଦାବି ପ୍ରସଙ୍ଗକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଗତ ଅଗଷ୍ଟ ମାସରେ ୭ ଗୋଟି ନୂତନ ମ୍ୟୁନିସିପାଲିଟି ଏବଂ ୧୬ ଗୋଟି ନୂତନ ଏନ୍‌ଏସି ଘୋଷଣା କରିଥିଲେ। ନୟାଗଡ଼ ଜିଲ୍ଲାକୁ ଜାଣିଶୁଣି ବୈମାତୃକ ମନୋଭାବ ପୋଷଣ କରିବା ଫଳରେ ଖଣ୍ଡପଡ଼ା ବ୍ଲକର ଐତିହାସିକ କଣ୍ଟିଲୋ ଗ୍ରାମକୁ ଏନ୍‌ଏସି ଘୋଷଣା ନକରିବାରୁ ଭାରତୀୟ ବିକାଶ ପରିଷଦ ଉକ୍ତ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କଣ୍ଟିଲୋକୁ ଏନଏସି ଘୋଷଣା ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ରାଜ୍ୟ ଉପସଭାପତି ନିରଞ୍ଜନ ଦାସ ଏନେଇ ଏକ ଜନ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଏମ୍‌ଭିଆଇଙ୍କ ଦ୍ୱାରା ଟ୍ରାକ୍ଟର ଜବତ

**ଓଡ଼ଗାଁ,୪।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଅଞ୍ଚଳରୁ ବେଆଇନ୍ ଭାବେ ଚଳ ପ୍ରଚଳ କରୁଥିବା ଗୋଟିଏ ଟ୍ରାକ୍ଟରକୁ ଏମଭିଆଇ ଟିମ୍ ଜବତ କରି ଓଡ଼ଗାଁ ଆଦର୍ଶ ଥାନାରେ ରଖିଛନ୍ତି। ନୟାଗଡ଼ କନିଷ୍ଠ ମୋଟର ଯାନ ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ମଙ୍ଗଳବାର ଓଡ଼ଗାଁ ଆସିଥିବା ବେଳେ ମୋଟର ଯାନ ତନଖି ବେଳେ ଫିଟନେସ୍, ପଲ୍ୟୁସନ ଏବଂ ପରମିଟ୍ ସହିତ ଚାଳକର ଡ୍ରାଇଭିଙ୍ଗ ଲାଇସେନ୍ସ ନଥିବା ଜଣାପଡିଥିଲା। ବେଆଇନ ଭାବେ ଚାଲିଥିବା ଟ୍ରାକ୍ଟରକୁ ଜବତ କରାଯାଇଥିବା ବେଳେ ଚାଳକ ଶରଣକୁଳ ଶିଖରପୁର ଶିବ ନାୟକକୁ ପଚରା ଉଚରା କରି ଛଡ଼ା ଯାଇଛି। ନୟାଗଡ଼ ଜିଲ୍ଲା ସିଦ୍ଧମୂଳାର ବିରଞ୍ଚି ନାରାୟଣ ରାଉତଙ୍କ ଝିଅ ପ୍ରତିଭା ନାୟକଙ୍କ ନାମରେ ଉକ୍ତ ଟ୍ରାକ୍ଟରଟି ଥିବା ଜଣାପଡିଛି।

## ଗୁହାଳରୁ ୪୦ ଛେଳି ଚୋରି

**ଓଡ଼ଗାଁ,୪।୧୧(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ନୂଆଗାଁର ଏକ ଗୁହାଳ ମଧ୍ୟରୁ ସୋମବାର ଦିନ ବିଳମ୍ବିତ ରାତିରେ ୪୦ ପଟ ଛେଳି କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଟ୍ରେନ ଲାଇନ୍ ଉପରେ ଅନେକ ଛେଳିଙ୍କ ରକ୍ତ ଛିଟା ବିଛେଇ ହୋଇ ପଡ଼ିଥିବା ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଛନ୍ତି। ଛେଳି ମାଲିକ ବାବି ପ୍ରଧାନ ରାତିରେ ଗୁହାଳ ଯାଇ ଛେଳି ଗୋରୁ ଗାଈଙ୍କର ହାଲଚାଲ ଦେଖି ଆସିଥିଲେ। ତନଖି ପାଇଁ ରାତି ଗୋଟାଏ ବେଳେ ପୁଣିଥରେ ଗୁହାଳକୁ ଯାଇ ଦେଖିଲା ବେଳକୁ ସେଠାରେ ୪୦ ଛେଳି ନଥିବା ଜାଣିବାକୁ ପାଇଥିଲେ। ଛେଳି ଚରାଇ ଗୁଜୁରାଣ ମେଣ୍ଟାଉଥିବା ବାବି ପ୍ରଧାନ ଏଭଳି ଘଟଣା ପାଇଁ ଭାଙ୍ଗି ପଡିଥିବା ବେଳେ ପୁଲିସ ଚୋରଙ୍କୁ ଧରିବା ସହିତ ଛେଳିଙ୍କୁ ଉଦ୍ଧାର କରି ଦେବେ ବୋଲି ଆଶା ରଖିଛନ୍ତି।

## ଆହାର କେନ୍ଦ୍ର ପାଇଁ ଜିଲ୍ଲାପାଳଙ୍କୁ ଦାବି

**ଭାପୁର,୪।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ବଜାରରେ ଏକ ଆହାର କେନ୍ଦ୍ର, ଏକ ଶୌଚାଳୟ ଓ ସ୍ପିଡବ୍ରେକର ପାଇଁ ଅଞ୍ଚଳର ସମାଜସେବୀ ଓ ବୁଦ୍ଧିଜୀବୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। ଭାପୁର ବଜାରରେ ବ୍ଲକ, ତହସିଲ, ସବରେଜିଷ୍ଟ୍ରାର, କୋର୍ଟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪ଟି ବ୍ୟାଙ୍କ ଅଫିସ, ସ୍କୁଲ କଲେଜ ଓ ଅନେକ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଭାପୁର ବଜାରକୁ ବିଭିନ୍ନ କାର୍ଯ୍ୟରେ ପ୍ରତିଦିନ ହଜାର ହଜାର ଜନସାଧାରଣ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥାନ୍ତି। ମାତ୍ର ଏଠାରେ ଶୌଚାଳୟଟିଏ ନଥିବାରୁ ଜନସାଧାରଣ ବହୁ ହଇରାଣ ହେଉଛନ୍ତି। ବିଶେଷ କରି ମହିଳା ଓ ଯୁବତୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗରିବ ଲୋକମାନେ ଡାକ୍ତରଖାନାକୁ ଆସୁଥିବା ବେଳେ ହୋଟେଲରେ ଅଧିକ ଅର୍ଥ ଦେଇ ଖାଇବାକୁ ବାଧ୍ୟ ହେଉଛନ୍ତି। ଲୋକଙ୍କ ସରକାର ତୁରନ୍ତ ଏକ ଆହାର କେନ୍ଦ୍ର ଭାପୁର ଡାକ୍ତରଖାନା ନିକଟରେ ଖୋଲିବାକୁ ଜିଲ୍ଲାପାଳଙ୍କ ନିକରେ ଅଞ୍ଚଳର ସମାଜ ସେବୀ ଗଙ୍ଗାଧର ବାରିକ, ପ୍ରଫୁଲ୍ଲ କୁମାର ସାହୁ, ପ୍ରକାଶ ସିଂହ, ରମେଶ ବରାଡ ଓ ବୁଦ୍ଧିଜୀବୀମାନେ ଲିଖିତ ଭାବେ ଜଣାଇଛନ୍ତି। ଏହାର ନକଲ ବିଧାୟକ, ବିଡିଓଙ୍କୁ ଦେଇଛନ୍ତି।

## ପୁରାଣ ପାଠକଙ୍କ ପରଲୋକ

**ଓଡ଼ଗାଁ,୪।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସାକେରି ଗ୍ରାମପଞ୍ଚାୟତ ଗୋଡିପାଟଣା ଗ୍ରାମର ବର୍ଷିୟାନ ପୁରାଣ ପାଠକ



ଉଦୟ ନାଥ ମାଝୀଙ୍କ (୯୮) ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି। ପୁରାଣ ଶାସ୍ତ୍ର ପାଠ ସହିତ ଜଣେ ବ୍ୟାଖ୍ୟାକାର ଭାବେ ଜଣାଶୁଣା ଥିଲେ। ତାଙ୍କର ମୃତ୍ୟୁବେଳକୁ କବି ପ୍ରଫୁଲ୍ଲ କୁମାର ମାଝୀଙ୍କ ସହିତ ରଘୁନାଥ ମାଝୀ, ପ୍ରଶାନ୍ତ କୁମାର ମାଝୀ ୩ ପୁତ୍ର ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳର ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

## ଜଗନ୍ନାଥ ମନ୍ଦିରରେ ଭଜନ ସମାରୋହ



**ଖଣ୍ଡପଡ଼ା,୪।୧୧(ସମିସ):** ଖଣ୍ଡପଡ଼ା ରାଜବାଟି ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖଣ୍ଡପଡ଼ାର ୧୯୯୮ ମେଟ୍ରିକ ବ୍ୟାଚ ଚନ୍ଦ୍ରଶେଖର ଗ୍ରୁପ ଆନୁକୂଲ୍ୟରେ ପଞ୍ଚକ ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ଅଷ୍ଟମ ବାର୍ଷିକ ଭଜନ ସମାରୋହ ଆୟୋଜନ କରାଯାଇଥିଲା। ପବିତ୍ର କାର୍ତ୍ତିକ ମାସରେ ମହାପଞ୍ଚକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କାଞ୍ଚି କାବେରୀ ବେଶ ଶ୍ରଦ୍ଧାଳୁମାନେ ଦର୍ଶନ କରିବା ସହ ପୁରୀରୁ ଆସିଥିବା ସୋନୁ ଓ ଜିତ ଗ୍ରୁପର ଭଜନ ପରିବେଷଣକୁ ଆନନ୍ଦର ସହ ଉପଭୋଗ କରିଥିଲେ। ଏତଦ ବ୍ୟତୀତ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଉକ୍ତ ଭଜନ ସନ୍ଧ୍ୟାରେ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସୁନ୍ଦର ସୁନ୍ଦର ଭଜନ ଗାଇ ଶତାଧିକ ଶ୍ରୋତାଙ୍କ ମନ ଜିଣିଥିଲେ। ସମାଜସେବୀ ମହେନ୍ଦ୍ର କୁମାର ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ୮୦ରୁ ଊର୍ଦ୍ଧ୍ୱ ସଦସ୍ୟ ସକ୍ରିୟ ସହଯୋଗ କରିବା ସହ ଶାନ୍ତିଶୃଙ୍ଖଳାକୁ ବିଶେଷ ଗୁରୁତ୍ୱ ଦେଇଥିଲେ।

### ଡ୍ରେନ୍ ନିର୍ମାଣ ଅନିୟମିତତା ଘଟଣା

## ବ୍ଲକ୍ ସମ୍ମୁଖରେ ଧାରଣାରେ ସମିତିସଭ୍ୟ

**ଗଣିଆ,୪।୧୧(ସମିସ):** ଗଣିଆ ପଞ୍ଚାୟତ ଅନ୍ତର୍ଗତ ତେଲିସାହି ୫ନଂ ୱାର୍ଡର ପଛପାଖ ଡ୍ରେନ ନିର୍ମାଣ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷରେ ସିଏଫ୍‌ସି ପାଣ୍ଠିରୁ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ୫ନଂ ୱାର୍ଡରେ କାର୍ଯ୍ୟ ନହୋଇ ବିଲ୍ ପଇଠ କରାଯାଇଥିବା ସମିତିସଭ୍ୟ ଫକିର ମୋହନ ଡାକୁଆ ଅଭିଯୋଗ କରିଛନ୍ତି। ଏପରିକି ଉକ୍ତ ବିଲ୍ ଫର୍ମରେ ୭୪ ହଜାର ୨୩୬ ଟଙ୍କା ବିଲ୍ ପଇଠ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଗତ ୨୮ ତାରିଖରେ ସେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ, ଗଣିଆ ବିଡ଼ିଓଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରରେ ସେ ୫ନଂ ୱାର୍ଡ ଡ୍ରେନ କାର୍ଯ୍ୟର କାର୍ଯ୍ୟାଦେଶ ସହିତ ବିଲ୍ ଫର୍ମର ନକଲ, ବିଲରେ ବ୍ୟବହାର କରାଯାଇଥିବା ଫଟୋ




ଆଦି ସଂଲଗ୍ନ କରିଛନ୍ତି। ଯଦି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ସେ ଧାରଣା ଦେବେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଆଜି ୧୦ ଘଟିକା ସମୟରେ ସେ ବ୍ଲକ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଯଦି ଜଣେ ଲୋକପ୍ରତିନିଧି ଦେଇଥିବା ଅଭିଯୋଗର ତଦନ୍ତ ହୋଇପାରୁନାହିଁ ତେବେ ସାଧାରଣ ଲୋକଙ୍କ ସମସ୍ୟା କିଭଳି ସମାଧାନ ହେବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଭେଟି ସେ ଅଭିଯୋଗ କରିଥିଲେ ମଧ କାହା ଚାପରେ ଘଟଣା ଚପାଇବାକୁ ଉଦ୍ୟମ ଚାଲିଛି ବୋଲି ପ୍ରଶ୍ନ କରିଛନ୍ତି। କାର୍ଯ୍ୟ ନହୋଇ, ଫଳକ ନିର୍ମାଣ ନହୋଇ କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ କିଭଳି ବିଲ୍ ଫର୍ମରେ ୭୪ ହଜାର ୨୩୬ ଟଙ୍କାର ବିଲ୍ ପ୍ରସ୍ତୁତ କଲେ। କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସମିତିସଭ୍ୟ ପ୍ରକାଶ କରିଛନ୍ତି।

### ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଚତୁର୍ଥ ସନ୍ଧ୍ୟା

## ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କଲେ ଦର୍ଶକ

**ନୟାଗଡ଼,୪।୧୧(ସମିସ):** ନୟାଗଡ଼ ପୁରୁଣା ସହର ମଣ୍ଡାବାଗନ୍ ପଡ଼ିଆରେ ୨୨ତମ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ନୟାଗଡ ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଭାଇଚାରା ବୃଦ୍ଧି କରିବାରେ ଅନନ୍ୟ ବୋଲି କହିଥିଲେ। ମଣିଷ ଭିତରେ ସଂସ୍କାର




ଯେତେ ସୁଦୃଢ଼, ସମାଜ ସେତେ ପ୍ରଗତିଶୀଳ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପାନୀୟ ଜଳ ପରିମଳ ଅଧିକ୍ଷଣ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସୂର୍ଯ୍ୟ ଡ୍ୟାନ୍ସ ଗ୍ରୁପ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୋଇତ ବନ୍ଦାଣ ଯାତ୍ରା ଉତ୍ସବ କମିଟି ସଭାପତି କିଶାନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଯୋଜକ ଦାଶରଥି ସାହୁ, ଶ୍ରୀକାନ୍ତ ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୁଣା ସହର ଯୁବ ଗୋଷ୍ଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ନୟାଗଡ଼,୪।୧୧(ସମିସ)



ନୟାଗଡ଼ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' ନୟାଗଡ଼ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ।

ଉଦଘାଟନ ସଭାରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ବନଲତା ବେହେରା, ଗୀତାଞ୍ଜଳି ସାହୁ, ସନ୍ଧ୍ୟାରାଣୀ ରାଉତ, ଆଦିବାସୀ ହରିଜନ ଶିକ୍ଷା ସଂଯୋଜିକା ଶୁଭସ୍ମିତା ଦାସ ଓ ନୟାଗଡ଼ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସ୍ତରରୁ ମନୋନୀତ ହୋଇ ଆସିଥିବା ୮ଟି ବ୍ଲକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, କୁଇଜ, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଆଦି କ୍ଷେତ୍ରରେ ପ୍ରତିଯୋଗିତ କରାଯାଇଥିଲା। ଅପରାହ୍ନରେ ଉଦଯାପାନ ସଭାରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ ଯୋଗ ଦେଇଥିଲେ। ଜିଲ୍ଲା ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶିଶୁ ମହୋତ୍ସବ ମାଧ୍ୟମରେ ଛାତ୍ରଛାତ୍ରୀ ଶିକ୍ଷା ସହ ସଂସ୍କୃତିର ଅଭିଜ୍ଞତା ଲାଭ କରୁଛନ୍ତି ବୋଲି ବାଚସ୍ପତି ମତ ପ୍ରକାଶ କରିଥିଲେ।

ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗିମାନେ ଆସନ୍ତା ୧୩ ଓ ୧୪ ତାରିଖରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସମଗ୍ର ଶିକ୍ଷା କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ, ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷକ ସଂଘ, ସମଗ୍ର ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀ ଓ ଅଭିଭାବକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ଓ କୁଞ୍ଜବିହାରୀ ମନ୍ଦିରରେ ପଞ୍ଚୁକ ଉତ୍ସବ



**ଖୋର୍ଦ୍ଧା,୪।୧୧(ସମିସ):** ପବିତ୍ର କାର୍ତ୍ତିକ ମାସରେ ଖୋର୍ଦ୍ଧା ଗଜପତିଙ୍କ ଦ୍ୱାରା ସ୍ଥାପିତ ଗଡ଼ଖୋର୍ଦ୍ଧାର ୫୦୦ ବର୍ଷର ଗୌରାବାବହ ପ୍ରଥମ ନବକଳେବର ହୋଇଥିବା ଲୀଳାକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ଓ ସନ୍ନିକଟ ଭବ୍ୟ କୁଞ୍ଜବିହାରୀ ମନ୍ଦିରରେ ପଞ୍ଚୁକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପାଞ୍ଚଟି ଦିବ୍ୟ ବେଶ ଯଥା- ପ୍ରଥମ ଦିବସରେ ଲକ୍ଷ୍ମୀନାରାୟଣ ବେଶ, ଦ୍ୱିତୀୟ ଦିବସରେ ବାଙ୍କଚୂଡ଼ା ବେଶ, ତୃତୀୟ ଦିବସରେ ଆଡ଼କିଆ ବେଶ, ଚତୁର୍ଥ ଦିବସରେ ତ୍ରିବିକ୍ରମ ବେଶ ଦର୍ଶନ କରିବାକୁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ପୂର୍ଣ୍ଣମୀ ଦିନ ସ୍ୱର୍ଣ୍ଣ ରୌପ୍ୟ ବିମଣ୍ଡିତ ପ୍ରଭୁଙ୍କ ରାଜ ରାଜେଶ୍ୱର ବେଶ ସର୍ବାଧିକ ଚିତାକର୍ଷକ। ପ୍ରତିଦିନ ଆକାଶ ଦୀପ, ଏକାଦଶୀରେ ମନ୍ଦିର ଉପରେ ପ୍ରଜ୍ୱଳିତ ମହାଦୀପ ଦେଖିବାକୁ ବହୁ ହବିଷିଆଳି ଓ କୀର୍ତ୍ତନିଆ ସମବେତ ହୋଇଥିଲେ। ରାଧାବଲ୍ଲଭ ମନ୍ଦିର ଭାଗବତ ପ୍ରଚାର ସମିତି ଓ ବାଇପାସ୍ ପାଶ୍ୱର୍ସ୍ଥ ଚୈତନ୍ୟ ମନ୍ଦିରର ସାଧୁସନ୍ଥ ଓ ଭକ୍ତମାନେ ଏହି ଯମଜ ମନ୍ଦିରକୁ ପରିକ୍ରମାରେ ଆସି ଭଜନ କୀର୍ତ୍ତନ କରିଥିଲେ। ମୁଖ୍ୟ ପରିଚାଳକ ରମାକାନ୍ତ ପାଟଯୋଷୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଶାନ୍ତି ଶୃଙ୍ଖଳା ସହ ଏହି କାର୍ଯ୍ୟ ସମାପନ ହୋଇଥିଲା।

## ବଡ଼ଓଷା ପାଇଁ ଧବଳେଶ୍ୱର ପୀଠ ଉତ୍ସବମୁଖର

**ବାଲୁଗାଁ,୪।୧୧(ସମିସ):** ପବିତ୍ର କାର୍ତ୍ତିକ ମାସର ପଞ୍ଚୁକ ଚାଲିଥିବାବେଳେ ବୈକୁଣ୍ଠ ଚତୁର୍ଦ୍ଦଶୀ ତଥା ବଡ଼ଓଷା ଉପଲକ୍ଷେ ମଙ୍ଗଳବାର ବିଭିନ୍ନ ଶୈବପୀଠ ବେଶ୍ ଚଳଚଞ୍ଚଳ ହୋଇ ଉଠିଥିଲା। ତନ୍ମଧ୍ୟରୁ ବଡ଼ଓଷା ପାଇଁ ସୁପ୍ରସିଦ୍ଧ ବାଲୁଗାଁ ନିକଟସ୍ଥ ଧୂଆଁଳ ଗ୍ରାମସ୍ଥିତ ଶ୍ରୀଧବଳେଶ୍ୱର ଦେବଙ୍କ ପୀଠରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭୋରରୁ କାର୍ତ୍ତିକ ବ୍ରତଧାରୀ ଶ୍ରୀଧବଳେଶ୍ୱର ଦେବଙ୍କ ପୀଠରେ ଧାଡ଼ିବାନ୍ଧି ଛିଡ଼ା ହୋଇ ଠାକୁରଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ। ସେହିପରି ଅନ୍ୟାନ୍ୟ ଶୈବପୀଠ ବାଲୁଗାଁ ସ୍ଥିତ ଶ୍ରୀଉମାମହେଶ୍ୱର ଦେବ, ଗବପଦର ବିଜେ ଶ୍ରୀରାମେଶ୍ୱର ଦେବ, ବାଲୁଗାଁସ୍ଥିତ ଶ୍ରୀସିଙ୍ଗେଶ୍ୱର ଦେବ, ଆଙ୍କୁଲାସ୍ଥିତ ଶ୍ରୀବାଲୁଙ୍କେଶ୍ୱର ଦେବ, ଶ୍ରୀଜଳେଶ୍ୱର ଦେବ ଓ ଶ୍ରୀକଳିଯୁଗେଶ୍ୱର ଦେବଙ୍କ ପୀଠରେ ଠାକୁରଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଲକ୍ଷ୍ମୀନୃସିଂହ ବେଶରେ ଶ୍ରୀରଙ୍ଗନାଥ ଦେବ



**ବାଣପୁର,୪।୧୧(ସମିସ):** ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀରଙ୍ଗନାଥ ଦେବଙ୍କ ଦୀର୍ଘ ୨୫ଦିନ ଧରି ରାଧାଦାମୋଦର ବେଶରେ ଦର୍ଶନ ଦେବା ପରେ ପଞ୍ଚୁକ ପାଞ୍ଚ ଦିନ ପ୍ରଭୁ ପାଞ୍ଚ ପ୍ରକାର ଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ଏପରି ସ୍ଥଳରେ ପଞ୍ଚୁକର କାର୍ତ୍ତିକ ଶୁକ୍ଳ ବୈକୁଣ୍ଠ ଚତୁର୍ଦ୍ଦଶୀ ବଡ଼ଓଷା ଉପଲକ୍ଷେ ମଙ୍ଗଳବାର ପ୍ରଭୁ ଶ୍ରୀରଙ୍ଗନାଥ ଦେବ ଲକ୍ଷ୍ମୀନୃସିଂହ ବେଶ ତଥା ଆଡ଼ିକିଆ ବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଆଡ଼ିକିଆ ବେଶରେ ଶ୍ରୀଜୀଉମାନେ ଶ୍ରୀମସ୍ତକରେ ସ୍ୱର୍ଣ୍ଣ କିରୀଟ, କୁଣ୍ଡଳ, ଶ୍ରୀଭୁଜ ଶ୍ରୀପୟର ଆଡ଼କାନି, ଓଡ଼ିଆଣି ହରଡ଼ ମାଳି, କଦମ୍ବ ମାଳି, ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ର ଦେବ ହଳ, ମୂଷଳ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି।

ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଦେବଦତ୍ତ ପାଣି, ଦାଶରଥି ସାହୁ, ବାଳମୁକୁନ୍ଦ ଦାସ, ଚନ୍ଦ୍ରଶେଖର ହୋତା ଓ ପଦ୍ମଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଛନ୍ତି।

## ବାବା ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା

# ବାବାଙ୍କ ହାବୁକା ଦର୍ଶନ ପାଇଁ ପ୍ରବଳ ଗହଳି

ଖୋର୍ଦ୍ଧା,୪।୧୧(ସମିସ)



ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ବାବା ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ପର୍ବ ପାଳିତ ହୋଇଛି। ଭୋର୍ ୩ଟାରେ ମନ୍ଦିର ପହଡ଼ ଖୋଲିବାରେ ଧବଳେଶ୍ୱରଙ୍କ ନିକଟରେ ଭୋର୍ ୪ଟାରେ ବାଲଭୋଗ ଓ ଶଙ୍ଖୁଡ଼ି ଭୋଗ କରାଯାଇ ପରେ ସାହାଣମେଲା ଦର୍ଶନ କରାଯାଇଥିଲା। ଏଥିସହିତ ଠାକୁରଙ୍କ ପାଖରେ ମଙ୍ଗଳ ଆଳତି, ବଡ଼ସିଂହାର ବେଶ, ସନ୍ଧ୍ୟାଧୂପ ଯଥାରୀତି ଅନୁସାରେ ହେଉଥିଲା। ଏହାପରେ ହଜାର ହଜାର ଭକ୍ତଙ୍କ ସମାଗମ ଉକ୍ତ ପୀଠରେ ହୋଇଥିବାବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ତରଫରୁ ଧାଡ଼ିବାନ୍ଧି ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ପ୍ରତିବର୍ଷ ଭଳି ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଧବଳେଶ୍ୱରଙ୍କ ହାବୁକା ଦର୍ଶନ କରି ଭୋଗ କରିଥିଲେ।

ପୂର୍ବାହ୍ଣରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଧବଳେଶ୍ୱରଙ୍କ ଦର୍ଶନ କରିଥିବାବେଳେ ତିନିଦିନବ୍ୟାପୀ ଚାଲିବାକୁ ଥିବା ବଡ଼ଓଷା ପର୍ବକୁ ନେଇ ଗୁରୁଜଙ୍ଗ ଗାଁ ମୁଣ୍ଡରୁ ଘରକରଣା ଉପକରଣଠାରୁ କୃଷି ଉପକରଣ ଏବଂ ଚଟ୍‌ପଟି ଖାଦ୍ୟ ଭଳି ମାଳମାଳ ଦୋକାନ ଖୋଲିଛି। ମୁଖ୍ୟତଃ ପଡ଼ୋଶୀ ନୟାଗଡ଼, ଗଞ୍ଜାମ, କନ୍ଧମାଳ ପ୍ରଭୃତି ଅଞ୍ଚଳରୁ ଡାଲା, ବାଉଁଶିଆ ଧରି ଆସିଥିବା ବ୍ୟବସାୟୀଙ୍କ ଦୋକାନରେ ବେଶ୍ ଭିଡ଼ ଜମୁଛି। ବିଶ୍ୱାସ ରହିଛି ବଡ଼ଓଷା ଦିନରେ ମହାଦେବ ଧବଳେଶ୍ୱରଙ୍କ ହାବୁକା ଦର୍ଶନ କରି ମାନସିକ କଲେ ମନସ୍କାମନା ପୂରଣ ହୋଇଥାଏ। ମାନସିକ ପୂରଣ ହେଲେ ମାନସିକଧାରୀମାନେ ଅଟକାଳି ଭୋଗ କରି ନିଜେ ପାଇବା ସହ ବଣ୍ଟନ କରିଥା'ନ୍ତି। ମନ୍ଦିରର ସେବାୟତଙ୍କ ସହଯୋଗରେ ଏହି ଭୋଗ ସହିତ ଗଜଭୋଗ ମଧ୍ୟ ପ୍ରସ୍ତୁତ ହୋଇଥାଏ। ରାତି ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ପୁରୁଷ ଏବଂ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଟ୍ରଷ୍ଟ ପକ୍ଷରୁ ଅଟକାଳି ଭୋଗ ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଥିଲା। ମାନସିକଧାରୀମାନେ ବଡ଼ଓଷାରେ ଗଜଭୋଗ ଓ ହାଣ୍ଡିଭୋଗ, ଚୂଡ଼ାଘଷା ପ୍ରଭୃତି ଭୋଗଲାଗି କରୁଥିବାବେଳେ ଅଟକାଳି ଭୋଗରେ ଏକ ମହତ୍ୱ ରହିଛି। ମନ୍ଦିର ପରିସର ଏକପ୍ରକାର ଅଟକାଳି ବାସ୍ନାରେ ମହକୁଛି। ସ୍ପେଶାଲ ଗଜଭୋଗ ଲାଗି ହୋଇଛି। ବଡ଼ଓଷା ପାଇଁ ଗୁରୁଜଙ୍ଗ ଅଞ୍ଚଳ ପ୍ରବଳ ଜନସମାଗମ ହୋଇଛି। ଭିଡ଼ ନିୟନ୍ତ୍ରଣ କରିବାକୁ ଜିଲ୍ଲା ପୁଲିସ ତରଫରୁ ୨ ପ୍ଲାଟୁନ୍ ଫୋର୍ସ ନିୟୋଜିତ ଅଛନ୍ତି। ଏଥିସହିତ ମନ୍ଦିର ଟ୍ରଷ୍ଟ ତରଫରୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ଧାଡ଼ି ବ୍ୟବସ୍ଥା କରାଯାଇଛି। ପ୍ରାୟ ୨୫ ହଜାର ଭକ୍ତଙ୍କ ସମାଗମ ହୋଇଥିବା ଧବଳେଶ୍ୱର ଟ୍ରଷ୍ଟ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ବଦ୍ରି ନାରାୟଣ ସାହୁ ଓ ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ସାମନ୍ତରାୟ ସୂଚନା ଦେଇଛନ୍ତି। ବଡ଼ଓଷା ପର୍ବ ପରେ ମନ୍ଦିର ଶୋଧନ କରାଯାଇ ଠାକୁରଙ୍କ ବେଢ଼ା ପରିକ୍ରମା ନୀତି କରାଯାଇଥିଲା। ଠାକୁରଙ୍କୁ ସୁସଜ୍ଜିତ ବିମାନରେ ମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା କରାଯାଇଥିଲା। ଅନ୍ୟପକ୍ଷରେ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା। ଭୋର୍ ସମୟରୁ ସମସ୍ତ କାର୍ତ୍ତିକ ବ୍ରତଧାରୀଙ୍କ ସହ ଅନ୍ୟ ଜନସାଧାରଣ ଧର୍ମ ଡଙ୍ଗା ଭସାଇବା ପାଇଁ ପୋଖରୀରେ ବ୍ୟବସ୍ଥା କରାଯାଇଛି। ଧବଳେଶ୍ୱର ଟ୍ରଷ୍ଟ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ବଦ୍ରି ନାରାୟଣ ସାହୁ, ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ସାମନ୍ତରାୟ, କୃଷ୍ଣଚନ୍ଦ୍ର ସାହୁ ଏବଂ ଶତାଧିକ ଯୁବ ସ୍ୱେଚ୍ଛାସେବୀ ସାମିଲ ହୋଇ ସୁରୁଖୁରୁରେ ଏହି ଯାତ୍ରାକୁ ପାଳନ କରିଥିଲେ।

### ହାଣ୍ଡିଭୋଗ ଓ ଗଜଭୋଗ ପାଇଁ ମାନସିକଧାରୀଙ୍କ ଭିଡ଼



## ଦେଢ଼ କୋଟି ଠକେଇ ମାମଲାରେ ଅଭିଯୁକ୍ତ ଗିରଫ

**ଜଟଣୀ,୪।୧୧(ସମିସ):** ଜଟଣୀ ଥାନା ଅଞ୍ଚଳରେ ରହି ବ୍ୟବସାୟରେ ଲାଭ ଆଶା ଦେଖାଇ ପ୍ରାୟ ଦେଢ଼ କୋଟି ଟଙ୍କା ଠକେଇ ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ଝାଡ଼ଖଣ୍ଡ ରାଜ୍ୟର ତଥା ଜଟଣୀ ଖୋଲାଦ୍ୱାର ମେଟ୍ରୋ ଡୁପ୍ଲେକ୍ସରେ ଘର ଭଡ଼ା ନେଇ ରହୁଥିବା ସୁବ୍ରତ ବାରିକ (୩୧)। ଅଭିଯୁକ୍ତର ବ୍ୟବସାୟରେ ସାମିଲ୍ ହୋଇ ଲକ୍ଷ ଲକ୍ଷ ଟଙ୍କା ଲାଭ କରିବାକୁ ଲୋକଙ୍କୁ ପ୍ରଲୋଭନ ଦେଖାଇ ଟଙ୍କା ହଡ଼ପ କରି ନେଉଥିଲା।



ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ କ୍ରିଷ୍ଣା ମୋଦୀ ଓଲା ଓ ଉବେର ବ୍ୟବସାୟ କରୁଥିଲେ। ୨୦୨୩ରେ ଅଭିଯୁକ୍ତ ସୁବ୍ରତ ସହ କ୍ରିଷ୍ଣାଙ୍କ ପରିଚୟ ହୋଇଥିଲା। ପରେ ସେ ପ୍ରତିଦିନ କ୍ରିଷ୍ଣାଙ୍କୁ ଫୋନ୍ କରି ନିଜ ବ୍ୟବସାୟରେ ସାମିଲ୍ ହୋଇ ପ୍ରଚୁର ଲାଭ କରିବାକୁ ପ୍ରଲୋଭନ ଦେଖାଉଥିଲା। ପରବର୍ତ୍ତୀ ସମୟରେ ମଦ ଓ ପେଟ୍ରୋଲ୍ ପମ୍ପ ବ୍ୟବସାୟ କରି ଖୁବ୍ ଲାଭ କରାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା ଅଭିଯୁକ୍ତ। ଏଥିସହ ସେ ନିଜେ ଏହି ବ୍ୟବସାୟ କରି କୋଟି କୋଟି ଟଙ୍କା ରୋଜଗାର କରି ଆସୁଥିବା କହିଥିଲା। ତାଙ୍କ ବ୍ୟବସାୟରେ ସାମିଲ ହୋଇ ଆଗକୁ ବ୍ୟବସାୟ ବଢ଼ାଇବା ସହ ମାସିକ ଲକ୍ଷାଧିକ ଟଙ୍କା ଲାଭ ଦେବା ପାଇଁ କ୍ରିଷ୍ଣାଙ୍କଠାରୁ ଆର୍ଥିକ ସହାୟତା ଲୋଡ଼ିଥିଲା। ସୁବ୍ରତ କଥାରେ ବିଶ୍ୱାସ କରି ବ୍ୟବସାୟରେ ସାମିଲ୍ ହେବାକୁ ରାଜି ହୋଇଯାଇଥିଲେ କ୍ରିଷ୍ଣା। ଏହାପରେ ଟିକସ ପରାମର୍ଶଦାତା ଅରବିନ୍ଦ ସାହୁଙ୍କ ସମେତ ଅନ୍ୟ କିଛି ବ୍ୟକ୍ତିଙ୍କଠାରୁ ଅର୍ଥର ବ୍ୟବସ୍ଥା କରିଥିଲେ କ୍ରିଷ୍ଣା। ୨୦୨୩ ଡିସେମ୍ବର ୧୨ରୁ ୨୦୨୫ ମାର୍ଚ୍ଚ ୨୩ ମଧ୍ୟରେ ଅଭିଯୋଗକାରୀ କ୍ରିଷ୍ଣା ଅରବିନ୍ଦ ସାହୁଙ୍କଠାରୁ ୧ କୋଟି ୨୦ ଲକ୍ଷ ଏବଂ ଅନ୍ୟମାନଙ୍କଠାରୁ ୨୯ ଲକ୍ଷ ୯୫ ହଜାର ୫୫୭ ଟଙ୍କା ମିଶି ୧ କୋଟି ୫୦ ଲକ୍ଷ ଟଙ୍କା ଆଣି କେଶୁରା ଶାଖାସ୍ଥିତ ପିଏନ୍‌ବି ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ସୁବ୍ରତର ନିର୍ଦ୍ଦେଶରେ ତା'ର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍ ଆକାଉଣ୍ଟରେ ୬୧ ଲକ୍ଷ ୭୮ ହଜାର ୪୫୨ ଟଙ୍କା ଡିପୋଜିଟ୍ କରିଥିବାବେଳେ ଅଭିଯୁକ୍ତର ବିଭିନ୍ନ ସହଯୋଗୀଙ୍କ ଆକାଉଣ୍ଟରେ ୫୨ ଲକ୍ଷ ୮୩ ହଜାର ୬୦ ଟଙ୍କା ଓ ସୁବ୍ରତକୁ ନଗଦ ୩୫ ଲକ୍ଷ ୩୮ ହଜାର ୪୮୮ ଟଙ୍କା ହସ୍ତାନ୍ତର କରିଥିଲେ। କିଛିଦିନ ପରେ ବ୍ୟବସାୟ କିଛି ହେଉ ନ ଥିବା ଜାଣି କ୍ରିଷ୍ଣା ସୁବ୍ରତକୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଅଭିଯୁକ୍ତ ଟଙ୍କା ଫେରାଇଦେବ କହି ଦିନ ପରେ ଦିନ ଗଡ଼ାଇ ଆସୁଥିଲା ଓ ଟଙ୍କାର କିସ୍ତି ଦେବେ ବୋଲି ମିଛ ପ୍ରତିଶ୍ରୁତି ଦେଇ ଆସୁଥିଲା। ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଜାଣିବାକୁ ପାଇଲେ ଯେ, ସେ ଉକ୍ତ ଟଙ୍କାକୁ ତାଙ୍କ ପତ୍ନୀଙ୍କ ନାଁରେ ଫିକ୍ସ ଡିପୋଜିଟ୍ କରିଛି ଓ ଏକ ବଡ଼ ହୋଟେଲ ପ୍ରୋଜେକ୍ଟ ପାଇଁ ବରଗଡ଼ ଜିଲ୍ଲା ପୁଟୁକ ମୌଜାରେ ଏକ ବଡ଼ ଜମି କିଣିଛି ଏବଂ ପ୍ରଚୁର ପରିମାଣରେ ସୁନା ଗହଣା କିଣି ଦେଇଛି। କ୍ରିଷ୍ଣା ବାରମ୍ବାର ଟଙ୍କା ଫେରସ୍ତ ପାଇଁ କହି ଆସୁଥିବାବେଳେ ସୁବ୍ରତ ମିଛ ପ୍ରତିଶ୍ରୁତି ଦେଇ ଆସୁଥିଲା। ଏହାରି ମଧ୍ୟରେ ଉଭୟ ସାମ୍ନାସାମ୍ନି ହୋଇଯାଇଥିଲେ ଏବଂ ସୁବ୍ରତକୁ ଟଙ୍କା ଫେରସ୍ତ କରିବାକୁ କ୍ରିଷ୍ଣା କହିଥିଲେ। ଏଥିରେ ସୁବ୍ରତ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଆକ୍ରମଣ କରିବା ସହ ଅପହରଣ ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏ ନେଇ କ୍ରିଷ୍ଣା ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ମଙ୍ଗଳବାର ଗିରଫ କରିଛି। ଥାନାରେ ଏକ କେସ୍ ନଂ ୫୦୭/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟଚାଲାଣ କରିଛି ପୁଲିସ।

## ଟ୍ରେନ୍‌ରେ କଟି ରେଳ କର୍ମଚାରୀ ମୃତ

**ବାଲୁଗାଁ,୪।୧୧(ସମିସ):** ଖୋର୍ଦ୍ଧା ରେଳ ଡିଭିଜନ ବାଲୁଗାଁ ରେଳ ଷ୍ଟେସନ ନିକଟସ୍ଥ ପାନ୍ଥନିବାସ ରେଳ ଫାଟକ ନିକଟରେ ମଙ୍ଗଳବାର ଭୋର୍ ୫ଟାରେ ଟ୍ରେନ୍‌ରେ କଟି ଜଣେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ କର୍ମଚାରୀ ଜଣକ ହେଲେ ବାଲୁଗାଁ ଗୋପବନ୍ଧୁ ନଗରର ଲକ୍ଷ୍ମୀଧର ବେହେରା। ଲକ୍ଷ୍ମୀଧର ଦୈନନ୍ଦିନ ଭଳି ମଙ୍ଗଳବାର ଭୋର୍ ସମୟରେ ନିଜ କାମରେ ଯୋଗଦେବାକୁ ଯାଇ ପାନ୍ଥନିବାସ ରେଳଫାଟକ ନିକଟରେ କାର୍ଯ୍ୟରତ ଥିଲେ। ଲକ୍ଷ୍ମୀଧର ରେଳ ଲାଇନରେ କାର୍ଯ୍ୟରତ ଥିବା ସମୟରେ ଅପ୍‌ଲାଇନ୍‌ରେ ଅହମ୍ମଦାବାଦ-ପୁରୀ ଦ୍ରୁତଗାମୀ ଟ୍ରେନ୍‌ରେ କଟି ପ୍ରାଣ ହରାଇଥିଲେ। ସୂଚନା ପାଇ ନିରାକାରପୁର ଜିଆର୍‌ପି ଅଧିକାରୀ ଦିଲ୍ଲୀପ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବିଭାଗ ପକ୍ଷରୁ ୬୬/୨୫ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**ନିରାକାରପୁର,୪।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗ୍ରାମ ନନପଡ଼ା ସାହି ଗେଟ୍ ବଜାରର ଧର୍ମପରାୟଣ ବ୍ୟକ୍ତି ତଥା ଅବସରପ୍ରାପ୍ତ ରେଳ କର୍ମଚାରୀ ରାମଚନ୍ଦ୍ର ପ୍ରଧାନ(୮୯)ଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ଭାଗିରଥି ପ୍ରଧାନ ମୁଖାଗ୍ନି ଦେଇଥିଲେ। ଅନ୍ୟ ପୁତ୍ର ସୁଶାନ୍ତ ପ୍ରଧାନ, ମନୋଜ ପ୍ରଧାନ ଓ ସୁକାନ୍ତ ପ୍ରଧାନ ସହଯୋଗ କରିଥିଲେ।

## ପୂର୍ବଶତ୍ରୁତାରୁ ବୋମାମାଡ଼ ଘଟଣା; ଅଭିଯୁକ୍ତ ଗିରଫ

**ଜଟଣୀ,୪।୧୧(ସମିସ):** ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀରେ ଭାଇଗିରି ପାଇଁ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ କରିବା ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ବେଣାପଞ୍ଜରୀର ସବିତ୍ ଖାନ୍ ଓରଫ ବଣ୍ଟି (୨୩)।



ତେବେ ଅଭିଯୁକ୍ତ ଜଣେ ପେସାଦାର ଅପରାଧୀ ହୋଇଥିବାବେଳେ ପୂର୍ବରୁ ତା' ନାମରେ ଜଟଣୀ ଥାନାରେ ୧୩ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏମ୍‌ଡି ଫିରୋଜ୍ ହେଉଛନ୍ତି ମହମ୍ମଦ ସମସେରଙ୍କ ଭାଇ। ଅଞ୍ଚଳରେ ଭାଇଗିରି ପାଇଁ ଅଭିଯୁକ୍ତ ବଣ୍ଟି ସହ ମହମ୍ମଦ ସମସେରଙ୍କ ବିବାଦ ଲାଗି ଆସିଥିଲା। ଉଭୟେ ଗାଁରେ ଅନେକ ସମୟରେ ଆତଙ୍କ ଖେଳାଇ ଆସୁଥିଲେ। ଫଳରେ ଏମାନଙ୍କ ପାଇଁ ଗାଁ ଲୋକ ଅନେକ ସମୟରେ ଭୟଭୀତ ଅବସ୍ଥାରେ ରହୁଥିଲେ। ତେବେ ଗତ ଜୁଲାଇ ୨୬ ତାରିଖ ରାତିରେ ବଣ୍ଟି ଗୋଷ୍ଠୀ ଓ ସମସେର ଗୋଷ୍ଠୀ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପରସ୍ପରକୁ ଆକ୍ରମଣ କରିଥିଲେ। ନିଜର ଆଧିପତ୍ୟ ବିସ୍ତାର ସହ ପରସ୍ପର ଜୀବନ ନେବା ଉଦ୍ଦେଶ୍ୟରେ ପରସ୍ପର ତଥା ଗାଁ ଲୋକଙ୍କ ଉପରକୁ ବୋମାମାଡ଼ କରିଥିଲେ। ଏଥିରେ ଗାଁର ଜଣେ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିଲେ। ଘଟଣାକୁ ନେଇ ପରେ ସମସେରଠାରୁ ପ୍ରତିଶୋଧ ନେବାକୁ ବଣ୍ଟି ଯୋଜନା ରଚିଥିଲା। ଯୋଜନା ମୁତାବକ ଗତ ଅଗଷ୍ଟ ୫ ତାରିଖ ରାତିରେ ଅଭିଯୁକ୍ତ ବଣ୍ଟି ସମସେର ଓ ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟ ନେଇ ତାଙ୍କ ଘର ଉପରକୁ ବୋମାମାଡ଼ କରିଥିଲା। ଏଥିରେ ସୁବି ବେଗମ୍, ଏମ୍‌ଡି ସରାଫ୍ ଓ ଏମ୍‌ଡି ଲାଫୁ ଗୁରୁତର ଆହତ ହୋଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସେରଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ସେବେଠାରୁ ବଣ୍ଟି ଫେରାର୍ ଥିବାବେଳେ ମଙ୍ଗଳବାର ପୁଲିସ ବିଶେଷସୂତ୍ରରୁ ଖବର ପାଇ ଜଟଣୀ ମଧୁସୂଦନ ନଗର ଅଞ୍ଚଳରେ ଚଢ଼ଉ କରି ଅଭିଯୁକ୍ତକୁ କାବୁ କୋର୍ଟଚାଲାଣ କରିଛି।

## ବାଣପୁରରେ ଗିରିଗୋବର୍ଦ୍ଧନ ପୂଜା

**ବାଣପୁର,୪।୧୧(ସମିସ):** ବାଣପୁର ଓ ଚିଲିକା ବ୍ଲକ୍‌ର ପୁରପଲ୍ଲୀରେ ଚଳିତ ବର୍ଷ ମହାସମାରୋହରେ ଗିରିଗୋବର୍ଦ୍ଧନଙ୍କ ପୂଜା ଚାଲିଥିବାବେଳେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ମନ୍ଦିର ସହିତ ମଠରେ ସ୍ୱତନ୍ତ୍ର ପୂଜା, ଯଜ୍ଞ, ହୋମ, ନାମସଂକୀର୍ତ୍ତନ ଆଦି ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଣପୁର ବ୍ଲକ୍‌ର ଗାଲୁଆ ପଞ୍ଚାୟତର ସାନହନ୍ତୁଆଡ଼ ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜା ଗ୍ରାମବାସୀଙ୍କ ତରଫରୁ ଧୁମ୍‌ଧାମର ସହ ପାଳନ କରାଯାଇଥିବାବେଳେ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀବାଳଗୋପାଳ ଦେବ, ଶ୍ରୀକୁଞ୍ଜବିହାରୀ ଦେବ ଓ ଶ୍ରୀମଦନମୋହନ ଦେବଙ୍କ ସ୍ୱତନ୍ତ୍ର ପୂଜା ନୀତିକାନ୍ତି ଅନୁଷ୍ଠିତ ହେବା ପରେ ମିଳିତ ଭାବେ ସମସ୍ତ ଠାକୁର ଗ୍ରାମ ପରିକ୍ରମା କରିଥିଲେ।

## ଜଙ୍କିଆ ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

**ନିରାକାରପୁର,୪।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ସ୍ୱାଇଁ ଯୋଗଦେଇ ଆନୁଷ୍ଠାନିକ ଭାବେ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସଭାପତି ବାଞ୍ଛାନିଧି ବେହେରା, ସମ୍ପାଦକ ସର୍ବେଶ୍ୱର ସାହୁ, ପ୍ରଧାନଶିକ୍ଷକ ସୌରଭସ୍ମିତ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ୫୦ରୁ ଅଧିକ ପ୍ରକଳ୍ପକୁ ବୁଲି ଦେଖିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଗଁପୁର ଶରତ ରାସ ମହୋତ୍ସବ ଉଦ୍‌ଯାପିତ

**ବେଗୁନିଆ,୪।୧୧(ସମିସ):** ବେଗୁନିଆ ବ୍ଲକ୍ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମସ୍ଥିତ ବାବା ସୋମନାଥ ଦେବଙ୍କ ପୀଠରେ ଶ୍ରୀକୃଷ୍ଣଲୀଳା ରାସ ଉତ୍ସବର ଏକଶତ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୟ ଦୁର୍ଗା କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ଶରତ ରାସ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ ସଭାପତି ହରିବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସମାଜସେବୀ ମାନସ ବେହେରା ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଅତିଥି ଆଶୋକାନନ୍ଦ ବ୍ରହ୍ମଚାରୀ, ସମାଜସେବୀ ଭିକାରୀ ସାହୁ ମୁଖ୍ୟବକ୍ତା, ସନ୍ତୋଷ ନାୟକ, ସୁଧିର ବଡ଼ଜେନା, ପ୍ରକାଶ ରାଉତ, ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନ, ସମ୍ପାଦକ ଦିବ୍ୟସିଂହ ରଣା, ଦୁର୍ଗା ମାଧବ ପାତ୍ର ଓ ମୋନାଲି ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଯୁବପିଢ଼ିକୁ ନୂତନ ଦିଗ୍‌ଦର୍ଶନ ଦେଇଥାଏ ବୋଲି ମତପ୍ରକାଶ କରି ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସମାଜସେବୀ ଦୁର୍ଗା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରାଜ୍ୟ ଲୋକକଳା ଲୋକ ସଂସ୍କୃତି କଳା ବିଭାଗ ଓ ସ୍ଥାନୀୟ କଳାକାର ନୃତ୍ୟ ପରିବେଷଣ କରିଥିଲେ।

# ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ


ବାଲୁଗାଁ/ଚିଲିକା,୪।୧୧(ସମିସ)




ଚିଲିକା ବୋଇତ ବନ୍ଦାଣ ମହୋତ୍ସବ କମିଟି ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ମରାଳ ମାଳିନୀ ନୀଳାମ୍ବୁ ଚିଲିକା ତଟଦେଶ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଐତିହାସିକ ଚିଲିକା ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପୂର୍ବାହ୍ଣରେ ମା' କାଳିଜାଈଙ୍କ ପୀଠରୁ ଜ୍ୟୋତି ଶୋଭାଯାତ୍ରା ଆସି ମଞ୍ଚ ପୂଜା କରାଯାଇଥିଲା। ଦିନତମାମ ସ୍ଥାନୀୟ ବିଭିନ୍ନ କଳା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ଚିଲିକା ବୋଇତ ବନ୍ଦାଣ ମହୋତ୍ସବ କମିଟି ସଭାପତି ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଶିଷ୍ଟ ଅତିଥି ଭାବେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି, ସାହିତ୍ୟିକ ଶଶାଙ୍କ ଚୂଡ଼ାମଣି, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଜିଲ୍ଲା ଏସ୍‌ପି ବିବେକାନନ୍ଦ ଶର୍ମା, ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବାଣପୁର ବ୍ଲକ୍ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ, ବାଲୁଗାଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ପ୍ରମୁଖଙ୍କ ସମେତ ବାଲୁଗାଁ ଏନ୍‌ଏସିର ସମସ୍ତ କାଉନ୍‌ସିଲର ଯୋଗଦେଇଥିଲେ। ଚିଲିକାର ପୁରାତନ ନୌବାଣିଜ୍ୟ, ବାଲୁଗାଁ-ବାଣପୁର ଅଞ୍ଚଳର ଐତିହ୍ୟ ବୈଭବ ଉପରେ ସ୍ମୃତିଚାରଣ କରିବା ସହ ସ୍ମରଣିକ ପତ୍ରିକା 'ଚିଲିକା ବୋଇତ ବନ୍ଦାଣ-୨୦୨୫'ର ଉନ୍ମୋଚନ କରିଥିଲେ। କମିଟି କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ କୈଳାଶ ଚନ୍ଦ୍ର ମହାରଣା ଅତିଥି ପରିଚୟ ଦେଇଥିଲେ। ଉପସ୍ଥାପିକା ଶୋଭନା ମିଶ୍ର ସଂଯୋଜନା କରିଥିବାବେଳେ ଏନ୍‌ଏସି ଉପାଧ୍ୟକ୍ଷ ଭଗବାନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ମଞ୍ଚ ପୂଜା ପରେ ପ୍ରଥମେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଚିଲିକା ସାହିତ୍ୟ ସମାଜ ପକ୍ଷରୁ ଏକ ମନୋଜ୍ଞ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଚିଲିକାର ଐତିହ୍ୟ, ନୌବାଣିଜ୍ୟ ଓ ପରମ୍ପରା ଉପରେ ଆଧାରିତ ଏହି କବିତା ପାଠୋତ୍ସବରେ କବିତାଗୁଡ଼ିକର ସଂଯୋଜନା କରିଥିଲେ ବିଶିଷ୍ଟ କବି ତଥା ସପ୍ତଫେଣୀ ପତ୍ରିକାର ସମ୍ପାଦକ ଗୋପୀନାଥ ଦାଶ। ଡ. କୈଳାସ ଚନ୍ଦ୍ର ମହାରଣା, ସର୍ବେଶ୍ୱର ଷଡ଼ଙ୍ଗୀ, ଶଶିଭୂଷଣ ବରାଳ, ରୋଜି ମିଶ୍ର, ଅମ୍ବିକା ପ୍ରସାଦ ସାମନ୍ତରାୟ, ଦିଗମ୍ବର ବିଶ୍ୱାଳ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ହରିହର ତ୍ରିପାଠୀ, ରବୀନ୍ଦ୍ରନାଥ ପ୍ରଧାନ, ମାଗୁଣି ଚରଣ ସାହୁ, ସସ୍ମିତା ପାଣିଗ୍ରାହୀ, ପ୍ରିୟଦର୍ଶିନୀ ମହାରଣା, ରବୀନ୍ଦ୍ରନାଥ ମାନସିଂହ, ସୁଶାନ୍ତ କୁମାର ଦାଶ, ଝରଣା ରାଣୀ ରଥ, ରମେଶ ଚନ୍ଦ୍ର ମହାପାତ୍ର, ଦୁଷ୍ମନ୍ତ ହରିଚନ୍ଦନ, ବାଳମୁକୁନ୍ଦ ଦାସ, ଲକ୍ଷ୍ମୀଧର ସୁବୁଦ୍ଧି, ଦିଲ୍ଲୀପ ହୋତା, ସୌମ୍ୟକାନ୍ତ ତ୍ରିପାଠୀ, ପ୍ରଧାନଶିକ୍ଷକ ବିଜୟ କୁମାର ପାତ୍ର, ଗୋପୀନାଥ ଦାଶ ପ୍ରମୁଖ ଶତାଧିକ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

## ୱାଇଜ୍‌ମ୍ୟାନ୍ ପକ୍ଷରୁ ପତ୍ରିକା ଉନ୍ମୋଚନ



**ଜଟଣୀ,୪।୧୧(ସମିସ):** ଜାତିସଂଘ ସହବନ୍ଧିତ ଆନ୍ତର୍ଜାତିକ ୱାଇଜ୍‌ମ୍ୟାନ୍ ଇଣ୍ଟରନ୍ୟାସ୍‌ନାଲ ଅଧୀନରେ "ୱାଇଜ୍‌ମ୍ୟାନ୍ କ୍ଲବ୍ ଜଟଣୀ' ନାମକ ଏକ ସଂଗଠନ ଗଠନ କରାଯାଇଛି। ଏହାର ସଭାପତି ଶାମୁଏଲ୍ ଗେନ୍ ଓ ସମ୍ପାଦକ ଆର୍ ଶାନ୍ତିସ୍ୱରୂପଙ୍କ ନେତୃତ୍ୱରେ ପ୍ରତିଷ୍ଠା ହୋଇଛି। ଏହି ଅବସରରେ ଚୌଦ୍ୱାର କ୍ଲବ୍ ସଭାପତି ରାଜେଶ ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଉତ୍ତରପୂର୍ବ ଭାରତର ଆଞ୍ଚଳିକ ନିର୍ଦ୍ଦେଶକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଯୋଗଦେଇ ନୂତନ କ୍ଲବ୍‌କୁ ଚାର୍ଟର ପ୍ରଦାନ କରିଥିବାବେଳେ ଆର୍‌ଡିଇ ଡ. ସୁରଜିତ ସାହୁ କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ୱାଇଜ୍‌ମ୍ୟାନ୍ ଜିଲ୍ଲା ଗଭର୍ଣ୍ଣର ସତ୍ୟଗୋପାଳ ପରିଜାଙ୍କ ତ୍ରୟମାସିକ ସ୍ୱତନ୍ତ୍ର ପତ୍ରିକାକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଏଲ୍‌ଆର୍‌ଡି ଦୀପକ ମହାନ୍ତି, ଡ. ପ୍ରଭାତ ମିଶ୍ର, ସୁଜିତ୍ ପାଣି ଯୋଗଦେଇ ଏହି ଅଭିଯାନର ସେବାମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଶୁଭସୁଦ୍ଧା ପ୍ରିୟଦର୍ଶିନୀ, ପୀୟୂଷ ମହାନ୍ତି, ଜ୍ୟୋତିରଞ୍ଜନ ସିଂ, ସୌମେନ୍ଦ୍ର କୁମାର ଦାସ, ଆମୋଷ ଗେନ, ଜନସୂଚିତ ପ୍ରଧାନ, ସୁଦ୍ଧାନନ୍ଦ ବିହାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆକାଶମାର୍ଗରୁ ପୁରୀ ସହରର ସୂର୍ଯ୍ୟାସ୍ତ ବେଳର ମନୋରମ ଦୃଶ୍ୟ

## ଆଜି କାର୍ତ୍ତିକ ପୂର୍ଣ୍ଣିମା

# ସୁରକ୍ଷା ଦାୟିତ୍ୱରେ ୪୫ ପ୍ଲାଟୁନ ଫୋର୍ସ

ପୁରୀ, ୪।୧୧(ସମିସ): ବୁଧବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା। ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ଲକ୍ଷାଧିକ ଶ୍ରଦ୍ଧାଳୁ ସ୍ନାନ ଓ ବୋଇତ ବନ୍ଦାଣ କରିବେ। ଏଥିସହ ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହ ସୁନାବେଶ ଧାରଣ କରିବେ। ତେଣୁ ଏହି ଦୁର୍ଲଭ ବେଶ ଦର୍ଶନ ଲାଗି ଶ୍ରୀକ୍ଷେତ୍ରରେ ୩ରୁ ୪ଲକ୍ଷ ଭକ୍ତଙ୍କ ସମାଗମ ହେବା ଆକଳନ କରିଛି ପ୍ରଶାସନ। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର, ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ଟ୍ରାଫିକ୍ ନିୟନ୍ତ୍ରଣ, ଭକ୍ତଙ୍କ ସୁରକ୍ଷିତ ସ୍ନାନ, ଡଙ୍ଗାଭସା ଏବଂ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଲାଗି ମୋଟ୍ ୪୫ ପ୍ଲାଟୁନ ଫୋର୍ସ ମୁତୟନ ରହିବେ।

ବଡ଼ଦାଣ୍ଡର ବଗଲା ଧର୍ମଶାଳା ନିକଟରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅସ୍ଥାୟୀ ଛାୟାପ୍ରଦ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ଭକ୍ତ ଏହି ବ୍ୟାରିକେଡ୍ ଦେଇ ସିଂହଦ୍ୱାର ପଟେ ମନ୍ଦିରକୁ ପ୍ରବେଶ କରିବେ। ଅନ୍ୟ ତିନି ଦ୍ୱାର ଦେଇ ବାହାରିବେ। ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ୭ଜଣ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୨୫ ଜଣ ଡିଏସ୍‌ପି, ୪୯ ଇନ୍ସପେକ୍ଟର, ୧୭୯ ଏସ୍‌ଆଇ, ଏଏସ୍‌ଆଇ, ୨୭ ହାବିଲ୍‌ଦାର, ୨୧୦ କନେଷ୍ଟବଳ, ୪୮ ଟ୍ରାଫିକ୍ କନେଷ୍ଟବଳ, ୫୫୧ ହୋମ୍‌ଗାର୍ଡଙ୍କ ସହ ୪୫ ପ୍ଲାଟୁନ୍ ପୁଲିସ ଫୋର୍ସ ଶ୍ରୀମନ୍ଦିର ସହିତ ସମୁଦ୍ର କୂଳ ଏବଂ ପୁରୀ ସହରର ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁତୟନ ରହିବେ।

ସମୁଦ୍ର କୂଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ୩୭୦ ଜଣ ଲାଇଫ୍‌ଗାର୍ଡ, ଫାଷ୍ଟଏଡ୍

■ ସମୁଦ୍ରକୂଳ ଓ ପୁଷ୍କରିଣୀରେ ରହିବ କଡ଼ା ନଜର
■ ବଗଲା ଧର୍ମଶାଳାଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅସ୍ଥାୟୀ ବ୍ୟାରିକେଡ୍



ସେଣ୍ଟର୍, ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ସେହିପରି ଜିଲ୍ଲାର କୋଣାର୍କ, ପୀର୍‌ଜାହାନିଆ, ବାଲିହରଚଣ୍ଡୀ ଆଦି ପର୍ଯ୍ୟଟନସ୍ଥଳୀରେ ମଧ୍ୟ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରକୁ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବ। ଭକ୍ତମାନେ ପବିତ୍ର ମହୋଦଧି ସମେତ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ପରେ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏଣୁ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମୁଦ୍ର କୂଳରେ ଭକ୍ତଙ୍କ ସୁରକ୍ଷା ପାଇଁ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବେଳାଭୂମିରେ ୩୭୦ ଲାଇଫ୍‌ଗାର୍ଡ ମୁତୟନ ସହ ଅଗ୍ନିଶମ ବାହିନୀ, ୨ଟି ଓଡ୍ରାଫ୍ ଟିମ୍ ମୁତୟନ ସହ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ଭକ୍ତଙ୍କ ସୁରକ୍ଷାକୁ ଆମେ ଅଧିକ ଗୁରୁତ୍ୱ ଦେଉଛୁ। ଟ୍ରାଫିକ୍ ସୁପରିଚାଳନା ପାଇଁ ବ୍ୟବସ୍ଥା ହୋଇଛି। ସବୁ ପାର୍କିଂରେ ପୁଲିସ କର୍ମଚାରୀ ଉପସ୍ଥିତ ରହିବେ। ସମୁଦ୍ର କୂଳରେ ଦିଗବାରେଣୀ ଛକରୁ ଯାତ୍ରିକା ପାର୍କିଂ ଯାଏ ଓ ବଡ଼ଦାଣ୍ଡର ମେଡିକାଲ ଛକରୁ ଶ୍ରୀମନ୍ଦିର ଯାଇ ନୋ ଭେଇକିଲ୍ ଜୋନ୍ କରାଯାଇଛି।

# ଲକ୍ଷ୍ମୀନୃସିଂହ ବେଶ ଦେଖିଲେ ଭକ୍ତ

ପୁରୀ, ୪।୧୧(ସମିସ): କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମଙ୍ଗଳବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା।

## ଆଜି ଚତୁର୍ଦ୍ଧାବିଗ୍ରହଙ୍କ ସୁନାବେଶ



ସକାଳେ ଠାକୁରଙ୍କ ଅବକାଶ ନୀତି ପରେ ଏହି ବେଶ କରାଯାଇଥିଲା। ଲକ୍ଷ୍ମୀନୃସିଂହ ବେଶରେ ଠାକୁରମାନେ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର, କୀରିଟ, କୁଣ୍ଡଳ, ଚନ୍ଦ୍ରିକା ଆଦି ଧାରଣ କରିଥିଲେ। ବଡ଼ଠାକୁର ସୁବର୍ଣ୍ଣର ହଳ ମୂଷଳ ଏବଂ ଜଗନ୍ନାଥ ମହାପ୍ରଭୁ ରୁପାର ଶଙ୍ଖ ଏବଂ ସୁବର୍ଣ୍ଣ ଚକ୍ର ଧାରଣ କରିଥିଲେ। ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଚୂଳରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥିଲା। ଏଥିସହ ଶୋଲ ଓ ଜରିରେ ନିର୍ମିତ ବିଭିନ୍ନ ଫୁଲ ଧାରଣ କରିଥିଲେ। ଏହି ବେଶରେ ଠାକୁରମାନେ ପାଟବସ୍ତ୍ରରେ ବିଭୂଷିତ ହେବା ସହିତ ବିଭିନ୍ନ ସୁବାସିତ ପୁଷ୍ପରେ ମଣ୍ଡିତ ହୋଇଥିଲେ। ବୁଧବାର କାର୍ତ୍ତିକ ପୂର୍ଣ୍ଣିମା। ଧର୍ମ ମାସ କାର୍ତ୍ତିକର ଶେଷ ଦିବସ। ରତ୍ନସିଂହାସନରେ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ବିଭିନ୍ନ ପାଟବସ୍ତ୍ର ଏବଂ ରତ୍ନଅଳଙ୍କାରରେ ମହାପ୍ରଭୁ ବିଭୂଷିତ ହେବେ।

# ଆଜି ଘରକୁ ଫେରିଯିବେ ହବିଷ୍ୟାଳି

ପୁରୀ, ୪।୧୧(ସମିସ): ସରିଆସିଲା କାର୍ତ୍ତିକ ମାସ। ବୁଧବାର କାର୍ତ୍ତିକ ପୂର୍ଣ୍ଣିମା। ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ସମେତ ପବିତ୍ର ମହୋଦଧିରେ ଡଙ୍ଗା ଭସାଇ ଘରକୁ ବାହୁଡ଼ିବେ ହବିଷ୍ୟାଳି। ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ ସାରି ବ୍ରତ ଶେଷ କରି ଗାଁକୁ

## ମନେପଡ଼ିବ ଶ୍ରୀକ୍ଷେତ୍ର ରହଣି, କାଳିଆ ଦର୍ଶନ

ଫେରିଯିବେ। ଏଥିପାଇଁ ପ୍ରସ୍ତୁତି ସାରିଦେଲେଣି। ସାଥିରେ ଆଣିଥିବା ବାକ୍ସକୁ ସଜାଡ଼ି ସାରିଥିବା ବେଳେ ପରସ୍ପର ସହ ବିଦାୟ ବେଳାର ସୁଖଦୁଃଖ ହୋଇସାରିଲେଣି। ମାସେ ହେଲା, ଘରଠାରୁ ଦୂରରେ ରହିଥିବା ହବିଷ୍ୟାଳିଙ୍କ ମଧ୍ୟରୁ କିଏ ପରିବାର ପାଇଁ ପୁରୀ ଖଜା ତ ଆଉ କିଏ ନାତିନାତୁଣୀଙ୍କ ପାଇଁ ଖେଳଣା, ଚୁଡ଼ି, ଖଡୁ କିଣି ନେଉଛନ୍ତି।

ଗଞ୍ଜାମର ସୁଜ୍ଞାନୀ ସାହୁ କହିଛନ୍ତି, ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ହବିଷ କରିବାକୁ ଶ୍ରୀକ୍ଷେତ୍ର ଆସିଥିଲି। ଅନ୍ୟ ହବିଷ୍ୟାଳିଙ୍କ ସହ କେମିତି ମାସଟା ବିତିଗଲା ଜାଣିପାରିଲି ନାହିଁ। ଘରଛାଡ଼ି ଦୂରରେ ରହୁଥିଲେ ବି ସେମିତି କିଛି ଅନୁଭବ କରିନି। ପୂଜାର୍ଚ୍ଚନା,



ମହାପ୍ରଭୁଙ୍କ ଦର୍ଶନ, ଖାଇବା, ରହିବାରେ କୌଣସି ଅସୁବିଧା ହୋଇନି। ମଝିରେ ମଝିରେ ପିଲାଙ୍କ କଥା ମନେ ପଡ଼ିଲେ ବି ଅନ୍ୟମାନଙ୍କ ସହ ସୁଖ, ଦୁଃଖରେ ସେ ସବୁକୁ ଭୁଲିଯାଇଛି। ଏବେ ସରିଗଲା ବ୍ରତ। ପବିତ୍ର ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ପରେ ବୁଧବାର ମହାପ୍ରଭୁଙ୍କୁ ଦର୍ଶନ କରି ଗାଁକୁ ଫେରିଯିବି। କିନ୍ତୁ ଶ୍ରୀକ୍ଷେତ୍ରରେ ରହଣି ଏବଂ ବିଶେଷକରି ଶ୍ରୀମନ୍ଦିରରେ କାଳିଆ ଠାକୁରଙ୍କୁ ଦର୍ଶନ କରିବା ନିଶ୍ଚିତ ମନେପଡ଼ିବ।

ସେହିପରି ଅନ୍ୟ ଜଣେ ବ୍ରତଧାରୀ ପାର୍ବତୀ ମହାନ୍ତି କହିଛନ୍ତି, ପୂର୍ବ ଜନ୍ମର ପୁଣ୍ୟ ଥିଲା ବୋଲି ଶ୍ରୀକ୍ଷେତ୍ର ମାଟିରେ ରହି କାର୍ତ୍ତିକ ବ୍ରତ ପାଳନ କରିବାର ସୁଯୋଗ ପାଇଲି। ମାସଟାଯାକ ଆନନ୍ଦରେ କଟିଗଲା। ପ୍ରତିଦିନ ମହାପ୍ରଭୁଙ୍କୁ ଦର୍ଶନ କରିବାର ଅପୂର୍ବ ଆନନ୍ଦ ପାଇଲି। ବ୍ରତ ଶେଷ ହେଲା, ଏବେ ପୁରୀ ଛାଡ଼ିଯିବାକୁ ପଡ଼ିବ। ଆଶ୍ରୟସ୍ଥଳୀରେ ରହି ଅନ୍ୟମାନଙ୍କ ସହ ହସଖୁସି କରୁଥିଲୁ। ଅବସର ସମୟରେ କେହି କେହି ତାସ୍ ଆଉ ଲୁଡୁ ବି ଖେଳୁଥିଲେ। ଘରେ ରହିବାର ଅନୁଭୂତି ମିଳୁଥିଲା। ଘରକୁ ଫେରିଗଲେ ବି କିଛି ଦିନ ପୁରୀ ରହଣି କଥା ମନେପଡ଼ିବ ବୋଲି ସେ କହିଛନ୍ତି।

# ଆକର୍ଷଣ ହରାଇବ ଉପର ପଡ଼ିଆ ବାଲିଯାତ୍ରା!

କଟକ, ୪।୧୧(ସମିସ): ଏଥର ଉପରପଡ଼ିଆ ବାଲିଯାତ୍ରା ଆକର୍ଷଣ ହରାଇବ ବୋଲି ସାଧାରଣରେ ଆଲୋଚନା ହେଉଛି। ପୂର୍ବରୁ ଯେଉଁ ପରିପାଟୀରେ ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନ ହୋଇଆସୁଥିଲା, ଏଥର ତାହା ଦେଖିବାକୁ ମିଳିବ ନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଳରେ ଉପର ପଡ଼ିଆରେ ଜିଲ୍ଲା ପ୍ରଶାସନ ପ୍ରଥମେ ବାଲିଯାତ୍ରା ନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ପରେ ବିଭିନ୍ନ ମହଲରେ ଦାବି ହେବାରୁ ନିଷ୍ପତ୍ତି ପରିବର୍ତ୍ତନ କରିଥିଲା। ପୁଣି, ହାଇକୋର୍ଟଙ୍କ ଏଭଳି ନିର୍ଦ୍ଦେଶ ନଥିବା ମଧ୍ୟ ସ୍ପଷ୍ଟ ହୋଇଥିଲା। କିନ୍ତୁ, ଜିଲ୍ଲା ପ୍ରଶାସନ ଚତୁରତାର ସହ ଉପର ପଡ଼ିଆରେ ନାମକୁମାତ୍ର ଅଳ୍ପ କିଛି ଷ୍ଟଲ୍ ପକାଇଥିବାରୁ ଏହାକୁ ନେଇ ବ୍ୟବସାୟୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ କଟକ ସାଂସଦ ଭର୍ତ୍ତୃହରି ମହତାବ ମଧ୍ୟ ପ୍ରଶାସନିକ ନିଷ୍ପତ୍ତିକୁ କଟାକ୍ଷ କରିଛନ୍ତି।

ସେ କହିଛନ୍ତି, ତଳ ବାଲିଯାତ୍ରା ପଡ଼ିଆରେ କାଦୁଅ ପଚପଚ ହେଉଛି ଓ ଉପର ପଡ଼ିଆରେ ହେଉନାହିଁ। ବାଲିଯାତ୍ରା ତ ବାଲି ଉପରେ ଆୟୋଜନ ହେବା କଥା। ଏଣୁ ଉପର ପଡ଼ିଆରେ ବାଲିଯାତ୍ରା ହେବା ଉଚିତ ବୋଲି ସେ ପୁଣି ଦୋହରାଇଛନ୍ତି। ଉପର ପଡ଼ିଆରେ



■ ଜିଲ୍ଲା ପ୍ରଶାସନକୁ ଭର୍ତ୍ତୃହରିଙ୍କ କଟାକ୍ଷ
■ ଦୁଇ ଚକିଆ ପାର୍କିଂ ଜୋନ ପାଇଁ ପୁଲିସର ବିଜ୍ଞପ୍ତି

ବାଲିଯାତ୍ରା ନ କରିବା ପାଇଁ ପ୍ରଶାସନ ଯେଉଁ ନିଷ୍ପତ୍ତି ନେଉଛି, ତାହା ଭୁଲ ବୋଲି ଶ୍ରୀ ମହତାବ କହିଛନ୍ତି।

ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ଯେ ଉପର ପଡ଼ିଆରେ ଉଠା ଦୋକାନୀଙ୍କୁ ସୁଯୋଗ ଦିଆଯିବା ସହ କେତେକ ଦହିବରା ଆଳୁଦମ ଜୋନ ସହ ପିଲାଙ୍କ ପାଇଁ ପ୍ଲେ' ଜୋନ୍ କରାଯିବ। ଇତିମଧ୍ୟରେ କମିସନରେଟ ପୁଲିସ ପକ୍ଷରୁ ଉପର ପଡ଼ିଆର କିଛି ଅଂଶରେ ଦୁଇଚକିଆ ଯାନ ପାଇଁ ଦୁଇଟି ଜୋନରେ ପାର୍କିଂସ୍ଥଳ କରାଯିବ ବୋଲି ଘୋଷଣା କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପର ପଡ଼ିଆରେ ଏଥର ବାଲିଯାତ୍ରା ଆୟୋଜନ ବିଗତ ବର୍ଷମାନଙ୍କ ଭଳି କରାଯାଇନାହିଁ। ଏହି ମେଳା ପଡ଼ିଆରେ ୬୦୦ରୁ ଅଧିକ ଷ୍ଟଲ ପଡ଼ିଥାଏ। ଏଥର କିନ୍ତୁ ୨୦ଟି ଷ୍ଟଲ ମଧ୍ୟ ହୋଇନାହିଁ।

ସୂଚନାଥାଉକି କଟକ ବାଲିଯାତ୍ରା ପ୍ରସଙ୍ଗକୁ ହାଇକୋର୍ଟ ଶୁଣାଣି କରିଆସୁଥିବା ବେଳେ ପ୍ରଥମେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଉପର ପଡ଼ିଆରେ ଏଥର ବାଲିଯାତ୍ରା ନ କରିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଥିବା କହିଥିଲା। ଏହି ପ୍ରସଙ୍ଗରେ ପ୍ରଶାସନକୁ ସେଭଳି କିଛି ନିର୍ଦ୍ଦେଶ ଦିଆଯାଇନଥିବା ନେଇ ପରେ ହାଇକୋର୍ଟ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଉପର ପଡ଼ିଆକୁ ମେଳା ପାଇଁ ବ୍ୟବହାର ନ କରି ପାର୍କିଂ ପାଇଁ ବ୍ୟବହାର କରିବା ପାଇଁ କଟକ ଡିସିପିଙ୍କ ପକ୍ଷରୁ ହିଁ ହାଇକୋର୍ଟରେ ସତ୍ୟପାଠ ଦିଆଯାଇଥିଲା।

# ବେଇମାନୀ କଳଙ୍କରୁ ବର୍ତ୍ତିବା ପାଇଁ ଜୟ ମିଛ କହୁଛନ୍ତି: ବିଜେଡି

ଭୁବନେଶ୍ୱର,୪।୧୧(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବେଇମାନି ଟିପ୍ପଣୀ ପ୍ରସଙ୍ଗରେ ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆ ଓ ତାଙ୍କ ମା' କଳ୍ପନା ଢ଼ୋଲକିଆଙ୍କ ମନ୍ତବ୍ୟକୁ କଠୋର ଶବ୍ଦରେ ସମାଲୋଚନା କରିଛି ବିଜେଡି। ବେଇମାନି କାମ କରିଥିବା ଲୋକଙ୍କୁ ବେଇମାନ କହିଲେ ବାଧୁଛି କାହିଁକି ବୋଲି ବିଜେଡି ପ୍ରଶ୍ନ କରିବା ସହ କଳଙ୍କରୁ ବର୍ତ୍ତିବା ପାଇଁ ଜୟ ମିଛ କହୁଛନ୍ତି ବୋଲି ବିଜେଡ଼ି କହିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ନୂଆପଡ଼ାରେ ଜୟ ଓ ତାଙ୍କ ମାଆଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଲେନିନ୍ କହିଛନ୍ତି ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନ ସଭାରେ ବିଶାଳ ଜନସମାଗମ ଦେଖି ଜୟ ଢୋଲକିଆ ଓ ବିଜେପି ଆତଙ୍କିତ ହୋଇଛନ୍ତି। ତେଣୁ ଜୟ ତାଙ୍କ ବାପାଙ୍କୁ ଶେଷ ସମୟରେ ବିଜେଡି ଅଣଦେଖା କରିଥିଲା ବୋଲି ମିଛ ଅଭିଯୋଗ ଆଣିଛନ୍ତି। ନିଜ ଅସୁସ୍ଥତା ସତ୍ତ୍ୱେ ବିଧାୟକ ରାଜୁ ଢୋଲକିଆଙ୍କ ସ୍ୱାସ୍ଥ୍ୟ ବିଷୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିୟମିତ ଖବର ରଖୁଥିଲେ। ତାଙ୍କ ଦେହାନ୍ତ ହେବା ପରେ ଦଳ ପକ୍ଷରୁ ଆବଶ୍ୟକ ସହଯୋଗର ହାତ ବଢାଇବା ସହିତ ତାଙ୍କର ଶୁଦ୍ଧିକ୍ରିୟା କାର୍ଯ୍ୟରେ

■ ବେଇମାନୀର କାମ କରିଥିବା ଲୋକଙ୍କୁ ବେଇମାନ କହିଲେ ବାଧୁଛି କାହିଁକି?
■ କେଉଁ ପରିସ୍ଥିତିରେ ଜୟ ବିଜେପିରେ ଯୋଗଦେଲେ, ତାହା ଆଜିବି ପ୍ରଶ୍ନବାଚୀ

ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିଜେ ଭର୍ଚୁଆଲରେ ଯୋଗଦେଇ ଶୋକବାର୍ତ୍ତା ପ୍ରଦାନ କରିଥିଲେ। ଅପରପକ୍ଷେ ଜୟ ଢୋଲକିଆ ବିଜେଡିର ପ୍ରାର୍ଥୀ ହେବା ପାଇଁ ନିଜର ଇଚ୍ଛା ପ୍ରକାଶ କରିବା ସହିତ ତାଙ୍କର ବିଜେପିରେ ଯୋଗଦେବା ଚର୍ଚ୍ଚାକୁ ଖଣ୍ଡନ କରିଥିଲେ। ବିଜେଡି ପକ୍ଷରୁ ହୋଇଥିବା ପଦଯାତ୍ରା ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଜୟ ଓ ତାଙ୍କ ମାଆ ଯୋଗ ଦେଇଥିଲେ। ମାତ୍ର କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ସେ ରାତାରାତି ମତ ପରିବର୍ତ୍ତନ କରି ବିଜେପିରେ ଯୋଗଦେଲେ, ତାହା ଆଜି ବି ପ୍ରଶ୍ନବାଚୀ ବୋଲି ଡ. ମହାନ୍ତି କହିଥିଲେ।

ସୁଲତା ଦେଓ କହିଥିଲେ ଯେ ବିଜେଡି ଢୋଲକିଆ ପରିବାର ସହିତ ସମ୍ପର୍କ କାଟିନାହିଁ। କେଉଁ କାରଣରୁ କେଉଁ ପରିସ୍ଥିତିରେ ଜୟ ଢୋଲକିଆ ବିଜେପିରେ ଯୋଗଦେଲେ, ସେ ନିଜେ ଭଲ ଭାବରେ ଜାଣିଥିବେ। ଏହାଛଡା ବିଜେପି ଠାରୁ ମୋଟା ଅଙ୍କର ଅର୍ଥ ନେଇ ବିଜେପିରେ ଜୟ ଯୋଗ ଦେଇଛନ୍ତି ବୋଲି ହେଉଥିବା ଅଭିଯୋଗକୁ ଶ୍ରୀମତୀ ଢୋଲକିଆ ଖଣ୍ଡନ କରିଥିଲା ବେଳେ, ଏହା ବିଜେଡିର ଅଭିଯୋଗ ନୁହେଁ ବୋଲି ଶ୍ରୀମତୀ ଦେଓ କହିଥିଲେ। ସୂଚନାଯୋଗ୍ୟ ଯେ ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ରାଜୁ ଢୋଲକିଆଙ୍କ ଚିକିତ୍ସା ସମୟରେ ବିଜେଡି ତାଙ୍କୁ ଅଣଦେଖା କରିଥିଲା ବୋଲି ଉଭୟ ଜୟ ଓ ତାଙ୍କ ମା ଆଜି ଅଭିଯୋଗ କରିଥିଲେ।

# ବନ୍ଧୁକ ତିଆରି କାରଖାନା ଧ୍ୱଂସ କଲେ ଯବାନ





ମାଲକାନଗିରି, ୪।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ସୁରକ୍ଷାବଳଙ୍କୁ ଏକ ବଡ଼ ସଫଳତା ମିଳିଛି। ତଲାସି ଅଭିଯାନ ବେଳେ ସୁରକ୍ଷା କର୍ମୀମାନେ ଛତିଶଗଡ଼ ସୁକମା ଜିଲ୍ଲାରେ ମାଓବାଦୀଙ୍କ ଏକ ଅସ୍ତ୍ରଶସ୍ତ୍ର ତିଆରି କାରଖାନାକୁ ଧ୍ୱଂସ କରିଛନ୍ତି। ସୂଚନାନୁଯାୟୀ, ସୁକମା ଜିଲ୍ଲା ଡିଆରଜି ଯବାନମାନେ ଜିଲ୍ଲାର ଗୋମଗୁଡ଼ା ଅଞ୍ଚଳରେ ମାଓ ଦମନ ପାଇଁ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ଘନ ଜଙ୍ଗଲ ଅଞ୍ଚଳରେ ଅବସ୍ଥିତ ଏକ ବେଆଇନ ଅସ୍ତ୍ରଶସ୍ତ୍ର ନିର୍ମାଣ କାରଖାନା ଠାବ ହୋଇଥିଲା। ସେଠାରେ ମାଓବାଦୀ ରଖିଥିବା ୧୭ଟି ରାଇଫଲ୍, ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ ଉପକରଣକୁ ଜବତ କରିଥିଲେ। ଏହି କାରଖାନାରେ ବନ୍ଧୁକ ତିଆରି କରି ସୁରକ୍ଷା କର୍ମୀଙ୍କୁ କ୍ଷତି ପହଞ୍ଚାଇବା ଲାଗି ମାଓବାଦୀମାନେ ବଡ଼ ଯୋଜନା କରୁଥିବା ଅନୁମାନ କରାଯାଉଛି। ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସି ଅଭିଯାନ ଜାରି ରହିଛି।

# କୋହଳ ପଞ୍ଜୀକରଣ ନୀତି ଯୋଗୁଁ ଓଡ଼ିଶା ମୁହାଁ ପଡ଼ୋଶୀ ବସ୍ ମାଲିକ

ଭୁବନେଶ୍ୱର,୪।୧୧(ସମିସ): ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ଗାଡ଼ି ପଞ୍ଜୀକରଣ ଫି ଅପେକ୍ଷାକୃତ କମ୍ ରହିଛି। ଏହାସହିତ ପଞ୍ଜୀକରଣ କ୍ଷେତ୍ରରେ ରାଜ୍ୟର ବିଭିନ୍ନ ଆରଟିଓ କୋହଳ ମନୋଭାବ ଆପଣାଉଛନ୍ତି। ଏହାର ଫାଇଦା ନେଇ ପଡ଼ୋଶୀ ରାଜ୍ୟର ବସ୍‌ମାଲିକ ଓଡ଼ିଶାମୁହାଁ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଯେଉଁ ଗାଡ଼ି ପଞ୍ଜୀକରଣ କରିବାରେ ଅନ୍ୟ ରାଜ୍ୟରେ ସମସ୍ୟା ହେଉଛି, ସେହି ଗାଡ଼ିଗୁଡ଼ିକୁ ମଧ୍ୟ ଓଡ଼ିଶାରେ ଅତି ସହଜରେ ପଞ୍ଜୀକରଣ କରିଦିଆଯାଉଛି। ଯାହାଫଳରେ ଆନ୍ଧ୍ରର କୁର୍ନୁଲ୍ ବସ୍ ଦୁର୍ଘଟଣା ରାଜ୍ୟର ପଞ୍ଜୀକରଣ ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଆନ୍ଧ୍ରର କୁର୍ନୁଲ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବସ୍ ଓଡ଼ିଶାର ରାୟଗଡ଼ାରେ ପଞ୍ଜୀକରଣ ହୋଇଥିବା ତଥ୍ୟ ସମାନାକୁ ଆସିଛି। ଏହି ବସ୍‌ରେ ଅଗ୍ନିକାଣ୍ଡ ହେତୁ ୨୫ ଜଣଙ୍କର ଜୀବନ ଯାଇଥିଲା। ପ୍ରାଥମିକ ଯାଞ୍ଚ ରିପୋର୍ଟ ଅନୁଯାୟୀ ବସ୍‌ରେ ସିଟିଂ ବ୍ୟବସ୍ଥା ଥିଲେ ମଧ୍ୟ ବସ୍ ନବୀକରଣ କରି ଏହାକୁ ସ୍ଲିପର ବସ୍ ଭାବେ ବଦଳାଯାଇଛି। ଏଥିପାଇଁ ବସ୍ ମାଲିକ ଅନ୍ୟ ରାଜ୍ୟରେ ପଞ୍ଜୀକରଣ କରାଇବାରେ ବିଫଳ ହୋଇ ଓଡ଼ିଶାର ରାୟଗଡ଼ାରେ ସଫଳ ହୋଇଥିଲେ।

ଏଭଳି ଘଟଣାକୁ ନେଇ ଏବେ ରାଜ୍ୟ ପରିବହନ ବିଭାଗର ଚିନ୍ତା ବଢ଼ିଛି ଓ ଯାତ୍ରୀ ବାହୀ ବସ୍‌ରେ ନିଆଁ ଲାଗିବା ଘଟଣାକୁ ଦେଖି ଏହି ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ରାଜ୍ୟରେ ବସ୍ ଡ୍ରାଇଭର, କଣ୍ଡକ୍ଟର ଓ ମାଲିକମାନଙ୍କୁ ଅଗ୍ନି ନିରାପତ୍ତା ବିଷୟରେ ସଚେତନତା କରାଯାଉଥିବା ବେଳେ ଆଇନଗତ ଭାବେ ବିଭାଗ କଡ଼ାକଡ଼ି ହୋଇଛି। ପୂର୍ବରୁ ଅନ୍ୟ ରାଜ୍ୟରୁ

■ ରାୟଗଡ଼ାରେ ପଞ୍ଜୀକରଣ ହୋଇଥିଲା କୁର୍ନୁଲ୍ ଦୁର୍ଘଟଣାଗ୍ରସ୍ତ ବସ୍
■ ଅଗ୍ନିକାଣ୍ଡ ପରେ କଠୋର ହେଲା ବିଭାଗ, ଏବେ ଯାଞ୍ଚ କଡ଼ାକଡ଼ି

ରାଜ୍ୟରେ ବର୍ତ୍ତମାନ କେତେକ ବାହାର ରାଜ୍ୟର ବସ୍ ପଞ୍ଜୀକରଣ ହୋଇଛି, ତାହାର ତଥ୍ୟ ଯାଞ୍ଚ ଆରମ୍ଭ କରିଛି। ମୁଖ୍ୟତଃ ଯେଉଁ ବାହାର ରାଜ୍ୟର ଯାତ୍ରୀ ବାହୀ ଗାଡ଼ି ଓଡ଼ିଶାରେ ପଞ୍ଜୀରଣ ହୋଇଛି, ତାହାର ତଥ୍ୟ ଯାଞ୍ଚ କରି ୧୫ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ପରିବହନ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବସ୍ ଯାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବିଭାଗ ଏଭଳି ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡ଼ିଛି। ବିଭିନ୍ନ ରାଜ୍ୟରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଦେଇ ବାହାର ରାଜ୍ୟର ଗାଡ଼ିଗୁଡ଼ିକର ଏଠାରେ ପଞ୍ଜୀକରଣ ହୋଇପାରୁଥିଲା। ମାତ୍ର ଏଣିକି ଓଡ଼ିଶାର ଏକ ଟିମ୍ ଏହି ବ୍ୟବସ୍ଥାକୁ ତନଖି କରିବା ପରେ ହିଁ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ପ୍ରଦାନ କରିବ ଓ ଏହା ପରେ ପଞ୍ଜୀକରଣ ହୋଇପାରିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଯେଉଁ ଗାଡ଼ିଗୁଡ଼ିକୁ ନବୀକରଣ କରି ସିଟିଂ କ୍ଲାସ୍‌ରୁ ସ୍ଲିପର କ୍ଲାସ କରାଯାଉଛି, ସେକ୍ଷେତ୍ରରେ ମଧ୍ୟ ଯାଞ୍ଚ କଡ଼ାକଡ଼ି ହେବ ବୋଲି ନିଷ୍ପତ୍ତି ହୋଇଛି।

# ଭିଜିଲାନ୍ସ ଜାଲରେ ବନ୍ତଲସିଂହ ରାଜସ୍ୱ ନିରୀକ୍ଷକ

ପିପିଲି, ୪।୧୧(ସମିସ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ପିପିଲି ତହସିଲ୍ ଅଧୀନ ବନ୍ତଲସିଂହ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଜୀବନକୃଷ୍ଣ ପରିଡ଼ା। ଦାଖଲ ଖାରଜ ପାଇଁ ୬୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଛି। ସମ୍ପୃକ୍ତ ଆର୍‌ଆଇଜଣଙ୍କ ସେନା ବିଭାଗରୁ ଅବସର ନେଇ ଏଠାରେ ଯୋଗ ଦେଇଥିଲେ।

ଦାନଗୋହିର ଗ୍ରାମର ମହମ୍ମଦ କୌଶରଙ୍କ ମକୁନ୍ଦପୁର ହାଟ ମୌଜାରେ ୨ଟି, ହାଟସାହି ମୌଜାରେ ୨ଟି ଏବଂ ବନ୍ତଲସିଂହ ମୌଜାରେ ୨ଟି;

## ଦାଖଲ ଖାରଜ ପାଇଁ ମାଗିଥିଲେ ୯୦ ହଜାର



ଏପରି ମୋଟ ୬ ପଟ୍ଟାକୁ ଦାଖଲ ଖାରଜ ପାଇଁ ଆର୍‌ଆଇ ଶ୍ରୀ ପରିଡ଼ା ମହମ୍ମଦ କୌଶରଙ୍କୁ ୯୦ହଜାର ଟଙ୍କା ଦାବି କରିଥିଲେ। ଏଥିପାଇଁ ୬୦ ହଜାର ଟଙ୍କା ଅଗ୍ରିମ ମାଗିଥିଲେ। ଟଙ୍କା ନଦେଲେ କାମ ହେବନି ବୋଲି ରୋକଠୋକ୍ ମନା କରିଦେଇଥିଲେ। ଏ ସମ୍ପର୍କରେ କୌଶର ଭୁବନେଶ୍ୱର ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ଶ୍ରୀ ପରିଡ଼ାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ପିପିଲି ତହସିଲ୍‌ର କଲେଜ ଛକଠାରେ ଥିବା ଡାକବଙ୍ଗଳାରେ ତହସିଲ୍‌ର ସମସ୍ତ ଆର୍‌ଆଇଙ୍କ ବୈଠକ ଚାଲିଥିବା ବେଳେ ଶ୍ରୀ ପରିଡ଼ା ସେଠାକୁ ମହମ୍ମଦ କୌଶରଙ୍କୁ ଡାକି ଜବାବ ମୁତାବକ ୬୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲେ। ପରେ ଆୟବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କ ଅଫିସ୍, ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି। ଆଜିର ଏହି ଚଢ଼ଉରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍‌ରେ ଡିଏସ୍‌ପି ଶ୍ରୁଶାନ୍ତ କୁମାର ମିଶ୍ର, ମମିତା ପ୍ରଧାନଙ୍କ ସହ ଇନ୍ସପେକ୍ଟର ରବୀନ୍ଦ୍ର ପାତ୍ର ଏବଂ ପ୍ରଦୀପ ପୃଷ୍ଟି ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ସକାରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ଯାତାୟତ ସମୟରେ ସତର୍କତା ଅବଲମ୍ବ କରନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ। ପିଲାମାନେ ଖେଳମଗ୍ନ ରହିବେ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଉଧାର ଟଙ୍କା ଫେରି ପାଇପାରନ୍ତି।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ। ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଅଯଥା କଥାରେ ଯୁକ୍ତି କରନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ:** ମାନସିକ ଶାନ୍ତି ମିଳିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ଅଟକି ଥିବା କାର୍ଯ୍ୟ ପୂରା ହେବାର ସମ୍ଭାବନା ରହିଛି। ଗୁରୁଜନଙ୍କଠାରୁ ପରାମର୍ଶ ନେବା ଫଳପ୍ରଦ।

**ସିଂହ:** ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁନି। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଅଚାନକ ସମସ୍ୟାରେ ପଡ଼ିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଜମି ବିବାଦର ସମାଧାନ ହେବ।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅହଂକାର ମନୋଭାବକୁ ଦୂର କରନ୍ତୁ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି। ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ।

**ବିଛା:** ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। ମାନ ସମ୍ମାନ ବୃଦ୍ଧି ପାଇବ। ଯୋଜନା ଅନୁଯାୟୀ କାମ କରିବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁନି। ରାଜନୀତିରେ ସକ୍ରିୟ ରହିପାରନ୍ତି।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ର ସହକର୍ମୀଙ୍କ ସହଯୋଗ ମିଳିବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ମକର:** ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ। ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଟକି ଥିବା ଅର୍ଥ ଫେରିପାଇବେ। ଅଫିସ୍ କାର୍ଯ୍ୟରେ ଦିନ ବିତିବ। ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ। ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

## ଆଜିର ଇତିହାସ

- ୧୮୭୦- ସ୍ୱାଧୀନତା ସଂଗ୍ରାମୀ ଚିତ୍ତରଞ୍ଜନ ଦାସଙ୍କ ଜନ୍ମ।
- ୧୯୧୪- ଇଂଲଣ୍ଡ ଏବଂ ଫ୍ରାନ୍ସ ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲେ।
- ୧୯୨୦- ଇଣ୍ଡିଆନ୍ ରେଡକ୍ରସ୍ ସୋସାଇଟିର ସ୍ଥାପନା।
- ୧୯୬୨- ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହରୁ ନ୍ୟୁୟର୍କ ଯାତ୍ରା କଲେ।
- ୧୯୭୬- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷଣ କଲା।
- ୨୦୧୩- ଇସ୍ରୋ ଦ୍ୱାରା ମଙ୍ଗଳଯାନ-୧ ପ୍ରକ୍ଷେପଣ।

## ଆ-କା-ମା-ବୈ...

କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଓଡ଼ିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହ ଜଡ଼ିତ। ସନାତନ ଧର୍ମରେ ଯଦି କୌଣସି ମାସକୁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ ତାହା ହେଲା କାର୍ତ୍ତିକ ମାସ। ଏହି ମାସରେ ଦୀପ ଦାନ କରିବା ଏବଂ ଗଙ୍ଗାରେ ସ୍ନାନ କରିବାକୁ ବେଶ୍ ଗୁରୁତ୍ୱ ଦିଆଯାଏ। ଏହା କରିବାଦ୍ୱାରା ସବୁ ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ମାସରେ ଧର୍ମପ୍ରାଣ ଆବାଳ- ବୃଦ୍ଧ- ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନ ଆଦି କରିଥାନ୍ତି। କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ମହାପଞ୍ଚକ ନାମରେ ପରିଚିତ। ଏହି ପାଞ୍ଚଦିନ ପ୍ରତ୍ୟେକ ହିନ୍ଦୁ ଆମିଷ ପରିହାର ପୂର୍ବକ ପୂଜା କରିଥାନ୍ତି। କୁହାଯାଏ ଯେ, ଏହି ପାଞ୍ଚଦିନ କାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେ ନାହିଁ। ହବିଷ୍ୟାଳୀମାନେ ଏହି ମାସରେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମା ଦିନ କାର୍ତ୍ତିକ ବ୍ରତର ଉଦ୍‌ଯାପନ କରାଯାଇଥାଏ। ହବିଷ୍ୟାଳିମାନେ ବ୍ରାହ୍ମଣମାନଙ୍କୁ ଛଣ୍ଡା ଦେଇ ଏହି ଦିନ କାର୍ତ୍ତିକ ବ୍ରତ ଉଦ୍‌ଯାପନ କରନ୍ତି। ପୌରାଣିକ କଥାନୁସାରେ, କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନ ଶିବ ତ୍ରିପୁରାସୁରକୁ ବଧ କରିଥିଲେ। ଏଥିସହ ଏହି ଦିନ ଶ୍ରୀକୃଷ୍ଣ ରାଧାଙ୍କ ସହ ବୃନ୍ଦାବନରେ ରାସକ୍ରୀଡ଼ା କରିଥିବାରୁ ଏହାକୁ ରାସ ପୂର୍ଣ୍ଣିମା କୁହାଯାଏ। ଶୁକ୍ଳ ଏକାଦଶୀ ତିଥିଠାରୁ ଶ୍ରୀକୃଷ୍ଣଙ୍କ ଶରତ ରାସ ଯାତ୍ରା ଆରମ୍ଭ ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଦିନ ରାସ ଉତ୍ସବ ଉଦ୍‌ଯାପନ ହୋଇଥାଏ। ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ଇତିହାସ ସହିତ ମଧ୍ୟ ଏହା ନିବିଡ଼ ଭାବେ ସମ୍ପୃକ୍ତ। ସହସ୍ରବର୍ଷ ପୂର୍ବେ ଓଡ଼ିଆ ସାଧବ ପୁଅମାନେ ବାଲି, ଜାଭା, ସିଂହଳ ଓ ସୁମାତ୍ରା ଦ୍ୱୀପକୁ ମହାନଦୀବାଟେ ବୋଇତରେ ଆଷାଢ଼ ମାସରେ ବାଣିଜ୍ୟ ପାଇଁ ଯାଉଥିଲେ ଏବଂ କାର୍ତ୍ତିକ ମାସରେ ଧନରତ୍ନ ନେଇ ଫେରୁଥିଲେ। ଏହି ଦିନ ଦାନ କଲେ କୋଟିପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଅଛି। କାର୍ତ୍ତିକ ମାସ ସାରା ଦେବଦେବୀଙ୍କ ନିକଟରେ ପୂଜା ଉପାସନା କରାଯାଇଥାଏ। ଏହାଦ୍ୱାରା ଅକାଳ ମୃତ୍ୟୁ ହୋଇ ନ ଥାଏ ବୋଲି ବିଶ୍ୱାସ ରହିଛି। ବିଷ୍ଣୁ ପୁରାଣ ଅନୁସାରେ, କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥିରେ ଭଗବାନ ବିଷ୍ଣୁ ତାଙ୍କର ଦଶ ଅବତାରର ପ୍ରଥମ ଅବତାର ଧାରଣ କରିଥିଲେ। ଜଳ ପ୍ରଳୟ ସମୟରେ ସାରା ପୃଥିବୀ ଜଳମଗ୍ନ ହୋଇଯାଇଥିଲା। ସେତେବେଳେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାରରେ ସମସ୍ତଙ୍କୁ ରକ୍ଷା କରିଥିଲେ। ସେହିପରି ଶୈବ ମତ ଅନୁସାରେ, କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ସଂହାର କରିଥିଲେ ଭଗବାନ ଶିବ। ଯେଉଁଥିପାଇଁ ତାଙ୍କ ନାଁ ତ୍ରିପୁରାରୀ ରହିଛି। ମାସସାରା ହବିଷ ବ୍ରତ କରିଥିବା ଶ୍ରଦ୍ଧାଳୁମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଡଙ୍ଗା ଭସାଇ ବ୍ରତ ଉଦ୍‌ଯାପନ କରନ୍ତି। ଏହିଦିନ କଦଳୀପଟୁକା ନିର୍ମିତ ଡଙ୍ଗା ଭସାଇବାର ବିଧି ପ୍ରଚଳିତ ରହିଛି। ପ୍ରତ୍ୟୁଷରୁ ଆବାଳ ବୃଦ୍ଧ ବନିତା ନଦୀ ବା ପୁଷ୍କରିଣୀରେ ବୁଡ଼ ପକାଇ କଦଳୀ ବାସୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ସେସବୁ ଭସାଇ ଦିଅନ୍ତି। ଏହି ଅବସରରେ ଗାଇଥାନ୍ତି 'ଆ - କା - ମା - ବୈ, ପାନ ଗୁଆ ଥୋଇ। ପାନ, ଗୁଆ ତୋର, ମାସକ ଧରମ ମୋର।' ତେବେ ଏହି ଆ - କା - ମା - ବୈର ଅର୍ଥ ହେଉଛି - ଆ - ଆଷାଢ଼, କା - କାର୍ତ୍ତିକ, ମା - ମାଘ, ବୈ - ବୈଶାଖ। ପୌରାଣିକ ଅନୁଧ୍ୟାନରୁ ଏହି ଚାରିମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ। ଏହିଦିନ ଡଙ୍ଗା ଭସାଇ ଭକ୍ତମାନେ ମନ୍ଦିର ଯାଇ ଦେବାଦେବୀଙ୍କୁ ଦର୍ଶନ କରିଥାନ୍ତି। ଚତୁର୍ଦ୍ଦିଗରୁ ନାମ ସଂକୀର୍ତ୍ତନ ମଧ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। କାର୍ତ୍ତିକ ପୂର୍ଣ୍ଣିମାଠାରୁ କଟକରେ ଐତିହାସିକ ବାଲିଯାତ୍ରା ଆରମ୍ଭ ହୁଏ। ଏହି ଦିନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ରାଜ୍ୟର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ।



## କିଡ୍‌ନୀ ଉପରେ ପ୍ରଭାବ ପକାଏ ହେୟାର୍ କଲର୍ !

ଆଜିକାଲି କେଶ ରଙ୍ଗ କରିବା ଅତି ସାଧାରଣ କଥା ହୋଇଛି। ବିଶେଷକରି ଯୁବପିଢ଼ିଙ୍କଠାରେ ଏହି ଫେଶନ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ତେବେ ଅନେକ ବିଶେଷଜ୍ଞଙ୍କ କହିବା କଥା, ବାରମ୍ବାର କେଶକୁ ରଙ୍ଗ କରିବାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିପାରେ। ତେବେ ଚୀନ୍‌ରେ ଏମିତି ଏକ ଘଟଣା ଏବେ ଦେଖିବାକୁ ମିଳିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏଠାକାର ଜଣେ ୨୦ ବର୍ଷୀୟା ଯୁବତୀ ନିଜ ପ୍ରିୟ ସେଲିବ୍ରିଟିଙ୍କ ଭଳି ଦେଖାଯିବା ଲାଗି ସବୁମାସ ନିଜ କେଶର ରଙ୍ଗ କରୁଥିଲେ। ଧୀରେ ଧୀରେ ଏହାର ଭୟାନକ ପରିଣାମ ଦେଖିବାକୁ ମିଳିଲା। ସମ୍ପୃକ୍ତ ଯୁବତୀଙ୍କର ପାଦରେ ନାଲି ଦାଗ ସହ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଏବଂ ପେଟରେ ଯନ୍ତ୍ରଣା ହୋଇଥିଲା। ସେ ହସ୍‌ପିଟାଲ ଯିବାରୁ ତାଙ୍କ କିଡ୍‌ନୀ ଫୁଲି ଯାଇଥିବା ଡାକ୍ତର ତାଙ୍କୁ କହିଲେ। ଏନେଇ ଡାକ୍ତରଙ୍କ କହିବା କଥା, ଲଗାତାର କେଶ ରଙ୍ଗ କରିବାରୁ ଏଭଳି ସମସ୍ୟା ତାଙ୍କୁ ଭୋଗିବାକୁ ପଡ଼ିଛି। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା କଥା, ଅଧିକାଂଶ କେଶ ରଙ୍ଗରେ ବିଷାକ୍ତ ରାସାୟନିକ ତତ୍ତ୍ୱ ଥାଏ। ଯାହାକି ଦୀର୍ଘ ସମୟ ଶରୀରରେ ଜମା ହୋଇ ରହି କିଡ୍‌ନୀ, ଫୁସ୍‌ଫୁସ୍ ଏବଂ ଲିଭର୍‌କୁ କ୍ଷତି ପହଞ୍ଚାଏ। କେବଳ ସେତିକି ନୁହେଁ, ଏଭଳି ରଙ୍ଗ ବାରମ୍ବାର ବ୍ୟବହାର କରିବା ଦ୍ୱାରା କର୍କଟ ଆଶଙ୍କା ମଧ୍ୟ ବୃଦ୍ଧି ପାଏ। କିଡ୍‌ନୀକୁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ ବାରମ୍ବାର କେଶ ରଙ୍ଗ କରିବାରୁ ଦୂରେଇ ରହିବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। କେଶ ରଙ୍ଗ ପାଇଁ ହର୍ବାଲ ରଙ୍ଗର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଏହାବାଦ୍ କେଶରେ ରଙ୍ଗ କରିବାବେଳେ ଗ୍ଲୋଭସ୍ ବ୍ୟବହାର କରିବା ଜରୁରି।



## ଆସିବନି 'ତେରେ ନାମ ୨'



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏହି ଫିଲ୍ମ ଫ୍ଲପ୍ ହେବା ପରେ ଏ. ଆର୍ ମୁରୁଗାଦୋସ ସଲମାନ୍‌ଙ୍କୁ ଦାୟୀ କରିଥିଲେ। ସଲମାନ୍ ମଧ୍ୟ ଏହାର ପାଲଟା ଜବାବ ରଖି ତାଙ୍କୁ ଦାୟୀ କରିଥିଲେ। ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ସାଜିଦ୍ ନାଡିୟାଡୱାଲା ଥିଲେ। ସାଜିଦ୍, ସଲମାନ୍‌ଙ୍କର ପୁରୁଣା ବନ୍ଧୁ। କିଛିଦିନ ପୂର୍ବରୁ ସାଜିଦ୍ ସଲମାନ୍‌ଙ୍କ ବ୍ଲକ୍‌ବଷ୍ଟର ଫିଲ୍ମ 'ତେରେନାମ'ର ସିକ୍ୱେଲ ଆଣୁଛନ୍ତି ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାର କାହାଣୀ ଲେଖା ଆରମ୍ଭ ହୋଇଥିବା ଖବର ମଧ୍ୟ ପ୍ରକାଶ ପାଇଥିଲା। ଏବେ 'ତେରେ ନାମ ୨' ଆସିବ ନାହିଁ ବୋଲି ଜଣାପଡ଼ିଛି। କାରଣ ନିଜେ ସାଜିଦ୍ ଏନେଇ କହିଛନ୍ତି- 'ଏହା ପୂରାପୂରି ଗୁଜବ। ମୋ ପୁଅ ଶଶାଙ୍କ ଖେତାନଙ୍କ ଏକ ଫିଲ୍ମରୁ ଡେବ୍ୟୁ କରିବାକୁ ଯାଉଛି ଓ ଏହା 'ତେରେ ନାମ' ଭଳି ହେବ ବୋଲି ମୁଁ କହିଥିଲି। ମୋର ଏହି କଥାକୁ ଭୁଲ୍ ଭାବେ ଉପସ୍ଥାପିତ କରାଯାଇ 'ତେରେ ନାମ ୨' ଆସୁଛି ବୋଲି ପ୍ରଚାର କରି ଦିଆଗଲା।' ସାଜିଦ୍ ଓ ସଲମାନ୍ ଏକାଠି 'କିକ୍ ୨' ଫିଲ୍ମରେ କାମ କରୁଛନ୍ତି। ସେହିପରି ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ ସେ ଏବେ 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି।

# ସମ୍ଭାବନା



## ହ୍ୱାଟ୍ସଆପ୍‌ରେ ଫେସ୍‌ବୁକ୍ ଭଳି ଫିଚର୍

ଖୁବ୍‌ଶୀଘ୍ର ହ୍ୱାଟ୍ସଆପ୍ ଏକ ନୂଆ ପରିବର୍ତ୍ତନ ଆଣିବାକୁ ଯାଉଛି। ଏଥର କମ୍ପାନି ଫେସବୁକ ଭଳି ହ୍ୱାଟ୍ସଆପ୍‌ର କଭର ଫଟୋ ଫିଚର ଉପରେ କାମ କରୁଛି। ଏହା ଦ୍ୱାରା ବ୍ୟବହାରକାରୀ ନିଜ ପ୍ରୋଫାଇଲକୁ ଅଧିକ ବ୍ୟକ୍ତିଗତ ଏବଂ ନିଆରା କରିପାରିବେ। ଏବେ ସୁଦ୍ଧା ବ୍ୟବହାରକାରୀ ପ୍ରୋଫାଇଲ ଫଟୋ ରଖିପାରୁଥିଲେ। ହେଲେ ଏବେ ସେମାନେ ନିଜ ମୁଡ ପର୍ସନାଲିଟି ଏବଂ ଷ୍ଟାଇଲ ହିସାବରେ କଭର ଇମେଜ ଯୋଡ଼ିପାରିବେ। ଏହି ଫିଚର ବିଟା ଭର୍ସନର ପରୀକ୍ଷଣ ପର୍ଯ୍ୟାୟରେ ଅଛି। ସେହିପରି ହ୍ୱାଟ୍ସଆପ୍‌ରେ କଭର ଫଟୋ ଅପସନ ପ୍ରୋଫାଇଲ ସେଟିଂରେ ଉପଲବ୍ଧ ହେବ। ଫଳରେ ଏହାର ପ୍ରୋଫାଇଲ ଉପରେ ଏକ ବଡ଼ ଇମେଜ ଲଗାଇବାର ସୁବିଧା ପ୍ରଦାନ କରିବ। ସେହିପରି ବ୍ୟବହାରକାରୀ ଏହି କଭର ଫଟୋକୁ ପ୍ରାଇଭେସି ସେଟିଂ ଦ୍ୱାରା କଷ୍ଟମାଇଜ କରିପାରିବେ। ତେବେ ହ୍ୱାଟ୍ସଆପ୍ ବିଜନେସ୍ ପ୍ରୋଫାଇଲ ଫିଚରରେ ଏହା ପୂର୍ବରୁ ଅଛି। ହେଲେ କମ୍ପାନି ଏହାକୁ ସବୁ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ କରିବା ପାଇଁ ପ୍ରସ୍ତୁତି ଚଳାଇଛି।




## କେମିତି କହିବେ କଥା



କଥାବାର୍ତ୍ତା କରିବା ଏକ କଳା। କଥା ମାଧ୍ୟମରେ ଜଣକୁ ନିଜ ପ୍ରତି ଆକର୍ଷିତ କରି ହୁଏ। ତେବେ ଅନେକ ଲୋକ ନିଜ କଥାବାର୍ତ୍ତା ମାଧ୍ୟମରେ ଅନ୍ୟକୁ ଆକର୍ଷିତ କରିପାରନ୍ତି ନାହିଁ। ବିଶେଷକରି ବୃତ୍ତିଗତ ଉନ୍ନତି ପାଇଁ ନିଜ କଥାକୁ ପ୍ରଭାବୀ ଢଙ୍ଗରେ ରଖିବାର କଳାକୁ ଜାଣିବା ଖୁବ୍ ଜରୁରି। କଥାବାର୍ତ୍ତା କରିବା ବେଳେ ମୋବାଇଲ ବ୍ୟବହାର କରନ୍ତୁ ନାହିଁ। ସେହିପରି ଦୃଷ୍ଟିଆକର୍ଷଣ କରିବା ପାଇଁ ଲମ୍ବା ବା ବଡ଼ ବଡ଼ କଥା କହିବାରୁ ଦୂରେଇ ରୁହନ୍ତୁ। ନିଜ କଥାକୁ ବୁଲେଇ ବଙ୍କେଇ ନ କହି ସିଧା ଓ ସଂକ୍ଷିପ୍ତରେ ପରିପ୍ରକାଶ କରନ୍ତୁ। ଏହାସହ ମିଛ କଥା ନ କହି ତଥ୍ୟଭିତ୍ତିକ କଥାବାର୍ତ୍ତା କରିବା ଭଲ। ସେହିପରି ସର୍ବଦା କଥା କହିବା ବେଳେ ନିଜ ବଡି ଲାଙ୍ଗୁଏଜ୍‌କୁ ପଜିଟିଭ୍ ରଖିବା ଭଲ। କେବଳ ସେତିକି ନୁହେଁ, କଥାବାର୍ତ୍ତା କରିବା ବେଳେ ଆଖିରେ ଆଖି ମିଶାଇ କଥାବାର୍ତ୍ତା କରିବାକୁ ଚେଷ୍ଟା କରନ୍ତୁ। କଥାରେ ନକାରାତ୍ମକ ପ୍ରଭାବ ଆଣିବାକୁ ଦିଅନ୍ତୁ ନାହିଁ।

## ୨୦୫୦ ସୁଦ୍ଧା ବଢ଼ିବ ଏହି ଟେକ୍ନୋଲୋଜିର ଚାହିଦା



**ଟେକ୍ନୋଲୋଜି ଦିନକୁ ଦିନ ଦ୍ରୁତ ବେଗରେ ବିକଶିତ ହେଉଛି। ଆଗାମୀ ବର୍ଷରେ ଏସବୁର ପ୍ରଭାବ ଲୋକଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇବ। ତେବେ ୨୦୫୦ ସୁଦ୍ଧା ଦୁନିଆ ଯେଉଁ ଦିଗକୁ ଅଗ୍ରଗତି କରୁଛି, ମଣିଷର ଭୂମିକା ଅନେକ ସ୍ଥାନରେ କମ୍ ହେବା କୁହାଯାଉଛି। ବିଶେଷକରି ଏଆଇ, ରୋବଟିକ୍ସ ଭଳି ଅନ୍ୟ କେଉଁ ଟେକ୍ନୋଲୋଜି ପ୍ରଭାବ ବିସ୍ତାର କରିବ, ସେ ସମ୍ପର୍କରେ ଜାଣିବା।**

**ଏଆଇ:** ଏଆଇ ଅର୍ଥାତ୍ କୃତ୍ରିମ ବୁଦ୍ଧିମତାର ପ୍ରଭାବ ଏବେ ଚାରିଆଡ଼େ ଦେଖିବାକୁ ମିଳୁଛି। ହେଲେ ୨୦୫୦ ସୁଦ୍ଧା ଏହା ଏତେ ଉନ୍ନତ ତଥା ବିକଶିତ ହେବ ଯେ, ଏହା ମଣିଷ ମସ୍ତିଷ୍କ ଭଳି ଚିନ୍ତା କରିବାର କ୍ଷମତା ହାସଲ କରିବ। ଡାକ୍ତର, ଶିକ୍ଷକ, ଡ୍ରାଇଭର, ଏପରିକି ଲେଖକ ଏବଂ କଳାକାରଙ୍କ କାମ ମଧ୍ୟ ଏଆଇ ସିଷ୍ଟମ କରିବ। ପୂର୍ବରୁ ଅନେକ କମ୍ପାନି ଏଭଳି ଏଆଇ ମଡେଲରେ କାମ କରୁଛନ୍ତି। ଯାହାକି ନିଜେ ନିର୍ଣ୍ଣୟ ନେବା, ଡାଟା ବିଶ୍ଳେଷଣ କରିବା ନୂଆ ଜିନିଷ ଶିଖିବାରେ ସକ୍ଷମ।

**ରୋବଟିକ୍ସ:** ଉଦ୍ୟୋଗ କ୍ଷେତ୍ରରେ ରୋବଟ୍‌ର ଉପଯୋଗ ପୂର୍ବରୁ ହେଉଛି। ହେଲେ ଆଗାମୀ ଦିନରେ ଏହା ପ୍ରତ୍ୟେକ କ୍ଷେତ୍ରରେ ନିଜ ସ୍ଥାନ ତିଆରି କରୁଛି। ୨୦୫୦ ସୁଦ୍ଧା ଘର ସଫା କରିବା, ଖାଦ୍ୟ ପ୍ରସ୍ତୁତିଠୁ ଆରମ୍ଭ କରି ଚାଷ ଏବଂ ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି ରେବାଟିକ ଦ୍ୱାରା କରାଯାଇପାରିବ। ହ୍ୟୁମୋନଏଡ୍ ରୋବଟ ମଣିଷ ଭଳି ଦେଖାଯିବ, କଥାବାର୍ତ୍ତା କରିବ ଏବଂ ଲୋକଙ୍କ ଭାବନାକୁ ବୁଝିବ।

**କ୍ୱାଣ୍ଟମ କମ୍ପ୍ୟୁଟିଂ:** ସୁପର୍ କମ୍ପ୍ୟୁଟରଠାରୁ ଲକ୍ଷାଧିକ ଗୁଣ ଦ୍ରୁତ ହେବ କ୍ୱାଣ୍ଟମ କମ୍ପ୍ୟୁଟିଂ। ଏହାର ପ୍ରବେଶ ଦ୍ୱାରା ବିଜ୍ଞାନ, ଚିକିତ୍ସା, ପାଣିପାଗ ଭଳି କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିବ। ଏହି ଟେକ୍ନିକ ଏତେ ଶକ୍ତିଶାଳୀ ହେବ ଯେ, କିଛି ସେକେଣ୍ଡରେ ଜଟିଳ ସମସ୍ୟାର ସମାଧାନ କରିବ।

**ବାୟୋଟେକ୍:** ବାୟୋଟେକ୍ନୋଲୋଜି ମଣିଷ ଓ ମେସିନ ମଧ୍ୟରେ ଥିବା ସୀମାକୁ ଦୂର କରିବ। ୨୦୫୦ ସୁଦ୍ଧା ଏଭଳି ମଣିଷ ହେବେ, ଯେଉଁମାନଙ୍କ ଶରୀରରେ କୃତ୍ରିମ ଅଙ୍ଗ ଓ ଚିପ୍ସ ଲାଗିଥିବ। ଏହା ଦ୍ୱାରା ଶକ୍ତି, ସ୍ମୃତି ଓ ଆୟୁ ବଢ଼ିବ। ଏହି ମଣିଷ ୨.୦ ଯୁଗର ହେବ। ସେହିପରି ମଣିଷ ନିଜ ଜୈବିକ ସୀମାଠାରୁ ଆଗକୁ ବଢ଼ିବ। ତେବେ ଏହି ଟେକ୍ନିକ୍‌ର ବଢ଼ିବା ପ୍ରଭାବ ଯୋଗୁଁ ମଣିଷର ଆବଶ୍ୟକତା ଅନେକ କ୍ଷେତ୍ରରେ କମିଯାଇପାରେ। ମେସିନ, ଦ୍ରୁତ ଓ ଥକ୍କା ରହିତ କାମ କରିବ। ଫଳରେ ବେରୋଜଗାରୀ ବଢ଼ିବ। ଅନ୍ୟପଟେ ଏହା ନୂଆ ଚାକିରି ଅବସର ବି ସୃଷ୍ଟି କରିବ।

## ଚାକିରିରେ କେଉଁ ଭୁଲ୍ କରିବେନି

**କର୍ମକ୍ଷେତ୍ରରେ କର୍ମଚାରୀଙ୍କୁ ଅନେକ ନୀତି ନିୟମ ମାନି ଚଳିବାକୁ ହୋଇଥାଏ। ସେହିପରି ଜାଣତରେ ହେଉ ବା ଅଜାଣତରେ ଅନେକ କିଛି ଭୁଲ୍ କରି ବସନ୍ତି। ଯାହାକି ଚାକିରି ଜୀବନ ଓ କାମକୁ ପ୍ରଭାବିତ କରେ।**



- ବେଳେ ବେଳେ କର୍ମଚାରୀ ମାଲିକଙ୍କୁ ଖୁସି କରିବା ପାଇଁ ଗୋଟିଏ ସମୟରେ ଅନେକ କାମ କରି ବସନ୍ତି। ଏଭଳି କରିବାରୁ ନିବୃତ୍ତ ରହିବା ଉଚିତ। ଏହା ଦ୍ୱାରା କାମ ଠିକ୍‌ରେ ପୂରା ହୁଏ ନାହିଁ।
- ଅଫିସ୍‌ରେ ଅନେକ ସମୟରେ କର୍ମଚାରୀ ନିଜ ହିସାବରେ କାମ କରନ୍ତି। ଅନ୍ୟମାନଙ୍କ ମତାମତ ନେବାକୁ ଭୁଲି ଯାଆନ୍ତି। ତେବେ କିଛି ନୂଆ ଶିଖିବା ଲାଗି ଫିଡ୍‌ବ୍ୟାକ୍ ନେବା ଜରୁରି।
- କୌଣସି ଭୁଲ ହୋଇଗଲେ ଝଗଡ଼ା ନ କରି ନିଜ ଭୁଲ୍ ସ୍ୱୀକାର କରନ୍ତୁ। ସେହି ଭୁଲ୍ ଯେଭଳି ପୁଣି ନ ହେବ, ସେ ଦିଗରେ ଯତ୍ନବାନ ହୁଅନ୍ତୁ।
- ଯୋଗ୍ୟତା ଓ ଉନ୍ନତି କାମର ଗୁଣବତ୍ତା ଉପରେ ନିର୍ଭର କରେ। ତେଣୁ ଅଫିସ୍‌ରେ ଧ୍ୟାନ ନିଜ କାମ ଉପରେ ଦେବା ଦରକାର।
- ଅନ୍ୟ ସହିତ ନିଜକୁ ତୁଳନା କଲେ କେବେ ବି ଖୁସିରେ ରହିପାରିବେ ନାହିଁ। ତେଣୁ ନିଜ ଉପରେ ଏବଂ ନିଜ କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଭଲ।
- ନୂଆ ଚାକିରିରେ କିଛି ନୂଆ ଶିଖିବା ଉପରେ ଧ୍ୟାନ ଦିଅନ୍ତୁ। କିଛି ସନ୍ଦେହ ଥିଲା ପ୍ରଶ୍ନ କରିବା ଭଲ। ଅବଶ୍ୟ ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରିବା ଅନୁଚିତ।
- ଅଫିସ୍ ପରିପାଟୀ ଉପରେ ଧ୍ୟାନ ଦିଅନ୍ତୁ। କାରଣ ଡ୍ରେସିଂ ପ୍ରଫେସନାଲ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଏ।

## ମହିଳା ବିଶ୍ୱକପ୍ କ୍ରିକେଟ୍-୨୦୨୫

# ଆଇସିସି ଟିମ୍‌ରେ ଭାରତର ମନ୍ଧାନା, ଜେମିମା ଓ ଦୀପ୍ତି





ମୁମ୍ବାଇ,୪ା୧୧(ଏଜେନ୍ସି)

ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ଭାରତ ନଭି ମୁମ୍ବାଇରେ ଶେଷ ହୋଇଥିବା ମହିଳା ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଛି। ଏହି ଅବସରରେ ଆଇସିସି ପକ୍ଷରୁ ଟିମ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଚୟନ କରାଯାଇଛି। ପ୍ରଦର୍ଶନ ଭିତ୍ତିରେ ମନୋନୀତ ହୋଇଥିବା ଟିମ୍‌ରେ ୫ଟି ଦେଶର ଖେଳାଳିଙ୍କୁ ସ୍ଥାନ ମିଳିଛି। ରନର୍ସ ଅପ୍ ଦକ୍ଷିଣ ଆଫ୍ରିକାର ଅଧିନାୟିକା ତଥା ଓପନର ଲୌରା ୱଲଭାର୍ଟଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ସେ ସର୍ବାଧିକ ୫୭୧ ରନ୍ କରିଥିଲେ। ଏହି ଦେଶର ଫାଷ୍ଟ ବୋଲିଂ ଅଲରାଉଣ୍ଡର ମାରିଜାନ କାପ୍ ଓ ନାଦିନ୍ ଡି କ୍ଲେର୍କଙ୍କୁ ସାମିଲ କରାଯାଇଛି। ଚାମ୍ପିଅନ ଭାରତୀୟ ଦଳର ମଧ୍ୟ ୩ଜଣ ଖେଳାଳିଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ୪୩୪ ରନ୍ କରିଥିବା ଓପନର ସ୍ମୃତି ମନ୍ଧାନା, ୨୧୫ ରନ୍ କରିବା ସହ ୨୨ଟି ୱିକେଟ ନେଇଥିବା ଅଲରାଉଣ୍ଡର ଦୀପ୍ତି ଶର୍ମା ଏବଂ ତାରକା ଖେଳାଳି ଜେମିମା ରୋଡ୍ରିଗ୍ସେଜ୍‌ଙ୍କୁ ସ୍ଥାନ ମିଳିଛି। ଅଷ୍ଟ୍ରେଲିଆର ଆନାବେଲ ସଦରଲାଣ୍ଡ, ଆଶ୍‌ଲେ ଗାର୍ଡନର ଓ ଆଲାନା କିଙ୍ଗ୍, ପାକିସ୍ତାନର ୱିକେଟ ରକ୍ଷକ ସିଦ୍ରା ନୱାଜ, ଇଂଲଣ୍ଡର ବାମହାତୀ ସ୍ପିନର ସୋଫି ଇକ୍ଲେଷ୍ଟୋନଙ୍କୁ ୧୧ ଜଣିଆ ଦଳରେ ସ୍ଥାନ ମିଳିଛି। ଇଂଲଣ୍ଡର ନାଥାଲି ସିଭର-ବ୍ରଣ୍ଟ ଦ୍ୱାଦଶ ଖେଳାଳିରେ ରହିଛନ୍ତି।

### ମନୋନୀତ ଦଳ

ସ୍ମୃତି ମନ୍ଧାନା (ଓପନର): ରନ୍- ୪୩୪, ହାରାହାରି-୫୪.୨୫, ଶତକ-୧, ଅର୍ଦ୍ଧଶତକ-୨, ଲୌରା ୱଲଭାର୍ଟ (ଓପନର): ରନ୍- ୫୭୧, ହାରାହାରି-୭୧.୩୭, ଶତକ-୨, ଅର୍ଦ୍ଧଶତକ-୩, ଜେମିମା ରୋଡ୍ରିଗ୍ସେଜ୍ (ବ୍ୟାଟର ନଂ-୩): ରନ୍ ୨୯୨, ହାରାହାରି-୫୮.୪୦, ଶତକ-୧, ଅର୍ଦ୍ଧଶତକ-୧, ମାରିଜାନ କାପ୍ (ବ୍ୟାଟିଂ ଅଲରାଉଣ୍ଡର): ରନ୍-୨୦୮, ହାରାହାରି-୨୯.୭୧, ଅର୍ଦ୍ଧଶତକ-୨, ୱିକେଟ-୧୨, ହାରାହାରି-୨୦.୨୫, ଆଶ୍‌ଲେ ଗାର୍ଡନର (ପେସ୍ ବୋଲିଂ ଅଲରାଉଣ୍ଡର): ରନ୍-୩୨୮, ହାରାହାରି-୮୨, ଶତକ-୨, ଅର୍ଦ୍ଧଶତକ-୧, ୱିକେଟ-୭, ହାରାହାରି-୩୭.୮୫, ଦୀପ୍ତି ଶର୍ମା (ସ୍ପିନ୍ ବୋଲିଂ ଅଲରାଉଣ୍ଡର): ରନ୍-୨୧୫, ହାରାହାରି-୩୦.୭୧, ଅର୍ଦ୍ଧଶତକ-୩, ୱିକେଟ-୨୨, ହାରାହାରି-୨୦.୪୦, ୱିକେଟ-୨୨, ହାରାହାରି-୨୦.୪୦, ଆନାବେଲ ସଦରଲାଣ୍ଡ (ପେସ୍ ବୋଲିଂ ଅଲରାଉଣ୍ଡର): ରନ୍-୧୧୭, ହାରହାରି-୨୯.୨୫, ଅର୍ଦ୍ଧଶତକ-୧, ୱିକେଟ-୧୭, ହାରାହାରି-୧୫.୮୨ , ନାଦିନ୍ ଡି କ୍ଲେର୍କ (ପେସ୍ ବୋଲିଂ ଅଲରାଉଣ୍ଡର): ରନ୍-୨୦୮ , ହାରାହାରି-୫୨, ଅର୍ଦ୍ଧଶତକ-୧, ୱିକେଟ-୯, ହାରାହାରି-୨୬.୧୧, ସିଦ୍ରା ନୱାଜ (ୱିକେଟ ରକ୍ଷକ): ଡିସ୍‌ମିସାଲ-୮, ୪ କ୍ୟାଚ୍, ୪ ଷ୍ଟମ୍ପିଂ, ରନ୍-୬୨, ହାରାହାରି-୨୦.୬୬, ଆଲାନା କିଙ୍ଗ୍ (ଲେଗ୍‌ସ୍ପିନର): ୱିକେଟ-୧୩, ହାରାହାରି- ୧୭.୩୮, ସୋଫି ଇକ୍ଲେଷ୍ଟୋନ୍ (ବାମହାତୀ ସ୍ପିନର): ୱିକେଟ-୧୬, ହାରାହାରି-୧୪.୨୫, ନାଥାଲି ସିଭର-ବ୍ରଣ୍ଟ (ବ୍ୟାଟିଂ ଅଲରାଉଣ୍ଡର): ରନ୍-୨୬୨, ହାରାହାରି-୪୩.୬୬, ଶତକ-୧, ଅର୍ଦ୍ଧଶତକ-୧, ୱିକେଟ- ୯ , ହାରାହାରି-୨୯ .୩୩।

## ■ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍

# ମନ୍ଧାନାଙ୍କଠାରୁ ଶୀର୍ଷ ମାନ୍ୟତା ଛଡ଼ାଇନେଲେ ଲୌରା

ଦୁବାଇ, ୪ା୧୧ (ଏଜେନ୍ସି): ବିଶ୍ୱକପ୍ ବିଜୟିନୀ ଭାରତୀୟ ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନା ଦିନିକିଆ ମାନ୍ୟତାରେ ଶୀର୍ଷ ସ୍ଥାନ ହରାଇଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗର ବ୍ୟାଟିଂ ତାଲିକାରେ ମନ୍ଧାନା ଗୋଟିଏ ପାହାଚ ତଳକୁ ଖସି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବିଶ୍ୱକପ୍‌ରେ ରନର୍ସଅପ୍ ହୋଇଥିବା ଦକ୍ଷିଣ ଆଫ୍ରିକାର ଅଧିନାୟିକା ଲୌରା ୱଲଭାର୍ଟ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ବିଶ୍ୱକପ୍‌ରେ ଟପ୍ ସ୍କୋରର୍ ରହିଥିବା ଲୌରା ୩ୟରୁ ପ୍ରଥମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ଶେଷ ହୋଇଥିବା ମହିଳା ବିଶ୍ୱକପ୍‌ରେ ଲୌରା ୯ଟି ମ୍ୟାଚରୁ ୫୭୧ ରନ ସଂଗ୍ରହ କରିଥିଲେ। ଯାହାକି ତାଙ୍କୁ ମହିଳା ଦିନିକିଆ ବିଶ୍ୱକପ୍ ଇତିହାସରେ ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍‌ର ମାନ୍ୟତା ଦେଇଥିଲା। ସେହିଭଳି ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଅପରାଜିତ ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିବା ଜେମିମା ରୋଡ୍ରିଗ୍ସେଜ ର୍‍ୟାଙ୍କିଙ୍ଗରେ ଏକାଥରକେ ୯ଟି ସ୍ଥାନ ଲମ୍ଫ ପ୍ରଦାନ କରି ଟପ୍-୧୦ରେ ପ୍ରବେଶ କରିଛନ୍ତି। ଜେମିମା ବର୍ତ୍ତମାନ ୧୦ମ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ୧୭ରୁ ୧୩ତମ ସ୍ଥାନକୁ ଉଠିଛନ୍ତି। ଅଷ୍ଟ୍ରେଲିଆର ଫୋଏବି ଲିଚଫିଲ୍ଡ ମଧ୍ୟ ୨୬ରୁ ୧୩ତମ ସ୍ଥାନକୁ ଲମ୍ଫ ମାରିଛନ୍ତି। ବୋଲିଂ ତାଲିକାର ଟପ୍-୧୦ରେ ଏକମାତ୍ର ଭାରତୀୟ ଭାବେ ଦୀପ୍ତି ଶର୍ମା ୫ମ ସ୍ଥାନରେ ସ୍ଥିର ରହିଛନ୍ତି। ବିଶ୍ୱକପ୍‌ରେ ଦୀପ୍ତି ସର୍ବାଧିକ ୨୨ଟି ୱିକେଟ୍ ନେଇଥିଲେ। ବୋଲିଂ ତାଲିକାରେ ସୋଫି ଇକଲେଷ୍ଟୋନ, ମାରିଜାନ କାପ୍ସ, ଆଲାନ କିଙ୍ଗ୍ ଓ ଆସଲେ ଗାର୍ଡନର ଯଥାକ୍ରମେ ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି।

## ■ ସିକେ ନାଇଡୁ ଟ୍ରଫି

# ପରାଜୟ ଆଶଙ୍କାରେ ଓଡ଼ିଶା

ଭୁବନେଶ୍ୱର,୪ା୧୧(ସମିସ): କଟକର ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ ଗ୍ରାଉଣ୍ଡରେ ଚାଲିଥିବା ସିକେ ନାଇଡଉ ଟ୍ରଫିରେ ଭ୍ରମଣକାରୀ ବିଦର୍ଭ ଆୟୋଜକ ଓଡ଼ିଶା ଆଗରେ ୩୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୯୨ ରନ୍‌ରେ ଟପ୍ ୪ଟି ୱିକେଟ ହରାଇ ପରାଜୟ ଆଶଙ୍କାରେ ରହିଛି। ଓପନର ଓମ୍‌ଟି ମୁଣ୍ଡେ ୫୦ ରନ୍ କରି ଓଡ଼ିଶାର ସଂଘର୍ଷ ଚାରି ରଖିଛନ୍ତି। ଅଧିନାୟକ ସାଇଦୀପ ମହାପାତ୍ର ୧୭ ରନ୍ କରି ଆଉଟ ହୋଇଛନ୍ତି। ଦଳ ଶୀର୍ଷ ଖେଳାଳିଙ୍କୁ ସହଜରେ ହରାଇବା ଫଳରେ ଏହି ମ୍ୟାଚ ଉପରୁ ନିୟନ୍ତ୍ରଣ ହରାଇଛି। ଆସନ୍ତାକାଲି ଚତୁର୍ଥ ତଥା ଶେଷ ଦିନରେ ଓଡ଼ିଶାକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୬ ୱିକେଟ ବିନିମୟରେ ଆଉ ୨୬୩ ରନ୍ ଆବଶ୍ୟକ କରୁଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ବିଦର୍ଭର ୧୬୬ ରନ୍ ଜବାବରେ ଘରୋଇ ମାଟିରେ ଖେଳି ମଧ୍ୟ ଓଡ଼ିଶା ମାତ୍ର ୧୨୮ ରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ଇନିଂସରେ ଅଭିଷେକ ଅଗରୱାଲଙ୍କ ୧୩୪ ଓ ଜଗଜୋତଙ୍କ ୫୪ ରନ୍ ବଳରେ ବିଦର୍ଭର ଦ୍ୱିତୀୟ ଇନିଂସରେ ୩୧୬ ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ଆୟୁଷ ବାରିକ୍ ୩ଟି ଓ ସୌମ୍ୟରଞ୍ଜନ ଲେଙ୍କା ୨ଟି ୱିକେଟ ପାଇଥିଲେ। ଏହା ଫଳରେ ପ୍ରଥମ ଇନିଂସରେ ୩୮ ରନ୍‌ରେ ଆଗୁଆ ଥିବା ବିଦର୍ଭ ଘରୋଇ ଓଡ଼ିଶା ଆଗରେ ୩୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା।

## ■ ରାଜ୍ୟ ମହିଳା ଚେସ୍ ଉଦ୍‌ଯାପିତ

# ଯଶିତା ଚାମ୍ପିଅନ, ସ୍ମାରକୀ ରନର୍ସ ଅପ୍

ଭୁବନେଶ୍ୱର,୪ା୧୧(ସମିସ) : କେନ୍ଦ୍ରାପଡ଼ାରେ ଚାଲିଥିବା ଫିଡେ ରେଟିଂ ରାଜ୍ୟ ମହିଳା ଚେସ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ଯଶିତା ରାଉତ ଚାମ୍ପିଅନ ଓ କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ରନର୍ସ ଅପ୍ ହୋଇଛନ୍ତି। କଟକର ଦୁଇ ଖେଳାଳି ଜୟଲକ୍ଷ୍ମୀ ସାହୁ ଓ ଜ୍ୟୋତିକା ସାହୁ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଏହି ୪ଜଣ ଓଡ଼ିଶାକୁ ଜାତୀୟ ମହିଳା ଚେସ୍ ଚାମ୍ପିଅନସିପ୍‌ରେ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତାମାସ ଦୁର୍ଗାପୁରରେ ଖେଳାଯିବ। ୮ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଯାଶିତା ଓ ସ୍ମାରକୀ ସମାନ ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ସ୍ମାରକୀଙ୍କୁ ପଛରେ ପକାଇ ଯଶିତା ପ୍ରଥମ ହୋଇଥିଲେ। କଟକର ଜୟଲକ୍ଷ୍ମୀ ୬ ପଏଣ୍ଟ ଓ ୧୩ ବର୍ଷରୁ କମ୍ ଖେଳାଳି ଜ୍ୟୋତିକା ୫.୫ ପଏଣ୍ଟ ପାଇ




ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ। ୫ମରୁ ଏକାଦଶ ସ୍ଥାନ ହାସଲ କରିଥିବା ଖେଳାଳିମାନେ ପ୍ରତ୍ୟେକ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ୧୩ ବର୍ଷରୁ କମ୍ ବୟସର ଆଉ ଦୁଇଜଣ ଖେଳାଳି କଟକର ନିଭ୍ରିତା ପଟ୍ଟନାୟକ ୫ମ, ଖୋର୍ଦ୍ଧାର ନୟନିକା ସାହୁ ୬ଷ୍ଠ ସ୍ଥାନରେ ରହିଥିଲେ। ଗଜପତିର ଦଳପତି ଉମା ୭ମ, କଟକର ୯ ବର୍ଷରୁ କମ୍ ଖେଳାଳି ସ୍ନେହସ୍ମିତା ରାମ ୮ମ, ତୃତୀୟ ସିଡ୍ କଟକର ଗୀତାଶ୍ରୀ ବିଶ୍ୱାଳ ୯ମ, ଆଉ ଦୁଇ ଜଣ ୯ ବର୍ଷରୁ କମ୍ ଖେଳାଳି କଟକର ଆର୍ଯ୍ୟା ମହାନ୍ତି ୧୦ମ ଓ ଖୋର୍ଦ୍ଧାର ଶ୍ରୁଜନୀ ଷଡଙ୍ଗୀ ଏକାଦଶ ସ୍ଥାନ ଅଧିକାର କରିଥିଲେ। ୩୧ଜଣ ଖେଳାଳିଙ୍କୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ହାରହାରି ରେଟିଂ ଥିଲା ୧୪୪୪। ଆଇଏ ଭବେଶ ମହାନ୍ତି ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଥିଲାବେଳେ ଆଇଏ ପିଙ୍କି ମହାପାତ୍ର ଚିଫ୍ ଆର୍ବିଟର ରହିଥିଲେ। ଅଭିଷେକ ଆଚାର୍ଯ୍ୟ ଡେପୁଟି ଚିଫ୍ ଆର୍ବିଟର ଓ ଏସ୍‌ଏନ୍‌ଏ ରବି କୁମାର ଏନ୍ ଆର୍ବିଟର ଦାୟିତ୍ୱ ତୁଲାଇଥିଲେ।

# ନଭେମ୍ବର ୨୩ରେ ଟାଟା ଷ୍ଟିଲ୍ ଯୋଡ଼ା ରନ-ଏ-ଥନ୍

ଭୁବନେଶ୍ୱର, ୪ା୧୧ (ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ଟାଟା ଷ୍ଟିଲ୍ ଯୋଡ଼ା ରନ୍-ଏ-ଥନ୍‌ର ଦ୍ୱିତୀୟ ସଂସ୍କରଣ ନଭେମ୍ବର ୨୩ରେ ଅନୁଷ୍ଠିତ ହେବ। କେନ୍ଦୁଝରର ଯୋଡ଼ାଠାରେ ଆୟୋଜିତ ହେବାକୁ ଥିବା ଏହି ଦୌଡ଼ ପ୍ରତିଯୋଗିତାର ଚଳିତ ବର୍ଷର ବିଷୟ ବସ୍ତୁ 'ପ୍ରତି ପାଦ ଏକ ସବୁଜ ଭବିଷ୍ୟତ ଆଡ଼କୁ' ରହିଛି। ଟାଟା ଷ୍ଟିଲ୍ ଓ ମାଇନ୍ସ ଆଣ୍ଡ କ୍ୱାରିଜ (ଓଏମ୍‌କ୍ୟୁ) ଡିଭିଜନର ଏହି ସିଗ୍ନେଚର କାର୍ଯ୍ୟକ୍ରମ ନଭେମ୍ବର ୨୩ ସକାଳ ୬ଟାରୁ କେନ୍ଦ୍ରୀୟ ଖେଳ ପଡ଼ିଆରେ ଆରମ୍ଭ ହେବ। ଏଥର ୧୦ କିମି (ପୁରୁଷ ଓ ମହିଳା), ୫ କିମି (ବାଳକ ଓ ବାଳିକା) ଏବଂ ଏକ ଅଣପ୍ରତିଯୋଗିତାମୂଳକ ୨ କିମି (ଦିବ୍ୟାଙ୍ଗ) ଭଳି ୩ଟି ପ୍ରତିଯୋଗିତାମୂଳକ ଦୌଡ଼ ରହିଛି। ଚଳିତ ସଂସ୍କରଣରେ ମୋଟ୍ ୫.୬୭ ଲକ୍ଷ ଟଙ୍କାର ପୁରସ୍କାର ରହିଛି ବୋଲି ଓଏମ୍‌କ୍ୟୁର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର ଓ ଟାଟା ଷ୍ଟିଲ୍ ଯୋଡ଼ା ଚିଫ୍ ରାଜେଶ କୁମାର କହିଛନ୍ତି।

**ଏଥର ୫.୬୭ ଲକ୍ଷ ପୁରସ୍କାର ରାଶି**

# ପାକିସ୍ତାନର ହାରିସ ରୌଫ୍ ସସ୍‌ପେଣ୍ଡ

ଦୁବାଇ,୪ା୧୧(ଏଜେନ୍ସି): ୟୁଏଇରେ ଅନୁଷ୍ଠିତ ଏସିଆ କପ୍ କ୍ରିକେଟରେ ଅଶୋଭନୀୟ ଆଚରଣ ଓ ଅଣଖେଳୱାଡ ମନୋଭାବ ପୋଷଣ କରିଥିବା ପାକିସ୍ତାନର ଫାଷ୍ଟ ବୋଲରଙ୍କୁ ଆଇସିସି ମ୍ୟାଚ୍ ରେଫରୀ ଏଲିଟ ପ୍ୟାନେଲଦୋଷୀ ସାବ୍ୟସ୍ତ କରିଛି। ଖେଳାଳିଙ୍କ ଲାଗି ଥିବା ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଅଭିଯୋଗରେ ରଫ୍‌ଙ୍କୁ ୪ଟି ଡିମେରିଟ ପଏଣ୍ଟ ଦିଆଯିବା ସହ ୨ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ସସ୍‌ପେଣ୍ଡ କରାଯାଇଛି। ଏହା ଫଳରେ ସେ ଦକ୍ଷିଣ ଆଫ୍ରିକା ସହ ନଭେମ୍ବର ୪ ବା ଆଜି ଓ ୬ରେ ଖେଳାଯିବାକୁ ଥିବା ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଭାରତ ବିପକ୍ଷ ସେପ୍ଟେମ୍ବର ୧୪ ଓ ୨୬ରେ ଖେଳାଯାଇଥିବା ମ୍ୟାଚ୍‌ରେ ରୌଫ୍‌ଙ୍କ କାରନାମା ଦେଖିବାକୁ ମିଳିଥିଲା। ସେହିପରି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଖେଳକୁ ରାଜନୈତିକ ରୂପ ଦେଇଥିବାରୁ ତାଙ୍କର ୩୦ ଶତକଡ଼ା ମ୍ୟାଚ୍ ଫି କାଟି ନିଆଯାଇଛି। ଅର୍ଦ୍ଧଶତକ ପରେ ବନ୍ଧୁକ ଫୁଟାଇବା ଷ୍ଟାଇଲରେ ସିଲେବ୍ରେସନ କରିଥିବା ସାହିବଜାଦା ଫରହାନ୍‌ଙ୍କୁ ଚେତାବନୀ ଦିଆଯିବା ସହ ଗୋଟିଏ ଡିମେରିଟ ପଏଣ୍ଟ ପାଇଛନ୍ତି। କିନ୍ତୁ ଭାରତର ଯଶପ୍ରୀତ୍ ବୁମ୍‌ରାଙ୍କ ଚେତାବନୀ ସହ ଗୋଟିଏ ଡିମେରିଟ୍ ପଏଣ୍ଟ ଦଣ୍ଡ ମିଳିବା ପରେ ତାହାକୁ ସେ ମାନି ନେଇଥିଲେ। ଫଳରେ ଏହାର ଆଉ ଶୁଣାଣି କରିବାକୁ ପଡ଼ି ନ ଥିଲା। ଅର୍ଶଦୀପ ସିଂହଙ୍କ ଆଚରଣ ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁ ନ ଥିବାରୁ ତାଙ୍କୁ କେବଳ ଚେତାବନୀ ଦେଇ ଛାଡିଦିଆଯାଇଛି।

## ରାଇଜିଂଷ୍ଟାର ଏସିଆ କପ୍

# ଜିତେଶଙ୍କୁ ଭାରତ-ଏ'ର ନେତୃତ୍ୱ

ନୂଆଦିଲ୍ଲୀ,୪ା୧୧(ଏଜେନ୍ସି): ଅଷ୍ଟ୍ରେଲିଆରେ ଭାରତ ପକ୍ଷରୁ ଟି-୨୦ ସିରିଜ୍ ଖେଳୁଥିବା ୱିକେଟରକ୍ଷକ ଜିତେଶ ଶର୍ମାଙ୍କୁ କତାରରେ ଖେଳାଯିବାକୁ ଥିବା ରାଇଜିଂଷ୍ଟାର ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ଭାରତ-ଏ' ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୮ଟି ଦଳକୁ ନେଇ ନଭେମ୍ବର ୧୪ରୁ ଆରମ୍ଭ ହୋଇ ୨୩ରେ ଶେଷ ହେବ। ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ୧୫ ଜଣିଆ ଦଳରେ ଆଇପିଏଲ୍ ସେନସେସନ ବୈଭବ ସୂର୍ଯ୍ୟବଂଶୀ ଓ ପ୍ରିୟାଂଶ ଆର୍ଯ୍ୟଙ୍କୁ ଓପନର ଭାବେ ସ୍ଥାନ ମିଳିଛି।

**ଭାରତୀୟ ଦଳ** : ଜିତେଶ ଶର୍ମା (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ପ୍ରିୟାଂଶ ଆର୍ଯ୍ୟ, ନେହାଲ ୱାଧେରା, ନମନ ଧୀର, ସୂର୍ଯ୍ୟାଂଶ ଶେଡ୍‌ଗେ, ରମଣଦୀପ ସିଂହ, ଆଶୁତୋଷ ଶର୍ମା, ଅଭିଷେକ ପୋରେଲ, ଗୁରଜାପନୀତ୍ ସିଂହ, ଯଶ ଠାକୁର, ବିଜୟକୁମାର ବ୍ୟାସକ, ଯୁଦ୍ଧବୀର ସିଂହ ଚରକ, ସୂୟାଶ ଶର୍ମା ଓ ହର୍ଷ ଦୁବେ।

# କ୍ରୀଡ଼ାର ଉନ୍ନତି ପାଇଁ କାମ କରିବେ ଏସ୍‌ଏସ୍‌ଏ ଓ ଜିଏଏଫ୍



ଭୁବନେଶ୍ୱର, ୪ା୧୧ (ସମିସ): ଲିଆଣ୍ଡର ପେସ୍-ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ (ଏସ୍‌ଏସ୍‌ଏ) ବ୍ୟାନର ତଳେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ କ୍ରୀଡ଼ାକ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଅନେକ ବ୍ୟକ୍ତିବିଶେଷ ଉପସ୍ଥିତ ରହିଥିଲେ। ଟେନିସ କିମ୍ବଦନ୍ତୀ ତଥା ଖେଳରତ୍ନ ପୁରସ୍କାର ବିଜେତା ଲିଆଣ୍ଡର ପେସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗ୍ଲେନମାର୍କ ଆକ୍ୱାଟିକ ଫାଉଣ୍ଡେସନ (ଜିଏଏଫ୍)ର ପ୍ରତିଷ୍ଠାତା ନେହା ସାଲଡାନା, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଏକ ଅନ୍ତର୍ଜାତୀୟ ପ୍ରଶିକ୍ଷକ ବିନିମୟ ଏବଂ ଆଥଲେଟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଜିଏଏଫ୍ ଏବଂ ଲିଆଣ୍ଡର ପେସ୍-ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ ମଧ୍ୟରେ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା କିଟ୍ ଓ କିସ୍‌ର ଖେଳାଳିମାନଙ୍କ ଗୁଣାତ୍ମକ ବିକାଶ ହେବା ସହିତ ସେମାନଙ୍କୁ ଏକ ଅନ୍ତର୍ଜାତୀୟସ୍ତରର ପ୍ରଶିକ୍ଷଣ ଦେବାରେ ସହାୟତା କରିବ। ଲିଆଣ୍ଡର ଏହି ସହଯୋଗରେ ଆନନ୍ଦ ପ୍ରକାଶ କରିବା ସହିତ ଆଗାମୀ ୧୫ ବର୍ଷ ମଧ୍ୟରେ ୨.୫ ଲକ୍ଷ କ୍ରୀଡ଼ା ପ୍ରତିଭାଙ୍କୁ ସୃଷ୍ଟି କରିବାରେ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସହୋଦୟ ଆନ୍ତଃସ୍କୁଲ ଖୋଖୋ ଉଦ୍‌ଯାପିତ

# ଟ୍ରଫି ଜିତିଲେ ବିକାଶ ଓ ସାଇ

ଭୁବନେଶ୍ୱର,୪ା୧୧(ସମିସ) : ସହୋଦୟ ଆନ୍ତଃସ୍କୁଲ ଖୋଖୋ ଚାମ୍ପିଅନସିପ୍ ବିଜେଇଏମ୍-୨ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ବିକାଶ ରେସିଡେନ୍ସିଆଲ ସ୍କୁଲ ଓ ୟୁନିଟ୍-୮ ଡିଏଭି ସ୍କୁଲ୍ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛି। ସେହିପରି ବାଳିକା ବିଭାଗରେ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ଚାମ୍ପିଅନ ଓ ଆୟୋଜକ ବିଜେଇଏମ୍ ରନର୍ସ ଅପ୍ ହୋଇଛି। ଦୁଇ ଦିନ ଧରି ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସହୋଦୟ ସ୍କୁଲ କମ୍ପ୍ଲେକ୍ସର ୨୦ଟି ସ୍କୁଲର ୩୭ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ ବକ୍ସି ଜଗବନ୍ଧୁ ଶିକ୍ଷା ପରିଷଦର ସମ୍ପାଦକ ପ୍ରତାପ ଜେନା ଓ ଉପସଭାପତି ଡ. ନିରଞ୍ଜନ ସାହୁ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜକ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ଓ ଡାକ୍ତର ରଣଜିତ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ




ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ସମସ୍ତ ସମ୍ମାନିତ ବ୍ୟକ୍ତିବିଶେଷ, ସମସ୍ତ ଅଂଶଗ୍ରହଣକାରୀ ବିଦ୍ୟାଳୟର ଅଧ୍ୟକ୍ଷ, ରେଫରି, ଶିକ୍ଷକ, ପ୍ରଶିକ୍ଷକ, ଖେଳ ଶିକ୍ଷକ ଓ ଆୟୋଜକ ବିଦ୍ୟାଳୟର କର୍ମଚାରୀଙ୍କୁ ଆୟୋଜକଙ୍କ ପକ୍ଷରୁ ଅଶେଷ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ଓଡ଼ିଶା ଦଳରେ ପ୍ରଶାନ୍ତ, ଜାମଳା ସାମିଲ

କଟକ,୪ା୧୧(ସମିସ): ବିଦର୍ଭ ସହ ନାଗପୁରରେ ଚତୁର୍ଥ ଲିଗ୍ ମ୍ୟାଚ୍ ଲାଗି ଫାଷ୍ଟ ବୋଲର ପ୍ରଶାନ୍ତ ରଣା ଓ ବାମହାତୀ ସ୍ପିନର ଜାମଳାଭଞ୍ଜନ ମହାପାତ୍ରଙ୍କୁ ସାମିଲ କରାଯାଇଛି। ଆନ୍ଧ୍ରଠାରୁ ଇନିଂସ ପରାଜୟ ବରଣ କରିଥିବା ଦଳରୁ ସୁନୀଲ ରାଉଳଙ୍କୁ ବାଦ୍ ଦିଆଯାଇଛି। ଏହି ମ୍ୟାଚ୍‌ଟି ନଭେମ୍ବର ୮ରୁ ୧୧ ଯାଏ ଖେଳାଯିବ।

**ଓଡ଼ିଶା ଦଳ**: ଶୁଭ୍ରାଂଶୁ ଶେଖର ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ରାଜେଶ ଧୂପର, ସୌରଭ ଗୌଡା, ଅନୀଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ରାଜେଶ ମହାନ୍ତି, ତାରିଣୀ ସ,ତାପସ ଦାସ,ପ୍ରଶାନ୍ତ ରଣା ଓ ଜାମଳାଭଞ୍ଜନ ମହାପାତ୍ର।

## ରଣଜୀ ଟ୍ରଫି

# ଲଜ୍ଜା: ଓଡ଼ିଶାର ଇନିଂସ୍ ପରାଜୟ

କଟକ,୪ା୧୧(ସମିସ)

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଅତ୍ୟନ୍ତ ଲଜ୍ଜାଜନକ ରହିଛି। ଘରୋଇ ପରିବେଶରୁ ଫାଇଦା ଉଠାଇବା ପରିବର୍ତ୍ତେ ଓଡ଼ିଶା କ୍ରମାଗତ ଭାବେ ବାରବାଟୀରେ ପରାଜୟ ତାଲିକା ବଢ଼ାଇ ଚାଲିଛି। ଏଠାରେ ମଙ୍ଗଳବାର ଶେଷ ହୋଇଥିବା ରଣଜୀ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଇନିଂସ୍ ଓ ୫୦ରନରେ ଓଡ଼ିଶାକୁ ହରାଇଛି। ରାଜ୍ୟ ବରିଷ୍ଠ ଦଳର ଏଭଳି ପ୍ରଦର୍ଶନ ଚିନ୍ତାଜନକ ହୋଇଛି। ପ୍ରଥମ ୩ଟି ମ୍ୟାଚ୍‌ରୁ ମାତ୍ର ୧ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ଏ ଟେବଲର ୭ମ ସ୍ଥାନକୁ ଖସିଛି। ଆସନ୍ତା ୮ ତାରିଖରୁ ୪ର୍ଥ ମୁକାବିଲାରେ ଦଳ ନାଗପୁର ଗ୍ରାଉଣ୍ଡରେ ଶକ୍ତିଶାଳୀ ବିଦର୍ଭକୁ ଭେଟିବ। ଏହି



ମ୍ୟାଚ୍‌ରେ ଆନ୍ଧ୍ରର ସୌରଭ କୁମାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଭ୍ରମଣକାରୀ ଆନ୍ଧ୍ରପ୍ରଦେଶର ପ୍ରଥମ ଇନିଂସ୍‌ରେ ୧୨୩.୧ ଓଭର ଖେଳି ୭ ୱିକେଟ ହରାଇ ୪୭୫ରନ୍ ସଂଗ୍ରହ କରିଥିବା ବେଳେ ପାଳି ଘୋଷଣା କରିଥିଲା। ତେବେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୧୫୧ରନରେ ଅଲଆଉଟ ହୋଇ ଆନ୍ଧ୍ରପ୍ରଦେଶ ଠାରୁ ଫଲୋଅନ ଡାକରା ପାଇଥିଲା। ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ପାଳିରେ ୨ ୱିକେଟ ହରାଇ ୧୯୦ରନ ସଂଗ୍ରହ କରିବା ସହ ଦୃଢ଼ ସ୍ଥିତିରେ ରହିଥିଲା। ଗୌରବ ଚୌଧୁରୀ ୭୯ରନ ଏବଂ ଗୋବିନ୍ଦ ପୋଦ୍ଦାର ୪ରନରେ ଅପରାଜିତ ଥିଲେ। ଆଜି ଅନ୍ତିମ ଦିନରେ ଓଡ଼ିଶା ମ୍ୟାଚ୍‌କୁ ଡ୍ର ଅଭିମୁଖେ ଅଗ୍ରସର କରାଇବ ବୋଲି ଆଶା କରାଯାଉଥିଲା। ହେଲେ ଆଜି ଖେଳ ଆରମ୍ଭର ୩ୟ ଓଭରରେ ଓଡ଼ିଶାକୁ ୩ୟ ଝଟ୍‌କା ଲାଗିଥିଲା। ବ୍ୟକ୍ତିଗତ ସ୍କୋରରେ ଆଉ ୧ ରନ ଯୋଡିଥିବା ଗୌରବ ଆଉଟ ହୋଇଥିଲେ। ଓଡ଼ିଶାର ଦୁଇ ଅଭିଜ୍ଞ ବ୍ୟାଟର କୁହାଯାଉଥିବା ଗୋବିନ୍ଦ ଏବଂ ଅଧିନାୟକ ଶୁଭ୍ରାଂଶୁ ସେନାପତି ମଧ୍ୟ ଏଭଳି ପରିସ୍ଥିତିରେ ଦଳକୁ ନିରାଶ କରିଥିଲେ। ଗୋବିନ୍ଦ ୧୩ରନରେ ଏବଂ ଶୁଭ୍ରାଂଶୁ ୧୬ରନରେ ଆଉଟ ହୋଇଥିଲେ। ପରେ ରାଜେଶ ଧୂପର ୧୧୫ବଲ ସମ୍ମୁଖୀନ ହୋଇ ୩୮ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ ସୁଦ୍ଧା ଅପରପାର୍ଶ୍ୱରୁ କ୍ରମାଗତ ଭାବେ ୱିକେଟ ପତନ ଓଡ଼ିଶାକୁ ପରାଜୟ ଦ୍ୱାରରେ ପହଞ୍ଚାଇଥିଲା। ଶେଷ ଭାଗରେ କେହି ଦୁଇ ଅଙ୍କ ଛୁଇଁ ନ ଥିଲେ। ଆନ୍ଧ୍ରପ୍ରଦେଶ ପକ୍ଷରୁ ଦ୍ୱିତୀୟ ପାଳିରେ ସୌରଭ କୁମାର ଏବଂ ତ୍ରିପୁରନ ବିଜୟ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS